# ଧରିତ୍ରୀ DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୬/୨୦୨୪ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 16/2024 Page 18 ₹ 7.00 | SAMBALPUR

୫୦ଶ ଭାଗ ୧୧୩ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 113 ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୬/୨୦୨୪ | Bhubaneswar, Saturday, March 16/2024 | ପୃଷ୍ଠା-୧





# ଆଜି ବାଜିବ ନିର୍ବାଚନୀ ବିଗୁଲ

## ଲୋକ ସଭା ସହ ଓଡ଼ିଶା ବିଧାନସଭା ନିର୍ବାଚନ ତାରିଖ ଘୋଷଣା କରିବେ ଇସିଆଇ

**ନୂଆଦିଲ୍ଲୀ,୧୫।୩**

ବହୁ ପ୍ରତୀକ୍ଷିତ ଲୋକ ସଭା ଭୋଟ ସହ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ ଓ ସିକିମ୍ ବିଧାନସଭା ନିର୍ବାଚନ ପାଇଁ ଶନିବାର ତାରିଖ ଘୋଷଣା କରାଯିବ। ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ଏବଂ ନବ ନିଯୁକ୍ତ ୨ ନିର୍ବାଚନ କମିଶନର (ଇସି) ଜ୍ଞାନେଶ କୁମାର ଓ ସୁଖବୀର ସିଂ ସନ୍ଧୁ ଅପରାହ୍ନ ୩ଟାରେ ତାରିଖ ଘୋଷଣା କରିବେ। ଏନେଇ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ମାଇକ୍ରୋବ୍ଲଗିଂ ସାଇଟ୍ 'ଏକ୍ସ' ହ୍ୟାଣ୍ଡେଲରେ ଶୁକ୍ରବାର ସୂଚନା ଦିଆଯାଇଛି। ବର୍ତ୍ତମାନର ଲୋକ ସଭା କାର୍ଯ୍ୟକାଳ ଆସନ୍ତା ଜୁନ୍ ୧୬ରେ ଶେଷ ☞ପୃଷ୍ଠା–୧୩

ଅନିବାର୍ଯ୍ୟ କାରଣବଶତଃ ଏସପ୍ତାହର ସାହିତ୍ୟାୟନ ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

**ଅନିଶ୍ଚିତତାରୁ ସ୍ଥିରତା**

# ବଣ୍ଡ୍ ନମ୍ବର ଦେବାକୁ ଏସ୍‌ବିଆଇ ବାଧ୍ୟ

## ସୁପ୍ରିମକୋର୍ଟଙ୍କ ଭର୍ତ୍ସନା
## ୧୮ରେ ପରବର୍ତ୍ତୀ ଶୁଣାଣି

**ନୂଆଦିଲ୍ଲୀ,୧୫।୩**




ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେବା ପାଇଁ ଉଦ୍ଦିଷ୍ଟ ଇଲେକ୍ଟୋରାଲ୍ ବଣ୍ଡ୍ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନକରି ନ ଥିବାରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)କୁ ଶୁକ୍ରବାର ସୁପ୍ରିମକୋର୍ଟ ଭର୍ତ୍ସନା କରିଛନ୍ତି। ଏସ୍‌ବିଆଇ ଗତ ୫ ବର୍ଷରେ ଜାରି ବଣ୍ଡ୍ ଉପରେ ପୂରା ବିବରଣୀ ଦାଖଲ କରିବାକୁ ବାଧ୍ୟ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେଇଥିବା କମ୍ପାନୀଗୁଡ଼ିକ ସମ୍ପର୍କରେ ଇଂଲିଶ୍ ଅକ୍ଷର ☞ପୃଷ୍ଠା–୧୩

# ଭାଜପା ଆକାଉଣ୍ଟ ଫ୍ରିଜ୍ କରାଯାଉ: କଂଗ୍ରେସ

## ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଉଚ୍ଚସ୍ତରୀୟ ତଦନ୍ତ ଦାବିକଲା ବିରୋଧୀ ଦଳ

**ନୂଆଦିଲ୍ଲୀ,୧୫।୩**

ଇଲେକ୍ଟୋରାଲ୍ ବଣ୍ଡ୍ ଜରିଆରେ ସଂଗୃହୀତ ମୋଟ ଅର୍ଥର ୫୦% କେବଳ ଭାଜପା ପାଇଛି। କଂଗ୍ରେସ ଏଥିରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ଦର୍ଶାଇ ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି। ଏଥିସହ ଭାଜପାର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ (ଅଚଳ) କରାଯାଉ ବୋଲି ବିରୋଧୀ ଦଳ ଦାବି କରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ନିକଟରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ଦାଖଲ ତଥ୍ୟ ପ୍ରଘଟ ହେବା ପରେ ଭାଜପାର ଦୁର୍ନୀତି ଧରାପଡ଼ିଯାଇଛି। ଶାସକ ଦଳ ସେଲ୍ କମ୍ପାନୀଗୁଡ଼ିକଠାରୁ ବଣ୍ଡ୍ ଜରିଆରେ ମନିଲଣ୍ଡରିଂ କରି ଫାଇଦା ପାଇଛି ବୋଲି କଂଗ୍ରେସ ସାଧାରଣ ☞ପୃଷ୍ଠା–୧୩



# ୧୦ ଗ୍ୟାରେଣ୍ଟି ପୂରଣ କରିବୁ: କଂଗ୍ରେସ

## ନିର୍ବାଚନ ପାଇଁ ସଂକଳ୍ପପତ୍ର ଘୋଷଣା

**ଭୁବନେଶ୍ୱର, ୧୫।୩(ସୁନିତ୍ ମିଶ୍ର)**

ଆସନ୍ତା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ଶୁକ୍ରବାର ନିର୍ବାଚନୀ ଇସ୍ତାହାର ଘୋଷଣା କରାଯାଇଛି। କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ପ୍ରଭାରୀ ଅଜୟ କୁମାର ଏବଂ ପିସିସି ସଭାପତି ଶରତ ପଟ୍ଟନାୟକ ଦଳର ଅନ୍ୟ ବରିଷ୍ଠ ନେତୃବର୍ଗଙ୍କ ଉପସ୍ଥିତିରେ କଂଗ୍ରେସର ସଂକଳ୍ପପତ୍ର ଘୋଷଣା କରିଛନ୍ତି। ଆସନ୍ତା ନିର୍ବାଚନ ଲାଗି ଦଳ ପକ୍ଷରୁ ରାଜ୍ୟବାସୀଙ୍କୁ ୧୦ଟି ଗ୍ୟାରେଣ୍ଟି ଦିଆଯାଇଛି। ଏଥିରେ ବିଶେଷକରି କୃଷି ଓ କୃଷକ, ଶିଳ୍ପ, ମହିଳା, ଯୁବବର୍ଗଙ୍କ ପାଇଁ ନିଯୁକ୍ତି, ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ବସ୍ତିବାସିନ୍ଦା, ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ଗୁରୁତ୍ୱ ଦିଆଯାଇଥିବା ଲକ୍ଷ୍ୟ କରାଯାଇଛି।

ଖବରଦାତା ସମ୍ମିଳନୀରେ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି, ଆସନ୍ତା ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଆସିଲେ ସମସ୍ତ କୃଷିଋଣ ଛାଡ଼ କରାଯିବ। ଏହାସହ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩ ହଜାର ଟଙ୍କା ପ୍ରଦାନ କରାଯିବ। ୬୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ କୃଷକଙ୍କୁ ମାସିକ ୨ ହଜାର ଏବଂ ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ୩ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ। ଖରିଫ ଓ ରବିଋତୁରେ ୭୫% ଜମି ଏବଂ ଗ୍ରୀଷ୍ମକାଳୀନ ଚାଷ ପାଇଁ ୨୫% ଚାଷଜମିକୁ ଜଳସେଚନ ବ୍ୟବସ୍ଥା କରାଯିବ। ପ୍ରତି ବ୍ଲକ୍‌ରେ ଶୀତଳଭଣ୍ଡାର ସ୍ଥାପନ, ଧାନକଳ, ଅଟାକଳ, ଡାଲିକଳ, ଶୀତଳୀକରଣ କେନ୍ଦ୍ର ଖୋଲାଯିବ। କୃଷକ ପରିବାରର ଆୟ ୫ ବର୍ଷରେ ୨ ଗୁଣ କରିବା, ପ୍ରତ୍ୟେକ ଗାଁରେ ଗୋଶାଳା ନିର୍ମାଣ, ଗୋବର ଗ୍ୟାସ୍ ପ୍ଲାଣ୍ଟ ପ୍ରତିଷ୍ଠାକରି ରନ୍ଧନ ଗ୍ୟାସ୍ ଯୋଗାଣ, ଓମ୍‌ଫେଡ୍ ଦ୍ୱାରା ସମସ୍ତ କ୍ଷୀର ଖର୍ଦ୍ଦି ଏବଂ ରାଜ୍ୟରେ ୩ଟି କୃଷି ବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଏହାସହ ଜଳ ପ୍ରକଳ୍ପଗୁଡ଼ିକର ଜଳଧାରଣ କ୍ଷମତା ବୃଦ୍ଧି, ସମସ୍ତ କୃଷି ମୂଲିଆ (୬୦ ବର୍ଷରୁ ଊର୍ଦ୍ଧ୍ୱ)ଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା, କୃଷିଜାତ ଶିଳ୍ପ ପାଇଁ ୫୦% ରିହାତିରେ ସୋଲାର ବିଦ୍ୟୁତ୍ ବ୍ୟବସ୍ଥା, ପଶୁପକ୍ଷୀଙ୍କ ଦ୍ୱାରା ଫସଲ ନଷ୍ଟ ହେଲେ ୧୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ କଂଗ୍ରେସ ଗ୍ୟାରେଣ୍ଟି ଦେଇଛି। ରାଜ୍ୟରେ ରୁଗ୍‌ଣ ଅବସ୍ଥାରେ ଥିବା କୃଷି ସମ୍ପର୍କିତ ଶିଳ୍ପର ପୁନରୁଦ୍ଧାର, ମିଶନ ଶକ୍ତି ଦ୍ୱାରା ପ୍ରତିଷ୍ଠିତ ଶିଳ୍ପକୁ ୫୦% ରିହାତିରେ ବିଦ୍ୟୁତ୍ ଯୋଗାଣ, ଇସ୍ପାତ, ଆଲୁମିନିୟମ, ପ୍ଲାଷ୍ଟିକ୍ ସାମଗ୍ରୀ ଭିତ୍ତିକ କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା, ଔଷଧ କାରଖାନା ଓ ପ୍ରାଣୀଧନ ନିମନ୍ତେ ଆବଶ୍ୟକ ସାମଗ୍ରୀ ପାଇଁ କାରଖାନା, ଆଇୟୋଡାଇଜ୍ ଲୁଣ କାରଖାନା ପ୍ରତିଷ୍ଠା କରାଯିବ। ଗ୍ରାଜୁଏଟ ଋଣ ଗ୍ରହୀତାଙ୍କୁ ୨୫ ଲକ୍ଷ ପର୍ଯ୍ୟନ୍ତ ବିନା ବନ୍ଧକରେ ଋଣ ପ୍ରଦାନ, ପ୍ରତ୍ୟେକ ବ୍ଲକ୍‌ରେ ଖାଦ୍ୟ ପ୍ରକ୍ରିୟାକରଣ, କତା ଓ ବାଉଁଶ ଶିଳ୍ପ ପାଇଁ ଭିତ୍ତିଭୂମି ପ୍ରତିଷ୍ଠା ନିମନ୍ତେ ଦଳ ପ୍ରତିଶ୍ରୁତି ଦେଇଛି। ବ୍ୟାଙ୍କ୍ ଅଫ୍ ଓଡ଼ିଶା ପ୍ରତିଷ୍ଠା, କୁଶଳୀ କାରିଗର ଓ ସେମାନଙ୍କ ସନ୍ତାନ ସନ୍ତତିଙ୍କୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ପ୍ରଦାନ, ଓଡ଼ିଶାର ଉଦ୍ୟୋଗୀଙ୍କ ନିମନ୍ତେ ଷ୍ଟାର୍ଟଅପ୍‌ଗୁଡ଼ିକ ପାଇଁ ସରକାରୀ ଟେଣ୍ଡରରେ ସଂରକ୍ଷଣ ବ୍ୟବସ୍ଥା କରିବାକୁ ମଧ୍ୟ ଦଳ ଗ୍ୟାରେଣ୍ଟି ଦେଇଛି।

ଦଳ ପକ୍ଷରୁ ଆହୁରି କୁହାଯାଇଛି, ଖଣିଜ ଉତ୍ତୋଳନ ବେଳେ ପରିବେଶ ଓ ପୁନର୍ବାସ ଯୋଜନାର ଅନୁପାଳନ, ଖଣିଜ ପଦାର୍ଥ ପରିବହନ କ୍ଷେତ୍ରରେ ଓ ଉତ୍ତୋଳନ ସମୟରେ ଓଡ଼ିଶାର ବ୍ୟବସାୟୀଙ୍କୁ ପ୍ରାଥମିକତା ଦିଆଯିବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଋଣ ଛାଡ଼, ପରିବାରର ମୁଖ୍ୟ ଗୃହିଣୀଙ୍କୁ ମାସିକ ୨ ହଜାର ଟଙ୍କା ଭତ୍ତା, ୫୦୦ ଟଙ୍କାରେ ମାସକୁ ଗୋଟିଏ ଗ୍ୟାସ୍ ସିଲିଣ୍ଡର ପ୍ରଦାନ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ କୌଶଳ ତାଲିମ, ମହିଳା ଶିଳ୍ପୋଦ୍ୟୋଗୀଙ୍କୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଶୂନ ସୁଧରେ ଋଣ, ବାର୍ଷିକ ୨ ଲକ୍ଷ ଟଙ୍କାରୁ କମ୍ ଆୟ ଥିବା ବ୍ୟକ୍ତିଙ୍କ ଝିଅ ବାହାଘର ପାଇଁ ୨ ଲକ୍ଷ ଟଙ୍କା ସହାୟତା, ସ୍କୁଲ, କଲେଜ, ସରକାରୀ ଚାକିରି କ୍ଷେତ୍ରରେ ମହିଳାଙ୍କ ନିମନ୍ତେ ୫୦% ସ୍ଥାନ ସଂରକ୍ଷଣ କରିବାକୁ ଦଳ ଘୋଷଣା କରିଛି। ସେହିପରି ପ୍ରତ୍ୟେକ ଘରୋଇ ଉପଭୋକ୍ତାଙ୍କ ପାଇଁ ମାସିକ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟ ଛାଡ଼ କରାଯିବ। ଆଦିବାସୀ, ଦଳିତ, ଅନୁସୂଚିତ ଜାତି ଓ ଜନଜାତିଙ୍କ ଉପରେ ଥିବା ସମସ୍ତ ଜମିଜମା ମାମଲା ୫ ବର୍ଷରୁ ଅଧିକ ବ୍ୟବଧାନ ଥିଲେ ପ୍ରତ୍ୟାହାର କରି ନିଆଯିବ। 'ପେସା' ଆଇନର ନିୟମ ପ୍ରଣୟନ ହେବ। ଘରଡିହ ନ ଥିବା ପରିବାରକୁ ଘରଡିହ ପ୍ରଦାନ କରାଯିବ ବୋଲି କଂଗ୍ରେସ ପକ୍ଷରୁ ନିର୍ବାଚନୀ ଇସ୍ତାହାରରେ ଘୋଷଣା କରାଯାଇଛି। ଏହି ଅବସରରେ ବିଜେଡି ଏବଂ ଭାଜପାକୁ ପିସିସି ସଭାପତି ପଟ୍ଟନାୟକ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।



କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସଂକଳ୍ପପତ୍ର ଘୋଷଣା କରାଯାଉଛି।

# ଶାହା ବି ଝୁଲାଇଦେଲେ

**ନୂଆଦିଲ୍ଲୀ, ୧୫।୩**

ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି) ସହ କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା)ର ସମ୍ଭାବ୍ୟ ମେଣ୍ଟ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଏ ସମ୍ପର୍କିତ କଥାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଝୁଲାଇ ଦେଇଛନ୍ତି। ଇଣ୍ଡିଆ ଟୁଡେ କନ୍‌କ୍ଲେଭ୍ ୨୦୨୪ରେ ଭାଗନେଇ ଭାଜପାର ବରିଷ୍ଠ ନେତା ଶାହା କହିଛନ୍ତି, ଓଡ଼ିଶାରେ ତାଙ୍କ ଦଳ ଅପେକ୍ଷାକୃତ ଅଧିକ ସଫଳତା ପାଇବାର ବିଶ୍ୱାସ ଆସିଲାଣି। ମେଣ୍ଟ ନିଷ୍ପତ୍ତି ବିଜେଡି ଏବଂ ଭାଜପାର ଶୀର୍ଷ ନେତାମାନଙ୍କଠାରେ ବିଚାରାଧୀନ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓଡ଼ିଶାରେ ମେଣ୍ଟ ସଂକ୍ରାନ୍ତରେ ଅଦ୍ୟାବଧି କୌଣସି ନିଷ୍ପତ୍ତି ନେଇନାହାନ୍ତି।

ସ୍ୱରାଷ୍ଟ୍ରମନ୍ତ୍ରୀ ପୁଣି କହିଛନ୍ତି ଯେ, ଓଡ଼ିଶାରେ

### ବିଜେଡି-ଭାଜପା ମେଣ୍ଟ

ଭାଜପାର ପରବର୍ତ୍ତୀ ପଦକ୍ଷେପ କ'ଣ ହେବ ସେନେଇ ପ୍ରଧାନମନ୍ତ୍ରୀ ଓ ଦଳର ଅଧ୍ୟକ୍ଷ ସ୍ଥିର କରି ନ ଥିବାରୁ ମେଣ୍ଟ ଉପରେ ସେ ଅଧିକ କିଛି କହିପାରିବେ ନାହିଁ। ତେବେ ଉଭୟ ଲୋକ ସଭା ଏବଂ ଓଡ଼ିଶା ବିଧାନସଭା ନିର୍ବାଚନରେ ଭାଜପା ପୂର୍ବ ତୁଳନାରେ ଫାଇଦାରେ ରହିବ। ରାଜ୍ୟର ୧ ଓ ୨ ନମ୍ବର ଦଳ ମଧ୍ୟରେ ସମ୍ଭାବ୍ୟ ମେଣ୍ଟ ହେବାର ଯଥାର୍ଥତା ଉପରେ ପ୍ରଶ୍ନ କରାଯିବାରୁ ଶାହା କହିଛନ୍ତି, ଆମେ ସର୍ବଦା କେବଳ ରାଜନୀତି ଉପରେ ଚିନ୍ତା କରୁ, ସେଥିରେ ଦର୍ଶନ ଶାସ୍ତ୍ରର କୌଣସି ସ୍ଥାନ ନାହିଁ। ଏହା ହେଉଛି ବିଜୟ ଓ ପରାଜୟର ଗଣିତ। ତେଣୁ ମେଣ୍ଟ ସହଯୋଗୀ ବିଷୟରେ ଚିନ୍ତା କଲାବେଳେ ବିଜୟ ଓ ପରାଜୟର ଅଙ୍କକୁ ନେଇ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରିଥାଉ।

## ଆଜି କ୍ୟାବିନେଟ

**ଭୁବନେଶ୍ୱର, ୧୫।୩(ଅନିଲ ଦାସ)**

ଲୋକସେବା ଭବନଠାରେ ଶନିବାର ପୂର୍ବାହ୍ନ ୧୧ଟାରେ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ବିଭିନ୍ନ ବିଭାଗର ପ୍ରାୟ ୧୭ଟି ପ୍ରସ୍ତାବ ଅନୁମୋଦନ ହେବ ବୋଲି ଜଣାପଡ଼ିଛି। ନିକଟରେ ଘୋଷଣା ହୋଇଥିବା ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ରାଶି ବ୍ୟୟବରାଦକୁ କ୍ୟାବିନେଟ ମଞ୍ଜୁରୀ ମିଳିବା ସମ୍ଭାବନା ରହିଛି। ଶନିବାର ଅପରାହ୍ନରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ସମ୍ଭାବନା ରହିଛି। ଏହା ପୂର୍ବରୁ ନବୀନଙ୍କ ପଞ୍ଚମ ପାଳିର ଏହା ହେବ ଶେଷ କ୍ୟାବିନେଟ ବୈଠକ। ଏଥିରେ ସ୍ୱାସ୍ଥ୍ୟ, ମିଶନ ଶକ୍ତି, ପଞ୍ଚାୟତିରାଜ, କୃଷି, ସମବାୟ, ଉଚ୍ଚଶିକ୍ଷା, ବାଣିଜ୍ୟ ଓ ପରିବହନ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ଶିଳ୍ପ ଆଦି ବିଭାଗର ବିଭିନ୍ନ ପ୍ରସ୍ତାବକୁ ମଞ୍ଜୁରୀ ମିଳିବ।

## ଓଏସ୍‌ଏସ୍‌ସି ପକ୍ଷରୁ ୧,୫୩୫ ପଦ ପାଇଁ ନିଯୁକ୍ତି ବିଜ୍ଞପ୍ତି

**ଭୁବନେଶ୍ୱର, ୧୫।୩(ଅସମାପିକା ସାହୁ)**

ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପକ୍ଷରୁ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସିଜିଏଲ୍ ଗ୍ରୁପ୍-ବି ଓ ସି'ର ୫୮୬ଟି ପଦବୀ ସୃଷ୍ଟି ହୋଇଛି। ଏପ୍ରିଲ ୫ରୁ ମେ' ୨ ପର୍ଯ୍ୟନ୍ତ ଆଶାୟୀ ପ୍ରାର୍ଥୀମାନେ ଆବେଦନ କରିପାରିବେ। ସେହିପରି ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର(ଏଟିଏ) ଭାବେ ୨୫୦ଟି ପଦ, ୨୬ ଟ୍ରାଫିକ କନ୍‌ଷ୍ଟେବଲ, ୬୭୩ ସିଏଚ୍‌ଏସ୍‌ଏଲ୍ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ବାହାରିଛି। ଆସନ୍ତା ୨୮ ତାରିଖରୁ ଏପ୍ରିଲ ୨୭ ପର୍ଯ୍ୟନ୍ତ ଟ୍ରାଫିକ କନଷ୍ଟେବଲ ପାଇଁ ଆବେଦନ ପତ୍ର ଗ୍ରହଣ କରାଯିବ। ସମସ୍ତ ନିଯୁକ୍ତି ସମ୍ବନ୍ଧୀୟ ତଥ୍ୟ ଓଏସ୍‌ଏସ୍‌ସି ୱେବ୍‌ସାଇଟ୍ www.ossc.gov.inରେ ଉପଲବ୍ଧ ରହିଛି।

# ଆଜି କ'ଣ କେଉଁଠି

### ଭୁବନେଶ୍ୱର

- ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୬ତମ ଜୟନ୍ତୀ, ସ୍ଥାନ: କାଗ୍ରିଲ ଗ୍ରାଉଣ୍ଡ, ପୋଖରୀପୁଟ୍, ସମୟ: ପ୍ରାତଃ ୪ଟା ୩୦।
- ପଦଯାତ୍ରା, ସ୍ଥାନ: ରାଜମହଲ ଛକ, ସମୟ: ସକାଳ ୭ଟା।
- ବାଗ୍‌ଦେବୀ ନାଟକ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

### ପୁରୀ

- ପାଇକ ଗୁରୁ ରାଜେନ୍ଦ୍ର ନାଥଙ୍କ ପ୍ରତିମୂର୍ତ୍ତି ଅନାବରଣ, ସ୍ଥାନ: ପାଇକରାପୁର, କୃଷ୍ଣପ୍ରସାଦ, ସମୟ: ପୂର୍ବାହ୍ନ ୧୧ଟା।
- ନିଖିଳ ଉତ୍କଳ ପଶାଖେଳ ଟ୍ରଷ୍ଟ ପକ୍ଷରୁ ରାଜ୍ୟସ୍ତରୀୟ ପଶା ପ୍ରତିଯୋଗିତା, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର, ସମୟ: ଅପରାହ୍ନ ୪ଟା।
- ଶ୍ରୀକ୍ଷେତ୍ର ନାଟ୍ୟ ମହୋତ୍ସବ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ନାଟକ 'କିଏ ପୋଛିଦେବ ଆଖିର ଲୁହ' ପରିବେଷଣ, ସ୍ଥାନ: ମାଲୁଦ, କୃଷ୍ଣପ୍ରସାଦ, ସମୟ: ରାତି ୯ଟା।

### ଖୋର୍ଦ୍ଧା

- ବିଶ୍ୱଶାନ୍ତି ଯଜ୍ଞ ଶୁଭାରମ୍ଭ, ସ୍ଥାନ: ଲୋକେଶ୍ୱର ଦେବଙ୍କ ପୀଠ, ବଡ଼ପଦର, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୮ଟା।

### ବାଲେଶ୍ୱର

- ଅନ୍ତର୍ଜାତୀୟ ମିଡ଼ିଆ କନକ୍ଲେଭ-୨୦୨୪ର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପିଜିସି ସମ୍ମିଳନୀ କକ୍ଷ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଡ୍ରୋନ ସହାୟତାରେ କୃଷି, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ରାଣୀତାଲ, ସମୟ: ପୂର୍ବାହ୍ନ ୧୧ଟା।

### ଭଦ୍ରକ

- ବ୍ଲକ ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବନ୍ଦ ପାଳନ, ସ୍ଥାନ: ତିହିଡ଼ି, ସମୟ: ସକାଳ ୬ଟା।
- ପୋଲିଂ ଅଧିକାରୀଙ୍କ ନିର୍ବାଚନୀ ପ୍ରଶିକ୍ଷଣ, ସ୍ଥାନ: ସିଆର୍‌ଏସ୍ ହାଇସ୍କୁଲ ଓ ତିହିଡ଼ି ସରକାରୀ ହାଇସ୍କୁଲ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ପରିଚାଳନା ତାଲିମ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାର, ସ୍ଥାନ: ଜିଲା କୋର୍ଟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଆଧାତ୍ମିକ ଦିବ୍ୟ ପ୍ରବଚନ, ସ୍ଥାନ: କରଞ୍ଜଆଡ଼ିଆ ନୂତନ ଜଗନ୍ନାଥ ମନ୍ଦିର ପାଖ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- 'ହଂସଧ୍ୱନି'ର ୪ର୍ଥ ବାର୍ଷିକୋତ୍ସବ, ସ୍ଥାନ: ସରସ୍ୱତୀ ସଙ୍ଗୀତ ମହାବିଦ୍ୟାଳୟ, କମାରଗାଁ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ତେଜସ୍ୱିନୀ ମହିଳା ସଙ୍ଗଠନର ବାର୍ଷିକୋତ୍ସବ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

### କେନ୍ଦୁଝର

- ପୋଲିଂ ଅଫିସରଙ୍କ ନିର୍ବାଚନ ତାଲିମ୍, ସ୍ଥାନ: ଆଞ୍ଚଳିକ ମହାବିଦ୍ୟାଳୟ, ପାଟଣା, ସମୟ: ସକାଳ ୯ଟା ୩୦।
- ଲୁହାପଥର ପରିବହନ ପାଇଁ ରେଳ ଲାଇନକୁ ବିରୋଧ ପ୍ରତିବାଦରେ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ : କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୧ ଟା।
- ଆଇନ ସଚେତନତା ଶିବିର, ସ୍ଥାନ: ବଡ଼ବିଲ ଜେଏମଏଫସି କୋର୍ଟ, ସମୟ: ଅପରାହ୍ନ ୩ଟା।

### ମୟୂରଭଞ୍ଜ

- ବଲାଙ୍ଗୀ ମହୋତ୍ସବ କମିଟି ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଜ୍ୟୋତିରଥ ପରିକ୍ରମା, ସ୍ଥାନ: ଜାମଦା ବ୍ଲକ, ସମୟ: ସକାଳ ୯ଟା।
- 'କମ୍ପ୍ୟୁଟେଶନାଲ ଇଣ୍ଟେଲିଜେନ୍ସ ଇନ୍ ପ୍ୟାଟର୍ଣ୍ଣ ରିକୋଗ୍ନିସନ' ଅନ୍ତର୍ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ପୌର ପରିଷଦ ପକ୍ଷରୁ ନୂତନ ପରିଶ୍ରାଗାର ଉଦ୍‌ଘାଟନ, ସ୍ଥାନ: କଚେରି ରୋଡ୍, ପିଆର୍‌ଏମ୍ ମେଡିକାଲ, ଷ୍ଟେଶନ ବଜାର, ମଧୁବନ, ଲାଲବଜାର, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍ତମ ଶୌଚାଳୟର ଶିଳାନ୍ୟାସ, ସ୍ଥାନ: ଷ୍ଟେଶନବଜାର, ବାରିପଦା, ସମୟ: ମଧ୍ୟାହ୍ନ ୧୨ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ଚଣାବାଡ଼ିଆ, ଶାମାଖୁଣ୍ଟା ସମୟ: ଅପରାହ୍ନ ୧ଟା।
- ବିଦ୍ୟୁ ଚାନ୍ଦାନ ମେମୋରିଆଲ ପକ୍ଷରୁ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ
- ସ୍ଥାନ: ନରଣପୁର, ତିରିଂ, ସମୟ: ଅପରାହ୍ନ ୧ଟା।
- ସାମ୍ବାଦିକ ସୁରକ୍ଷା ଆଇନ ଓ ଭତ୍ତା ପ୍ରଦାନ ଦାବିରେ ମୁହଁରେ କଳାପଟି ପିନ୍ଧି ମୋରଡା ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବିଡିଓଙ୍କ କାର୍ଯ୍ୟାଳୟ, ଚିତ୍ରଡା, ସମୟ: ପୂର୍ବାହ୍ନ ୧୦ଟା।

### ବ୍ରହ୍ମପୁର

- ବୁଢ଼ୀ ଠାକୁରାଣୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ
- ସ୍ଥାନ: ବିଜିପୁର, ସମୟ-ସକାଳ ୯ଟା
- ଏସ୍‌ୟୁସିଆଇ ପକ୍ଷରୁ ଖବରଦାତା ସମ୍ମିଳନୀ
- ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ପୂର୍ବାହ୍ନ ୧୧ଟା
- ଗଞ୍ଜାମ କେନିନି ଆସୋସିଏସନ ପକ୍ଷରୁ କ୍ୟାଟ ସୋ
- ସ୍ଥାନ-ସଂସ୍କୃତି ଭବନ, ସମୟ-ଅପରାହ୍ନ ୩ଟା।

### ଗଞ୍ଜାମ

- ରାମେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ
- ସ୍ଥାନ:ବୁଗୁଡା ଏକଡାଳ,ସମୟ: ସକାଳ ୭ଟା
- କ୍ରିକେଟ୍ ମ୍ୟାଚ୍, ସ୍ଥାନ: ଭଞ୍ଜନଗର ବ୍ଲକ ଜିଲୁଣ୍ଡି ଖେଳପଡିଆ, ସମୟ: ସକାଳ ୯ଟା
- ନିର୍ବାଚନ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀବତ୍ସ ହାଇସ୍କୁଲ, ସାବିତ୍ରୀ ମହିଳା ମହାବିଦ୍ୟାଳୟ, ଦୀନବନ୍ଧୁ ବେହେରା ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଅରବିନ୍ଦ ସ୍ୱତନ୍ତ୍ର ପାଠଚକ୍ର,ସ୍ଥାନ: ବାଉଁଶଲୁଣ୍ଡି, ସମୟ:ସନ୍ଧ୍ୟା ୬ଟା
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଯୋଗୀମାରୀ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

### କନ୍ଧମାଳ

- ବଣିକ ସଂଘ ପକ୍ଷରୁ ରକ୍ତଦାନ ଶିବିର
- ସ୍ଥାନ: ରାଇକିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।

### ଜଗତ୍‌ସିଂହପୁର

- ଜାତୀୟ ସେବା ସଂସ୍ଥାର ୩ ଦିନିଆ କର୍ମଶାଳା, ସ୍ଥାନ: ପାରାଦୀପ ମହାବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ମେଡିକାଲ କଲେଜ ପାଇଁ ମୁଣ୍ଡିଆ ମରା ଅଭିଯାନ, ସ୍ଥାନ: ଥାନା ଛକରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ଖାଉଟି ସୁରକ୍ଷା ଅଭିଯାନ ତରଫରୁ ଖାଉଟି ସୁରକ୍ଷା କର୍ମଶାଳା, ସ୍ଥାନ: ତିର୍ତ୍ତୋଲ ଆନନ୍ଦ ମଣ୍ଡପ, ସମୟ: ଅପରାହ୍ନ ୩ଟା।

### କେନ୍ଦ୍ରାପଡ଼ା

- ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସିଂହାସନ ଖାଲି କର ସମାବେଶ, ସ୍ଥାନ: ମଣି ମନ୍ଦିର, କୁସୁନପୁର, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍ପାୟାର ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ଜିଲା ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୧ଟା।
- ରୁଦ୍ର ମହାଯଜ୍ଞ ଓ ବାର୍ଷିକୋତ୍ସବ, ସ୍ଥାନ: ମାଲପାଟଣା, ଆଳି, ସମୟ: ସନ୍ଧ୍ୟା ୬ଟା।
- ନୂଆ କୋର୍ଟ ଉଦ୍‌ଘାଟନ, ସ୍ଥାନ: ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ପୂଜ୍ୟପୂଜା ସଂସଦ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଲକ୍ଷ୍ମୀନାରାୟଣପୁର, ଡେରାବିଶ, ସମୟ: ଅପରାହ୍ନ ୩ଟା।

### ଯାଜପୁର

- ବ୍ୟାସନଗର ପ୍ରିମିୟର ଲିଗ୍, ସ୍ଥାନ : ଯାଜପୁର ରୋଡ୍ ଏନ୍‌ସି ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ସାଢ଼େ ୩ଟା(ଡୁବୁରୀ ଫାଇଟର ବନାମ ଯାଜପୁର ରୋଡ୍ ପ୍ରଶାନ୍ତି ୱାରିୟର୍ସ) ଓ ସମୟ ରାତି ୭ଟା(ବାରଗାଡିଆ ପାୱାର ବନାମ ମା' ଦୁର୍ଗା ୱାରିୟର୍ସ)।
- ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଧାରଣା, ସ୍ଥାନ: ନୀଳାଚଳ କାରଖାନା ସମ୍ମୁଖ, ସମୟ: ଦିନରାତି।
- ଭୀମ୍ ଆର୍ମି ପକ୍ଷରୁ ବାସଚ୍ୟୁତଙ୍କ ଧାରଣାର ୪ର୍ଥ ଦିନ, ସ୍ଥାନ: କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ସମ୍ମୁଖ, ସମୟ : ଦିନରାତି।
- ସାର୍ଥକ ଟିଭି ପକ୍ଷରୁ ରଜ କୁଇନ୍ ପ୍ରତିଯୋଗିତା, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୯ଟାରୁ ସନ୍ଧ୍ୟା ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ ଅବସରରେ ନଗର ଭ୍ରମଣ, ସ୍ଥାନ:ଧର୍ମଶାଳା ବ୍ଲକ କଣିପାଟିଆ ଗ୍ରାମ, ସମୟ;ଅପରାହ୍ନ ୨ଟା।

### ନୟାଗଡ଼

- ବଚପନ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ପଠାଣୀ ସାମନ୍ତ ଜିଲା ସଂସ୍କୃତି ଭବନ ନୟାଗଡ଼, ସମୟ: ଅପରାହ୍ନ ୫ଟା।
- ଗୀତା ମହାଯଜ୍ଞ ଉଦଘାଟନ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା।

### ନବରଙ୍ଗପୁର

- ଜିଲାସ୍ତରୀୟ ପୋଷଣ ପୋଖଓ୍ୱାଡ଼ା କାର୍ଯ୍ୟକ୍ରମ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

### ଅନୁଗୋଳ

- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ନିର୍ବାଚନ ପରିଚାଳନା ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ପିଟିସି ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ପରିଚାଳନା ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ଜନିତ ସେକ୍ଟର ଅଧିକାରୀ, ସ୍ଥାନ: ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅନୁଗୋଳ ମେଳା, ସ୍ଥାନ: ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ ଟା।
- ରାଜ୍ୟସ୍ତରୀୟ ନିମନ୍ତ୍ରିତ ବ୍ୟାଡ଼୍‌ମିଟଣ୍ଟ ଟୁର୍ନାମେଣ୍ଟ, ସ୍ଥାନ: ବିଜୁ ପଟ୍ଟନାୟକ ଇଣ୍ଡୋର ହଲ, ସମୟ: ପୂର୍ବାହ୍ନ ୧୦ ଟା।

### ସମ୍ବଲପୁର

- ଭାଜପାର କର୍ମୀ ସମାବେଶ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ମଧ୍ୟାହ୍ନ ୧୨ଟା।
- ଜିଲା ପ୍ରଶାସନ ପକ୍ଷରୁ ତାଲିମ ଶିବିର, ସ୍ଥାନ: ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ସାଓଲିନ ଉସୁ ଆସୋସିଏଶନ ପକ୍ଷରୁ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସନ୍ଧ୍ୟା ୬ଟା।

### ବଲାଙ୍ଗୀର

- କୃଷି ସମ୍ବନ୍ଧୀୟ ବ୍ଲକ ବୈଷୟିକ କମିଟିର ବୈଠକ, ସ୍ଥାନ: ଖପ୍ରାଖୋଲ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।

### ସୁବର୍ଣ୍ଣପୁର

- ବଲାଙ୍ଗୀର-ସୋନପୁର-ବଲାଙ୍ଗୀର ପାସେଞ୍ଜର ସ୍ପେଶାଲ ଟ୍ରେନ୍‌ର ଶୁଭାରମ୍ଭ, ସ୍ଥାନ: ସୋନପୁର ଷ୍ଟେଶନ, ସମୟ: ଭୋର ୪ଟା ୧୫।
- ବିନିକା ମହିଳା ଡିଗ୍ରୀ କଲେଜର ପଞ୍ଚମ ବାର୍ଷିକ ଉତ୍ସବ, ସ୍ଥାନ: ନୂଆବଜାର ସାଇସନ୍ତୋଷୀ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ଛପନ ପ୍ରହର ନାମଯଜ୍ଞର ଚତୁର୍ଥ ଦିବସ, ସ୍ଥାନ:ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗ୍ରାମ,ସମୟ: ସକାଳ ୬ ଟା।

### ରାଉରକେଲା

- ବିଶ୍ୱ ଉପଭୋକ୍ତା ଦିବସ, ସ୍ଥାନ: ସେକ୍ଟର-୨୧ ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଚେତନ ନାଗରିକ ମଞ୍ଚର ୧୦ମ ବାର୍ଷିକୋତ୍ସବ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୧ଟା।

### ବରଗଡ଼

- ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ନାଇକେନପାଲି, ଅତାବିରା, ସମୟ: ପୂର୍ବାହ୍ନ ୯ଟା।
- ରାମାୟଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ସମ୍ମୁଖ, ଗାଇସିଲେଟ୍, ସମୟ: ପୂର୍ବାହ୍ନ ୯ଟା।
- ଶ୍ରୀ ଶ୍ରୀ ମାର୍କଣ୍ଡେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କୁଶନପୁରୀ ଫୁଲବନ୍ଧ, ଭଟଲି, ସମୟ: ପୂର୍ବାହ୍ନ ୯ଟା।
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଭଟଲି, ସମୟ: ପୂର୍ବାହ୍ନ ୯ଟା।
- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ କୃଷି ଅଧିକାରୀଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

### କଳାହାଣ୍ଡି

- ବୃନ୍ଦା ବନୋତ୍ସବ ୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ଅପରାହ୍ନ ୩ଟା ୪୫ ମିନିଟ୍।
- ପିଡବ୍ଲୁଡି ଆଇଇବିର ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦରଠାରେ, ସମୟ: ପୂର୍ବାହ୍ନ ୧୧ଟା।

### ନୂଆପଡ଼ା

- ନୂଆପଡ଼ା ସ୍ୱାଭିମାନ ମଞ୍ଚ ପକ୍ଷରୁ ବାଇକ୍ ରାଲି, ସ୍ଥାନ: ନୂଆପଡ଼ା ପୋଲିସ ପଡିଆରୁ ଖରିଆର ରୋଡ, ସମୟ: ପୂର୍ବାହ୍ନ ୧୦ଟା।

### ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତର ବଘିଆ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବଘିଆ ଗ୍ରାମମଣ୍ଡପ କୁଞ୍ଜଘର,ସମୟ: ସକାଳ ୯ଟା।

### ଦେବଗଡ଼

- ଦକ୍ଷତା ବିକାଶ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା
- କଂଗ୍ରେସ ପକ୍ଷରୁ ବୈଠକ, ସ୍ଥାନ: ତିଲେଇବଣି ବ୍ଲକର ଝରାଗୁଗୁଆ, ପାରପୋଷି ଗ୍ରାମ, ସମୟ: ପୂର୍ବାହ୍ନ ୧୧।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ରାହୁ ସହ ବୁଧଙ୍କ ସଂଯୋଗରୁ କୌଣସି ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। କାମ ଠିକ୍ ଭାବେ ସମ୍ପନ୍ନ ହେବାରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦେହ ଭଲ ରହିଲେ ମଧ୍ୟ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇବେ। ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିବାଣୀ ଶୁଣାଇବେ।

**ବୃଷ**
ତୃତୀୟାଧିପ ଉଚ୍ଚସ୍ଥ ଯୋଗୁ ସକାଳୁ ଆପଣଙ୍କ ଅନୁରୋଧ ରକ୍ଷା କରି ବନ୍ଧୁ ଆସିପାରନ୍ତି। ପଡ଼ୋଶୀଙ୍କ ଘରୋଇ ବ୍ୟାପାରରେ ମୁଣ୍ଡ ପୂରାଇ କଳହକୁ ନିମନ୍ତ୍ରଣ କରିପାରନ୍ତି। ଆଲୋଚନା କାଳରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ଆଜିର ଆର୍ଥିକ ସ୍ଥିତି ଓ ସାମାଜିକ ପରିସ୍ଥିତି ପ୍ରାୟତଃ ଠିକ୍ ରହିବ।

**ମିଥୁନ**
ଧନାଧିପ ବଳବାନ୍ ଯୋଗୁ ଆପଣଙ୍କ ଆର୍ଥିକ ସ୍ଥିତି ଭଲ ରହିବ। ମତାନ୍ତର ଜନିତ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। ବାରମ୍ବାର ପ୍ରତିବନ୍ଧକ ଲାଗି ରହିବା କାରଣରୁ ବ୍ୟବସାୟ ସଙ୍କୁଚିତ ହୋଇପାରେ। ବନ୍ଧୁଗହଣରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ**
ଲାଭସ୍ଥ ରାଶ୍ୟାଧିପ ଆପଣଙ୍କୁ କର୍ମମୁଖର କରାଇ ବୈଷୟିକ ଅଭିବୃଦ୍ଧି କରାଇବ। ଆଜିର କର୍ମକ୍ଷେତ୍ରରେ କଠିନ ଶ୍ରମ କିମ୍ବା ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। ମୂଲ୍ୟବାନ ଜିନିଷ କିଣିବା ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହେବ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଓ ଅନୁଗାମୀଙ୍କ ସମର୍ଥନ କାମକୁ ତ୍ୱରାନ୍ୱିତ କରିବ।

**ସିଂହ**
ସପ୍ତମଭାବରେ ଏକାଧିକଗ୍ରହ ଥିବା କାରଣରୁ ବିବାଦୀୟ ଘଟଣାରେ ଅପଦସ୍ଥ ହୋଇପାରନ୍ତି। ମାନସିକ ଅବସାଦଜନିତ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଆଲୋଚନା ସମୟରେ ନିଜ ପକ୍ଷ ରଖିବା ସକାଶେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିପାରିବେ। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**କନ୍ୟା**
କୋଣସ୍ଥାନରେ ଉଚ୍ଚସ୍ଥ ମଙ୍ଗଳ ଯୋଗୁ କାର୍ଯ୍ୟ ହାସଲ ସକାଶେ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ରୁଗ୍‌ଣ ପିତାଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ତୁଳା**
ସ୍ୱଗୃହୀ ଶନି ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସହମତି କାରଣରୁ ପାରିବାରିକ ଜୀବନ ସୁଖରେ କଟିବ। ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ପ୍ରଥମେ ପ୍ରଥମେ ସହକର୍ମୀ କାମଟି କରିବା ସକାଶେ ଅମଙ୍ଗ ରହିଲେ ମଧ୍ୟ କାମଟି କରିଦେବେ। କ୍ରନିକ୍ ରୋଗଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**ବିଛା**
କେନ୍ଦ୍ରସ୍ଥ ତୃତୀୟାଧିପ ହେତୁ ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ସମସ୍ୟା ସମାଧାନ ହେବ। ପ୍ରତ୍ୟେକ କ୍ଷେତ୍ରରେ ସତର୍କ ନ ହେଲେ ସମସ୍ୟା ଆସିପାରେ। ବାଣିଜ୍ୟରେ ଆଶାଜନକ ସଫଳତା ଓ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ଧନୁ**
ବୃହସ୍ପତିଙ୍କ ଶୁଭପ୍ରଭାବରୁ ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଶତ୍ରୁମାନେ ମିତ୍ରତା ଛଳରେ ପାଖେଇ ଆସିବେ ସିନା କୌଣସି କ୍ଷତି କରିପାରିବେ ନାହିଁ। ଆଲୋଚନା ସମୟରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବନ୍ଧୁଙ୍କ ସହାୟତାରେ ଧାତବ ଜନିତ ଦ୍ରବ୍ୟ ଲାଭର ଯୋଗ ରହିଛି।

**ମକର**
ଅର୍ଥ ସମ୍ପର୍କୀୟ ବିବାଦରେ ଲିପ୍ତ ରହିବାରୁ ମନ ଅଶାନ୍ତ ରହିବ। ପରିସ୍ଥିତିବଶତଃ ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ୍ୟ ହେବେ। ଘରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କୌଣସି ବନ୍ଧୁଙ୍କ ସମ୍ପର୍କରେ ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ।

**କୁମ୍ଭ**
ଆକସ୍ମିକ ଭାବରେ କୌଣସି କାମ ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ରବିଙ୍କ ପ୍ରଭାବରୁ ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ଦିନର ଅଧିକାଂଶ ସମୟ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ରପ୍ତାନି ବାଣିଜ୍ୟରେ ଉନ୍ନତି ଘଟିବ ଏବଂ ପ୍ରଶାସନିକ ସଫଳତା ହାସଲ କରିବେ।

**ମୀନ**
ଚନ୍ଦ୍ର ଯୁକ୍ତ ଗୁରୁଜନିତ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ଦେଖାଦେଇପାରେ। ସାମାଜିକ ସ୍ତରରେ ନିଃସହାୟ ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ଆନୁଷ୍ଠାନିକ କାର୍ଯ୍ୟ ହାସଲ ସକାଶେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ସୃଷ୍ଟି କରିବେ।

ଆଜି ମାର୍ଚ୍ଚ ୧୬ ତାରିଖ, ରାଷ୍ଟ୍ରୀୟ ଟିକାକରଣ ଦିବସ, ଫାଲଗୁନ ଶୁକ୍ଳ ସପ୍ତମୀ, ଶନିବାର, ରାଶିନକ୍ଷତ୍ର-ରୋହିଣୀ/ବୃଷ, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୫ ଗତେ ଘ.୦୧।୦୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୫୬ ଗତେ ଘ.୧୦।୨୫ ମଧ୍ୟେ ରାହୁକାଳ।




# ମାନହାନି ପ୍ରେସ୍ ସ୍ୱାଧୀନତା ଆଗରେ ବଡ଼ ପ୍ରତିବନ୍ଧକ: ତଥାଗତ




ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରରେ ଶୁକ୍ରବାର ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବାମରୁ ଇଜିଆଇ ମୁଖ୍ୟ ଅନନ୍ତ ନାଥ, ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭୀ, ଧରିତ୍ରୀ ଓ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ ଏବଂ ସୁପ୍ରିମକୋର୍ଟ ବରିଷ୍ଠ ଓକିଲ ଶାମ ଦିୱାନ।

## ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ କନ୍‌କ୍ଲେଭ୍

**ନୂଆଦିଲ୍ଲୀ, ୧୫।୩**

ମାନହାନି ମାମଲାଗୁଡ଼ିକ ଲଢ଼ିବା କ୍ଷେତ୍ରରେ ରହିଥିବା ମନ୍ଥର ଓ ବ୍ୟୟବହୁଳ ପ୍ରକ୍ରିୟା ଭାରତରେ ଗଣମାଧ୍ୟମ ସ୍ୱାଧୀନତା ସମ୍ମୁଖରେ ସବୁଠୁ ବଡ଼ ପ୍ରତିବନ୍ଧକ ବୋଲି ଶୁକ୍ରବାର 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ କହିଛନ୍ତି। ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରସ୍ଥିତ କମଳା ଦେବୀ ସେଣ୍ଟରରେ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ (ଇଜିଆଇ) ପକ୍ଷରୁ ଆୟୋଜିତ 'ପ୍ରେସ୍ ଫ୍ରିଡମ୍ ଅଫ୍ ଇଣ୍ଡିଆ-ପ୍ରେଜେଣ୍ଟ ଆଣ୍ଡ୍ ଦି ଫ୍ୟୁଚର' ଶୀର୍ଷକ ପ୍ୟାନେଲ ଆଲୋଚନାରେ ଭାଗନେଇ ସେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ତଥାଗତ କହିଛନ୍ତି, ବର୍ତ୍ତମାନ ସମୟରେ ଜଣେ ସାମ୍ବାଦିକଙ୍କୁ ନିଜ ବିରୋଧରେ ଥିବା ମାନହାନି ମକଦ୍ଦମା ଲଢ଼ିବାକୁ ପଡୁଛି। ଏହା ଏତେ ବ୍ୟୟବହୁଳ ଓ ସମୟସାପେକ୍ଷ ଯେ, ବରିଷ୍ଠତମ ସାମ୍ବାଦିକମାନଙ୍କୁ ମଧ୍ୟ ଦୋହଲାଇଦେଉଛି। ନିୟାମକ ବା ଆଇନଗତ ଅନିଶ୍ଚିତତା ସ୍ୱାଧୀନ ମତ ପୋଷଣ କରିବାକୁ ଦେଉନାହିଁ। ଏଥିସହ ମାନହାନି ଭଳି ମାମଲାଗୁଡ଼ିକର ପରିଚାଳନା କରିବା କ୍ଷେତ୍ରରେ ଅନଭ୍ୟସ୍ତ ତଥା ଅସମର୍ଥ ନିମ୍ନ ଅଦାଲତଗୁଡ଼ିକ ଜଟିଳ ସ୍ଥିତି ସୃଷ୍ଟି କରୁଛନ୍ତି ବୋଲି ତଥାଗତ କହିଛନ୍ତି।

କାରାଭନ୍ ସମ୍ପାଦକ ତଥା ଏଡିଟର୍ସ ଗିଲ୍ଡ ମୁଖ୍ୟ ଅନନ୍ତ ନାଥ କାର୍ଯ୍ୟକ୍ରମ ପରିଚାଳନା କରି ନୂଆ ଡିଜିଟାଲ ଆଇନ ଏବଂ ୩ ନୂଆ ଓ ପୂର୍ବ ପ୍ରଚଳିତ ଆପରାଧିକ ଆଇନ ସମ୍ପର୍କରେ ବିତର୍କର ସୂତ୍ରପାତ କରିଥିଲେ। ସୁପ୍ରିମକୋର୍ଟ ବରିଷ୍ଠ ଆଇନଜୀବୀ ଶାମ ଦିୱାନ ଏବଂ ଅଭିଷେକ ମନୁ ସିଂଘଭୀ ପ୍ରମୁଖ ପ୍ୟାନେଲିଷ୍ଟ ଆଲୋଚନାରେ ସାମିଲ ହୋଇଥିଲେ। ବକ୍ତାମାନେ ପ୍ରେସ୍ ସ୍ୱାଧୀନତାକୁ ସମ୍ଭାବ୍ୟ ହସ୍ତକ୍ଷେପରୁ ସୁରକ୍ଷା ଦେବା ଏବଂ ଏହି କ୍ଷେତ୍ରରେ ରହିଥିବା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ନିଜ ନିଜ ମତ ରଖିଥିଲେ। ସିଂଘଭୀ କହିଥିଲେ, ଏକଛତ୍ରବାଦର ପ୍ରଥମ ଶତ୍ରୁ ହେଉଛି ମୁକ୍ତ ଗଣମାଧ୍ୟମ। ଆଇନଠାରୁ ମଧ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି, ଆଇନକୁ ନେଇ କରାଯାଉଥିବା ଦୁରୁପଯୋଗ। ଜଣେ ଆଇନକୁ କିଭଳି ଦୃଷ୍ଟିରେ ଦେଖନ୍ତି, ଏହାର ପରିଚାଳନା ଏବଂ ନିୟନ୍ତ୍ରଣ ତାତ୍ପର୍ଯ୍ୟପୂର୍ଣ୍ଣ। ଆଇନରେ ନିଜ ଯଥାର୍ଥତା ପ୍ରତିପାଦନ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠୁ ବଡ଼ ହେଉଛି ଏକ ବାର୍ତ୍ତା ପ୍ରେରଣ। ସେହିପରି ଦିୱାନ କହିଥିଲେ, ଆଗକୁ ଏପରି ସ୍ଥିତି ଉପୁଜିବାକୁ ଯାଉଛି, ଯେଉଁଠି ସବୁଠୁ ନିରୀହ ଆଇନର ଦୁରୁପଯୋଗ କରି ସାମ୍ବାଦିକମାନଙ୍କୁ ଏକ ବିପଜ୍ଜନକ ଅବସ୍ଥାରେ ପହଞ୍ଚାଯିବ। ଏଡିଟର୍ସ ଗିଲ୍ଡ ଭଳି ସଙ୍ଗଠନଗୁଡ଼ିକ ସାମ୍ବାଦିକମାନଙ୍କୁ ଆଶ୍ୱସ୍ତି ପ୍ରଦାନ ସକାଶେ ବ୍ୟବସ୍ଥା ଉପଲବ୍ଧ କରିବା ପାଇଁ ଆଇନଜୀବୀମାନଙ୍କ ଏକ ମେଣ୍ଟ ଗଢ଼ିବା ଉଚିତ ବୋଲି ଦିୱାନ ପ୍ରସ୍ତାବ ଦେଇଥିଲେ।




# ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟ ବିକ୍ରିବଟା ନିମନ୍ତେ ଚୁକ୍ତି ସ୍ୱାକ୍ଷରିତ

**ଭୁବନେଶ୍ୱର, ୧୫।୩**
**(ଅସମାପିକା ସାହୁ)**

ମିଶନ ଶକ୍ତିର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ଖାଦ୍ୟପଦାର୍ଥର ବିକ୍ରିବଟା ପାଇଁ ମିଲ୍କ ମନ୍ତ୍ର ଡାଏରୀ ପ୍ରାଇଭେଟ୍ ଲିମିଟେଡ୍ ସହ ଭୁବନେଶ୍ୱରର ରାଧାରାଣୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ରାଉରକେଲାର ଦିବ୍ୟଜ୍ୟୋତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। କୃଷି ଭବନଠାରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମିଲ୍କ ମନ୍ତ୍ର(ଡେଲି ମୁ)ର ଅନ୍‌ଲାଇନ୍ ପୋର୍ଟାଲ ମାଧ୍ୟମରେ ଉଭୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମିଲେଟ୍ ଶକ୍ତି ଦ୍ରବ୍ୟ ବିପଣନ ଓ ବିକ୍ରିବଟା ପ୍ରକ୍ରିୟାକୁ ଆନୁଷ୍ଠାନିକ କରିବା ଲକ୍ଷ୍ୟ ନେଇ ଏହି ରାଜିନାମା ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁଯାୟୀ, ମିଲ୍କ ମନ୍ତ୍ର ସମ୍ପୃକ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ଖାଦ୍ୟଦ୍ରବ୍ୟ ସଂଗ୍ରହ କରି ନିଜ ଗୋଦାମରେ ଗଚ୍ଛିତ କରିବେ। ଉପଭୋକ୍ତାମାନେ 'ଡେଲି ମୁ'ରେ ସେମାନଙ୍କ ଚାହିଦା ମୁତାବକ ଅର୍ଡର କରିପାରିବେ ଏବଂ ମିଲ୍କ ମନ୍ତ୍ର ଦ୍ୱାରା ଉପଭୋକ୍ତାଙ୍କ ହାତପାଆନ୍ତାରେ ମାଣ୍ଡିଆଜାତ ଦ୍ରବ୍ୟ ପହଞ୍ଚାଇ ଦିଆଯିବ। ସମ୍ପ୍ରତି ଏହି ସେବା ଭୁବନେଶ୍ୱର ଓ ରାଉରକେଲା ସହରାଞ୍ଚଳରେ ଉପଲବ୍ଧ ହେବ। ମାଣ୍ଡିଆଜାତ ଦ୍ରବ୍ୟର ବିପଣନ ଓ ବିକ୍ରି ନିମନ୍ତେ ଏହି ଅଭିନବ ପଦ୍ଧତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଲାଗି ବର୍ଦ୍ଧିତ ଆୟର ଉତ୍ସ ପ୍ରଦାନ କରିବ ବୋଲି କୁହାଯାଉଛି।






# ଅନିଶ୍ଚିତତାରୁ ସ୍ଥିରତା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୨୦୧୪ରେ ଭାଜପା କ୍ଷମତାକୁ ଆସିବା ପରେ ମୋଦି ସରକାରଙ୍କ ପ୍ରାରମ୍ଭିକ ବର୍ଷଗୁଡ଼ିକରେ ବରିଷ୍ଠ ବାବୁମାନେ ଅନିଶ୍ଚିତ କାର୍ଯ୍ୟକାଳ ଦେଖିଥିଲେ। ପ୍ରତିରକ୍ଷା, ସ୍ୱରାଷ୍ଟ୍ର ଏବଂ ଅର୍ଥ ଭଳି ମନ୍ତ୍ରଣାଳୟରେ ଦୁଇ ବର୍ଷ ପାଇଁ ନିଯୁକ୍ତ ଅଧିକାରୀଙ୍କୁ କାର୍ଯ୍ୟକାଳ ପୂରିବା ପୂର୍ବରୁ ସ୍ଥାନାନ୍ତର କରାଯାଇଥିଲା। ଏକ ଦଶନ୍ଧି ପରେ ଏବେ ଏହି ଧାରା ଓଲଟିଯାଇଛି। ସଚିବ ସ୍ତରୀୟ ଅଧିକାରୀମାନେ ବର୍ତ୍ତମାନ ବର୍ଦ୍ଧିତ କାର୍ଯ୍ୟକାଳ ଉପଭୋଗ କରୁଛନ୍ତି, କେତେକେ ଏହିସବୁ ମନ୍ତ୍ରଣାଳୟରେ ତିନି–ଚାରି ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ଉଦାହରଣ ସ୍ୱରୂପ, ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲାଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୦୧୯ ଠାରୁ ୪ଥର ବୃଦ୍ଧି କରାଯାଇଛି। ସେହିପରି ଅର୍ଥ ମନ୍ତ୍ରଣାଳୟ ସଚିବ ଟି.ଭି. ସୋମନାଥନ ଏବଂ ତୁହିନକାନ୍ତ ପାଣ୍ଡେ ଯଥାକ୍ରମେ ଡିସେମ୍ବର ୨୦୧୯ ଏବଂ ଅକ୍ଟୋବର ୨୦୧୯ ଠାରୁ ନିଜ ପଦବୀରେ ରହିଛନ୍ତି। ବର୍ତ୍ତମାନର ଅର୍ଥ ସଚିବ ଅଜୟ ସେଠ୍ ଏବଂ ସାଧାରଣ ବ୍ୟୟ ବିଭାଗର ସଚିବ ଅଲି ରଜା ରିଜ୍‌ଭି ଏପ୍ରିଲ ୨୦୨୧ରୁ ଦାୟିତ୍ୱରେ ରହିଥିବାବେଳେ ଫାଇନାନ୍ସ ସର୍ଭିସେସ୍ ସଚିବ ବିବେକ ଯୋଶୀ ନଭେମ୍ବର ୨୦୨୨ରୁ କାର୍ଯ୍ୟ କରିଆସୁଛନ୍ତି। ଏଭଳି ଧାରା ଉଚ୍ଚଶିକ୍ଷା, ସ୍ୱରାଷ୍ଟ୍ର, ସହରୀ ବ୍ୟାପାର ଏବଂ ପାନୀୟ ଜଳ ଓ ପରିମଳ ସମେତ ଅନ୍ୟ ସବୁ ମନ୍ତ୍ରଣାଳୟ ଓ ବିଭାଗରେ ଦେଖାଯାଇଛି। ବୈଦେଶିକ ସଚିବ ବିନୟ ମୋହନ କ୍ୱାତ୍ରା ଏବଂ ପ୍ରତିରକ୍ଷା ସଚିବ ଗିରିଧର ଅର୍ମାନେଙ୍କ ଭଳି ଅଧିକାରୀମାନେ ଏକ ବ୍ୟତିକ୍ରମ ଏବଂ ଏପର୍ଯ୍ୟନ୍ତ ସେମାନଙ୍କର ଦୁଇ ବର୍ଷର କାର୍ଯ୍ୟକାଳ ପୂରିବାକୁ ବାକି ରହିଛି। କିନ୍ତୁ ଏହା ସ୍ପଷ୍ଟ ଯେ, ଶାସନ ଶୈଳୀରେ ଏକ ସୁଚିନ୍ତିତ ପରିବର୍ତ୍ତନ ଆସିଛି । ଅଧିକାରୀମାନଙ୍କର ଏବେ ଅଧିକ ସ୍ଥିରତା ରହିଛି। ସେମାନେ ମନ୍ତ୍ରଣାଳୟ ଓ ବ୍ୟବସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ସୃଷ୍ଟି କରିବା ସହ ପ୍ରକଳ୍ପ ଅନୁମୋଦନ ଏବଂ କାର୍ଯ୍ୟକାରିତାକୁ ସୁନିଶ୍ଚିତ କରୁଛନ୍ତି ।

### ବଦଳିକୁ ନେଇ ପ୍ରଶ୍ନବାଚୀ

ସମ୍ପ୍ରତି ଗୃହ ଓ ନଗର ବ୍ୟାପାର ସଚିବ ମନୋଜ ଜୋଶୀଙ୍କ ବଦଳି ସରକାରରେ ଅନେକ ବାବୁଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ଜୋଶୀଙ୍କୁ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟର ଭୂସମ୍ପଦ ବିଭାଗକୁ ସ୍ଥାନାନ୍ତର କରାଯାଇଛି। ନିଧି ଖେର୍‌ଙ୍କ ସ୍ଥାନରେ ସେ ଅବସ୍ଥାପିତ ହୋଇଛନ୍ତି। ନିଧିଙ୍କୁ ଉପଭୋକ୍ତା ବ୍ୟାପାର ବିଭାଗକୁ ଅଫିସର ଅନ୍ ସ୍ପେଶିଆଲ ଡ୍ୟୁଟି(ଓଏସ୍‌ଡି) ଅଫିସର ଭାବେ ବଦଳି କରାଯାଇଥିଲା। ଜୋଶୀଙ୍କ ସ୍ଥାନରେ ସଡ଼କ ପରିବହନ ଏବଂ ରାଜପଥ ସଚିବ ଅନୁରାଗ ଜୈନଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଡିସେମ୍ବର ୨୦୨୧ରେ ଏମ୍‌ଓଏଚ୍‌ୟୁଏ (ଗୃହ ଓ ନଗର ବ୍ୟାପାର ମନ୍ତ୍ରଣାଳୟ)ସଚିବ ଭାବେ ଜୋଶୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ତେବେ ତାଙ୍କର ଏବକାର ବଦଳି ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଯୋଶୀ ନୂତନ ସଂସଦ ଭବନ ନିର୍ମାଣ ଏବଂ ବହୁ ସରକାରୀ ଇଷ୍ଟେଟ ଓ ସଚିବାଳୟ ଭବନର ବିକାଶ ସମେତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ତଦାରଖ କରିଥିଲେ। ଏକ ସାମ୍ବାଦିକ ସମ୍ମିଳନୀରେ ସେ ଅନେକଙ୍କୁ ଆଶ୍ଚର୍ଯ୍ୟ କଲାଭଳି ପେ–ଜଲ୍ ସର୍ବେକ୍ଷଣ ସମ୍ବନ୍ଧୀୟ ତଥ୍ୟ ପ୍ରକାଶ କରିଥିବା ଯୋଗୁ ତାଙ୍କୁ ସ୍ଥାନାନ୍ତର କରାଯାଇଥିବା ଅନୁମାନ କରାଯାଉଛି। ଏହି ଘଟଣା ଜୋଶୀଙ୍କ ବଦଳିର ମୂଳ କାରଣ ଭାବରେ ଦର୍ଶାଯାଉଥିବାବେଳେ କେତେଜଣ ବାବୁ ପ୍ରଶ୍ନ କରିଛନ୍ତି ଯେ, ଏହା ଏକମାତ୍ର କାରଣ କି? ଯଦି ସମ୍ବେଦନଶୀଳ ସୂଚନା ପରିଚାଳନାରେ ଭୁଲ୍ ପଦକ୍ଷେପ ବଦଳିର କାରଣ, ତେବେ ଅନ୍ୟ ଅଧିକାରୀମାନେ ମଧ୍ୟ ସମାନ ପରିଣାମ ଭୋଗିବା ଉଚିତ। ଉଦାହରଣ ସ୍ୱରୂପ, 'ରଥ ପ୍ରଭାରୀ' ବିଜ୍ଞପ୍ତିରେ କୃଷି ସଚିବ ମନୋଜ ଆହୁଜାଙ୍କ ଡ୍ରାଫ୍ଟ ନୋଟ୍ ସଂସଦରେ ସରକାରଙ୍କୁ ଲଜ୍ଜିତ କରିଥିଲା। ସେହିଭଳି, ନୀତି ଆୟୋଗ ଉପାଧ୍ୟକ୍ଷ ବି.ଭି.ଆର୍ ସୁବ୍ରମଣ୍ୟମ ୧୫ ତମ ଅର୍ଥ ଆୟୋଗ ସହ ଜଡିତ ବିଷୟ ଉପରେ ଆଲୋଚନା କରୁଥିବା ତାଙ୍କ ସେମିନାରର ଏକ ଅଡିଓ ରେକର୍ଡିଂ ସାମ୍ନାକୁ ଆସିବା ଘଟଣାରେ ଯାଞ୍ଚର ସମ୍ମୁଖୀନ ହୋଇଥିଲେ।

### କୁମାରଙ୍କ ଅଭିଯୋଗ

ହରିୟାଣାର ୨୦୦୧ ବ୍ୟାଚ୍ ଆଇପିଏସ୍ ଅଧିକାରୀ ୱାଇ. ପୁରନ କୁମାର ରାଜ୍ୟର ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କ ବିରୋଧରେ ପ୍ରାୟ ଦୁଇମାସ ମଧ୍ୟରେ ନିର୍ଯାତନା ଏବଂ ଅପମାନ ଅଭିଯୋଗସବୁ ଆଣିଛନ୍ତି। ସେ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କ ବିରୋଧରେ ୪ଟି ଅଭିଯୋଗ ଦାଖଲ କରିବା ଦ୍ୱାରା ଦୁଇ ଅଧିକାରୀଙ୍କ ମଧ୍ୟରେ ତିକ୍ତତା ବଢ଼ିଛି। ତେବେ କୁମାରଙ୍କ ଅଭିଯୋଗଗୁଡ଼ିକର ତଦନ୍ତ ପାଇଁ ଗତ ମାସରେ ୩ଜଣ ପୂର୍ବତନ ଆଇଏଏସ୍ ଅଧିକାରୀଙ୍କୁ ନେଇ ଏକ କମିଟି ଗଠିତ ହୋଇଥିଲା। କୁମାରଙ୍କ ଶେଷ ଅଭିଯୋଗ ମଧ୍ୟ ଏହି କମିଟି ବିରୋଧରେ ଥିଲା। କମିଟି ଗଠନକୁ ତୀବ୍ର ବିରୋଧ କରି ଏହାକୁ ଆଇନଗତ ଅପ୍ରାସଙ୍ଗିକ ଏବଂ ସମ୍ପୂର୍ଣ୍ଣ ବେଆଇନ ବୋଲି କୁମାର ହରିୟାଣା ସରକାରଙ୍କୁ ଲେଖିଛନ୍ତି। ତଥାପି ତାଙ୍କ ଆପତ୍ତି ସତ୍ତ୍ୱେ କମିଟି ତଦନ୍ତ ପ୍ରକ୍ରିୟା ଜାରି ରଖିଛି। ଏପରିକି କୁମାରଙ୍କୁ ପ୍ରମାଣ ଯୋଗାଇବା ଏବଂ କମିଟି ଦ୍ୱାରା ଦର୍ଶାଯାଇଥିବା ବିଭିନ୍ନ ପ୍ରସଙ୍ଗରେ ବିବୃତି ପ୍ରଦାନ କରିବାକୁ କମିଟି ଡାକିଛି। ସୂଚନା ମୁତାବକ, ଗତ ବର୍ଷ ଅକ୍ଟୋବରରେ କୁମାର ଜଣେ ବରିଷ୍ଠ ଆଇଏଏସ୍ ଅଧିକାରୀ ଏବଂ ଅନ୍ୟମାନଙ୍କ ବିରୋଧରେ ପ୍ରଥମେ ଅଭିଯୋଗ କରିବା ପରେ ସମସ୍ୟା ଆରମ୍ଭ ହୋଇଥିଲା। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି (ପ୍ରିଭେନ୍‌ଶନ ଅଫ୍ ଆଟ୍ରୋସିଟିଜ୍) ଅଧିନିୟମର ଉଲ୍ଲଂଘନ ସହିତ ସେ ଏକାଧିକ ଅଭିଯୋଗ ଆଣିଥିଲେ। ତଦନ୍ତ ଆଗଉଥିବାବେଳେ କମିଟିରେ ଥିବା ପୂର୍ବତନ ଆଇଏଏସ୍ ଅଧିକାରୀ ରାଜନ ଗୁପ୍ତା, ନବରାଜ ସାନ୍ଧୁ ଏବଂ ପି.କେ.ଦାସଙ୍କ ବିରୋଧରେ କୁମାର କ'ଣ ଅଭିଯୋଗ କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ।

Email: dilipcherian@gmail.com

# ଦ୍ରାବିଡ଼ବାଦରୁ ବିଚ୍ଛିନ୍ନତାବାଦ



ଦୀପକ କୁମାର ମହାନ୍ତ

ଦେଶର ସାର୍ବଭୌମତ୍ୱକୁ ଜଣେ ନିର୍ବାଚିତ ସାଂସଦଙ୍କ ଅସ୍ୱୀକାର ଏବଂ ବିଚ୍ଛିନ୍ନତାବାଦୀ ବିଷୋଦ୍‌ଗାର କେବଳ ଭାରତରେ ସମ୍ଭବ ହୋଇପାରେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ଜନ୍ମଦିନ ଅବସରରେ କୋଏମ୍ବାଟୁରର ଏକ ଜନସଭାରେ ଡିଏମ୍‌କେ ସାଂସଦ ଏ. ରାଜା ଭାରତକୁ ଏକ ଦେଶ ଭାବରେ ଗ୍ରହଣ କରିବାକୁ ମନା କରିବା ସହିତ ସନାତନ ଧର୍ମ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ, ଭାରତରେ ଅନେକ ଭାଷା ଓ ସଂସ୍କୃତି ରହିଥିବାରୁ ଏହା ଏକ ଦେଶ ନୁହେଁ, ବରଂ ଏକ ଉପମହାଦେଶ। ତାମିଲନାଡୁରେ ଗୋଟିଏ ଭାଷା ଓ ସଂସ୍କୃତି ରହିଛି, ତେଣୁ ତାମିଲନାଡୁ ଏକ ସ୍ୱତନ୍ତ୍ର ଦେଶ। ହିନ୍ଦୁଧର୍ମକୁ କଡ଼ା ସମାଲୋଚନା କରି ଏ. ରାଜା କହିଛନ୍ତି, ରାମ ଓ ହନୁମାନଙ୍କୁ ତାମିଲମାନେ ଗ୍ରହଣ କରନ୍ତି ନାହିଁ। ସେହି ଦଳର ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ପୁତ୍ର ତଥା ମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ସନାତନ ଧର୍ମ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବାରୁ ନିକଟ ଅତୀତରେ ସୁପ୍ରିମକୋର୍ଟ ତାଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି। ବାସ୍ତବରେ ଡିଏମ୍‌କେ ଦଳର ସଦସ୍ୟମାନଙ୍କ ବିଚ୍ଛିନ୍ନତାବାଦୀ, ସନାତନ ବିରୋଧୀ ଏବଂ ଉତ୍ତର ଭାରତ ବିରୋଧୀ ଆଭିମୁଖ୍ୟ ସଦ୍ୟଜାତ ନୁହେଁ; ଜନ୍ମଜାତ।

ଦ୍ରାବିଡ଼ ମୁନେତ୍ରା କାଝାଗମ୍ (ଡିଏମ୍‌କେ) ଦଳ ସି.ଏନ୍. ଆନ୍ନାଦୁରାଇଙ୍କ ନେତୃତ୍ୱରେ ୧୭ ସେପ୍ଟେମ୍ବର ୧୯୪୯ରେ ପ୍ରତିଷ୍ଠିତ ହୋଇଥିଲା। ଏହା ଇ.ଭି. ରାମାସ୍ୱାମୀଙ୍କ ଦ୍ୱାରା ୧୯୪୪ରେ ପ୍ରତିଷ୍ଠିତ 'ଦ୍ରାବିଡ଼ କାଝାଗମ୍'ର ରୂପାନ୍ତର ମାତ୍ର ଥିଲା। ଇ.ଭି. ରାମାସ୍ୱାମୀ, ଯିଏ କି 'ପେରିୟାର' ନାମରେ ବିଖ୍ୟାତ ହୋଇଥିଲେ, ତାମିଲ ରାଷ୍ଟ୍ରବାଦକୁ ଗଣଆନ୍ଦୋଳନର ରୂପଦେବାରେ ସକ୍ଷମ ହୋଇଥିଲେ। ବାସ୍ତବରେ ପେରିୟାରଙ୍କ ନେତୃତ୍ୱରେ ପ୍ରତିଷ୍ଠିତ 'ଦ୍ରାବିଡ କାଝାଗମ୍' ମଧ୍ୟ ଜଷ୍ଟିସ୍ ପାର୍ଟିରୁ ଜନ୍ମ ହୋଇଥିଲା। 'ସାଉଥ୍ ଇଣ୍ଡିଆନ୍ ଲିବେରାଲ ଫେଡେରେଶନ୍' ନାମକ ଏକ ସଙ୍ଗଠନ ୭ ଅକ୍ଟୋବର ୧୯୧୭ରେ ଡ.ଟି.ଏମ୍. ନାୟାରଙ୍କ ନେତୃତ୍ୱରେ ଜଷ୍ଟିସ୍ ପାର୍ଟି ଭାବରେ ବିକଶିତ ହୋଇଥିଲା। ତେଣୁ 'ଜଷ୍ଟିସ୍ ପାର୍ଟି' ହିଁ ଡିଏମ୍‌କେ ଦଳର ଆଦ୍ୟ ଜନନୀ ବୋଲି ଯଥାର୍ଥରେ କୁହାଯାଇପାରେ। ପ୍ରଥମେ କଂଗ୍ରେସ ଦଳରେ କାର୍ଯ୍ୟ କରୁଥିବା ପେରିୟାର ପରବର୍ତ୍ତୀ ସମୟରେ ଜଷ୍ଟିସ ପାର୍ଟିର ସବୁଠାରୁ ପ୍ରଭାବଶାଳୀ ନେତା ଭାବରେ ଆତ୍ମପ୍ରକାଶ କରିଥିଲେ। ୧୯୨୮ ମସିହାରେ ବ୍ରିଟିଶ ମନ୍ତ୍ରୀ ସାର ଷ୍ଟାଫୋର୍ଡ କ୍ରିପସ୍‌ଙ୍କ ନିକଟରେ ପେରିୟାର ଜଷ୍ଟିସ୍ ପାର୍ଟିର ସଭାପତି ଭାବରେ ସ୍ୱତନ୍ତ୍ର 'ଦ୍ରାବିଡ଼ ନାଡୁ' ଦେଶ



ପାଇଁ ଦାବି କରିଥିଲେ। ୧୯୪୦ରେ ପେରିୟାର ଓ ଆନ୍ନାଦୁରାଇ ବମ୍ବେରେ ଜିନ୍ନାଙ୍କୁ ଭେଟି ସ୍ୱତନ୍ତ୍ର 'ଦ୍ରାବିଡ଼ ନାଡୁ' ପାଇଁ ସମର୍ଥନ ମାଗିଥିଲେ। ଲାହୋର ଅଧିବେଶନରେ ମୁସ୍‌ଲିମ୍ ଲିଗ୍ ସ୍ୱତନ୍ତ୍ର ମୁସଲମାନ ଦେଶ ଦାବିକୁ ତୀବ୍ରତର କରିଥିଲା ଏବଂ ଜଷ୍ଟିସ୍ ପାର୍ଟି ମୁସଲିମ୍ ଲିଗ୍ ସହିତ ମିଳିତ ଭାବରେ, 'ଦ୍ରାବିଡ ନାଡୁ' ପାଇଁ ସମର୍ଥନ ଆଶାରେ ଜିନ୍ନାଙ୍କୁ ନିଃସର୍ତ୍ତ ସମର୍ଥନ କରିଥିଲା। ମାଡ୍ରାସ୍‌ରେ ଅନୁଷ୍ଠିତ ୧୯୪୧ ଏପ୍ରିଲ ମାସରେ ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍‌ର ୨୮ତମ ବାର୍ଷିକ ଅଧିବେଶନରେ ଜିନ୍ନା 'ଦ୍ରାବିଡ଼ସ୍ଥାନ' ଦାବିକୁ ପୂର୍ଣ୍ଣ ସମର୍ଥନ କରିଥିଲେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଡିଏମ୍‌କେ ଦଳର ଏହି ଭାରତ ବିରୋଧୀ ଏବଂ ସନାତନ ବିରୋଧୀ ଆଭିମୁଖ୍ୟ ପାଇଁ ହିଁ ତାଙ୍କୁ ବିପୁଳ ଜନସମର୍ଥନ ମିଳିଥାଏ।

ଅଧିକାଂଶ ତାମିଲଭାଷୀଙ୍କ ମନମସ୍ତିଷ୍କରେ ମାକ୍ସମୁଲାରଙ୍କ ମାନସ ପ୍ରସୂତ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ ପିଢ଼ି ପରେ ପିଢ଼ି ବାସ କରି ରହିଛି। ଦ୍ରାବିଡ଼ମାନେ ଭାରତର ମୂଳନିବାସୀ। ଆର୍ଯ୍ୟମାନେ ବିଦେଶୀ ଆକ୍ରମଣକାରୀ; ସେମାନେ, କାସ୍ପିଆନ୍ ସାଗର କୂଳ ଅଥବା ୟୁରୋପ ଅବା ଇରାନରୁ ଆସି ଭାରତକୁ ଦଖଲ କରିଛନ୍ତି। ତାମିଲନାଡୁର ଭାଷା, ସଂସ୍କୃତି, ପୂଜାପଦ୍ଧତି ସବୁ ଆର୍ଯ୍ୟମାନଙ୍କଠାରୁ ପ୍ରାଚୀନ। ତେଣୁ ବିଦେଶୀ ଆକ୍ରମଣକାରୀ ଆର୍ଯ୍ୟମାନଙ୍କ ଧର୍ମ, ଭାଷା ବହିଷ୍କାର ଦ୍ୱାରା ହିଁ ତାମିଲମାନଙ୍କ ମୁକ୍ତି। ଏହି ବିଚାର ଅଧିକାଂଶ ତାମିଲ ପଛୁଆବର୍ଗ ଓ ଦଳିତ ଜନସାଧାରଣଙ୍କ ଅସ୍ଥି ମଜ୍ଜାଗତ ହୋଇ ସାରିଛି।

ବର୍ତ୍ତମାନ ପ୍ରଶ୍ନ ଉଠୁଛି, ତାମିଲ ଜନମାନସକୁ ଆଚ୍ଛାଦିତ କରିଥିବା ଏହି 'ଦ୍ରାବିଡ଼ବାଦ'ର ସତ୍ୟତା କେତେ? ତାମିଲ ଓ ତେଲୁଗୁ ଭାଷା ଆର୍ଯ୍ୟ ଭାଷାଠାରୁ ଅଲଗା ବୋଲି ସର୍ବପ୍ରଥମ ଦୁଇଜଣ ଇଂରେଜ ପ୍ରଶାସକ ଫ୍ରାନ୍ସିସ୍ ହ୍ୱାଇଟ୍ ଏଲିସ୍ ଓ ଆଲେକ୍‌ଜାଣ୍ଡାର ଡି. କ୍ୟାମ୍ପବେଲ୍ ଘୋଷଣା କଲେ। ଏହା ପରେ ଆଉ ଜଣେ ଇଂରେଜ ପ୍ରଶାସକ 'ହାଉଟନ୍ ହାଁଜସନ୍' ତାମିଲ ଭାଷାକୁ ଅନାର୍ଯ୍ୟ ଭାଷା ଭାବରେ ଉପସ୍ଥାପନ କଲେ। ମାତ୍ର ଏଙ୍ଗ୍‌ଲିକାନ୍ ଚର୍ଚ୍ଚର ଜଣେ ମିଶନାରୀ ବିଦ୍ୱାନ୍ ବିଶପ୍ ରୋବର୍ଟ କାଲ୍ଡୱେଲ୍ (୧୮୧୪–୯୧)ଙ୍କ ଦ୍ୱାରା ୧୮୫୬ରେ ଲିଖିତ 'କମ୍ପାରେଟିଭ ଗ୍ରାମାର ଅଫ୍ ଦି ଦ୍ରାବିଡିୟନ୍ ରେସ୍' ନାମକ ପୁସ୍ତକ ଦ୍ରାବିଡ଼ ଜାତିବାଦକୁ ସର୍ବାଧିକ ପ୍ରଭାବିତ କରିଥିଲା। ସେ ତାମିଲ ଭାଷାରୁ ସଂସ୍କୃତ ଶବ୍ଦଗୁଡ଼ିକୁ ସମ୍ପୂର୍ଣ୍ଣ ବାହାର କରିବା ପାଇଁ ଆହ୍ୱାନ ଦେଲେ। କ୍ୟାମ୍ପବେଲ ଓ ଏଲିସ୍ ୧୮୧୬ରେ ପ୍ରକାଶିତ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ 'ଗ୍ରାମାର ଅଫ୍ ଦ ତେଲୁଗୁ ଲାଙ୍ଗୁଏଜ୍' ମାଧ୍ୟମରେ ପ୍ରଥମଥର ପାଇଁ ତେଲୁଗୁ ତାମିଲଭାଷୀଙ୍କ ପୂର୍ବଜଙ୍କ ସମ୍ପର୍କ ସଂସ୍କୃତ ଭାଷା ସହିତ ନ ଥିଲା ବୋଲି ଏକ ନୂତନ ସୂତ୍ରର ଭିତ୍ତିପ୍ରସ୍ତର ସ୍ଥାପନ କଲେ। ଏଲିସ୍ ଦାବି କଲେ ଯେ, ତାମିଲ ଭାଷା ହିବ୍ରୁ ଏବଂ ଆରବୀ ଭାଷା ସହିତ ଜଡ଼ିତ। ଏହା ପରେ ୧୮୪୦ରେ ସଂସ୍କୃତ ଭାଷାଠାରୁ ତାମିଲକୁ ଅଲଗା କରିବାକୁ ଆଉ ଏକ ପର୍ଯ୍ୟାୟ ଆସିଲା। ସ୍କୋଟିସ୍ ମିଶନାରୀ ସୋସାଇଟି ଦ୍ୱାରା ପ୍ରେରିତ ରେଭ୍‌ରେଣ୍ଡ ଜନ୍ ଷ୍ଟିଭେନ୍‌ସନ୍ (୧୭୯୮–୧୮୫୮) ଓ ବ୍ରାୟନ୍ ହାଉଟନ୍ ହାଁଜସନ୍ (୧୮୦୦–୯୪) ଆଜି ଯେଉଁ ଭାଷାଗୁଡିକୁ ଦ୍ରାବିଡ଼ ଓ ମୁଣ୍ଡା ଶ୍ରେଣୀରେ ରଖାଯାଇଛି, ସେହି ସବୁକୁ ଗୋଟିଏ ବର୍ଗରେ ସାମିଲ କରି ସେସବୁ ଭାଷା ସଂସ୍କୃତଠାରୁ ପ୍ରାଚୀନ ଏବଂ ସେମାନଙ୍କ ଭାଷା ସଭ୍ୟତା ଆର୍ଯ୍ୟ ଆସିବା ପୂର୍ବରୁ ସମ୍ପୂର୍ଣ୍ଣ ଭାରତରେ ବ୍ୟାପିଥିଲା ବୋଲି ପ୍ରଚାର କଲେ।

ୟୁରୋପୀୟ ଔପନିବେଶିକମାନଙ୍କ ଦ୍ୱାରା ପ୍ରତିପାଦିତ ସିଦ୍ଧାନ୍ତ କ'ଣ ବାସ୍ତବରେ ବିଜ୍ଞାନସମ୍ମତ ଏବଂ ପ୍ରାମାଣିକ ତଥ୍ୟ ସମ୍ବଳିତ? ବାସ୍ତବରେ କ'ଣ ଦ୍ରାବିଡ଼ ଏକ ସ୍ୱତନ୍ତ୍ର ଜାତି; ଯାହାର ଭାଷା, ସଂସ୍କୃତି, ପୂଜା ପଦ୍ଧତି, ଇତିହାସ, ଜୀବନ ପଦ୍ଧତି, ଉତ୍ତରଭାରତ ଏବଂ ସନାତନ ଧର୍ମ ସହିତ କୌଣସି ସମ୍ବନ୍ଧ ନାହିଁ? ଆଧୁନିକ ବୈଜ୍ଞାନିକ ଗବେଷଣା, ପ୍ରତ୍ନତାତ୍ତ୍ୱିକ ପ୍ରମାଣ, ପ୍ରାଚୀନ ତାମିଲ ସାହିତ୍ୟ କିନ୍ତୁ ୟୁରୋପୀୟଙ୍କ ସ୍ଥାପିତ ମତବାଦକୁ ପ୍ରତ୍ୟାଖ୍ୟାନ କରିବା ସହିତ ଏହା କପୋଳକଳ୍ପିତ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ତଥ୍ୟ ପ୍ରଦାନ କରୁଛି। ସେପ୍ଟେମ୍ବର ୨୫, ୨୦୦୯ରେ ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ଖବର ଅନୁଯାୟୀ ହାଇଦ୍ରାବାଦସ୍ଥିତ 'ସେଣ୍ଟର ଫର ସେଲ୍ୟୁଲାର ଏଣ୍ଡ ମୋଲିକ୍ୟୁଲାର ବାୟୋଲୋଜି' ଏବଂ ଆମେରିକାର 'ହାର୍ଭାର୍ଡ ମେଡିକାଲ ସ୍କୁଲ'ର ମିଳିତ ଗବେଷଣା ୟୁରୋପୀୟଙ୍କ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତକୁ ମିଥ୍ୟା ପ୍ରମାଣିତ କରିଛି। ଏହି ଦୁଇଟି ବିଶ୍ୱସ୍ତରୀୟ ଗବେଷଣାର ନିଷ୍କର୍ଷରେ କୁହାଯାଇଥିଲା ଯେ, ଉତ୍ତର ଓ ଦକ୍ଷିଣ ଭାରତୀୟଙ୍କ ଡିଏନ୍‌ଏରେ କୌଣସି ପାର୍ଥକ୍ୟ ନାହିଁ। ପୁନଶ୍ଚ ୨୦୧୯ରେ ହରିୟାନାର ରାଖିଗଡ଼ିରେ ମିଳିଥିବା ପ୍ରାଚୀନ ମାନବ କଙ୍କାଳର ଗବେଷଣା ହାର୍ଭାର୍ଡ ମେଡିକାଲ ସ୍କୁଲ, ପୁନେର ଡେକାନ୍ କଲେଜ ଅଫ୍ ପୋଷ୍ଟ ଗ୍ରାଜୁଏଟ୍ ଏଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ବୀରବଲ୍ ସାହାଣି ଇନ୍‌ଷ୍ଟିଚ୍ୟୁଟ୍ ଅଫ ପାଲାକୋସାଇନ୍‌ସେସ୍‌ର ବୈଜ୍ଞାନିକମାନଙ୍କ ଦ୍ୱାରା ମିଳିତ ଭାବରେ କରାଯାଇଥିଲା। ଗବେଷଣାର ନେତୃତ୍ୱ ନେଇଥିବା ଡେଭିଡ୍ ରିଚ୍, ଭଗୀଶ ନରସିଂହନ୍, ନିରଜ ରାୟ ମିଳିତ ଭାବରେ ଆର୍ଯ୍ୟ ବୋଲି କୌଣସି ଜାତି କାସ୍ପିଆନ୍ କୂଳ, ଇରାନ ଅଥବା ମଧ୍ୟ ଏସିଆର କୋଉଠୁ ଆସିଥିବା ବହୁ ପ୍ରଚାରିତ ସିଦ୍ଧାନ୍ତକୁ ପ୍ରତ୍ୟାଖ୍ୟାନ କରିଥିଲେ। ତେଣୁ ୟୁରୋପୀୟଙ୍କ ମାନସ ପ୍ରସୂତ ମିଥ୍ୟାତଥ୍ୟ ସମ୍ବଳିତ ସିଦ୍ଧାନ୍ତକୁ ଆଧାର କରି ତାମିଲନାଡୁରେ ସନାତନ ଧର୍ମ ବିରୋଧ କିମ୍ବା ବିଚ୍ଛିନ୍ନତାବାଦର ସ୍ୱର ଶୁଭିବା ଅପରିଣାମଦର୍ଶୀ।

**ବାରୁଣା, କଳିଙ୍ଗା, କେନ୍ଦୁଝର**
**ମୋ: ୯୩୪୮୩୦୭୫୭୧**

# କଟକର ତାରକସି



ବିପିନ ବିହାରୀ ରାଉତ

ନୂଆପାଟଣାର ଖଣ୍ଡୁଆ ପାଟ ଓ ଗୀତ ଗୋବିନ୍ଦ ଶାଢ଼ି, ବରହମପୁର ପାଟ, ବୋମକେଇ ଶାଢ଼ି, କୋଟପାଡ଼ର ପ୍ରାଚୀନ ଜୈବିକ ପଦ୍ଧତି ଅନୁସୃତ ବୟନଶିଳ୍ପ, ସୋନପୁରୀ ଓ ସମ୍ବଲପୁରୀ ବାନ୍ଧକଳା ସହ କଟକର ସୁନା–ରୁପା ତାରକସି କାରିଗରି, ଗଜପତି ଜିଲାର ସିଂହ ନିର୍ମିତ କଳାକୃତି, ପୁରୀ ଓ ଗଞ୍ଜାମ ଜିଲାର ପଟ୍ଟଚିତ୍ର ଓ ପିପିଲିର ଚାନ୍ଦୁଆ ବିଶ୍ୱ ବଜାରରେ ଉତ୍କଳୀୟ କଳା ନୈପୁଣ୍ୟକୁ ଉଜ୍ଜୀବିତ କରି ରଖିବାରେ ସମର୍ଥ ହୋଇଛନ୍ତି।

ନିକଟରେ କଟକର ରୁପା ତାରକସି କାମକୁ ଭାରତ ସରକାର ଜିଆଇ ଟ୍ୟାଗ୍ ମାନ୍ୟତା ବା ଭୌଗୋଳିକ ସୂଚକ ଚିହ୍ନରେ ପଞ୍ଜୀକୃତ କରି ସମଗ୍ର ଓଡ଼ିଆ ଜାତିର ଲୋକଙ୍କ ସହ କଟକିଆଙ୍କ ମନରେ ଅପାର ଆନନ୍ଦ ସୃଷ୍ଟି କରିଛନ୍ତି। ଉତ୍କଳର ଗୌରବାବହ ଅତୀତରେ ଆମ ରାଜ୍ୟର ସାଧବମାନେ ବୋଇତ ଧରି ହସ୍ତକଳା, ଚାରୁଶିଳ୍ପ ଆଦି ଉଚ୍ଚମାନର ପଣ୍ୟଦ୍ରବ୍ୟ ନେଇ ସୁଦୂର ଜାଭା, ସୁମାତ୍ରା, ବାଲି, କାମ୍ବୋଜ ଓ ସଂହଳ ଆଦି ବିସ୍ତୀର୍ଣ୍ଣ ଅଞ୍ଚଳରେ ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ଯେଉଁକଳା ପ୍ରାଚୀନ କାଳରୁ ଦେଶ ବିଦେଶରେ ପ୍ରଶଂସିତ ହୋଇ ଆସୁଥିଲା, ସେହି ଚାନ୍ଦି ତାରକସି କାମକୁ ବହୁ ଦିନର ଦାବି ପୂରଣ କରି ଭାରତ ସରକାର ଯେଉଁ ଭୌଗୋଳିକ ସୂଚକ ମାନ୍ୟତା ପ୍ରଦାନ କରିଛନ୍ତି, ସେଥିପାଇଁ ପ୍ରତ୍ୟେକ ଓଡ଼ିଆ ଉତ୍‌ଫୁଲ୍ଲିତ ଓ ଗର୍ବିତ। ଏହି ଅତୁଳନୀୟ କଳା କୌଶଳରେ ନିର୍ମିତ କୋଣାର୍କ ଚକ୍ର, ମୁକ୍ତେଶ୍ୱର ତୋରଣ, ଶ୍ରୀଜଗନ୍ନାଥ ଚତୁର୍ଦ୍ଧାମୂରତି, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାର ପ୍ରତିକୃତି, ରଥାରୂଢ଼ ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦର ରୂପାୟନ ଆଦି ସାରା ଦେଶ ତଥା ବିଶ୍ୱର କୋଣ ଅନୁକୋଣେ ଓଡ଼ିଆ ପୁଅର କଳାକୃତିର କାହାଣୀ ବଖାଣୁଛି। ତେଣୁ ଓଡ଼ିଶାର ପୁରାତନ ରାଜଧାନୀ କଳା ନୈପୁଣ୍ୟର କୁହୁକ ନଗରୀ କଟକ ଆଜି ପୁଣି ରାଷ୍ଟ୍ରୀୟ ସମ୍ମାନରେ ସୁଶୋଭିତ।

ଏଠାରେ ସୂଚନା ଥାଉ କି ସ୍ୱାଧୀନ ଭାରତରେ ଦେଶର ବିଭିନ୍ନ ସ୍ଥାନରେ ଅନନ୍ୟ କଳା, ଭାସ୍କର୍ଯ୍ୟ ବିଭବର ମାନକୀକରଣ ଓ ସମ୍ମାନ ବର୍ଦ୍ଧନର ପ୍ରକ୍ରିୟା ଆରମ୍ଭ ହୋଇଥିଲା ୧୯୯୯ ମସିହାରେ। ଯାହାଦ୍ୱାରା ବିଭିନ୍ନ ସ୍ଥାନର ଉତ୍କୃଷ୍ଟ କ୍ଷେତ୍ରର ଖାଦ୍ୟ ପଦାର୍ଥ, ହସ୍ତଶିଳ୍ପ, କଳା ଆଦି ଦୃଶ୍ୟମାନ ଓ ଅସ୍ପର୍ଶନୀୟର ଐତିହ୍ୟକୁ ଚିହ୍ନଟ କରି ଏହାର ସଂରକ୍ଷଣ ଓ ସମ୍ପ୍ରସାରଣ ନିମନ୍ତେ ଆବଶ୍ୟକୀୟ ସରକାରୀ ପ୍ରୋତ୍ସାହନର ବ୍ୟବସ୍ଥା ରଖାଗଲା। କେନ୍ଦ୍ର ସରକାର ୧୯୯୯ରେ ଏ ସଂକ୍ରାନ୍ତରେ ଆଇନ ଆଣିବା ପରେ ୨୦୦୩ ସେପ୍ଟେମ୍ବରରେ ଏହା କାର୍ଯ୍ୟକାରୀ ଦିଗରେ ଆଗେଇଥିଲା। ଭୌଗୋଳିକ ସୂଚକ ଚିହ୍ନିତ କଳା ଓ ହସ୍ତଶିଳ୍ପ ସାମଗ୍ରୀ ଆଦିର ଆଇନ ଅନୁସାରେ



ପଞ୍ଜୀକରଣ କରାଗଲା। ଚେନ୍ନାଇଠାରେ କେନ୍ଦ୍ର ସରକାରଙ୍କ ଅଧୀନରେ ଏକ ପଞ୍ଜୀକରଣ କାର୍ଯ୍ୟକ୍ରମ ଜାରି ରହିଲା। ଅନେକେ ହୁଏତ ଜାଣି ନ ଥିବେ ପ୍ରଥମ ଉତ୍ପାଦ ଭାବେ ୨୦୦୪ ମସିହାରେ ଦାର୍ଜିଲିଂ ଚା କୁ ଜିଆଇ ମାନ୍ୟତା ଦିଆଗଲା। ଏଯାବତ୍ ଭାରତର ବିଭିନ୍ନ ଅଞ୍ଚଳର ୫୦୦ ଉତ୍ପାଦ ଜିଆଇ ତାଲିକାରେ ଅନ୍ତର୍ଭୁକ୍ତ ହେବା ସହ ସେଥିରୁ ଓଡ଼ିଶାର ୨୬ଟି ଉତ୍ପାଦ ରହିଛି।

କଟକର ପ୍ରସିଦ୍ଧ ରୁପା ତାରକସି ଶିଳ୍ପକୁ ଏହି ଗୌରବ ଓ ସମ୍ମାନ ମିଳିବା ସମୟରେ ଏହାର ପଛରେ ମନେପଡ଼ନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାର୍ଘ ସାଧନା, ତ୍ୟାଗ ଓ ସେବା। ଏହି ଶିଳ୍ପକୁ ପୁନରୁଦ୍ଧାର ଓ ସମ୍ପ୍ରସାରଣ କରିବା ପାଇଁ ତାଙ୍କ ଦୃଢ଼ ସଂକଳ୍ପ ଓ ଆବେଗ ରହିଥିଲା। ୧୮୯୭ ମସିହାରେ କଟକ ଓ ସ୍ଥାନୀୟ ଅଞ୍ଚଳର ପାଖାପାଖି ୧୫୦ଜଣ ହସ୍ତକାରିଗରି ତାରକସି ଶିଳ୍ପୀଙ୍କୁ କଟକସ୍ଥିତ ନିଜ ବାସଭବନରେ ଓଡ଼ିଆ ଆର୍ଟ ୱେୟାରସ୍ ନାମକ କର୍ମଶାଳା ଆୟୋଜନ କରି ସେମାନଙ୍କୁ ସେଥିରେ ସାମିଲ କରିବା ସହ ସେମାନଙ୍କ ଦ୍ୱାରା ସୁନା, ରୁପା ତାରକସିର ବିଭିନ୍ନ ଆକର୍ଷଣୀୟ ହସ୍ତ ପ୍ରସ୍ତୁତ ଉତ୍ପାଦମାନ ତିଆରି କରୁଥିଲେ। କେବଳ ସେତିକି ନୁହେଁ ଏହି ଶିଳ୍ପମାନଙ୍କୁ ଉତ୍ସାହ, ପ୍ରୋତ୍ସାହନ, ପୃଷ୍ଠପୋଷକତା ସହ ସେମାନେ ଆର୍ଥିକ କ୍ଷେତ୍ରରେ କିପରି ଲାଭବାନ ହୋଇ ସଶକ୍ତ ହୋଇପାରିବେ ଓ ଦେଶ ବିଦେଶରେ ବିଭିନ୍ନ ହସ୍ତଶିଳ୍ପ ପ୍ରଦର୍ଶନୀରେ ସାମିଲ ହୋଇ ଓଡ଼ିଶାର ନାମକୁ ବଢ଼ାଇ ପାରିବେ ସେହି କାର୍ଯ୍ୟ କରୁଥିଲେ। ସେ ସମୟରେ ତତ୍କାଳୀନ ଇଂରେଜ ସରକାର ଓ ଭାରତର ବିଭିନ୍ନ ସ୍ଥାନରେ ଥିବା ଉଚ୍ଚ ନେତୃତ୍ୱ ସମ୍ପନ୍ନ ତଥା ଧନାଢ୍ୟ ବ୍ୟକ୍ତିମାନଙ୍କୁ ଏହି ସୁନା, ଚାନ୍ଦି, ତାରକସିର ଅଦ୍ଭୁତ ଆକର୍ଷଣୀୟ ପ୍ରତିକୃତି ପ୍ରଦାନ କରି ଓଡ଼ିଶାର ଏହି ଅମୂଲ୍ୟ ହସ୍ତଶିଳ୍ପକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ଆପ୍ରାଣ ଉଦ୍ୟମ କରିଥିଲେ।

କଟକ ସହର ବାଉନ ବଜାର ତେପନ ଗଳିକୁ ନେଇ ବେଶ ସମୃଦ୍ଧ ଓ ଗୌରବାନ୍ୱିତ। ଆଜି ବି ଅନେକ ତାରକସି ଶିଳ୍ପ କାରିଗରମାନେ ନିଜ କଳାକୃତିକୁ ବଢ଼ାଇବା ସହ ଆର୍ଥିକ ଭାବରେ ମଜଭୁତ ହୋଇପାରିଛନ୍ତି। ଏ କ୍ଷେତ୍ରରେ ରାଜ୍ୟ ସରକାର ସେମାନଙ୍କୁ ନିୟମିତ ଭାବେ ବିଭିନ୍ନ ପ୍ରୋତ୍ସାହନ ଓ ସହାୟତା ମଧ୍ୟ ପ୍ରଦାନ କରୁଛନ୍ତି। ଉତ୍କଳୀୟ ହସ୍ତଶିଳ୍ପର ପ୍ରାଚୀନ ଐତିହ୍ୟ ତଥା ଏଯାବତ୍ ଜୀବନ୍ତ ପରମ୍ପରାକୁ ସମ୍ମାନ ଦେଇ ଏଭଳି ଏକ ଉଦ୍ୟମ କରାଗଲେ ଆମ ରାଜ୍ୟର ସୁଦକ୍ଷ କାରିଗରଙ୍କ କଳା ନୈପୁଣ୍ୟକୁ ସମ୍ପୂର୍ଣ୍ଣ ମାନ୍ୟତା ମିଳିବା ସହ କର୍ମ ସଂସ୍ଥାନ ସୃଷ୍ଟି ହେବ ଏବଂ ଓଡ଼ିଶାର ହଜାର ବର୍ଷର ସହର କଟକର ଭିନ୍ନ ଏକ ହସ୍ତକଳା ନୈପୁଣ୍ୟ ବିଶ୍ୱ ଦରବାରରେ ପହଞ୍ଚିବାରେ ସମର୍ଥ ମଧ୍ୟ ହୋଇପାରିବ।

**ଶ୍ରୀବିହାର କଲୋନୀ, କଟକ**
**ମୋ: ୯୪୩୭୬୬୬୪୫୩**

## ଏଇ ଭାରତରେ

ଆଗାମୀ ଜଳ ସଙ୍କଟ ଏକ ଭୟାବହ ସ୍ଥିତି ସୃଷ୍ଟି କରିବ ବୋଲି ଏବକାର ବେଙ୍ଗାଲୁରୁ ଜଳାଭାବ ସ୍ଥିତି ସମସ୍ତଙ୍କୁ ଚେତାଇ ଦେଇଛି। ବେଙ୍ଗାଲୁରୁରେ ପାଣି ପାଇଁ ଟ୍ୟାଙ୍କର ଉପରେ ଲୋକେ ନିର୍ଭର କରୁଛନ୍ତି। କିନ୍ତୁ ସହରର ଗୁରୁକୃପା ଆପାର୍ଟମେଣ୍ଟର ଜଳ ପରିଚାଳନା ଏଭଳି ସଙ୍କଟ ଦୂର କରିବାର ବାଟ ଦେଖାଇଛି। ଏହି ଆପାର୍ଟମେଣ୍ଟରେ ପରିବାରଗୁଡ଼ିକ ପାଇଁ ବର୍ଷାଜଳ ସଂରକ୍ଷଣ ପଦ୍ଧତି(ଆର୍‌ଡବ୍ଲ୍ୟୁଏଚ୍) ଆଶୀର୍ବାଦ ହୋଇପାରିଛି। ଆର୍‌ଡବ୍ଲ୍ୟୁଏଚ୍‌ରେ ବର୍ଷାଜଳ ସଂଗ୍ରହ କରି ସେମାନେ ବ୍ୟବହାର କରୁଛନ୍ତି। ଏହି ପଦ୍ଧତି ଆରମ୍ଭ କରିଥିଲେ ଗଣେଶ ସନ୍‌ଭାଗ। ପାଇପଠାରୁ ଆରମ୍ଭକରି ଫିଲ୍‌ଟର ଯାଏ ମୋଟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ଏହି କାର୍ଯ୍ୟ ପାଇଁ ସେ କୌଣସି ଦେୟ ଦାବି କରୁନାହାନ୍ତି। ଆର୍‌ଡବ୍ଲ୍ୟୁଏଚ୍‌ରେ ୫୦,୦୦୦ ଲିଟର ଜଳ ରହିବା ଭଳି ୪ଟି ଟାଙ୍କି ନିର୍ମାଣ କରାଯାଉଛି ଓ ବଳକା ପାଣିକୁ ସକ୍‌ପିଟ୍‌କୁ ଛାଡ଼ିଦିଆଯାଉଛି। ଫଳରେ ଭୂତଳ ଜଳସ୍ତର ମଧ୍ୟ ବୃଦ୍ଧି ପାଇବାରେ ଏହା ସାହାଯ୍ୟ କରୁଛି। ଏବେ ବେଙ୍ଗାଲୁରୁରେ ୨୦୦ରୁ ଅଧିକ ଆପାର୍ଟମେଣ୍ଟ ସନ୍‌ଭାଗଙ୍କ ବର୍ଷାଜଳ ସଂରକ୍ଷଣ ବ୍ୟବସ୍ଥା ଆପଣାଇଛି। ଏହି ପଦ୍ଧତି ଯୋଗୁ ଟ୍ୟାଙ୍କର ଉପରେ ନିର୍ଭରଶୀଳତା ହ୍ରାସ ପାଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୧୬ ମାର୍ଚ୍ଚ ୧୯୭୫

- କୁଆଲାଲାମପୁରଠାରେ ଅନୁଷ୍ଠିତ ତୃତୀୟ ବିଶ୍ୱକପ୍ ହକି ପ୍ରତିଯୋଗିତାରେ ପାକିସ୍ତାନକୁ ୨–୧ ଗୋଲ୍‌ରେ ହରାଇ ଭାରତ ଚାମ୍ପିୟନ।
- ଆଲିପୁର ଚିଡ଼ିଆଖାନା କର୍ତ୍ତୃପକ୍ଷ ଖୋରାକ ଯୋଗାଇ ନ ପାରି ହାତୀ ବିକ୍ରି କରିଦେବାକୁ ସ୍ଥିର କରିଛନ୍ତି।
- ଆଫଗାନିସ୍ତାନ ଓ ବାଂଲାଦେଶ ମଧ୍ୟରେ ଏକ ସାଂସ୍କୃତିକ ରାଜିନାମା ସ୍ୱାକ୍ଷରିତ।

## ଚିରନ୍ତନୀ

ପଥପରେ ଶତ ମାନବର ଶିଶୁ ଦେଖାଏ କାନି
ଅକାଳେ ଝାଉଁଳି ପଡ଼ଇ କେତେରେ ଜୀବନ–ଲତା !
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ ଶିମୁଳିପାଳ !
–(ପାସୋରି ଦେଲିରେ ଶିମୁଳିପାଳ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku  ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 9 | | | | 6 | 5 |
| | 8 | 6 | | | | 3 | 9 | |
| 2 | | | | | | | 4 | |
| | | | | | | 9 | 5 | 8 |
| | | | 5 | | 9 | | | |
| | 3 | | | | | 4 | | |
| | | 9 | 6 | | 3 | | | |
| | 7 | 3 | | 8 | | | | |
| | | | 4 | | 1 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 9 | 3 | 5 | 1 | 7 | 8 | 2 | 4 |
| 1 | 2 | 8 | 9 | 3 | 4 | 6 | 7 | 5 |
| 4 | 7 | 5 | 6 | 8 | 2 | 9 | 3 | 1 |
| 9 | 8 | 4 | 1 | 7 | 5 | 3 | 6 | 2 |
| 5 | 3 | 7 | 8 | 2 | 6 | 4 | 1 | 9 |
| 2 | 6 | 1 | 4 | 9 | 3 | 7 | 5 | 8 |
| 3 | 4 | 2 | 7 | 5 | 9 | 1 | 8 | 6 |
| 7 | 1 | 9 | 2 | 6 | 8 | 5 | 4 | 3 |
| 8 | 5 | 6 | 3 | 4 | 1 | 2 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଡ୍ରାଇଭିଂ ଟ୍ରେନିଂ ନିୟମ ମାନୁନାହାନ୍ତି

ମହାଶୟ,

ଚାରିଚକିଆ ଯାନ ଡ୍ରାଇଭିଂ ଟ୍ରେନିଂ ଯୋଗୁ କଟକରେ ଦୁର୍ଘଟଣା ବଢୁଛି। ଟ୍ରେନିଂ ନିୟମକୁ ପ୍ରାୟ ସଂସ୍ଥା ମାନୁନାହାନ୍ତି। ଏଥିପ୍ରତି ପରିବହନ ବିଭାଗର ବି ନଜର ନାହିଁ। ଟ୍ରେନିଂ ଦେଉଥିବା ସଂସ୍ଥା ଆର୍‌ଟିଓ ଅଫିସ୍‌ରୁ ଲାଇସେନ୍ସ ପାଇ ସାରିବା ପରେ ଡ୍ରାଇଭିଂ ଶିଖିବାକୁ ଆସୁଥିବା ଲୋକଙ୍କୁ ପ୍ରଥମେ ନିଜ ସଂସ୍ଥାରେ ଥିଓରି ତାଲିମ ଦେଇଥାନ୍ତି। ପ୍ରାକ୍ଟିକାଲ ତାଲିମ ପାଇଁ ସଂସ୍ଥା ନିଜର ବିସ୍ତୀର୍ଣ୍ଣ ପଡ଼ିଆରେ ଟ୍ରାକ ତିଆରି କରି ତାଲିମ ଦେବା କଥା। ମାତ୍ର ଅଧିକାଂଶ ସଂସ୍ଥାର ପଡ଼ିଆ ନାହିଁ। ଏହି ସଂସ୍ଥାଗୁଡ଼ିକ ବିପୁଳ ପରିମାଣର ଟଙ୍କା ଲୋକଙ୍କ ଠାରୁ ନେଇ ଜନଗହଳିପୂର୍ଣ୍ଣ ରାସ୍ତାରେ ତାଲିମ ଦେଉଛନ୍ତି। ଏହାଦ୍ୱାରା ପଥଚାରୀ ତଥା ସ୍କୁଲ, କଲେଜ ପିଲାମାନଙ୍କ ପାଇଁ ଅସୁବିଧା ହେଉଛି। ଯଦିଓ ଏହି ଗାଡ଼ିରେ ତାଲିମ୍‌ଦାତା ଏବଂ ଶିଖୁଥିବା ବ୍ୟକ୍ତିଙ୍କ ପାଖରେ ଦୁଇଟି ବ୍ରେକ ରହିବା କଥା କିନ୍ତୁ ଅଧିକାଂଶ ଗାଡ଼ିରେ ଏ ପ୍ରକାର ବ୍ୟବସ୍ଥା ନାହିଁ। ଏଣୁ ଏହି ଅନଭିଜ୍ଞ ଚାଳକମାନେ ହଠାତ୍ ବ୍ରେକ୍ ମାରିବା ଫଳରେ ପଛରୁ ଆସୁଥିବା ଗାଡ଼ି ପିଟିହୋଇ ଦୁର୍ଘଟଣା ଘଟୁଛି। ଡ୍ରାଇଭିଂ ସଂସ୍ଥାଗୁଡ଼ିକ ତାଲିମ ଦେବା ପାଇଁ ଉପଯୁକ୍ତ ସ୍ଥାନ ନିରୁପଣ କରିସାରିବା ପରେ ହିଁ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରାଯାଉ। ଯଦି ଲାଇସେନ୍ସ ନେଇ ଗହଳି ସ୍ଥାନରେ କେହି ତାଲିମ ଦେଉଛନ୍ତି ତେବେ ସେମାନଙ୍କବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଜରୁରୀ।

**–ସୌମ୍ୟ ସାଇ ସିଦ୍ଧାର୍ଥ, ସିଡିଏ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ଓଡ଼ିଶାର ଗ୍ରାହକ ଆଧୁନିକ ଜ୍ଞାନକୌଶଳରେ ପାରଙ୍ଗମ’



ବିଜୟ ଦୁଗାର

ଯୁବ ଉଦ୍ୟୋଗୀ ବିଜୟ ଦୁଗାର କୋଲକାତାରେ ଜନ୍ମଗ୍ରହଣ କରିଥିବାବେଳେ ୨୦୦୨ରେ ସେଣ୍ଟ ଜାଭିୟର୍ କଲେଜରୁ ବାଣିଜ୍ୟରେ ଡିଗ୍ରୀ ହାସଲ କରିଥିଲେ। ୨୦୦୩ରେ ସେ ଉଦ୍ୟୋଗ ଜଗତରେ ପାଦ ଥାପିଥିଲେ। ଏକାଧିକ ମଲ୍ଟିନ୍ୟାଶନାଲ ବ୍ରାଣ୍ଡ ଷ୍ଟୋରରେ ନିଜର କାର୍ଯ୍ୟଦକ୍ଷତା ଦେଖାଇଥିଲେ। ପୂର୍ବଭାରତର ଗ୍ରାହକଙ୍କୁ ପ୍ରିମିୟମ୍ ଆପଲ୍ ଉତ୍ପାଦ ଯୋଗାଇଦେବା ଲକ୍ଷ୍ୟରେ ସେ ଆଇଡେଷ୍ଟିନି ପ୍ରତିଷ୍ଠା କରିଥିଲେ। ବିହାର ଓ ଝାଡ଼ଖଣ୍ଡରେ ମାତ୍ର ୩ଟି ଷ୍ଟୋରରୁ ଏହି ଯାତ୍ରା ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ପୂର୍ବ ଭାରତରେ ୨୦ ଆପଲ୍ ଷ୍ଟୋର ଏବଂ ୫ଟି ସ୍ୱୀକୃତିପ୍ରାପ୍ତ ସର୍ଭିସ୍ ସେଣ୍ଟର୍ ରହିଛି। ୨୦୧୯ରେ ଭୁବନେଶ୍ୱର ଏସ୍ପ୍ଲାନେଡ୍‌ରେ ଆପଲ୍ ପ୍ରିମିୟମ୍ ରିସେଲର ଖୋଲାଯାଇଥିଲା। ନିକଟରେ କୋଲକାତାରେ ୪ ହଜାର ବର୍ଗଫୁଟ୍ ଜମିରେ ସର୍ବବୃହତ୍ ଷ୍ଟୋର ପ୍ରତିଷ୍ଠା କରି ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଯୁବ ଉଦ୍ୟୋଗୀ ଦୁଗାରଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ...

**ପ୍ର– ଓଡ଼ିଶା ବଜାରରେ ପ୍ରିମିୟମ୍ ଫୋନ୍‌ର କିପରି ଚାହିଦା ରହିଛି?**

ଉ–ପ୍ରିମିୟମ୍ ସ୍ମାର୍ଟ ଫୋନ୍ କ୍ଷେତ୍ରରେ ଓଡ଼ିଶା ବହୁତ ଆଗରେ ରହିଛି। ଏଠାରେ ଗ୍ରାହକମାନେ ଅତ୍ୟାଧୁନିକ ଗ୍ୟାଜେଟ୍‌ର ବୈଶିଷ୍ଟ୍ୟ, ଜ୍ଞାନକୌଶଳରେ ବେଶ୍ ପାରଙ୍ଗମ। ବିଶେଷକରି ଆପଲ୍ ଉତ୍ପାଦଗୁଡ଼ିକ ପ୍ରତି ଆଗ୍ରହ ଦେଖିବାକୁ ମିଳୁଛି, ଯାହା ରାଜ୍ୟରେ ଉଚ୍ଚମାନର ବ୍ରାଣ୍ଡର ଚାହିଦା ବଢ଼ାଉଛି।

**ପ୍ର– ଦେଶରେ ରେକର୍ଡ ସଂଖ୍ୟକ ଆଇଫୋନ୍ ବିକ୍ରି ହେଉଥିବାବେଳେ ଓଡ଼ିଶାରେ କିପରି ସ୍ଥିତି ରହିଛି?**

ଉ– ନିଶ୍ଚିତ ଭାବରେ ଦେଶରେ ଆଖିଦୃଶିଆ ଭାବେ ଆପଲ୍ ଉତ୍ପାଦ ବିକ୍ରି ହେବାରେ ଲାଗିଛି। ଓଡ଼ିଶା ଏଥିରୁ ବାଦ୍ ପଡ଼ିନାହିଁ। ପ୍ରତିବର୍ଷ ଲଗାତର ଭାବେ ଗ୍ରାହକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଓଡ଼ିଶାରେ ପ୍ରଥମେ କେବଳ ଏସ୍ପ୍ଲାନେଡ୍‌ରେ ଗୋଟିଏ ଷ୍ଟୋର ଖୋଲାଯାଇଥିଲା। ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି ୫ ବର୍ଷ ମଧ୍ୟରେ ଶହୀଦନଗର ଓ ପଟିଆରେ ଆଉ ୨ଟି ଷ୍ଟୋର ଖୋଲାଯାଇଛି। କ୍ରେଡିଟ୍ କାର୍ଡ ମାଧ୍ୟମରେ ଇଏମ୍ଆଇ ତଥା ଋଣ ସୁବିଧା ପ୍ରଦାନ କରାଯାଉଥିବାରୁ ଗ୍ରାହକ ଏଥିପ୍ରତି ବିଶେଷ ଭାବେ ଆକୃଷ୍ଟ ହେଉଛନ୍ତି।

**ପ୍ର– ଇ–କମର୍ସ ପ୍ଲାଟ୍‌ଫର୍ମ ବ୍ୟବସାୟକୁ ପ୍ରଭାବିତ କରୁଛି କି?**

ଉ– ଇ–କମର୍ସ ହେଉ ବା ନିକଟବର୍ତ୍ତୀ ଷ୍ଟୋର ସମସ୍ତଙ୍କର ନିଜ ନିଜର ଗ୍ରାହକ ବେସ୍ ରହିଛି। ମାତ୍ର ଆପଲ୍ ଉତ୍ପାଦ କଥା ଆସିଲେ ଗ୍ରାହକ ବ୍ୟକ୍ତିଗତ ଭାବେ ଷ୍ଟୋରକୁ ଆସି କିଣିବାକୁ ପସନ୍ଦ କରନ୍ତି। ଷ୍ଟୋରକୁ ଆସୁଥିବା ଗ୍ରାହକ ଏହାକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରିବା ପରେ କିଣିବା ସୁଯୋଗ ପାଇଥାନ୍ତି, ଯାହାକି ଅନ୍‌ଲାଇନ୍‌ରେ ସମ୍ଭବ ନୁହେଁ। ତେଣୁ ଇ–କମର୍ସ ପ୍ଲାଟ୍‌ଫର୍ମ ଆମ ବ୍ୟବସାୟକୁ ପ୍ରଭାବିତ କଲାଭଳି ମନେ ହୁଏନାହିଁ। ତେବେ ଷ୍ଟୋରରେ ଉତ୍ପାଦଗୁଡ଼ିକର ଦାମ୍ ଅଧିକ ବୋଲି ଲୋକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି। ମାତ୍ର ଏହା ସତ୍ୟ ନୁହେଁ, ଆମ ଷ୍ଟୋରରେ ଅପେକ୍ଷାକୃତ କମ୍ ଦରରେ ଉତ୍ପାଦ ଉପଲବ୍ଧ ହୋଇଥାଏ।

**ପ୍ର– ଆଗକୁ କ’ଣ ଯୋଜନା ରହିଛି?**

ଉ– ଓଡ଼ିଶାରେ ବ୍ୟବସାୟ ବଢ଼ାଇବାକୁ ଚେଷ୍ଟା କରୁଛୁ। ଗ୍ରାହକମାନେ ନିଜ ନିଜ ଅଞ୍ଚଳରେ ସହଜରେ କିପରି ଆପଲ୍ ଉତ୍ପାଦ ପାଇପାରିବେ ସେନେଇ ଯୋଜନା ରହିଛି। ୨୦୨୪ରେ ବହୁ ଯୋଜନାକୁ ରୂପରେଖ ଦିଆଯିବ। କେବଳ ବଡ଼ ବଡ଼ ସହର ନୁହେଁ, ଛୋଟ ସହରରେ ମଧ୍ୟ ଗ୍ରାହକ ହାତପାହାନ୍ତାରେ ପ୍ରିମିୟମ୍ ଉତ୍ପାଦ ପାଇପାରିବେ।

**ପ୍ର– ଆପଣଙ୍କ ସଫଳତାର ମନ୍ତ୍ର କ’ଣ?**

ଉ– ଜଣେ ଉଦ୍ୟୋଗୀ ଭାବେ ମୁଁ ଏତିକି ଶିଖିଛି ଯେ, ସବୁବେଳେ ଅତୀତର ଆରାମଦାୟକ ଜୀବନ ତ୍ୟାଗକରି ନୂଆ ନୂଆ ଆହ୍ୱାନକୁ ସାମ୍ନା କରିବା ଦ୍ୱାରା ସଫଳତା ମିଳିଥାଏ। ଗୋଟେ ସମୟ ଥିଲା, ଯେତେବେଳେ ମୁଁ ମୋ ଆଖପାଖ ଅଞ୍ଚଳକୁ ବାଦ୍ ଦେଲେ ବାହାର ଦୁନିଆକୁ ଦେଖୁ ନ ଥିଲି। ପରେ ବ୍ୟବସାୟିକ ଅଭିବୃଦ୍ଧି ପାଇଁ ନୂଆ ନୂଆ ବାଟରେ ପାଦ ରଖିଲି। ତେବେ ଡ୍ରିମ୍ ୱାର୍କ(ସ୍ୱପ୍ନ) ପୂରଣ ପାଇଁ ଟିମ୍ ୱାର୍କ (ଏକତ୍ର କାର୍ଯ୍ୟ କରିବା) ଜରୁରୀ। ତେଣୁ ଯୁବ ଉଦ୍ୟୋଗୀମାନେ ଏଥିପ୍ରତି ଧ୍ୟାନଦେବା ଉଚିତ।

# ଭୁବନେଶ୍ୱରକୁ ଏୟାରଲିଫ୍ଟ ହେଲେ ପ୍ରସନ୍ନ

**ଦୁର୍ଘଟଣାରେ ଗୁରୁତର ହୋଇଥିଲେ**

ସମ୍ବଲପୁର/ରେଢ଼ାଖୋଲ/ଭୁବନେଶ୍ୱର,୧୫।୩ (ପ୍ରମୋଦ ବହିଦାର/ଅଚ୍ୟୁତାନନ୍ଦ ପୁରୋହିତ/ଅନିଲ ଦାସ)

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡି ନେତା ପ୍ରସନ୍ନ ଆଚାର୍ଯ୍ୟ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ସମ୍ବଲପୁରରୁ ଏୟାର ଆମ୍ବୁଲାନ୍ସ ଯୋଗେ ଶୁକ୍ରବାର ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ନବୀନ ନିବାସରେ ଦଳୀୟ ବୈଠକରେ ଯୋଗଦେଇ ପ୍ରସନ୍ନ ଗୁରୁବାର ସନ୍ଧ୍ୟାରେ ୫୫ ନଂ. ଜାତୀୟ ରାଜପଥରେ ବରଗଡ଼ ଅଭିମୁଖେ ବାହାରିଥିଲେ। ବିଳମ୍ବିତ ରାତିରେ ସେ ରେଢ଼ାଖୋଲରେ ପହଞ୍ଚିବା ପୂର୍ବରୁ ଲୁହାପଙ୍କ ବେଲଡିହିଠାରେ ତାଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏକ ଗ୍ୟାସ୍ ଟ୍ୟାଙ୍କର (ଏମ୍‌ପି୦୯ଏଚ୍‌ଜେ–୭୪୫୧) ସହ ତାଙ୍କ ଇନୋଭା କାର୍ (ଓଡି୧୭ୱାଇ–୧୨୩୪) ଧକ୍କା ହୋଇଥିଲା। ଫଳରେ ପ୍ରସନ୍ନଙ୍କ ସହ ତାଙ୍କ ପିଏସ୍‌ଓ ରାଘବ ପ୍ରଧାନ ଗୁରୁତର ହୋଇଥିବା ବେଳେ ଡ୍ରାଇଭର ଅବଦୁଲ ସାମାନ୍ୟ ଆହତ ହୋଇଛନ୍ତି। ଏହି ସମୟରେ ବରଗଡରୁ ଭୁବନେଶ୍ୱର ଯାଉଥିବା ଏକ ଘରୋଇ ବସ୍ ଡ୍ରାଇଭର ରେଢାଖୋଲର ବାପୁନ ମିଶ୍ର ଓ ଅନ୍ୟ ସହଯୋଗୀ ଆମ୍ବୁଲାନ୍ସ ଡକାଇ ପ୍ରସନ୍ନଙ୍କୁ ରେଢାଖୋଲ ଡାକ୍ତରଖାନା ପଠାଇଥିଲେ। ଏହାସହ ଅନୁଗୋଳ ପଟୁ ଆସୁଥିବା ଅନ୍ୟ ଏକ ଆମ୍ବୁଲାନ୍ସରେ ପିଏସ୍‌ଓ ରାଘବଙ୍କୁ ଡାକ୍ତରଖାନା ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ସମ୍ବଲପୁରର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଦୁର୍ଘଟଣାରେ ପ୍ରସନ୍ନଙ୍କ ମୁହଁ, ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ପିଏସ୍‌ଓଙ୍କ ଗୋଡ଼ ଭାଙ୍ଗିଛି। ପ୍ରସନ୍ନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ଚିକିତ୍ସାଳୟ କର୍ତ୍ତୃପକ୍ଷ ସୂଚନା ଦେଇଥିଲେ। ମାତ୍ର ଉତ୍ତମ ଚିକିତ୍ସା ପାଇଁ ତାଙ୍କୁ ଏୟାର ଆମ୍ବୁଲାନ୍ସରେ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟକୁ ନିଆଯାଇଛି। ଡାକ୍ତରଙ୍କ ଏକ ଟିମ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି। ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡିଛି। ଭୁବନେଶ୍ୱର ବିମାନ ବନ୍ଦରରୁ ପ୍ରସନ୍ନଙ୍କୁ ହସ୍ପିଟାଲ ନେବା ପାଇଁ ପ୍ରଶାସନ ପକ୍ଷରୁ ଗ୍ରୀନ୍ କରିଡର ପ୍ରସ୍ତୁତ କରାଯାଇଥିଲା।



ସମ୍ବଲପୁରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ପ୍ରସନ୍ନ ଆଚାର୍ଯ୍ୟ।

ଦୁର୍ଘଟଣା ଖବର ପାଇ ତାଙ୍କ ପରିବାର ପରିଜନଙ୍କ ସମେତ ରେଢ଼ାଖୋଲ ବିଧାୟକ ତଥା ବିଜେଡି ଜିଲା ସଭାପତି ରୋହିତ ପୂଜାରୀ, ପୂର୍ବତନ ସାଂସଦ ପ୍ରମିଳା ବହିଦାର, ରେଙ୍ଗାଲି ବିଧାୟକ ନାଉରି ନାୟକ, ଆର୍‌ଡିସି ଶ୍ରୀକାନ୍ତ ପ୍ରୁଷ୍ଟି, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆଇଜି ହିମାଂଶୁ ଲାଲ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, କାଳିଆ ଉପଦେଷ୍ଟା ସଞ୍ଜୟ ବାବୁ, ସମ୍ବଲପୁର ବିଧାନସଭା ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସ, ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ସମ୍ପାଦକ ମନୋଜ ମହାପାତ୍ର, ଲକ୍ଷ୍ମୀ ମହାପାତ୍ର, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଚିକିତ୍ସାଳୟରେ ତାଙ୍କୁ ସାକ୍ଷାତକରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଦ୍ରୁତ ଆରୋଗ୍ୟ କାମନା କରିଥିଲେ।

ରେଢ଼ାଖୋଲ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟ୍ୟାଙ୍କର ଓ କାର୍‌କୁ ଜବତକରିବା ସହ ଟ୍ୟାଙ୍କର ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସମ୍ବଲପୁର ଆରକ୍ଷୀ ଅଧୀକ୍ଷକ ଭାମୁ କହିଛନ୍ତି, ଦୁର୍ଘଟଣାରେ ଆହତ ପ୍ରସନ୍ନ ଓ ତାଙ୍କ ପିଏସ୍‌ଓ ବର୍ତ୍ତମାନ ସୁସ୍ଥ ଅଛନ୍ତି। ଦୁଇ ଗାଡ଼ିକୁ ଜବତ କରାଯିବା ସହ ରେଢ଼ାଖୋଲ ଥାନାରେ ଟ୍ୟାଙ୍କର ଚାଳକଙ୍କୁ ଅଟକ ରଖାଯାଇଛି। ଏହାସହ ପୋଲିସ ଘଟଣାର ତଦନ୍ତ କରୁଛି ବୋଲି ସେ କହିଛନ୍ତି। ସେହିପରି ଜିଲାପାଳ ଅଗ୍ରୱାଲ ଦୁର୍ଘଟଣାର ନିରପେକ୍ଷ ତଦନ୍ତ କରାଯିବ ବୋଲି କହିଛନ୍ତି।

# ୫–ଟି ଅଧ୍ୟକ୍ଷଙ୍କୁ ଭେଟିଲେ ୨୧ ସଙ୍ଗଠନ ପ୍ରତିନିଧି

**ସଶକ୍ତ ଓଡ଼ିଶା ଗଠନରେ ସହଯୋଗ କରିବାକୁ ପାଣ୍ଡିଆନଙ୍କ ପରାମର୍ଶ**

ଭୁବନେଶ୍ୱର,୧୫।୩(ଅନିଲ ଦାସ)

ବିଭିନ୍ନ ଦାବି ପୂରଣ ହୋଇଥିବାରୁ ନୂଆ ଏନ୍‌ଏସି, ୩ ମହାନଗର ନିଗମର ନିର୍ବାଚିତ ପ୍ରତିନିଧି, ପାଉଡ଼ି ଭୂୟାଁ କମ୍ୟୁନିଟି ଏବଂ ବିଜୁ ଶ୍ରମିକ ସାମ୍ମୁଖ୍ୟ ସମେତ ୨୧ଟି ସଙ୍ଗଠନର ପ୍ରତିନିଧିମାନେ ଶୁକ୍ରବାର ୫–ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ନବୀନ ନିବାସଠାରେ ସାକ୍ଷାତ କରି କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ୫–ଟି ଅଧ୍ୟକ୍ଷଙ୍କୁ ନିଜର କୃତଜ୍ଞତା ଜଣାଇ ପ୍ରତିନିଧିମାନେ କହିଛନ୍ତି ଯେ ରାଜ୍ୟର ବୃହତ୍ତର ଲକ୍ଷ୍ୟ ହାସଲ କରିବା ପାଇଁ ରୂପାନ୍ତରଣ ପଦକ୍ଷେପ ଦ୍ୱାରା ପ୍ରୋତ୍ସାହିତ ହୋଇ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିବେ। ସମସ୍ତ ସଙ୍ଗଠନ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଦେବା ସହ ୫–ଟି ଅଧ୍ୟକ୍ଷ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କର ଭିଜନ ହେଉଛି ନୂଆ ଓ ସଶକ୍ତ ଓଡ଼ିଶା ଗଠନ। ଏହାକୁ ସଫଳ କରିବା ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଏଠାରେ ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ୫–ଟି ଅଧ୍ୟକ୍ଷ ରୂପାନ୍ତରଣ ପ୍ରଶାସନକୁ ଆଗେଇ ନେଉଛନ୍ତି। ନୂଆ ଓଡ଼ିଶା ପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନକୁ ପ୍ରୋତ୍ସାହିତ କରିଛନ୍ତି। ବିଜୁ ଶ୍ରମିକ ସାମ୍ମୁଖ୍ୟ ସର୍ବନିମ୍ନ ମଜୁରି ବୃଦ୍ଧି ପାଇଥିବାରୁ ଧନ୍ୟବାଦ ଦେଇଛି। ଦେବଗଡ଼ ଜିଲାର ପାଉଡି ଭୂୟାଁ ସମୁଦାୟ ୫–ଟି ଅଧ୍ୟକ୍ଷଙ୍କୁ ଭେଟି କୃତଜ୍ଞତା ଜଣାଇଛନ୍ତି। ଦେବଗଡ଼ ଜିଲାର ୩୨ଟି ଗାଁର ପାଉଡ଼ି ଭୂୟାଁ ସମୁଦାୟଙ୍କୁ ରାଜ୍ୟ ସରକାର ଜଙ୍ଗଲ ଅଧିକାର ଆଇନ ବଳରେ ବସବାସ ଅଧିକାର ପ୍ରଦାନ କରିଛନ୍ତି। ଦେବଗଡ଼ର ପାଉଡ଼ି ଭୂୟାଁ ସମୁଦାୟ ସମେତ ସୁବାସ ସିଂଙ୍କ ନେତୃତ୍ୱରେ ବିଜୁ ଶ୍ରମିକ ସାମ୍ମୁଖ୍ୟ, ଅତନୁ ସବ୍ୟସାଚୀ ନାୟକଙ୍କ ନେତୃତ୍ୱରେ ଚାନ୍ଦବାଲି ଏନ୍‌ଏସି, ମହୀଧର ରଣାଙ୍କ ନେତୃତ୍ୱରେ ମନମଣ୍ଡା ଓ ବାଉଁଶୁଣି ଏନ୍‌ଏସି, ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ବୋଲଗଡ଼ ଏନ୍‌ଏସି, ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଶରଣକୁଳ ଏନ୍‌ଏସି, ବାଲିଆପାଳ, ଖଇରା, ଧାମରା, ଲୋଇସିଙ୍ଗା, ସିନ୍ଧେକେଲା ସମେତ ୧୭ଟି ଏନ୍‌ଏସି ଜନସାଧାରଣ, ଓଡ଼ିଶା ମ୍ୟୁନିସିପାଲ କାଉନସିଲ ଫେଡେରେଶନ ଏବଂ ୩ଟି ମହାନଗର ନିଗମର ମେୟର, ଡେପୁଟି ମେୟର ଓ କର୍ପୋରେଟରମାନେ ୫–ଟି ଅଧ୍ୟକ୍ଷଙ୍କୁ ସାକ୍ଷାତ କରିଥିଲେ।

# ୨୦ ଯାଏ ଘଡଘଡ଼ି ସହ ବର୍ଷା

ଭୁବନେଶ୍ୱର,୧୫।୩ (ଅନୁରାଧା ମହାରଣା)

ରାଜ୍ୟରେ ତାତି ସହ ଗୁଳୁଗୁଳି ଜାରି ରହିଥିବାବେଳେ ସ୍ଥାନେ ସ୍ଥାନେ ଘଡ଼ଘଡ଼ି ସହ ବର୍ଷା ହେଉଛି। ତେବେ ଆସନ୍ତା ୫ଦିନ ଅର୍ଥାତ୍ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଘଡ଼ଘଡ଼ି ଓ ବର୍ଷା ପରିମାଣ ବଢ଼ିବ। ୩ଦିନ ପରେ ତାପମାତ୍ରାରେ ୩ରୁ ୫ ଡିଗ୍ରୀ କମିବ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ବୌଦ୍ଧ, ସୋନପୁର, ସୁନ୍ଦରଗଡ଼, ନବରଙ୍ଗପୁର ଆଦି ଜିଲାକୁ ୟେଲୋ ୱାର୍ନି ଦିଆଯାଇଛି। ରବିବାର ମଧ୍ୟ ଅଧା ଓଡ଼ିଶାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଥିବାରୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଅନ୍ୟପକ୍ଷରେ ଶୁକ୍ରବାର ନୟାଗଡ଼ରେ ସର୍ବାଧିକ ୧୮ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଯାଜପୁରରେ ୯.୮ ମିମି, ବାଲେଶ୍ୱରରେ ୮.୨ମିମି, ଖୋର୍ଦ୍ଧାରେ ୮.୦ ମିମି ବର୍ଷା ହୋଇଛି।

# ଏମ୍‌ଏସିପି, ପିଏଚ୍.ଡି. ନିୟମ ସରଳ ହେଲା

ଭୁବନେଶ୍ୱର,୧୫।୩(ଅନିଲ ଦାସ)

ପୂର୍ଣ୍ଣ ଅନୁଦାନ ପାଉଥିବା ବେସରକାରୀ ମହାବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସୁବିଧା ପାଇଁ ଓଡ଼ିଶା ସଂଶୋଧିତ ବେତନ ହାର ନିୟମ–୨୦୧୭ ଅନୁସାରେ ପ୍ରଦାନ କରାଯାଉଥିବା ପରିବର୍ତ୍ତିତ ନିଶ୍ଚିତ କ୍ୟାରିୟର ପ୍ରଗତି ଯୋଜନା(ମୋଡିଫାଏଡ ଆସ୍ୟୁୟର୍ଡ କ୍ୟାରିୟର ପ୍ରୋଗ୍ରେଶନ ସ୍କିମ୍) ନିୟମାବଳୀକୁ ସରଳ କରାଯାଇଛି। ଏବେ ୧୦୦ ପ୍ରତିଶତ ଅନୁଦାନ ପାଇବା ତାରିଖ ପରିବର୍ତ୍ତେ ପ୍ରଥମ ଅନୁଦାନ ମିଳିବା ଦିନକୁ ଭିତ୍ତିକରି ଏମ୍‌ଏସିପି ନିର୍ଣ୍ଣୟ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ଣ୍ଣ ଅନୁଦାନ ପାଉଥିବା ବେସରକାରୀ ମହାବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନଙ୍କ ପାଇଁ ଏହି ଘୋଷଣା କରିଛନ୍ତି।

ପୂର୍ଣ୍ଣ ସହାୟତାପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ଶିକ୍ଷାଦାନ ବୃତ୍ତିରେ ପ୍ରତିଭାବାନ ଅଧ୍ୟାପକମାନଙ୍କୁ ଆକର୍ଷିତ କରିବା ପାଇଁ ପିଏଚ୍.ଡି. ଡିଗ୍ରୀ ହାସଲ କ୍ଷେତ୍ରରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଅଧ୍ୟାପକମାନଙ୍କୁ ଚାକିରି ସମୟରେ ପିଏଚ୍.ଡି.ର ଅତିରିକ୍ତ ଯୋଗ୍ୟତା ହାସଲ କରିବା ପାଇଁ ପ୍ରୋତ୍ସାହନ ସ୍ୱରୂପ କେବଳ ଏଣ୍ଟ୍ରି ଲେଭଲରେ ଆପ୍ରୋପ୍ରିଏଟ ପେ ସ୍କେଲ୍‌ରେ ଦୁଇଟି ଅଗ୍ରିମ ବୃଦ୍ଧି (କେବଳ ଅଧ୍ୟାପକ ପଦରେ) ପ୍ରଦାନ କରାଯିବ।

ସୂଚନାଯୋଗ୍ୟ, ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟୋଜିତ ଥିବା ପୂର୍ଣ୍ଣ ସହାୟତା ପ୍ରାପ୍ତ କଲେଜର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

# ବରଗଡ଼ ଚିନିକଳ ଜମି ଇଡ୍‌କୋ ନେବ

**ଆଗାମୀ ଦିନରେ ନୂଆ ଶିଳ୍ପ ପ୍ରତିଷ୍ଠା ହେବ**

ଭୁବନେଶ୍ୱର,୧୫।୩(ଅନିଲ ଦାସ)

ବରଗଡ଼ସ୍ଥିତ ଚିନିକଳ ଜମିକୁ ଇଡ୍‌କୋକୁ ହସ୍ତାନ୍ତର କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦିନରେ ଇଡ୍‌କୋ ଏହି ଜମିରେ ନୂତନ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନେବ।

ଏହି ନିଷ୍ପତ୍ତି ଅନୁଯାୟୀ, ଚିନିକଳର ସମୁଦାୟ ୧୦୩.୨୧ ଏକର ଜମି ମଧ୍ୟରୁ ବିବାଦମୁକ୍ତ ୭୨.୧୨ ଏକର ଜମି ପାଇଁ ଇଡ୍‌କୋ ୪୦.୬୮ କୋଟି ଟଙ୍କା ପ୍ରଦାନ କରିଛି। ବରଗଡ଼ର ଅତିରିକ୍ତ ଜିଲାପାଳ ତଥା ବରଗଡ଼ ସମବାୟ ଚିନିକଳର ଲିକ୍ୟୁଡେଟରଙ୍କୁ ଏହି ଟଙ୍କା ପ୍ରଦାନ କରାଯାଇଛି। ବାକି ସବୁ ଜମି ବିବାଦମୁକ୍ତ ହେବା ପରେ ଇଡ୍‌କୋକୁ ହସ୍ତାନ୍ତର କରାଯିବ।

ସୂଚନାଯୋଗ୍ୟ, ଯନ୍ତ୍ରାଂଶ ରକ୍ଷଣାବେକ୍ଷଣ ଓ ମରାମତି ତଥା ନୂତନ ମେଶିନ ପାଇଁ ପାଣ୍ଠି ଅଭାବ ଏବଂ ଅନ୍ୟାନ୍ୟ ବିଭିନ୍ନ କାରଣ ପାଇଁ ଚିନିକଳରେ କାମ ବନ୍ଦ ରହିଥିଲା। ସେଥିପାଇଁ ଏହାର ଜମିକୁ ଇଡ୍‌କୋକୁ ହସ୍ତାନ୍ତର କରି ନୂତନ ଶିଳ୍ପ ପ୍ରତିଷ୍ଠା କରିବା ଲାଗି ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଥିଲେ।

# କପିଳାସରୁ କୁମାରଖୁଣ୍ଟି ଗଲେ ୩ ହାତୀ

- ଦୀର୍ଘବର୍ଷ ଧରି ପର୍ଯ୍ୟଟକଙ୍କ ଆକର୍ଷଣ ସାଜିଥିଲେ
- ହାତୀ ଉଦ୍ଧାର କେନ୍ଦ୍ରରେ ୫କୁ ଖସିଲା ସଂଖ୍ୟା
- ପରିସର ଖାଁ ଖାଁ, ଦିଆଯିବ ଖୁଙ୍କି ତାଲିମ

ଢେଙ୍କାନାଳ,୧୫।୩ (ରତନ ନାୟାର)

ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ କେନ୍ଦ୍ର ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରୁ ୩ ହାତୀ କାର୍ତ୍ତିକ, ଚନ୍ଦୁ ଓ ଉମାକୁ ଶୁକ୍ରବାର ରାତିରେ ୩ଟି ହାଇୱା ଯୋଗେ ଭୁବନେଶ୍ୱର ଚନ୍ଦକାସ୍ଥିତ କୁମାରଖୁଣ୍ଟିକୁ ସ୍ଥାନାନ୍ତର କରାଯାଇଛି। କୁମାରଖୁଣ୍ଟିଠାରେ ଏହି ୩ ହାତୀଙ୍କୁ ତାଲିମ ଦିଆଯାଇ ଖୁଙ୍କି ହାତୀ ଭାବେ ବ୍ୟବହାର କରାଯିବ। ରାଜ୍ୟ ବନବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଏହି ୩ ହାତୀଙ୍କୁ ସ୍ଥାନାନ୍ତର କରାଯାଇଛି। କାର୍ତ୍ତିକ, ଚନ୍ଦୁ ଓ ଉମାକୁ ଏଠାରୁ ନିଆଯିବା ପରେ କପିଳାସ ପ୍ରାଣୀ ଉଦ୍ୟାନ ହାତୀ କେନ୍ଦ୍ରରେ ଏବେ ହାତୀ ସଂଖ୍ୟା ୫କୁ ଖସିଆସିଛି।

ପ୍ରକାଶ ଯେ, କୁମାରଖୁଣ୍ଟି ଯାଇଥିବା ହାତୀ କାର୍ତ୍ତିକକୁ କଟକ ଜିଲା ଆଠଗଡ଼ ବନଖଣ୍ଡରୁ ୭ ଜୁଲାଇ ୨୦୧୦ରେ କପିଳାସ ହାତୀ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଥିଲା। ସେତେବେଳେ କାର୍ତ୍ତିକର ବୟସ ଥିଲା ମାତ୍ର ୨ବର୍ଷ। ସେହିପରି ୨୪ ଡିସେମ୍ବର ୨୦୧୧ରେ ବର୍ଷକର ହାତୀ ଚନ୍ଦୁକୁ ବରଗଡ଼ ବନଖଣ୍ଡରୁ ଉଦ୍ଧାର କରାଯାଇ କପିଳାସ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଥିଲା। ସେହିପରି ଉମା ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜରୁ ୪ ସେପ୍ଟେମ୍ବର ୨୦୧୨ରେ ଉଦ୍ଧାର ହୋଇ ହାତୀ ଉଦ୍ଧାର କେନ୍ଦ୍ରକୁ ଆସିଥିଲା। ସେତେବେଳେ ଉମାର ବୟସ ୮ ବର୍ଷ ଥିଲା। ଏହି ୩ ହାତୀ କପିଳାସ ହାତୀ ଉଦ୍ଧାର କେନ୍ଦ୍ରରେ ରହି ପର୍ଯ୍ୟଟକମାନଙ୍କ ପ୍ରମୁଖ ଆକର୍ଷଣ ସାଜିଥିଲେ। ମାହୁନ୍ତ ଦୀପୁଙ୍କର ସେମାନେ ଅତିପ୍ରିୟ ହୋଇଯାଇଥିଲେ। କିନ୍ତୁ ଏହି ୩ ହାତୀଙ୍କ ସ୍ଥାନାନ୍ତର ପରେ କପିଳାସ ପ୍ରାଣୀ ଉଦ୍ୟାନ ପରିସର ଖାଁ ଖାଁ ଲାଗିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ୩ ହାତୀଙ୍କୁ ୩ଟି ହାଇୱା ଯୋଗେ କପିଳାସ ପ୍ରାଣୀ ଉଦ୍ୟାନରୁ ଶୋରିଷିଆପଦା ଓ କଟକ ଜିଲାର ଟାଙ୍ଗିଦେଇ ଚନ୍ଦକା କୁମାରଖୁଣ୍ଟିକୁ ନିଆଯାଉଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି, ୩ ହାତୀ ଉମା, ଚନ୍ଦୁ, କାର୍ତ୍ତିକଙ୍କୁ ୩ଟି ହାଇୱାରେ ରାତିରେ ଅଲଗା ରାସ୍ତାରେ କୁମାରଖୁଣ୍ଟିକୁ ତାଲିମ ପାଇଁ ନିଆଯାଉଛି।

# ଜଳେଶ୍ୱର ଥାନାର ପୂର୍ବତନ ଆଇଆଇସି ଗିରଫ

**ବ୍ରାଉନ୍ ସୁଗାର ବେପାରୀଙ୍କ ସହ ସମ୍ପର୍କ ଥିବା ମାମଲାରେ ଫେରାର ଥିଲେ**

ନରସିଂହପୁର/କଟକ,୧୫।୩ (ନିରଞ୍ଜନ ଦେବକୁମାର/କାର୍ତ୍ତିକ ସାହୁ)

ବ୍ରାଉନ୍ ସୁଗାର ବେପାରୀଙ୍କ ସହ ସମ୍ପର୍କ ଥିବା ମାମଲାରେ ଗତ ୩ବର୍ଷ ଧରି ଫେରାର ଥିବା ବାଲେଶ୍ୱର ଜିଲା ଜଳେଶ୍ୱର ଥାନାର ପୂର୍ବତନ ଆଇଆଇସି ଧନେଶ୍ୱର ସାହୁଙ୍କୁ କ୍ରାଇମବ୍ରାଞ୍ଚ କଟକ ଜିଲା ନରସିଂହପୁର ବଡ଼ଭୂଇଁସ୍ଥିତ ତାଙ୍କ ବାସଭବନରୁ ଶୁକ୍ରବାର ଗିରଫ କରିଛି। ତାଙ୍କୁ ଶନିବାର କୋର୍ଟରେ ହାଜର କରାଯିବ।

ସୂଚନା ଅନୁସାରେ, ଜଳେଶ୍ୱର ଥାନାରେ ଆଇଆଇସି ଥିବାବେଳେ ଅଭିଯୁକ୍ତ ସାହୁ ୨୦୨୦ରେ ବ୍ରାଉନସୁଗାର ବେପାରୀଙ୍କ ସହ ଜଡ଼ିତ ରହି ମୋଟା ଅଙ୍କର ଅର୍ଥ ଆଦାୟ କରୁଥିଲେ। ଏ ସଂକ୍ରାନ୍ତୀୟ ଅଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଅଡିଓ ଭାଇରାଲ ହେବା ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଥିଲା। ତା’ପରଠାରୁ ସେ ଗିରଫ ଭୟରେ ଫେରାର ଥିଲେ। କ୍ରାଇମବ୍ରାଞ୍ଚ ତାଙ୍କୁ ଧରିବା ପାଇଁ ସେବେଠାରୁ ତାଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲା। ତେବେ ସେ ନିଜ ବାସଭବନରେ ଥିବା ଶୁକ୍ରବାର ସୂଚନା ମିଳିବା ପରେ ତାଙ୍କୁ ସେଠାରୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେହିପରି ନରସିଂହପୁର ଥାନା ଆଇଆଇସି ବିକ୍ରମ କେଶରୀ ଜେନା କହିଛନ୍ତି ଯେ, ଦୁଇଟି ଗାଡ଼ିରେ କ୍ରାଇମବ୍ରାଞ୍ଚ ଓ ଜଳେଶ୍ୱର ପୋଲିସ ଟିମ୍ ସଦଳବଳ ସାହୁଙ୍କ ଘର ଆଗରେ ପହଞ୍ଚି ଚାରିପଟୁ ଘେରାଉ କରିଦେଇଥିଲେ। ଫଳରେ ଘରେ ଲୁଚି ରହିଥିବା ଆଇଆଇସି ସାହୁ ନିରୁପାୟ ହୋଇ କ୍ରାଇମବ୍ରାଞ୍ଚ ହାତରେ ଧରାପଡ଼ିଥିଲେ। ଅଧିକ ତଥ୍ୟ ହାସଲ ନିମନ୍ତେ ତାଙ୍କୁ କ୍ରାଇମବ୍ରାଞ୍ଚ ଜେରା କରିବ ବୋଲି ଜେନା ସୂଚନା ଦେଇଛନ୍ତି।

# ୧୧ମାସ ପରେ ଫେରିଲେ ଜୟନାରାୟଣ

**ସମର୍ଥକ ମହଲରେ ଉତ୍ସାହ**

ସମ୍ବଲପୁର,୧୫।୩ (ଭବାନୀ ଶଙ୍କର ଭୋଇ)

ଦୀର୍ଘ ୧୧ମାସର ବ୍ୟବଧାନ ପରେ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଶୁକ୍ରବାର ସମ୍ବଲପୁର ଫେରିଛନ୍ତି। ତାଙ୍କୁ ସହରର ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀଙ୍କ ଦ୍ୱାରା ଭବ୍ୟ ସ୍ୱାଗତ କରାଯାଇଛି। ବେଶ୍ କିଛିଦିନ ହେବ ସେ ସମ୍ବଲପୁର ଫେରିବା ନେଇ ଚର୍ଚ୍ଚା ହେଉଥିଲା। ସେ ସ୍ୱାସ୍ଥ୍ୟଗତ କାରଣରୁ ଆଗାମୀ ନିର୍ବାଚନ ଲଢିବେ ନା ନାହିଁ ତାକୁ ନେଇ କର୍ମୀ ମହଲରେ ଆଶା ଆଶଙ୍କା ଦେଖାଦେଇଥିଲା।

ଭୁବନେଶ୍ୱରରୁ ସମ୍ବଲପୁର ଫେରିବା ବାଟରେ ରେଢାଖୋଲଠାରେ ବରିଷ୍ଠ ନେତା ଗୋବିନ୍ଦ ଅଗ୍ରୱାଲଙ୍କ ନେତୃତ୍ୱରେ ଦଳର କାର୍ଯ୍ୟକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ରେଢାଖୋଲସ୍ଥିତ ସନ୍ଥକବି ଭୀମ ଭୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଦଳୀୟ କର୍ମୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସେହିପରି ସମ୍ବଲପୁରରେ ପହଞ୍ଚିବା ପରେ ସେ ସିଧାସଳଖ ସମଲେଇ ମନ୍ଦିର ଯାଇ ମା’ଙ୍କୁ ଦର୍ଶନ କରିଥିଲେ। ସେଠାରେ ବହୁ ସଂଖ୍ୟାରେ ଭାଜପା କର୍ମୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ। ଡ. ପ୍ରମୋଦ ରଥ, କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ, କ୍ଷେତରାଜପୁର ମଣ୍ଡଳ ସଭାପତି ଶମ୍ଭୁ ବରେଲିଆ, ମୋହନ ଦାଶ, ରୁନୁ ପଧାନ, ଫଣି ଭୂଷଣ ମିଶ୍ର, ମୁନମୁନ ସୌଦାଗର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୁଞ୍ଜେଲପଡା ମହାନଦୀ ମଣ୍ଡଳର ସଭାପତି ସୁଶାନ୍ତ ପୁରୋହିତଙ୍କ ନେତୃତ୍ୱରେ ସହସ୍ରାଧିକ କର୍ମୀ ପଦଯାତ୍ରା କରି ଗୋଲବଜାର ପର୍ଯ୍ୟନ୍ତ ଯାଇଥିଲେ। ଏଥିରେ ଭାଜପା ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, ସଲିଳା ପଣ୍ଡା, ଅରୁଣ ଦାସ ପ୍ରମୁଖ ସାମିଲ ରହିଥିଲେ। ପରେ ଦଳୀୟ କାର୍ଯ୍ୟାଳୟରେ କର୍ମୀମାନେ ଜୟନାରାୟଣଙ୍କୁ ସ୍ୱାଗତ କରିଥିଲେ। ନିର୍ବାଚନ ତାରିଖ ଘୋଷଣା ହେବାକୁ ବାକି ରହିଥିବା ବେଳେ ରାଜ୍ୟରେ ଭାଜପା ଏବଂ ବିଜେଡି ମେଣ୍ଟ ସ୍ଥିତି ଅସ୍ପଷ୍ଟ ରହିଛି। ଯଦି ମେଣ୍ଟ ହୁଏ ସମ୍ବଲପୁର ବିଧାନସଭା ଆସନ କାହା ଭାଗରେ ପଡିବ ତାକୁ ନେଇ ସାଧାରଣରେ ଅଙ୍କକଷା ଚାଲିଛି। ତେବେ ଜୟନାରାଣଙ୍କ ସମ୍ବଲପୁରରେ ସଂଗଠନ ସୁଦୃଢ଼ ରହିଥିବା ବେଳେ ଯଦି ସ୍ୱାସ୍ଥ୍ୟ ଅନୁମତି ଦିଏ ସେ ପୁଣିଥରେ ସମ୍ବଲପୁର ବିଧାନସଭାରୁ ପ୍ରାର୍ଥୀ ହେବେ ବୋଲି ସମର୍ଥକମାନେ ଦାବି କରିଛନ୍ତି। ଆଗାମୀ କିଛିଦିନ ମଧ୍ୟରେ ସେ ସମ୍ବଲପୁରର ଦଳୀୟ କର୍ମୀଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ଯୋଜନା ରଖିଥିବା ଜଣାପଡିଛି।



ମା’ ସମଲେଇ ମନ୍ଦିର ପରିସରରେ ସମର୍ଥକଙ୍କ ସହ ଜୟନାରାୟଣ।

# ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ ମଲ୍ଲିକଙ୍କ ପରଲୋକ

ଭୁବନେଶ୍ୱର, ୧୫।୩(ଅସମାପିକା ସାହୁ)

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କର ଶୁକ୍ରବାର ସକାଳେ ପରଲୋକ ଘଟିଛି। ତାଙ୍କୁ ୬୦ବର୍ଷ ହୋଇଥିଲା। ପାର୍କରେ ବ୍ୟାୟାମ କରୁଥିବାବେଳେ ସେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ତଳେ ପଡ଼ିଯାଇଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କ ସହ ଅନ୍ୟ ଅଧିକାରୀମାନେ ହସ୍ପିଟାଲରେ ପହଞ୍ଚିଥିଲେ। ପରେ ମୃତଦେହକୁ ତାଙ୍କ ସରକାରୀ ବାସଭବନକୁ ଅଣାଯାଇଥିଲା। ସେଠାରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଲେନିନ୍ ମହାନ୍ତିଙ୍କ ସମେତ ଅନ୍ୟମାନେ ଶବାଧାରରେ ମାଲ୍ୟାର୍ପଣ କରିଥିଲେ। ଅପରାହ୍ନରେ ମୃତଦେହକୁ ବିଭାଗର କାର୍ଯ୍ୟାଳୟକୁ ଅଣାଯାଇଥିଲା। ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଗୁରବୀର ସିଂ, ବିଶ୍ୱଜିତ ଦାଶଙ୍କ ସମେତ ଶତାଧିକ ଅଧିକାରୀ ଓ କର୍ମଚାରୀ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସମ୍ପାଦିକା କସ୍ତୁରୀ ମହାପାତ୍ର ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ସନ୍ଧ୍ୟାରେ ଜନ୍ମସ୍ଥାନ କେନ୍ଦ୍ରାପଡ଼ା ଜିଲା କହନା ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପ୍ରଫୁଲ୍ଲଙ୍କ ବିୟୋଗରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ଅମିତାଭଙ୍କ ଆଞ୍ଜିଓପ୍ଲାଷ୍ଟି

**ନୂଆଦିଲ୍ଲୀ,୧୫।୩:** ବଲିଉଡ୍ ମେଗା ଷ୍ଟାର ଅମିତାଭ ବଚ୍ଚନଙ୍କର ଶୁକ୍ରବାର ମୁମ୍ବାଇର କୋକିଳାବେନ୍ ହସ୍ପିଟାଲ୍‌ରେ ଆଞ୍ଜିଓପ୍ଲାଷ୍ଟି କରାଯାଇଛି। ୮୧ ବର୍ଷୀୟ ଅଭିନେତା ସକାଳେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହି ଖବର ପ୍ରକାଶ ପାଇବା ପରେ ବିଗ୍ ବି'ଙ୍କ ଅଜସ୍ର ପ୍ରଶଂସକ ଓ ଶୁଭେଚ୍ଛୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ସୋସିଆଲ ମିଡିଆରେ ବାର୍ତ୍ତା ଛାଡ଼ିଥିଲେ। ସେମାନଙ୍କର ପ୍ରାର୍ଥନା ଏବଂ ଭଲପାଇବା ପାଇଁ ଅମିତାଭ ମଧ୍ୟ ନିଜ ବ୍ଲଗ୍‌ରେ ଏକ ଅପଡେଟ୍ ଶେୟାର କରି ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। କିଛିଦିନ ହେଲା ସେ ନାଗ ଅଶ୍ୱିନୀଙ୍କ ଫିଲ୍ମ କଲ୍‌କୀ ୨୮୯୮ ଏଡି ପାଇଁ ଶୁଟିଂରେ ସାମିଲ ଥାଇ ବିଳମ୍ବିତ ରାତିରେ ଘରକୁ ଫେରୁଥିଲେ। ଗତବର୍ଷ ସେ ଶୁଟିଂ ସେଟ୍‌ରେ ଆହତ ହୋଇଥିଲେ।



### ଭାଜପାରେ ଯୋଗଦେଲେ ୨ ଟିଏମ୍‌ସି ଏମ୍‌ପି

**ନୂଆଦିଲ୍ଲୀ,୧୫।୩ (ପି.ଟି.):** ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଦୁଇଜଣ ଏମ୍‌ପି ଶୁକ୍ରବାର ଭାଜପାରେ ଯୋଗଦେଇଛନ୍ତି। ସେମାନେ ହେଲେ ବାରାକପୁର ଏମ୍‌ପି ଅର୍ଜୁନ ସିଂ ଏବଂ ତମଲୁକ୍ ଏମ୍‌ପି ଦିବ୍ୟେନ୍ଦୁ ଅଧିକାରୀ। ଅର୍ଜୁନ ୨୦୧୯ରେ ଟିଏମ୍‌ସି ଛାଡ଼ି ଭାଜପାରେ ଯୋଗଦେଇଥିଲେ। ସେ ବାରାକପୁର ଆସନର ତତ୍କାଳୀନ ଟିଏମ୍‌ସି ପ୍ରାର୍ଥୀଙ୍କୁ ପରାଜିତ କରି ପାର୍ଲାମେଣ୍ଟକୁ ନିର୍ବାଚିତ ହେବା ପରେ ୨୦୨୨ରେ ପୁଣିଥରେ ଟିଏମ୍‌ସିକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଗାମୀ ନିର୍ବାଚନ ପାଇଁ ପ୍ରକାଶିତ ଟିଏମ୍‌ସି ପ୍ରାର୍ଥୀ ତାଲିକାରେ ତାଙ୍କ ନାଁ ନ ଥିବାରୁ ସେ ଦଳ ଛାଡ଼ିବା ପାଇଁ ଘୋଷଣା କରିଥିଲେ। ସେହିପରି ଭାଜପା ନେତା ଶୁଭେନ୍ଦୁ ଅଧିକାରୀଙ୍କ ଭାଇ ତଥା ତମଲୁକ ଏମ୍‌ପି ଦିବ୍ୟେନ୍ଦୁ ଗୈରିକ ଦଳରେ ସାମିଲ ହୋଇଛନ୍ତି।

## ଇଲେକ୍ଟୋରାଲ ବଣ୍ଡ୍

# ଆଞ୍ଚଳିକ ଦଳ ପାଇଛନ୍ତି ୫,୨୨୧ କୋଟି

**ନୂଆଦିଲ୍ଲୀ,୧୫।୩ (ପି.ଟି.)**

ଆଞ୍ଚଳିକ ଦଳଗୁଡ଼ିକ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ୨୦୧୯ ଏପ୍ରିଲରୁ ୨୦୨୪ ଜାନୁଆରୀ ମଧ୍ୟରେ ମୋଟ ୫,୨୨୧ କୋଟି ଟଙ୍କା ଚାନ୍ଦା ପାଇଛନ୍ତି। ଏହି ସମୟ ମଧ୍ୟରେ ଏକାକୀ ଭାଜପା ପାଇଥିବା ଚାନ୍ଦାଠାରୁ ଏହା ୮୩୯ କୋଟି ଟଙ୍କା କମ୍। ଭାଜପା ନିର୍ବାଚନୀ ବଣ୍ଡ୍ ମାଧ୍ୟମରେ ୬,୦୬୦.୫୧ କୋଟି ଟଙ୍କା ସଂଗ୍ରହ କରିଛି। ନିର୍ବାଚନ କମିଶନ ପ୍ରକାଶ କରିଥିବା ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ଅନୁଯାୟୀ କଂଗ୍ରେସ ଏବଂ ଏଏପି ଉପରୋକ୍ତ ସମୟ ମଧ୍ୟରେ ଯଥାକ୍ରମେ ୧,୪୨୧.୮୬ କୋଟି ଏବଂ ୬୫.୪୫ କୋଟି ଟଙ୍କା ଚାନ୍ଦା ପାଇଛନ୍ତି। ଅନ୍ୟ ଜାତୀୟ ଦଳ ବିଏସ୍‌ପି, ସିପିଆଇ(ଏମ୍) ଏବଂ ଏନ୍‌ପିପିକୁ ଇଲେକ୍ଟୋରାଲ ବଣ୍ଡ୍ ଜରିଆରେ ଆଦୌ ଚାନ୍ଦା ମିଳିନାହିଁ।

ଆଞ୍ଚଳିକ ଦଳ ମଧ୍ୟରେ ବିଜେଡି ନିର୍ବାଚନୀ ବଣ୍ଡରୁ ୭୭୫.୫୦ କୋଟି ଟଙ୍କା ସଂଗ୍ରହ କରିଥିବାବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସର୍ବାଧିକ ୧,୬୦୯.୫୩ କୋଟି ଟଙ୍କା ପାଇଛି। ଟିଏମ୍‌ସିର ଚାନ୍ଦା ପରିମାଣ ୨୨ ଆଞ୍ଚଳିକ ଦଳ ପାଇଥିବା ମୋଟ ଚାନ୍ଦାର ୩୦ ପ୍ରତିଶତ। ଏହା ପରେ ୧,୨୧୪.୭୦ କୋଟି ଟଙ୍କା ସହ ବିଆର୍‌ଏସ୍ ଦ୍ୱିତୀୟ ସ୍ଥାନରେ ରହିଛି। ଇଲେକ୍ଟୋରାଲ ବଣ୍ଡରୁ ଡିଏମ୍‌କେକୁ ୬୩୯ କୋଟି, ୱାଇଏସ୍‌ଆର୍‌ସିପିକୁ ୩୩୭ କୋଟି, ଟିଡିପିକୁ ୨୧୮.୮୮ କୋଟି ଏବଂ ଶିବସେନାକୁ ୧୫୯.୩୮ କୋଟି ଟଙ୍କା ମିଳିଛି। ଆର୍‌ଜେଡି ବଣ୍ଡରୁ ୭୩.୫ କୋଟି ପାଇଥିବାବେଳେ ଜେଡିଏସ୍ ୪୨.୪୦ କୋଟି, ସିକିମ କ୍ରାନ୍ତିକାରୀ ପାର୍ଟି ୩୬.୫ କୋଟି, ଏନ୍‌ସିପି ୩୧ କୋଟି, ଜନସେନା ପାର୍ଟି ୨୧ କୋଟି, ଏସ୍‌ପି ୧୪.୦୫ କୋଟି, ଜେଡିୟୁ ୧୪ କୋଟି ଏବଂ ଜେଏମ୍‌ଏମ୍ ୧୩.୫ କୋଟି ପାଇଛି। ସେହିପରି ଅକାଳୀ ଦଳକୁ ୭.୨ କୋଟି ମିଳିଥିବାବେଳେ ଏଆଇଏଡିଏମ୍‌କେକୁ ୬.୦୫ କୋଟି ଏବଂ ସିକିମ ଡେମୋକ୍ରାଟିକ୍ ଫ୍ରଣ୍ଟକୁ ୫.୫ କୋଟି ଟଙ୍କା ମିଳିଛି।




ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍)ର ପୂର୍ବ ରିପୋର୍ଟ ଅନୁଯାୟୀ ୨୦୧୮ ମାର୍ଚ୍ଚରୁ ୨୦୨୪ ଜାନୁଆରୀ ମଧ୍ୟରେ ମୋଟ ୧୬,୫୧୮ଟି ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ହୋଇଥିଲା। ତେବେ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶିତ ତଥ୍ୟରେ ୨୦୧୮ ମାର୍ଚ୍ଚରୁ ୨୦୧୯ ଏପ୍ରିଲ ୧୧ ପର୍ଯ୍ୟନ୍ତ ସମୟକୁ ସାମିଲ କରାଯାଇ ନାହିଁ। ଏଡିଆର୍ ରିପୋର୍ଟ ଅନୁଯାୟୀ ଭାଜପା ଇଲେକ୍ଟୋରାଲ ବଣ୍ଡରୁ ସର୍ବାଧିକ ୬,୫୬୬ କୋଟି ଟଙ୍କା ପାଇଛି, ଯାହା କି ସବୁ ଦଳ ପାଇଥିବା ମୋଟ ଚାନ୍ଦାର ୫୪.୭୭ ପ୍ରତିଶତ। କଂଗ୍ରେସକୁ ବଣ୍ଡରୁ ୧,୧୨୩ କୋଟି ମିଳିଥିବାବେଳେ ଟିଏମ୍‌ସିକୁ ୧,୦୯୨ କୋଟି ମିଳିଛି। ଅନ୍ୟପକ୍ଷରେ ଏସ୍‌ବିଆଇ ସୁପ୍ରିମକୋର୍ଟରେ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ଦାତାମାନେ ୨୦୧୯ ଏପ୍ରିଲ ୧ରୁ ୨୦୨୪ ଫେବୃଆରୀ ୧୫ ମଧ୍ୟରେ ମୋଟ ୨୨,୨୧୭ ଇଲେକ୍ଟୋରାଲ ବଣ୍ଡ୍ କିଣିଛନ୍ତି। ସେଥିରୁ ରାଜନୈତିକ ଦଳଗୁଡ଼ିକ ୨୨,୦୩୦ଟି ବଣ୍ଡର ଟଙ୍କା ପାଇଛନ୍ତି।

| ସବୁଠୁ ବଡ଼ କ୍ରେତା | କୋଟି ଟଙ୍କା |
| --- | --- |
| ୧. ଫ୍ୟୁଚର ଗେମିଂ ଆଣ୍ଡ୍ ହୋଟେଲ ସର୍ଭିସେସ୍ | ୧,୩୬୮ |
| ୨. ମେଘା ଇଞ୍ଜିନିୟରିଂ ଆଣ୍ଡ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ | ୯୬୬ |
| ୩. କ୍ୱିକ୍ ସପ୍ଲାଏ ଚେନ୍ ପ୍ରା. ଲିଃ. | ୪୧୦ |
| ୪. ବେଦାନ୍ତ ଲିଃ | ୪୦୦ |
| ୫. ହଲଦିଆ ଏନର୍ଜି ଲିଃ | ୩୭୭ |
| ୬. ଭାରତୀ ଗ୍ରୁପ୍ | ୨୪୭ |
| ୭. ଏସେଲ୍ ମାଇନିଂ ଆଣ୍ଡ୍ ଇଣ୍ଡଷ୍ଟ୍ରିଜ୍ ଲିଃ | ୨୪୪ |
| ୮. ୱେଷ୍ଟର୍ନ ୟୁପି ପାୱାର ଟ୍ରାନ୍ସମିଶନ | ୨୨୦ |
| ୯. କେଭେଣ୍ଟର ଫୁଡ୍‌ପାର୍କ ଇନ୍‌ଫ୍ରା ଲିଃ | ୧୯୪ |
| ୧୦. ମଦନଲାଲ ଲିଃ | ୧୮୫ |
| ୧୧. ଡିଏଲ୍‌ଏଫ୍ ଗ୍ରୁପ୍ | ୧୭୦ |
| ୧୨. ଯଶୋଧାରା ସୁପର ସ୍ପେଶାଲିଟି ହସ୍ପିଟାଲ | ୧୬୨ |
| ୧୩. ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ | ୧୪୫.୩ |
| ୧୪. ଜିନ୍ଦଲ ଷ୍ଟିଲ୍ ଆଣ୍ଡ୍ ପାୱାର ଲିଃ | ୧୨୩ |
| ୧୫. ବିର୍ଲା କାର୍ବନ ଇଣ୍ଡିଆ | ୧୦୫ |
| ୧୬. ରୁଙ୍ଗଟା ସନ୍ସ | ୧୦୦ |
| ୧୭. ଡକ୍ଟର ରେଡ୍ଡୀସ୍ | ୮୦ |
| ୧୮. ପିରାମଲ ଏଣ୍ଟରପ୍ରାଇଜେସ୍ ଗ୍ରୁପ୍ | ୬୦ |
| ୧୯. ନବଯୁଗ ଇଞ୍ଜିନିୟରିଂ | ୫୫ |
| ୨୦. ଶିରିଡି ସାଇ ଇଲେକ୍ଟ୍ରିକାଲ୍ସ | ୪୦ |
| ୨୧. ସିପ୍‌ଲା ଲିଃ | ୩୯.୨ |
| ୨୨. ଲକ୍ଷ୍ମୀ ନୱାସ ମିତ୍ତଲ | ୩୫ |
| ୨୩. ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ | ୩୩ |
| ୨୪. ଜିନ୍ଦଲ ଷ୍ଟେନ୍‌ଲେସ୍ | ୩୦ |
| ୨୫. ବଜାଜ୍ ଅଟୋ | ୨୫ |
| ୨୬. ସନ୍ ଫାର୍ମା ଲାବ୍ | ୨୫ |
| ୨୭. ମ୍ୟାନ୍‌କାଇଣ୍ଡ୍ ଫାର୍ମା | ୨୪ |
| ୨୮. ବଜାଜ୍ ଫାଇନାନ୍ସ | ୨୦ |
| ୨୯. ମାରୁତି ସୁଜୁକି ଇଣ୍ଡିଆ | ୨୦ |
| ୩୦. ଅଲ୍ଟ୍ରାଟେକ୍ | ୧୫ |
| ୩୧. ଟିଭିଏସ୍ ମୋଟର୍ସ | ୧୦ |
| ୩୨. ଏଡେଲୱେଇସ୍ ଗ୍ରୁପ୍ | ୪ |

## କ୍ୱିକ୍ ସପ୍ଲାଏ ତୃତୀୟ ସର୍ବାଧିକ ବଣ୍ଡ୍ କ୍ରେତା

ବିଶେଷ ଜଣାଶୁଣା ନ ଥିବା ନଭି ମୁମ୍ବାଇର କ୍ୱିକ୍ ସପ୍ଲାଏ ଚେନ୍ ପ୍ରା.ଲିଃ ତୃତୀୟ ସର୍ବାଧିକ ଇଲେକ୍ଟୋରାଲ ବଣ୍ଡ୍ କ୍ରୟ କରିଥିବା ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। କମ୍ପାନୀର ପଞ୍ଜୀକରଣ ଠିକଣା ନଭି ମୁମ୍ବାଇର ଧୀରୁଭାଇ ଅମ୍ବାନୀ ନଲେଜ ସିଟି (ଡିଏକେସି) ହୋଇଥିବାବେଳେ ଏହାର ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସହ ସମ୍ପର୍କ ଥିବା କୁହାଯାଉଛି। ୨୦୨୧-୨୨ରୁ ୨୦୨୩-୨୪ ଆର୍ଥିକ ବର୍ଷ ମଧ୍ୟରେ କ୍ୱିକ୍ ସପ୍ଲାଏ ୪୧୦ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ୍ କିଣିଛି। ତେବେ କ୍ୱିକ୍ ସପ୍ଲାଏ ରିଲାଏନ୍ସ ଶିଳ୍ପଗୋଷ୍ଠୀର

### ସହଯୋଗୀ କମ୍ପାନୀ ଖବରକୁ ରିଲାଏନ୍ସର ଖଣ୍ଡନ

ସହଯୋଗୀ ନୁହେଁ ବୋଲି ମୁକେଶ ଅମ୍ବାନୀଙ୍କ କମ୍ପାନୀ ପକ୍ଷରୁ କୁହାଯାଇଛି।

ଲଟେରି କମ୍ପାନୀ ଫିଉଚର ଗେମିଂ ଆଣ୍ଡ୍ ହୋଟେଲ ସର୍ଭିସେସ୍ ସର୍ବାଧିକ ୧,୩୬୮ କୋଟି ଟଙ୍କାର ଇଲେକ୍ଟୋରାଲ ବଣ୍ଡ୍ କିଣିଥିବାବେଳେ ହାଇଦ୍ରାବାଦର ମେଘା ଇଞ୍ଜିନିୟରିଂ ଆଣ୍ଡ୍ ଇନ୍‌ଫ୍ରା ୯୬୬ କୋଟିର ବଣ୍ଡ୍ କିଣିଛି। ଏହା ପଛକୁ ୪୧୦ କୋଟି ଟଙ୍କାର ବଣ୍ଡ୍ କିଣି କ୍ୱିକ୍ ସପ୍ଲାଏ ତୃତୀୟ ସ୍ଥାନରେ ରହିଛି। କ୍ୱିକ୍ ସପ୍ଲାଏ ହେଉଛି ୱେରହାଉସ୍ ଏବଂ ଷ୍ଟୋରେଜ୍ ୟୁନିଟ୍‌ର ନିର୍ମାତା। ଅଣତାଲିକାଭୁକ୍ତ ଏହି ଘରୋଇ କମ୍ପାନୀର ଅଧିକୃତ ଶେୟାର ପୁଞ୍ଜି ୧୩୦.୯୯ କୋଟି ଏବଂ ପେଡ୍-ଅପ୍ ପୁଞ୍ଜି ୧୨୯.୯୯ କୋଟି ଟଙ୍କା। ୨୦୨୧-୨୨ ବର୍ଷରେ କମ୍ପାନୀର ମୋଟ ଲାଭ ୨୧.୭୨ କୋଟି ଟଙ୍କା ଥିବାବେଳେ ଏହା ରାଜନୈତିକ ଦଳଙ୍କୁ ଚାନ୍ଦା ଦେବା ପାଇଁ ୩୬୦ କୋଟି ଟଙ୍କାର ବଣ୍ଡ୍ କିଣିଥିଲା। ସେହିପରି ୨୦୨୩-୨୪ ବର୍ଷରେ କମ୍ପାନୀ ୫୦ କୋଟି ଟଙ୍କାର ବଣ୍ଡ୍ କିଣିଥିବା ଏସ୍‌ବିଆଇ ଦେଇଥିବା ତଥ୍ୟରୁ ଜଣାପଡ଼ିଛି।

## ୟେଦୁରପ୍ପାଙ୍କ ନାଁରେ ଯୌନ ନିର୍ଯାତନା ମାମଲା



**ବେଙ୍ଗାଲୁରୁ,୧୫।୩**

ଜଣେ ନାବାଳିକାଙ୍କ ପ୍ରତି ଯୌନ ନିର୍ଯାତନା ଅଭିଯୋଗରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କ ନାମରେ ପୋକ୍ସୋ ଆଇନରେ ମାମଲା ରୁଜୁ ହୋଇଛି। ୧୭ ବର୍ଷୀୟା ପୀଡ଼ିତାଙ୍କ ମାଆ ବେଙ୍ଗାଲୁରୁର ସଦାଶିବନଗର ଥାନାରେ ଅଭିଯୋଗ କରିଥିଲେ। ତେବେ ଅଭିଯୋଗକୁ ଅମୂଳକ କହି ୟେଦୁରପ୍ପା ଖଣ୍ଡନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏକ ଠକେଇ ମାମଲାରେ ସହାୟତା ପାଇଁ ଫେବୃଆରୀ ୨ରେ ନାବାଳିକା ଜଣକ ତାଙ୍କ ମାଆଙ୍କ ସହ ୟେଦୁରପ୍ପାଙ୍କ ନିକଟକୁ ଯାଇଥିଲେ। ଏହି ସମୟରେ ନାବାଳିକାଙ୍କୁ ଯୌନ ନିର୍ଯାତନା ଦିଆଯାଇଥିଲା ବୋଲି ମାଆ ଅଭିଯୋଗ କରିଥିଲେ।

## ବିଆର୍‌ଏସ୍ ନେତ୍ରୀ କବିତା ଗିରଫ

### ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି କାର୍ଯ୍ୟାନୁଷ୍ଠାନ



**ହାଇଦ୍ରାବାଦ/ନୂଆଦିଲ୍ଲୀ,୧୫।୩**

ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତାଙ୍କୁ ଗିରଫ କରିଛି। ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ ତଥା ଏମ୍‌ଏଲ୍‌ସି କବିତାଙ୍କୁ ଇଡି ଅଧିକାରୀମାନେ ହାଇଦ୍ରାବାଦରେ ଗିରଫ କରିବା ପରେ ଜେରା ପାଇଁ ଦିଲ୍ଲୀ ନେଇଛନ୍ତି। ଲୋକ ସଭା ନିର୍ବାଚନକୁ କିଛି ସପ୍ତାହ ବାକି ଥିବାବେଳେ ଶୁକ୍ରବାର ସକାଳେ ହାଇଦ୍ରାବାଦସ୍ଥିତ କବିତାଙ୍କ ଘରେ ଇଡି ଚଢ଼ାଉ କରିଥିଲା। ଏହା ପରେ ତାଙ୍କୁ ନିଜ ହେପାଜତକୁ ନେଇଥିଲା। ରାତି ୮ଟା ୪୫ରେ ତାଙ୍କୁ ଏକ ବିମାନରେ ଦିଲ୍ଲୀ ନିଆଯାଇଥିବା ବିଆର୍‌ଏସ୍ ନେତା ତଥା ପୂର୍ବତନ ମନ୍ତ୍ରୀ ଭେମୁଲା ପ୍ରଶାନ୍ତ ରେଡ୍ଡୀ ସୂଚନା ଦେଇଛନ୍ତି। ଭେମୁଲା ଏହି କାର୍ଯ୍ୟାନୁଷ୍ଠାନକୁ ପ୍ରାୟୋଜିତ ବୋଲି ଅଭିହିତ କରିବା ସହ ଏହା ବିରୋଧରେ ବିଆର୍‌ଏସ୍ ବିକ୍ଷୋଭ କରିବ ବୋଲି କହିଛନ୍ତି। ପ୍ରକାଶ ଯେ, ଉଚ୍ଛେଦ ହୋଇସାରିଥିବା ୨୦୨୧-୨୨ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ବଡ଼ ଭୂମିକା ଥିବା ମଦ ବ୍ୟବସାୟୀ ଗୋଷ୍ଠୀ 'ସାଉଥ୍ ଗ୍ରୁପ୍' ସହ କବିତାଙ୍କ ସମ୍ପର୍କ ରହିଥିବା ପୂର୍ବରୁ ଇଡି ଦାବି କରିଥିଲା। ଅନ୍ୟତମ ଅଭିଯୁକ୍ତ ବିଜୟ ନାୟାର ସାଉଥ୍ ଗ୍ରୁପ୍‌ଠାରୁ ଅନ୍ୟୂନ ୧୦୦ କୋଟି ଟଙ୍କା ଲାଞ୍ଚ ଗ୍ରହଣ କରିଥିଲେ। ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ନେତାମାନଙ୍କ ତରଫରୁ କବିତା ଓ ତାଙ୍କ ସହଯୋଗୀମାନେ ଏହି ଟଙ୍କା ନେଇଥିବା ଇଡି କହିଛି।

## ରୁଷିଆ ରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ଜାରି



ରୁଷିଆରେ ଶୁକ୍ରବାର ଜଣେ ବରିଷ୍ଠ ନାଗରିକ ଭୋଟ ଦେଉଛନ୍ତି।

**ମସ୍କୋ,୧୫।୩**

ରୁଷିଆରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଶୁକ୍ରବାରଠାରୁ ୩ ଦିନିଆ ମତଦାନ ଆରମ୍ଭ ହୋଇଛି। ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ତାଙ୍କ ବିରୋଧୀମାନଙ୍କୁ ପ୍ରତିହତ କରିବା ପରେ ପୁଣି ୬ ବର୍ଷ ରାଷ୍ଟ୍ରପତି ରହିବା ଏକପ୍ରକାର ନିଶ୍ଚିତ ହୋଇଯାଇଛି। ବିରୋଧୀଙ୍କ ଉପରେ ନିଷ୍ଠୁର କାର୍ଯ୍ୟାନୁଷ୍ଠାନ ଜାରି ରହିଥିବାବେଳେ ସ୍ୱାଧୀନ ଗଣମାଧ୍ୟମ ଓ ପ୍ରମୁଖ ଅଧିକାର ସଂଗଠନଗୁଡ଼ିକର କଣ୍ଠରୋଧ କରାଯାଇଛି। ଏଭଳି ସମୟରେ ନିର୍ବାଚନ ପୁଟିନ୍‌ଙ୍କୁ ରାଜନୈତିକ ବ୍ୟବସ୍ଥା ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଦେବାକୁ ଯାଉଛି। ୟୁକ୍ରେନ୍ ବିରୋଧରେ ଶକ୍ତିଶାଳୀ ରୁଷିଆର ଆକ୍ରମଣ ତୃତୀୟ ବର୍ଷରେ ପହଞ୍ଚିଥିବାବେଳେ ଏହା ବିଶେଷ ଅଗ୍ରଗତି କରିପାରି ନାହିଁ। ବରଂ ଏହା ଯୁଦ୍ଧରେ ବହୁ ସୈନ୍ୟଙ୍କୁ ହରାଇବା ସହ କ୍ଷତିଗ୍ରସ୍ତ ହୋଇଛି। ଏଭଳି ସମୟରେ ନିର୍ବାଚନ ଅନୁଷ୍ଠିତ ହେଉଥିବାବେଳେ ଉଭୟ ବାଲଟ ଏବଂ ଅନ୍‌ଲାଇନରେ ଭୋଟିଂ ଚାଲିଛି।

## ଅପହୃତ ବାଂଲାଦେଶୀ ଜାହାଜକୁ ସହାୟତା କଲା ନୌସେନା

**ନୂଆଦିଲ୍ଲୀ,୧୫।୩ (ପି.ଟି.):** ଭାରତ ମହାସାଗରରେ ଅପହୃତ ବାଂଲାଦେଶର ଏକ ମାଲବାହୀ ଜାହାଜକୁ ଭାରତୀୟ ନୌସେନା ଯୁଦ୍ଧଜାହାଜ ଏବଂ ସାମୁଦ୍ରିକ ପାଟ୍ରୋଲ ବିମାନ ସହାୟତା ଯୋଗାଇ ଦେଇଥିଲେ। ସଶସ୍ତ୍ର ଜଳଦସ୍ୟୁମାନେ ଜାହାଜର କର୍ମଚାରୀମାନଙ୍କୁ ପଣବନ୍ଦୀ ରଖିଥିବାବେଳେ ନୌସେନା ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିଥିଲେ।

## କୋଏମ୍ବାଟୁର୍‌ରେ ମୋଦିଙ୍କ ରୋଡ୍‌ଶୋ'କୁ ହାଇକୋର୍ଟଙ୍କ ଅନୁମତି

**ଚେନ୍ନାଇ,୧୫।୩**

ଲୋକ ସଭା ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କର ଆସନ୍ତା ୧୮ ତାରିଖରେ କୋଏମ୍ବାଟୁର୍‌ରେ ଏକ ରୋଡ୍‌ଶୋ' କରିବା କାର୍ଯ୍ୟକ୍ରମ ରହିଛି। ଏହି ରୋଡ୍‌ଶୋ' ପାଇଁ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଅନୁମତି ପ୍ରଦାନ କରିଛନ୍ତି। ସୁରକ୍ଷା ସମେତ ବିଭିନ୍ନ କାରଣ ଦର୍ଶାଇ ତାମିଲନାଡୁର ଜିଲା ପୋଲିସ ପ୍ରଶାସନ ପ୍ରଧାନମନ୍ତ୍ରୀଙ୍କୁ ରୋଡ୍‌ଶୋ' ପାଇଁ ଅନୁମତି ଦେଇ ନ ଥିଲା। ତେବେ ହାଇକୋର୍ଟ କେତେକ ସର୍ତ୍ତ ସହ ରୋଡ୍‌ଶୋ' ପାଇଁ ଅନୁମତି ଦେବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ରୋଡ୍ ଶୋ' ବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଫ୍ଲେକ୍ସ ବୋର୍ଡ ଲଗାଇବା ଉପରେ କଟକଣା ରହିବ। ପୋଲିସ ଲଗାଇବାକୁ ଥିବା ସର୍ତ୍ତାବଳୀକୁ ଦଳୀୟ କର୍ମୀ ମାନିବାକୁ ଅଦାଲତ କହିଛନ୍ତି। ସୂଚନାଯୋଗ୍ୟ, କୋଏମ୍ବାଟୁର ଶିଳ୍ପାଞ୍ଚଳ ସହରରେ ୩.୬ କିଲୋମିଟର ରୋଡ୍‌ଶୋ' ପାଇଁ ଭାଜପା ଅନୁମତି ଲୋଡ଼ିଥିବାବେଳେ ସୁରକ୍ଷା, ଅତୀତର ସାମ୍ପ୍ରଦାୟିକ ହିଂସା ଏବଂ ଜନସାଧାରଣ ବିଶେଷକରି ଛାତ୍ରୀଛାତ୍ରଙ୍କ ଅସୁବିଧା ଦର୍ଶାଇ ପୋଲିସ ପ୍ରଶାସନ ଅନୁମତି ଦେବାକୁ ମନା କରିଦେଇଥିଲା।

## ସିଏଏକୁ ନେଇ ଚିନ୍ତାବ୍ୟକ୍ତ କଲା ଆମେରିକା

**ନୂଆଦିଲ୍ଲୀ,୧୫।୩**

ଭାରତରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)ର ବିଜ୍ଞପ୍ତିକୁ ନେଇ ଆମେରିକା ଗୁରୁବାର ଚିନ୍ତାବ୍ୟକ୍ତ କରିବା ସହ ସିଏଏର କାର୍ଯ୍ୟକାରିତା ଉପରେ ତୀକ୍ଷ୍ଣ ନଜର ରଖିଥିବା କହିଛି। ଲୋକ ସଭା ନିର୍ବାଚନ ପୂର୍ବରୁ ଗତ ୧୧ ତାରିଖରେ ସିଏଏକୁ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହା କିପରି କାର୍ଯ୍ୟକାରୀ ହେବ ତାହା ଉପରେ ଆମେ ନଜର ରଖିଛୁ ବୋଲି ଆମେରିକାର

### ଭାରତର ଦୃଢ଼ ପ୍ରତିବାଦ

ପରରାଷ୍ଟ୍ର ବିଭାଗ ମୁଖପାତ୍ର ମାଥ୍ୟୁ ମିଲର ଖବରଦାତାମାନଙ୍କୁ କହିଛନ୍ତି। ଆଇନ ଅନୁଯାୟୀ ସବୁ ସମ୍ପ୍ରଦାୟକୁ ସମାନ ବ୍ୟବହାର କରିବା ଏବଂ ଧର୍ମୀୟ ସ୍ୱାଧୀନତାକୁ ସମ୍ମାନ ଦେବା ମୌଳିକ ଗଣତାନ୍ତ୍ରିକ ସିଦ୍ଧାନ୍ତ ବୋଲି ମିଲର କହିଛନ୍ତି। କେନ୍ଦ୍ର ସରକାର ଆଣିଥିବା ଆଇନ ଅନୁଯାୟୀ ୨୦୧୪ ଡିସେମ୍ବର ୩୧ ପୂର୍ବରୁ ଯେଉଁ ଅଣମୁସଲମାନମାନେ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ବିନା କାଗଜପତ୍ରରେ ଭାରତ ଆସି ଏଠାରେ ରହିଯାଇଛନ୍ତି, ସେମାନଙ୍କୁ ନାଗରିକତ୍ୱ ପ୍ରଦାନ କରାଯିବ। ଉକ୍ତ ଆଇନରେ କାହାର ନାଗରିକତ୍ୱ କଟିବାର ନ ଥିବାରୁ ଭାରତୀୟ ମୁସଲମାନମାନେ ଚିନ୍ତିତ ହେବାର କିଛି ନାହିଁ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ହେଲେ ଆମେରିକା ସିଏଏକୁ ନେଇ ଚିନ୍ତା ପ୍ରକଟ କରିବା ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର ଏହାର ଦୃଢ଼ ପ୍ରତିବାଦ ଜଣାଇଛି। ଆମେରିକାର ପ୍ରତିକ୍ରିୟା ଭୁଲ୍ ଏବଂ ଅନୁଚିତ ତଥ୍ୟ ଆଧାରିତ ଅବାଞ୍ଛିତ ବୋଲି ଭାରତ କହିଛି। ସିଏଏ ଭାରତର ଆଭ୍ୟନ୍ତରୀଣ ମାମଲା। ଆମେରିକା ଭଳି ଅନ୍ୟମାନେ ମଧ୍ୟ ଏହା ଉପରେ ମନ୍ତବ୍ୟ ଦେଉଛନ୍ତି, ଯାହାକୁ ଆମେ ଅବାଞ୍ଛିତ ଭାବେ ଦେଖୁଛୁ। ଭାରତର ସମ୍ବିଧାନ ଏହାର ସମସ୍ତ ନାଗରିକଙ୍କୁ ଧର୍ମୀୟ ସ୍ୱାଧୀନତାର ଗ୍ୟାରେଣ୍ଟି ଦେଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।

## ଫୁରସତ୍

# ସୁସ୍ଥ ଜୀବନ ପାଇଁ ଟିକାକରଣ ଜରୁରୀ

**ବି**ଶେଷଭାବରେ ଶିଶୁଟିଏ ଜନ୍ମ ନେବା ପରେ ଟିକାକରଣ ଉପରେ ଗୁରୁତ୍ୱ ଦିଆଯାଇଥାଏ। ଏଥିପାଇଁ ଏକ ଟିକାତାଲିକା ମଧ୍ୟ ପ୍ରସ୍ତୁତ କରାଯାଇଛି, ଯାହାକୁ ଅନୁସରଣ କରି ପିଲାମାନଙ୍କୁ ଜନ୍ମ ପରେ ପରେ ହିଁ ଟିକା ଦେବା ଆରମ୍ଭ କରିଦିଆଯାଇଥାଏ। ଭବିଷ୍ୟତରେ ସୁସ୍ଥ ରହିବା ଲାଗି ଏହା ବେଶ୍ ସହାୟକ ହୋଇଥାଏ। ତେଣୁ ଏ ସମ୍ପର୍କରେ ସମସ୍ତେ ଅବଗତ ହେବା ଦରକାର। ଜନସାଧାରଣଙ୍କଠାରେ ଟିକାକରଣର ଉପାଦେୟତା ବିଷୟରେ ସଚେତନ କରାଇବା ଲାଗି ପ୍ରତିବର୍ଷ ମାର୍ଚ୍ଚ ୧୬ ତାରିଖକୁ 'ଜାତୀୟ ଟିକାକରଣ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିନ କେବଳ ସରକାରୀ ନୁହେଁ, ବେସରକାରୀ ସଂସ୍ଥାଗୁଡ଼ିକ ପକ୍ଷରୁ ବିଭିନ୍ନ ପ୍ରକାର ଜନସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ପ୍ରତ୍ୟେକଙ୍କ ପାଇଁ ଟିକାଗୁଡ଼ିକ କାମ କରିଥାଏ' ( ଭ୍ୟାକସିନ୍ସ ୱାର୍କ ଫର ଏଭ୍ରିୱାନ୍)। ଆମ ଦେଶକୁ ପୋଲିଓମୁକ୍ତ କରିବା ପାଇଁ ପ୍ରଥମେ ମାର୍ଚ୍ଚ ୧୫, ୧୯୯୫ରେ ଓରାଲ ପୋଲିଓ ବୁନ୍ଦା ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଭାରତର ଏଭଳି ଉଦ୍ୟମକୁ ସେ ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ପ୍ରଶଂସା କରିବା ସହ ତାହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ପରାମର୍ଶ ଦେଇଥିଲା। ପରବର୍ତ୍ତୀ ସମୟରେ ଏହି ଦିନକୁ 'ଜାତୀୟ ଟିକାକରଣ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ବିଶେଷଭାବରେ ସଂକ୍ରାମକ ରୋଗର



### ଆଜି ଜାତୀୟ ଟିକାକରଣ ଦିବସ

କାୟା ବିସ୍ତାରକୁ ରୋକିବା ପାଇଁ ଟିକା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଶିଶୁଟିଏ ଯଦି ଠିକ୍ ସମୟରେ ଟିକା ନିଏ ତେବେ ତାହା ତା' ପାଇଁ ଭବିଷ୍ୟତରେ ରୋଗର ରକ୍ଷାକବଚ ଭାବରେ କାମ କରେ। ଇଂରେଜ ଚିକିତ୍ସକ ଡା. ଏଡୱାର୍ଡ ଜେନେର ପ୍ରଥମେ ଟିକା ପ୍ରସ୍ତୁତ କରିଥିଲେ। ୧୭୯୭ରେ ସେ ଜଣେ ୧୩ ବର୍ଷ ବୟସ୍କ ପିଲାକୁ ବସନ୍ତ ଟିକା ଦେଇଥିଲେ। ଏବେ ବସନ୍ତ, ମିଳିମିଳା, ମ୍ୟାଲେରିଆ, ରୁବେଲା, ପୋଲିଓ ଆଦି ଟିକାର ବିକଶିତ ରୂପ ଉପଲବ୍ଧ। ଶିଶୁମାନଙ୍କୁ ଠିକ୍ ସମୟରେ ଟିକା ଦିଆଯିବା ଫଳରେ ସେମାନଙ୍କୁ ଅନେକ ପ୍ରକାର ରୋଗରୁ ରକ୍ଷା କରାଯାଇପାରୁଛି।

## ମଧୁବାଲାଙ୍କ ଉପରେ ହେବ ବାୟୋପିକ୍

**ମୁମ୍ବାଇ:** ଭାରତର କିମ୍ବଦନ୍ତୀ ଅଭିନେତ୍ରୀ ମଧୁବାଲାଙ୍କ ଜୀବନୀ ଉପରେ ଖୁବ୍‌ଶୀଘ୍ର ବାୟୋପିକ୍ ନିର୍ମାଣ ହେବାକୁ ଯାଉଛି। 'ଡାର୍ଲିଂ' ଚଳଚ୍ଚିତ୍ରର ନିର୍ଦ୍ଦେଶକ ତଥା ଚିତ୍ର ନିର୍ମାତା ଜସ୍ମିତ କେ. ରିନ୍ ଏହି ଜୀବନୀ ଚଳଚ୍ଚିତ୍ରର ସଞ୍ଚାଳନ କରିବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ଉକ୍ତ ବାୟୋପିକ୍ ସମ୍ପର୍କରେ ସୋନି ପିକ୍ଚର୍ସ ଇଣ୍ଟରନ୍ୟାଶନାଲ ପ୍ରଡକ୍‌ଶନ୍ସ ପକ୍ଷରୁ ଏହାର ସୋସିଆଲ ମିଡିଆ ହ୍ୟାଣ୍ଡଲ୍‌ରେ ଘୋଷଣା କରାଯାଇଛି। ବଲିଉଡ୍‌ର ଅନ୍ୟତମ ସବୁଠୁ ଆଇକନିକ୍ ତାରକାଙ୍କ ଚିର ଆକର୍ଷଣୀୟ ଏବଂ ସମସ୍ତଙ୍କ ହୃଦୟକୁ ବାନ୍ଧିରଖିବା ଭଳି କାହାଣୀ ଉପରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଆମେ ପ୍ରସ୍ତୁତ ବୋଲି ଷ୍ଟୁଡିଓ ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରାଯାଇଛି। ହିନ୍ଦୀ ସିନେମାର ସୁବର୍ଣ୍ଣ ଯୁଗରେ ଆଗଧାଡ଼ିର ଅଭିନେତ୍ରୀଙ୍କ ମଧ୍ୟରେ ଅନ୍ୟତମ ମଧୁବାଲା ତାଙ୍କର ସଂକ୍ଷିପ୍ତ ଅଭିନୟ ଜୀବନକାଳରେ 'ମିଷ୍ଟର ଏବଂ ମିସେସ୍ ୫୫', 'ଚଲତି କା ନାମ୍ ଗାଡ଼ି', 'କାଲାପାନି', 'ହାୱଡ଼ା ବ୍ରିଜ୍' ଏବଂ 'ମୋଗଲ-ଇ-ଆଜମ' ଆଦି ଚଳଚ୍ଚିତ୍ରରେ ଅଭିନୟ କରିଥିଲେ। ୧୯୬୯ରେ ମାତ୍ର ୩୬ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଥିଲା। ଆଲିଆ ଭଟ୍ଟ ଅଭିନୀତ ଚଳଚ୍ଚିତ୍ର 'ଡାର୍ଲିଂ'ରେ ପ୍ରଥମ ନିର୍ଦ୍ଦେଶନା ଦେଇଥିବା ରିନ୍ ଉକ୍ତ ବାୟୋପିକ୍ ପ୍ରୋଜେକ୍ଟ ସମ୍ପର୍କରେ ନିଜ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରିଛନ୍ତି।



# GBC 4.0 to propel UP to $1 trillion goal



*In the last 7 years an atmosphere of business, development and trust has developed in Uttar Pradesh. The double-engine government has proven the inevitability of change if there is a genuine desire for it, doubling of exports from the state during this period. UP is a state with the maximum number of expressways, and international airports in the country. It is the state where the country's first rapid rail is running, along with presence of big chunk of Eastern and Western Peripheral Expressways. In Uttar Pradesh in the last 7 years of the "double-engine" government the culture of "red tape" has been replaced by the "red carpet" for investors.*

**- Narendra Modi**
**Prime Minister**

The Prime Minister Narendra Modi laid the foundation stone for over 14,000 projects across different sectors collectively valued at more than 10 lakh crore during the country's largest Ground-Breaking Ceremony (GBC) 4.0, held in Lucknow on 19 February, 2024. Envisioned to catalyze economic growth and prosperity, this initiative is set to bring forth around 34 lakh employment opportunities across the state, signifying a notable stride forward.

*Now UP means 'Unlimited Potential'. It is the result of the state's investment-friendly policy along with ease of doing business, Nivesh Mitra portal, and single window system that today every investor wants to come here.*

**- Yogi Adityanath**
**Chief Minister**











*Double Engine government, under the leadership of Prime Minister Narendra Modi and Chief Minister Yogi Adityanath, Uttar Pradesh has experienced remarkable advancements in infrastructure, particularly in transportation. With its stellar rail, road, air, and waterways, the state has witnessed a noteworthy evolution, guaranteeing smooth transit of both commodities and individuals throughout its expansive territory. Moreover, the recent establishment of state-of-the-art airports and the expansion of inland water routes have further cemented its reputation as a vibrant transportation nucleus.*




In a major push towards clean, green energy generation, Rs 1.3 lakh Cr worth projects unveiled .Almost 50% of these are Pumped Storage Power projects in Sonbhadra.

## Key Sectors

- Investment of more the Rs. 2 Lakh Cr. in the Manufacturing sector.
- The Renewable Energy Sector has got an investment of more than Rs. 1 Lakh Cr.
- IT boom! Over Rs.90,000 Cr. invested in the sector, fuelling growth and innovation.
- The Food Processing sector has received investments exceeding Rs. 60000 Cr.
- The real estate sector receives a major boost with an investment exceeding Rs.50,000 Cr.
- Mega investment of Rs.25000 Cr. fuels growth in the Waste Management Sector, promising positive impacts.
- Over Rs.10,000 Cr. flows into the Distilleries industry and more than Rs. 9000 Cr. in the Dairy Sector, marking a significant development.
- The education sector flourishes with a record-breaking investment of Rs. 25,000 Cr. raising optimism for improved learning outcomes.
- Healthcare gets a boost! Over Rs. 10,000 Cr. invested in the sector, promising improved access and facilities.
- The textile sector receives an investment exceeding Rs. 6,000 Cr. marking a significant development.
- The pharmaceutical and medical device industries receive a combined investment of Rs. 2,000 Cr.

## Major Investment

- With a massive investment of Rs. 30000 Cr. Yotta is setting up a capital-intensive Data Centre Park comprising 6 Data Centre buildings of approximately 40 MW Power each in Gautambuddha Nagar.
- Torrent Power is setting up 2-pumped Storage Plants in Sonbhadra with an investment of Rs. 22,800 Cr.
- Greenko is setting up Pumped Storage Project, with an investment of Rs.17181 Cr. which is envisaged as Off- a Stream Closed Loop Pumped Storage Project (OCPSP) of 3660 MW / 21960 MWH storage capacity, in Sonbhadra district.
- ACME Cleantech Solutions is paving the way for sustainable energy solutions with the Musakhand PSP Closed Loop Pumped Storage Project in Chandauli, boasting an installed capacity of 1680 MW and an investment of Rs. 9450 Cr.
- JSW is setting up a Pumped Storage Project (PSP) in Sonbhadra having a capacity of 1680 MW/10483 MWH, with upper and lower reservoirs boasting storage capacities of 13.30 MCM and 15.91 MCM with an investment of Rs. 8000 Cr.
- Tata Technologies is setting up or upgrading around 150 Government ITIS in Lucknow with an investment of Rs. 4174 Cr.
- The landscape of Greater Noida is set to evolve with the introduction of INGKA's IKEA Retail furniture store and shopping mall, supported by a significant investment of Rs. 4300 Cr.
- With a capital infusion of Rs. 4000 Cr, Air India SATS is initiating the development of an Air Cargo Terminal and Logistic Park located in Gautam Buddha Nagar.
- Century Pulp & Paper is setting up a Bagasse-based Paper Manufacturing unit in Moradabad with an investment of Rs. 4000 Cr.
- Across Prayagraj, Gorakhpur, Amethi, and Chitrakoot, Varun Beverages Ltd. is undertaking a substantial investment of Rs. 3500 Cr. to set up 4 advanced manufacturing plants. These facilities will focus on the production of fruit pulp, fruit juice-based drinks, carbonated soft drinks, beverages base soups, and packaging products.
- Dalmia Cement is setting up a cement production plant in Mirzapur with a capacity of 11 MTPA by acquiring and reviving sick units with a substantial capital infusion of Rs. 3000 Cr.
- In Ayodhya, the House of Abhinandan Lodha is embarking on an ambitious project for luxury housing and commercial real estate, committing a substantial investment of Rs. 3000 Cr.
- Adani Defence is setting up South Asia's largest manufacturing facility of small arms and ammunition in the Kanpur node of UP Defence Industrial Corridor with an investment of Rs. 1500 Cr.
- Fun Zoo Toys (India) is channeling Rs. 1052 Cr towards the development of a manufacturing hub within Gautam Buddha Nagar's Toy Park.
- Ashok Leyland is investing Rs. 1000 Cr to establish a new integrated commercial vehicle plant in Lucknow. The focus of this greenfield project will primarily be on manufacturing electric buses.



## Business Friendly Governance

The business-friendly governance spearheaded by Chief Minister Yogi has played a pivotal role in creating an environment conducive to attracting investors. Through strategic policy initiatives and proactive measures, the state has positioned itself as an attractive destination for both domestic and international investors. Chief Minister Yogi's emphasis on streamlining bureaucratic processes, improving infrastructure, and ensuring transparency has instilled confidence among businesses, leading to increased investments across various sectors. His unwavering commitment to economic growth and development has facilitated the establishment of new businesses, the expansion of existing ones, and the creation of employment opportunities, ultimately contributing to the overall prosperity of the state.

**1st Rank** Good Governance Index 2021 | **2nd Rank** Export Preparedness Indix (*Landlocked) | **Achiever State (2020)** Ease of Doing Business | **Achiever State (2023)** Logistic Ease Across Different States

**481** Licenses services including Pre-Establishement/Pre-Operation/ Renewal & Additional Services available

**41** Number of departments intgrated

**13.26 lakh** Number of license applications have been disposed (at 97% disposal rate)out of 13.67 lakh applications received

**1000+** Unique reforms implemented under BRAP

**4500+** Compliance minimized; 577+decriminalised

**200+** Services included into Janhit Guarantee Acc for timely delivery of NOCs

# ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ଘାଇ

ଭବାନୀପାଟଣା,୧୫।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଭର ଛକ ନିକଟରେ ଥିବା ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ଏକ ଘାଇ ସୃଷ୍ଟି ହୋଇଛି। ଫଳରେ କେନାଲର ପାଣି ସିଧାସଳଖ ଫଲ୍ ରେ ନ ଯାଇ ଘାଇ ପଟରେ ଯାଉଥିବା ଦେଖିବାକୁ ମିଳିଛି। ତେବେ ନିକଟରେ ଥିବା ଚାଷ ଜମିଗୁଡିକ ଉଚ୍ଚାରେ ଥିବାରୁ କେନାଲ ପାଣି ସେଠାକୁ ଯାଇ ନ ପାରି ତଳ ଭାଗରେ କେନାଲରେ ପୁଣି ମିଶୁଛି। ଏହି ଘାଇ ଗତ କିଛି ଦିନ ହେଲା ଛୋଟ ଆକାରରେ ଥିବାବେଳେ ବିଭାଗ ପକ୍ଷରୁ ମରାମତି କରାଯାଇ ନ ଥିବାରୁ ଏବେ ଏହା ବଡଘାଇରେ ପରିଣତ ହୋଇଛି। ପୂର୍ବରୁ ଫଲ୍ ରେ କେନାଲ ପାଣି ଆବଶ୍ୟକ ଅନୁଯାୟୀ ଆୟତ୍ତ ଭାବରେ ତଳ ଭାଗକୁ ଯାଉଥିବାବେଳେ ଏବେ ଘାଇହେବା ପରେ କେନାଲ ପାଣି ପ୍ରବଳ ମାତ୍ରାରେ ତଳ ପଟକୁ ଯାଉଛି। ଫଳରେ ଏହି ମୁଖ୍ୟ କେନାଲରେ ସଂଯୋଗ ହୋଇଥିବା ଉପର ପଟରେ ଯମୁନାବାହାଲ ମାଇନର କେନାଲରେ ଆବଶ୍ୟକ ପାଣି ଯାଉନାହିଁ। ଏହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ଏ ନେଇ କୁସୁମଖୁଣ୍ଟି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ତୃପ କୁମାର ପାତ୍ରଙ୍କୁ ପଚାରିବାରୁ ଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ।


ମହିଭର ନିକଟରେ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲରେ ଘାଇ ସୃଷ୍ଟି ହୋଇଛି।

# ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଷ୍ଟୁଡେଣ୍ଟ ଆପ୍ ଉଦ୍‌ଘାଟିତ

ଖଡ଼ିଆଲ,୧୫।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ‘ଷ୍ଟୁଡେଣ୍ଟ ଆପ’ ଉଦଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ତରୁଣ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଖଡ଼ିଆଲ ବିଧାୟକ ଅଧୀରାଜ ମୋହନ ପାଣିଗ୍ରାହୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଡ. ବିଶ୍ୱଜିତ ପାଢ଼ୀ, ଯୁକ୍ତ୨ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ଛାତ୍ର କଲ୍ୟାଣ ପରିଚାଳନା ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ପଦ୍ମଲୋଚନ ବର୍ମା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନଙ୍କୁ ଏହି ଆପର କିପରି ସୁଯୋଗ ପାଇବେ ସେ ସମ୍ପର୍କରେ ଅଧକ୍ଷ ପ୍ରଧାନ ବୁଝାଇଥିଲେ। ଏହା ମାଧ୍ୟମରେ ଛାତ୍ରୀଛାତ୍ରମାନେ କଲେଜ ସମ୍ପର୍କରେ ନୋଟିସ ଯଥା ପରୀକ୍ଷା ନୋଟିସ, ଫର୍ମ ଫିଲପ ନୋଟିସ, ଛୁଟି ନୋଟିସ, କଲେଜ ଫି’ ନୋଟିସ, ହଷ୍ଟେଲ ଫି’ ନୋଟିସ, ଲାଇବ୍ରେରୀ ସୁବିଧା, ତଥା ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇପାରିବେ। ଏହି ଆପ ଛାତ୍ରୀଛାତ୍ରମାନେ ପ୍ଲେ ଷ୍ଟୋରରୁ ଡାଉନଲୋଡ୍ କରି ବ୍ୟବହାର କରିପାରିବେ ବୋଲି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ଅଧାପକ ତଥା ଅଧାପିକା ସହ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଡ. ସରୋଜ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହା ଜାଣି ଛାତ୍ରୀଛାତ୍ରଙ୍କ ମନରେ ଖୁସିର ବାତାବରଣ ଦେଖିବାକୁ ମିଳିଥିଲା।

# କ୍ଷତି ପୂରଣ ଦାବିରେ ଜିଲାପାଳଙ୍କୁ ଦାବିପତ୍ର

ନୂଆପଡ଼ା,୧୫।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ତରବୋଡଠାରୁ କାଣ୍ଡେତରା ଯାଇଥିବା ରାସ୍ତା କଡରେ ଚାଷୀଙ୍କ ଜମିକୁ ଡିମାରକେସନ ନ କରି ରାସ୍ତା ତିଆରି କରାଯାଉଥିବାରୁ ବିରୋଧ କରି ଜିଲାପାଳ ହେମକାନ୍ତ ସାଏଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାୟପୁର-ଗୋପାଲପୁର ସଂଯୋଗ କରୁଥିବା ୩୫୩ ନମ୍ବର ଜାତୀୟ ରାଜପଥଠାରୁ ତରବୋଡ-କାଣ୍ଡେତରାକୁ ସଂଯୋଗ କରୁଥିବା ରାସ୍ତା କାର୍ଯ୍ୟ ଚାଲିଛି। ତରବୋଡଠାରୁ ଭରୁଆମୁଣ୍ଡା ପର୍ଯ୍ୟନ୍ତ ଅଧିକାଂଶ ଚାଷୀଙ୍କ ଜମି ରାସ୍ତାକୁ ଲାଗି ରହିଛି। ରାସ୍ତା କାର୍ଯ୍ୟ କରୁଥିବା ଠିକାଦାର ଡିମାରକେସନ ବା ଚାଷୀଙ୍କୁ ନ ଜଣାଇ ନିଜ ମନମୁଖୀ କାର୍ଯ୍ୟ ଚଳାଇ ଥିବାରୁ ଚାଷୀଙ୍କ ଚାଷ ଜମି ଭିତରକୁ ମାଟି ପଶି ଯାଉଛି। ଅଧିକାଂଶ ଚାଷୀଙ୍କ ମୂଲ୍ୟବାନ ଗଛ ଓ ବାହାଲ ଜମି ସବୁ ରାସ୍ତାରେ ଯାଉଛି। ବର୍ତ୍ତମାନ ଲୋକେ ଖରାଟିଆ ଚାଷ କରିଛନ୍ତି। ଚାଷ ଉପରେ ଠିକାଦାର କିଛି ନ କହି କାର୍ଯ୍ୟ କରି ଚାଲିଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱକୁ ଡିମାରକେସନ କରି ରାସ୍ତାରେ ଯାଉଥିବା ଜମିର କ୍ଷତି ପୂରଣ ଦିଆଯାଉ, କ୍ଷତି ପୂରଣ ନ ଦେବା ପର୍ଯ୍ୟନ୍ତ କାର୍ଯ୍ୟ ବନ୍ଦ କରିବା ପାଇଁ ଚାଷୀ ଦାବି କରିଛନ୍ତି। କ୍ଷତି ପୂରଣ ନ ଦେଇ କାର୍ଯ୍ୟ କଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ସମୟରେ ବିବେକାନନ୍ଦ ବାଗ, ମିନକେତନ ମେହେର, ଜଗଦୀଶ ମାଝି, ଚୈତନ ନାଏକ, ସୁବନ ମାଝି, ଡୋଲାମଣି ବାରିକ, ଈଶ୍ୱରଲାଲ ବିଶି, ହୃଦେ ସିଂ ମାଝି, ସୁନ୍ଦର ମାଝି, ମୋହନ ବେମାଲ, ଟିପୁନୁ ବେମାଲ, କ୍ଷମା ସାଗର ବେମାଲ, ଭଜମନ ବିଶି, କମଲ ସିଂ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଦାବିପତ୍ର ପ୍ରଦାନ କରାଯାଉଛି।

# ଉତ୍କଳ ବାଳଶ୍ରମରେ ସ୍ୱଚ୍ଛତା ପକ୍ଷ ପାଳିତ

ଖଡ଼ିଆଲ,୧୫।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଲସ୍ଥିତ ଉତ୍କଳ ବାଳଶ୍ରମରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲା କଲ୍ୟାଣ କମିଟି ଅଧକ୍ଷ ଡ. ଫାଣିନ୍ଦମ ଦେଓ ଯୋଗଦେଇ ଶିଶୁ ଅବସ୍ଥାରେ ମାନସିକତା ପରିବର୍ତ୍ତନ କରି ସାକାର୍ତ୍ମକ ମନୋଭାବ ସୃଷ୍ଟି କରିବା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ ଏବଂ ଏହା ପ୍ରମାଣିତ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ସିଂ, ଶିଶୁ କଲ୍ୟାଣ କମିଟିସଦସ୍ୟ ନାରାୟଣ ଯୋଶୀ, ସାମାଜିକକର୍ମୀ ଶ୍ରୀନିବାସ ବେହେରା, ଉତ୍କଳ ବାଳଶ୍ରମ ଅଧକ୍ଷ ଅର୍ଚ୍ଚନା ପାଢୀ ପ୍ରମୁଖ ଯୋଗଦେଇ ବର୍ଜ୍ୟବସ୍ତୁରୁ ସରକାରୀ ବସ୍ତୁରେ ପରିଣତ କରିବା ନିଖୁଣ କଳା ନେଇ ତାଙ୍କୁ ତାଲିମ ଦେଇଥିଲେ। ଏକ ଅଭିନବ ପ୍ରୟାସ କରି ବର୍ଜ୍ୟ ବସ୍ତୁର ଠିକ ଉପାୟରେ ବ୍ୟବହାର କରି ଗୃହ ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କଲେ ଅନ୍ତେବାସୀ।

# ସାଧାରଣ ନିର୍ବାଚନ ପାଇଁ ଅଧିକାରୀଙ୍କ ତାଲିମ ସମ୍ବନ୍ଧୀୟ ସମୀକ୍ଷା ବୈଠକ


ତାଲିମ ସମ୍ବନ୍ଧୀୟ ସମୀକ୍ଷା ବୈଠକରେ ଜିଲାପାଳ ଓ ଅନ୍ୟମାନେ।

ଭବାନୀପାଟଣା,୧୫।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଏକ ତାଲିମ ସମ୍ବନ୍ଧୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧକ୍ଷତାରେ ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷଣ, ଖର୍ଚ୍ଚ ନିରୀକ୍ଷଣ ସେଲ, ଆଚରଣ ବିଧି, ଭିଡିଓ ଟିମ, ଷ୍ଟାଟିକ ସର୍ଭେଲାନ୍ସ ଟିମ, ଲେଖା ହିସାବ ଟିମ, ଅଭିଯୋଗ ନିୟନ୍ତ୍ରଣ ରୁମ ଟିମ, ଏମସିଏମସିର ନୋଡାଲ ଅଧିକାରୀ ଓ ଅନ୍ୟ ଅଧିକାରୀମାନେ ତାଲିମ ଗ୍ରହଣ କରିଥିଲେ। ଏହି ତାଲିମ ପ୍ରଦାନ କାର୍ଯ୍ୟକ୍ରମରେ ଏସପି ଅଭିଳାଷ ଜି., ଅତିରିକ୍ତ ଜିଲାପାଳ ତ୍ରିଲୋଚନ ପାତ୍ର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଧର୍ମଗଡ ଉପଜିଲାପାଳ ଧ୍ୱମନ ଚକମା, ଭବାନୀପାଟଣା ଉପ ଜିଲାପାଳ ଡ ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆଚରଣ ବିଧି ଲାଗୁ ହେଲା ପରେ ଏହି ଟିମ ଗୁରୁ ଦାୟିତ୍ୱ ନିର୍ବାହ ସହ ଅତି ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଆଚରଣ ବିଧି ଉଲ୍ଲଂଘନ, ଜାତି, ଧର୍ମ, ଭାଷା, ଚରିତ୍ର କୁ ନେଇ ଉତ୍ତେଜନା ମୂଳକ ଭାଷଣ, ଆୟୋଜିତ ସଭାରେ ସମସ୍ତ ସାଜସଜ୍ଜା ବ୍ୟବସ୍ଥାର ଭିଡିଓ ରେକର୍ଡିଂ, ପ୍ରାର୍ଥୀଙ୍କ ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚର ବିବରଣୀ, ଭୋଟରଙ୍କୁ ପ୍ରଲୋଭିତ କରିବାକୁ ବିଭିନ୍ନ ଧମକ ଦେବା, ଲାଞ୍ଚ ଦେବା ଭଳି ଅନୈତିକ ଉପାୟ ଅବଲମ୍ବନ, ସି-ଭିଜିଲ ଆପର ବ୍ୟବହାର ଉପରେ ପିପିପଟି ମାଧ୍ୟମରେ ନିର୍ବାଚନରେ ନିୟୋଜିତ ଟିମ ଅଧିକାରୀଙ୍କୁ ବିଶେଷ ତାଲିମ ଦିଆଯାଇଥିଲା।

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

ଭବାନୀପାଟଣା,୧୫।୩ (ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଓଡ଼ିଆ ଭାଷା ପ୍ରତିଷ୍ଠାନ ଭୁବନେଶ୍ୱର ଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କୁଳପତି କର୍ଣ୍ଣେଲ ଡ. ସଞ୍ଜୟ କୁମାର ଶତପଥୀ ଅଧ୍ୟକ୍ଷତା କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ପୀତାମ୍ବର ଭୋଇ, ସିପିଜିସି ଡ. ନିବେଦିତା ନାଥ, ଉପ କୁଳସଚିବ ମେଜର ଜୟଦେବ ସାହୁ, ଓଡ଼ିଆ ଭାଷା ପ୍ରତିଷ୍ଠାନର ସଂଯୋଜକ ପ୍ରଫେସର ପ୍ରେମାନନ୍ଦ ମହାପାତ୍ର, ବିତ୍ତ ଅଧିକାରୀ କ୍ଷେତ୍ରବାସୀ ମାନସେଠ ପ୍ରମୁଖ ମଞ୍ଚାସୀନ ଥିବାବେଳେ ଆଲୋଚକ ଭାବେ ଡ. ବୈରାଗୀ ଚରଣ ପଟ୍ଟନାୟକ ଓ ପରମେଶ୍ୱର ମୁଣ୍ଡ ଯୋଗଦେଇଥିଲେ। ଶାସ୍ତ୍ରୀୟ ଓଡ଼ିଆ ଭାଷାର ଐତିହ୍ୟ ଓ ଭବିଷ୍ୟତ ଏବଂ ଓଡ଼ିଆ ଭାଷାର ସମୃଦ୍ଧି ସାଧନରେ କଳାହାଣ୍ଡିର କଥିତ ଭାଷାର ଭୂମିକା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିଶିଷ୍ଟ ଲେଖିକା ତଥା ଓଡ଼ିଆ ବିଭାଗ ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକଙ୍କ ପୁସ୍ତକ ‘ଗୋଟେ ଏକେଲା ସ୍ତ୍ରୀଲୋକର ବାଇଓଗ୍ରାଫି’ ଓ ‘ସମକାଳର ସମାଲୋଚନା’ ଏବଂ କବି ଜୟଦ୍ରଥ ସୁନାଙ୍କ ‘ଲିଭି ଆସୁଥିବା ଚୁଲି’ ଉନ୍ମୋଚିତ ହୋଇଥିଲା। କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାରପ୍ରାପ୍ତ ଗାଳ୍ପିକ ଡିଲେଶ୍ୱର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ଜଳନ ପରେ ବିଭାଗର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସହଯୋଗୀ ପ୍ରଫେସର ଡୋଲାମଣି ଧରୁଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗ ମୁଖ୍ୟ ଡ. ପଲ୍ଲୀଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସଭା ପରିଚାଳନା କରିଥିଲେ ବିଭାଗର ଅଧାପିକା ସାଗରିକା ଦଳେଇ, ଡ. ପ୍ରତ୍ୟାଶା ଧଳ, ଅଧାପକ ବାଲ୍ମୀକି କରୁଆଁ, ରେଣୁକା ଡାକୁଆ ଓ ସୁବ୍ରତ ମାଝି। ଏଥିରେ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।


ଅତିଥିମାନେ ପୁସ୍ତକ ଉନ୍ମୋଚିତ କରୁଛନ୍ତି।


## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.MCSW-Truck-23-24-34

କାର୍ଯ୍ୟର ନାମ : ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ନିମନ୍ତେ ଭାରତୀୟ ରେଳପଥର ବିଭିନ୍ନ ୟୁନିଟ୍‌ଗୁଡ଼ିକର ଯେକୌଣସି ସ୍ଥାନରୁ ଅନ୍ୟ ଯେକୌଣସି ସ୍ଥାନ ପର୍ଯ୍ୟନ୍ତ ସାମଗ୍ରୀଗୁଡ଼ିକର ପରିବହନ ନିମନ୍ତେ ଟ୍ରକ୍ (କ୍ଷମତା: 03,07 MT) ଭଡ଼ା ସୂତ୍ରରେ ନେବା ଏବଂ ଟ୍ରକ୍/ଟ୍ରେଲର (ରେଳବାର ଚାହିଦା ଅନୁଯାୟୀ କ୍ଷମତା : 09,13,16,22 MT କିମ୍ବା ଉଚ୍ଚ କ୍ଷମତା) ଭଡ଼ା ସୂତ୍ରରେ ନେବା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 34,77,436/-, EMD (ଟଙ୍କାରେ) : 69,600/-, ଶେଷ ହେବା ଅବଧି : 12 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.03.2024 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.04.2024 ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଟେଣ୍ଡର ନଥିପତ୍ର www.ireps.gov.in ରେ ଉପଲବ୍ଧ ଅଛେ।

ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(P), ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର

PR-1175/O/23-24



On the Eve of Padmashree Dr. Krutartha Acharya's Birth Anniversary

## SPECIAL HANDLOOM EXPO

ପଦ୍ମଶ୍ରୀ ଡକ୍ଟର କୃତାର୍ଥ ଆଚାର୍ଯ୍ୟଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ

## ସ୍ୱତନ୍ତ୍ର ହସ୍ତତନ୍ତ ମେଳା

AT Ekamra Haat, Unit -III, Bhubaneswar

From : 15.03.2024 to 31.03.2024, Time : 11.00 AM to 9.00 PM

*Inauguration on*

16th March, 2024 at 11.30 AM

Organised by :
SAMBALPURI BASTRALAYA HANDLOOM CO-OPERATIVE SOCIETY LTD.

Sponsored by :
Directorate of Textiles, Government of Odisha

All are Cordially invited to the Inaugural Function

Sri Hrushikesh Mahali, Managing Director
Sri Sambit Kumar Acharya, President



## कार्यपालक अभियंता का कार्यालय, पथ निर्माण विभाग, पथ प्रमंडल, सरायकेला–खरसावाँ।

### “स्थगन सूचना”

पथ निर्माण विभाग, पथ प्रमंडल, सरायकेला–खरसावाँ द्वारा आमंत्रित Tender Reference No. RCD/SERAIKELLA/20 दिनांक 11.03.2024 तथा पी०आर० संख्या–PR 322364 Road (23-24)#(D) द्वारा प्रकाशित निविदा को अपरिहार्य कारणों से स्थगित किया जाता है।

कार्यपालक अभियंता,
पथ निर्माण विभाग, पथ प्रमंडल,
सरायकेला–खरसावाँ।

PR 322821 (Road) 23-24 (D)



प्रपत्र सं०–1

## कार्यपालक अभियंता का कार्यालय राष्ट्रीय उच्च पथ प्रमंडल, देवघर।

ई–प्रोक्योरमेंट सूचना

अल्पकालीन ई–निविदा प्रसंग सं०– NH/DEOGHAR /SBD/06/2023-24 (2nd Call)

दिनांकः– 12.03.2024

| | | |
|---|---|---|
| 1. | कार्य का नाम | IRQP/Repair work of remaining part of NH-80 from ch. 193.000 to ch. 215.000 (Total Length - 22.000 km) under National Highway Division Deoghar for the year 2023-24. |
| 2. | प्राक्कलित राशि (रूपये में) | 15,21,00,680.44 |
| 3. | कार्य समाप्ति की अवधि | 06 माह |
| 4. | वेबसाईट पर निविदा प्रकाशित होने की तिथि एवं समय | 15.03.2024 (17:00 Hrs) |
| 5. | वेबसाईट पर निविदा उपलब्धता की अंतिम तिथि एवं समय | 01.04.2024 (16:00 Hrs) |
| 6. | निविदा खोलने की तिथि एवं समय | 02.04.2024 (16:30 Hrs) |
| 7. | निविदा आमंत्रित करने वाले का पदनाम एवं पता | कार्यपालक अभियंता राष्ट्रीय उच्च पथ प्रमंडल, देवघर |
| 8. | प्रोक्युरमेंट अधिकारी का सम्पर्क नम्बर | 8789224908 |
| 9. | ई–प्रोक्युरमेंट सेल का हेल्पलाईन नम्बर (रा0 उ0 पथ उपभाग, झारखण्ड) | 0651–2402014 |

ऑन लाइन निविदा के लिए वेबसाईट e-tendering portal of MORTH https://eprocure.gov.in/eprocure/app पर देखें।

ह0/–
कार्यपालक अभियंता
राष्ट्रीय उच्च पथ प्रमंडल, देवघर।

PR.NO.322742 Deoghar(23-24):D





ସେ ବି ମଣିଷ ତୁମେ ବି ମଣିଷ
ତେବେ କେମିତି କରିବ ତାକୁ ଘୃଣା,
ତୁମ ଭେଦଭାବ, ଛୁଆଁ ଅଛୁଆଁରେ
HIV ସଂକ୍ରମିତ ହୋଇବ ବାଟବଣା ।
ନିଜ ମାନବିକତା, ମଣିଷପଣିଆ
ତୁମେ ହରାଇବ ସମାଜରେ,
ହୋଇବ ପୁଣି ଦଣ୍ଡିତ
HIV ନିୟନ୍ତ୍ରଣ ଓ ପ୍ରତିରୋଧ ଆଇନରେ ।

OSACS
ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା



## e-Procurement Cell
## OFFICE OF THE EXECUTIVE ENGINEER BUILDING CONSTRUCTION DEPARTMENT BUILDING DIVISION NO. – 1, RANCHI

(Behind State Guest House Morhabadi) Dindayal Nagar Booty Road Ranchi-834008

e-Procurement Notice
Date – 15-03-2024

| Sl. No. | Tender Reference No. | Work Name | Amount (Rs.) | Completion Time |
|---|---|---|---|---|
| 1 | BCD/Div.No.-1, Ranchi/29/ 2023-24 | Renovation of Central Library Building abd Information and Knowledgment e-Centre at Ranchi University Campus, Morabadi Ranchi | 17720700.00 | Six Month |
| 2 | Last Date/Time of Submission of Bids | | 04-04-2024 at 02.00 PM | |
| 3 | Date/Time of Opening of Bid | | 05-04-2024 at 03.00 PM | |
| 4 | Helpline Number of e-procurement Cell | | 8527519262 | |
| 5 | e-mail ID | | eebcddiv1ranchi@gmail.com | |

Note :- Cost of bidding document (Non Refundable) & Bid Security Shall be payable on online through http://Jharkhandtenders.gov.in
Any Change can be on Website http://Jharkhandtenders.gov.in
Any Other information can be on Website http://Jharkhandtenders.gov.in

Executive Engineer
Building Construction Department
Building Division No. 1, Ranchi

PR.NO.322827 Building(23-24):D



## छ.ग. राज्य बीज एवं कृषि विकास निगम लिमिटेड
(छ.ग. शासन का उपक्रम)
“बीज भवन” तेलीबांधा, पो. रविग्राम, रायपुर

कं./मुख्या./बी.कृ.वि.नि./स्था/EOI/ 2023-24/13924 दिनांक 14.03.2024

### रुचि की अभिव्यक्ति

छ.ग. राज्य बीज एवं कृषि विकास निगम लि. के मुख्याल एवं निगम के विभिन्न ईकाईयों में आउटसोसिंग के माध्यम से मैनपावर की ब्यवस्था हेतु मैनुअल ई.ओ.आई. आमन्त्रित है। विस्तृत विवरण निगम की वेबसाईट www.Agriportal.cg.nic.in/beejnigam पर देखा जा सकता है एवं रूपये 5900/- (5000+900) 18 प्रतिशत जी.एस.टी. सहित भुगतान कर ई.ओ.आई. प्रपत्र मुख्यालय से (कार्यालयीन दिवस में प्रात: 10 बजे से सायं 5.00 तक) प्राप्त किया जा सकता है।

मुहरबंद ई.ओ.आई. प्रकाशन दिनांक से दिनांक 15.04.2024 तक बीज निगम मुख्यालय, रायपुर, ई.ओ.आई. बॉक्स, कक्ष क्रमांक 11 मे अपरान्ह 03.00 बजे तक स्वीकार किये जायेंगे एवं उसी दिन खोले जावेंगे।

S-40104/4 प्रबंध संचालक



## ଏଲ୍ ଏଣ୍ଡଟି ସମ୍ବଲପୁର-ରାଉରକେଲା ଟୋଲୱେ ଲିମିଟେଡ୍

ଡିବିଏଫ୍‌ଓଟି ପ୍ରଣାଳୀ-ବିଜୁ ଏକ୍ସପ୍ରେସ ୱେରେ ବିଓଟି (ଟୋଲ୍) ପ୍ରକଳ୍ପ ଭାବରେ କାର୍ଯ୍ୟକାରୀ ହୋଇଥିବା ଓଡ଼ିଶା ରାଜ୍ୟରେ ରାଜ୍ୟ ରାଜପଥ-୧୦ର କି.ମି. ୪.୯୦୦ରୁ କି. ମି. ୧୬୭.୯୦୦ପର୍ଯ୍ୟନ୍ତ ସମ୍ବଲପୁର-ରାଉରକେଲା ସେକ୍ସନର ଘରିଥାକିଆ ପକ୍କା ରାସ୍ତା।

### ସର୍ବସାଧାରଣ ବିଜ୍ଞପ୍ତି

ଟୋଲ ପ୍ଲାଜା-୦୧ (କି.ମି. ୧୭.୦୨୫), ଟୋଲ ପ୍ଲାଜା-୦୨ (କି.ମି. ୭୧.୮୫୩) ଓ ଟୋଲ ପ୍ଲାଜା-୦୩ (କି.ମି. ୧୫୦.୦୭୫)ରେ ଓଡ଼ିଶା ରାଜ୍ୟ ସଡ଼କ ଟୋଲ (ମୂଲ୍ୟ ଏବଂ ସଂଗ୍ରହ ନିର୍ଦ୍ଧାରଣ) ନିୟମ, ୨୦୧୧ (ଶୁଳ୍କ ନିୟମ)ର ବ୍ୟବସ୍ଥା ଅନୁଯାୟୀ ଉପଯୋଗକର୍ତ୍ତା ଶୁଳ୍କରେ ପରିବର୍ତ୍ତନ।

ଏତଦ୍ ଦ୍ୱାରା ଜନସାଧାରଣଙ୍କୁ ସୂଚାଇ ଦିଆଯାଉଛି ଯେ, ପୂର୍ତ୍ତ ବିଭାଗ, ଓଡ଼ିଶା ସରକାରଙ୍କ ଗେଜେଟ୍ ବିଜ୍ଞପ୍ତି ନଂ. ୧୩୧୭ ତାରିଖ ୧୮ ଅଗଷ୍ଟ ୨୦୧୭ ଅନୁସାରେ ୪.୯୦୦ କି.ମି.ରୁ ୧୬୭.୯୦୦ କି.ମି. (ରାଜ୍ୟ ରାଜପଥ-୧୦ ରେ ସମ୍ବଲପୁର ରାଉରକେଲା ସେକ୍ସନ୍) ରେ ତାରିଖ ୦୧.୦୪.୨୦୨୪, ସମୟ ୦୦:୦୦:୦୦ ଘଣ୍ଟା ଠାରୁ ନିମ୍ନଲିଖିତ ଶୁଳ୍କ ସଂଗ୍ରହ ଲାଗୁହେବ।

| କ୍ର. ନଂ. | ଯାନର ବର୍ଗ | ଟୋଲ୍ ପ୍ଲାଜା-୦୧ (ନୂଆଁଖୁରିଗାଁ) (₹ ରେ) | ଟୋଲ୍ ପ୍ଲାଜା-୦୨ ( ମଣନିକାନି) (₹ ରେ) | ଟୋଲ୍ ପ୍ଲାଜା-୦୩ (ଲାଇଙ୍ଗ୍) (₹ ରେ) |
|---|---|---|---|---|
| ୧. | କାର୍, ଜିପ୍, ଭ୍ୟାନ୍ ବା ହାଲୁକା ଯାନ | ୬୦ | ୯୫ | ୬୦ |
| ୨. | ହାଲୁକା ବ୍ୟବସାୟିକ ଯାନ, ହାଲୁକା ମାଲବାହୀ ଯାନ | ୧୦୦ | ୧୫୫ | ୧୦୦ |
| ୩. | ଟ୍ରାକ୍ଟର ଟ୍ରେଲର | ୨୧୦ | ୩୩୦ | ୨୦୫ |
| ୪. | ଟ୍ରକ୍ (୨ ଏକ୍ସେଲ ବିଶିଷ୍ଟ) | ୨୪୦ | ୩୭୫ | ୨୩୫ |
| ୫. | ଟ୍ରକ୍ (୩ ଏକ୍ସେଲ) ଓ ମଲଟି ଏକ୍ସେଲ ଯାନ (୬ ଏକ୍ସେଲ ପର୍ଯ୍ୟନ୍ତ) | ୩୩୦ | ୫୧୫ | ୩୨୫ |
| ୬. | ଭାରୀ ନିର୍ମାଣ ଯନ୍ତ୍ରାଦି (ଏଚସିଏମ), ଆର୍ଥ ମୁଭିଂ ଯନ୍ତ୍ରାଦି (ଇଏମଇ), ଅଧିକାକୃତିର ଯାନ (୭ ବା ଅଧିକା ଏକ୍ସେଲ୍ ବିଶିଷ୍ଟ) | ୪୦୫ | ୬୩୦ | ୩୯୫ |

**ଅଣ ବ୍ୟବସାୟିକ ଯାନ ସକାଶେ ରିହାତି**

୧. **ସ୍ଥାନୀୟ ବ୍ୟବହାରକାରୀ:** କୌଣସି ବ୍ୟକ୍ତି ଯିଏ ସଂପୃକ୍ତ ଟୋଲ୍ ପ୍ଲାଜାର ୨୦ କି.ମି. ଭିତରେ ରହିଥିବେ ଓ ଅଣ ବ୍ୟବସାୟୀକ ଉଦ୍ଦେଶ୍ୟାଧାରିତ ହାଲୁକାଯାନର ମାଲିକାନା ରଖିଥିବେ, ତାଙ୍କୁ ₹୨୮୫.୦୦ ର କ୍ୟାଲେଣ୍ଡର ମାସ ପିଛା ରିହାତି ପାସ୍ ଦିଆଯିବ।

୨. **ପ୍ରତ୍ୟାବର୍ତ୍ତନ ଯାତ୍ରା:** କୌଣସି ବ୍ୟକ୍ତି ଯିଏ ହାଲୁକା ଯାନ ରଖିଥିବେ ଓ ତାହା ଅଣ ବ୍ୟବସାୟୀକ ଉଦ୍ଦେଶ୍ୟରେ ପଞ୍ଜୀକୃତ ଥିବ: ତାହା ହେଲେ ସଂପୃକ୍ତ ବ୍ୟକ୍ତି ପ୍ରତ୍ୟାବର୍ତ୍ତନ ଯାତ୍ରା ୨୪ ଘଣ୍ଟା ମଧ୍ୟରେ କରୁଥିଲେ ଟୋଲ ପ୍ଲାଜାର ଫେରନ୍ତା ଯାତ୍ରା (ରିଟର୍ଣ୍ଣ ଜର୍ଣ୍ଣି) ଟିକେଟ୍ ପାଇବେ, ଯେଉଁଥି ପାଇଁ ଗୋଟିଏ ଯାତ୍ରାର ଦେଢ଼ ଗୁଣ ମୂଲ୍ୟ ଦେବାକୁ ପଡିବ।

୩. **ମାସିକ ପାସ୍:** କୌଣସି ହାଲୁକା ଯାନର ସତ୍ୱାଧୀକାରୀ ବ୍ୟକ୍ତି ଯାହା ଅଣ ବ୍ୟବସାୟିକ ଉଦ୍ଦେଶ୍ୟରେ ଚାଲିବା ସକାଶେ ଉଦ୍ଦିଷ୍ଟ ଥିବ ଓ ନିୟମିତ ଏହି ପ୍ରକଳ୍ପର ରାଜପଥ ବ୍ୟବହାର କରୁଥିବ: ତାଙ୍କୁ ମାସିକ ୫୦ଟି ଏକତରଫା ଯାତ୍ରା ସକାଶେ ଶୁଳ୍କ ଦାଖଲ ତାରିଖ ପରଠୁ ଅନୁମତି ମିଳିବ। ଏହି ଦର ୫୦ଟି ଏକତରଫା ଯାତ୍ରା ବାବଦ ମୂଲ୍ୟର ଦୁଇ ତୃତୀୟାଂଶ ରହିବ।

**ଖଣିଜ ଦ୍ରବ୍ୟ ବହନ କରୁଥିବା ଯାନଗୁଡିକ ସକାଶେ ଶୁଳ୍କ (କେନ୍ଦ୍ର ସରକାରଙ୍କ ଖଣି ଓ ଖଣିଜ ବିକାଶ ଓ ନିୟନ୍ତ୍ରଣ ଆଇନ ୧୯୫୭ ରେ ଉଲ୍ଲେଖିତ ଲଘୁ ଖଣିଜ ବ୍ୟତୀତ) ଅନୁସାରେ ରହିବ।**

| କ୍ର. ନଂ. | ଯାନର ବର୍ଗ | ଟୋଲ୍ ପ୍ଲାଜା-୦୧ (ନୂଆଁଖୁରିଗାଁ) (₹ ରେ) | ଟୋଲ୍ ପ୍ଲାଜା-୦୨ ( ମଣନିକାନି) (₹ ରେ) | ଟୋଲ୍ ପ୍ଲାଜା-୦୩ (ଲାଇଙ୍ଗ୍) (₹ ରେ) |
|---|---|---|---|---|
| ୧. | ଟ୍ରକ୍ (୨ ଏକ୍ସେଲ ବିଶିଷ୍ଟ) | ୪୮୦ | ୭୫୦ | ୪୭୦ |
| ୨. | ଟ୍ରକ୍ (୩ ଏକ୍ସେଲ) ଓ ମଲଟି ଏକ୍ସେଲ ଯାନ (୬ ଏକ୍ସେଲ ପର୍ଯ୍ୟନ୍ତ) | ୬୬୫ | ୧୦୩୫ | ୬୫୦ |
| ୩. | ଅଧିକାକୃତିର ଯାନ (୭ ବା ଅଧିକା ଏକ୍ସେଲ୍ ବିଶିଷ୍ଟ) | ୮୦୫ | ୧୨୫୫ | ୭୮୫ |

**ଓଭରଲୋଡିଙ୍ଗ ପାଇଁ ଶୁଳ୍କ:** ଯେଉଁ ଯାନଗୁଡିକ ଅନୁମତି ପ୍ରାପ୍ତ କ୍ଷମତା ଠାରୁ ଅଧିକ ଓଜନ ବହନ କରୁଥିବେ, ସେହି ଯାନଗୁଡ଼ିକ ପରବର୍ତ୍ତୀ ଉଚ୍ଚ ବର୍ଗର ଯାନ ନିମନ୍ତେ ପ୍ରଯୁଜ୍ୟ ହାରରେ ଟୋଲ୍ ଦେୟ ପ୍ରଦାନ ପାଇଁ ଦାୟୀ ରହିବେ।

କୌଣସି ଅନୁସନ୍ଧାନ ନିମନ୍ତେ, ସମ୍ପୃକ୍ତ ଟୋଲ୍ ପ୍ଲାଜାର ପ୍ଲାଜା ପରିଚାଳକମାନଙ୍କୁ ଯୋଗାଯୋଗ କରନ୍ତୁ କିମ୍ବା ଟୋଲ୍ **ଫ୍ରି ହେଲ୍ପଲାଇନ୍ ନଂ.: ୧୮୦୦ ୪୧୯୯ ୧୦୧**ରେ ଆମକୁ ସମ୍ପର୍କ କରନ୍ତୁ।

## ସଂକ୍ଷେପରେ

### ଦୁର୍ଘଟଣାରେ ଦମ୍ପତି ମୃତ



ଖଡ଼ିଆଳ,୧୫।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ୩୫୩ ଜାତୀୟ ରାଜପଥ ଚଳାନପଡା ବଡପୋଲ ପାଖରେ କାରକୁ କଣ୍ଟେନର ଧକ୍କା ଦେବା ଫଳରେ ସ୍ୱାମୀସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡଦୋହେଲ ଗ୍ରାମର ଦମ୍ପତି ସେନାପତି ବାଗ (୩୬) ଓ ସ୍ତ୍ରୀ ସରିତା ବାଗ (୩୨)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନ ୪ଟାରେ ବଡଦୋହେଲ ଗ୍ରାମର ସେନାପତି ଓ ସ୍ତ୍ରୀ ସରିତା କାର୍ (ନଂ.ସିଜିଏଫଡି୮୧୦୦) ଯୋଗେ ନୂଆପଡା ପଟକୁ ଯାଉଥିଲେ। ବିପରିତ ଦିଗରୁ ଆସୁଥିବା ଏକ କଣ୍ଟେନର ଟ୍ରକ (ନଂ.ଏପି୩୯ଟିଏକ୍ସ-୬୮୫୯) କାର୍‌କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ୨ ପୁଅ ସରୋଜ (୧୧), ରାଜବିର (୯) ଓ ଝିଅ ଚୈତ୍ରା (୬) ଅନାଥ ହୋଇଯାଇଛନ୍ତି। ଦୁର୍ଘଟଣା ପରେ କଣ୍ଟେନରକୁ ୫ କି.ମି. ଦୂରକୁ ନେବା ପରେ ଛାଡି ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ କୁମାର ପ୍ରଦୀପ ଧାରୁଆ ପ୍ରକାଶ କରିଛନ୍ତି।

### ମାରୱାଡ଼ି ଯୁବା ମଞ୍ଚକୁ ଆମ୍ବୁଲାନ୍ସ ପ୍ରଦାନ



ଖଡ଼ିଆଳ,୧୫।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ମାରୱାଡ଼ି ଯୁବା ମଞ୍ଚକୁ ପଶ୍ଚିମ ଓଡ଼ିଶା ବିକାଶ ପାଣ୍ଠିରୁ ବିଧାୟକ ସହାୟତା ଦ୍ୱାରା ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଶୁକ୍ରବାର ଏହି ଆମ୍ବୁଲାନ୍ସ ମୁଖ୍ୟ ଅତିଥି ଖଡିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଉଜଳ ଗୁପ୍ତା ଯୋଗଦେଇ ଉଦଘାଟନ କରିଥିଲେ। ଲୋକଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏହି ଆମ୍ବୁଲାନ୍ସ ଅନେକ ସହାୟତା ହେବ ବୋଲି ମତବ୍ୟକ୍ତ କରିଥିଲେ। ମାରୱାଡ଼ି ଯୁବମଞ୍ଚ ସଭାପତି ହିତେଶ ଅଗ୍ରୱାଲ, ସୁରେନ୍ଦ୍ର (ପପୁ) ଅଗ୍ରୱାଲ, ଦିନେଶ, ବିକାଶ ଅଗ୍ରୱାଲ, କୌଶିକ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।

### କେନାଲ ରାସ୍ତାରେ ପଡ଼ି ଯୁବକ ମୃତ

ଖଡ଼ିଆଳ,୧୫।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ରିଷିଗାଁ କେନାଲ ରାସ୍ତାରେ ପଡି ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନରସିଙ୍ଗପୁର ଗ୍ରାମର ଅନନ୍ତରାମ ନାଗ (୫୦)। ସୂଚନାରୁ ପ୍ରକାଶ ଯେ, ନୂଆପଡା ନରସିଙ୍ଗପୁର ଗ୍ରାମର ଅନନ୍ତରାମ କାର୍ଯ୍ୟ ସାରି ଅପରାହ୍ନ ୪ଟାରେ କେନାଲ ରାସ୍ତାରେ ମୋଟରସାଇକେଲରେ ନିଜ ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ କେନାଲ ପାର୍ଶ୍ୱରେ ପଡି ଯାଇଥିଲେ। ମୋଟରସାଇକେଲ ତାଙ୍କ ଉପରେ ଚାପି ହୋଇ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଘଟଣା ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବା ବେଳେ କିଛି ସମୟ ଉତ୍ତେଜନା ଲାଗି ରହିଥିଲା। ଭବାନୀପାଟଣାରୁ ବୈଜ୍ଞାନିକ ଦଳ ଆସି ଅଧିକ ତଦନ୍ତ କରିବା ସହିତ ଖଡ଼ିଆଳ ପୋଲିସ ମୃତଦେହ ଜବତ କରି ଅଧିକ ତଦନ୍ତ ଜାରି ରଖିଥିବା ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧାରୁଆ ପ୍ରକାଶ କରିଛନ୍ତି।

# ବାବେଘାଟି ଗାଁରେ ଗ୍ରୀଷ୍ମ ପୂର୍ବରୁ ଜଳକଷ୍ଟ

ନୂଆପଡ଼ା,୧୫।୩(ମକାରୁ ବେମାଲ)



ପାଣି ପାଇଁ ମହିଳାମାନେ ଲାଇନ ଲଗାଇଛନ୍ତି।

- ୧ ଘଣ୍ଟାରେ ଏକ ଗରା ପାଣି ବାହାରି ଥାଏ
- ରାତି ୩ରୁ ୪ଟା ଭିତରେ ନଳକୂଅ ପାଖରେ ଭିଡ଼

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ଜଟଗଡ ପଞ୍ଚାୟତ ବାବେଘାଟି ଗାଁରେ ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଜଳକଷ୍ଟ ଦେଖା ଦେଲାଣି। ବସୁଧା ଯୋଜନାରେ ଗ୍ରାମ୍ୟ ଜଳ ଯୋଗଣ ବିଭାଗରୁ ଗାଁରେ ପାଇପ ପୋତା ହୋଇଛି। ପାଣି ମଧ ଦିଆଯାଉଥିଲା। ହେଲେ ଗାଁର ଅଧା ଭାଗ ଲୋକେ ପାଣି ପାଉଥିଲେ ଅଧା ଭାଗ ଲୋକ ପାଉ ନ ଥିଲେ। ଯେତେବେଳେ ଗାଁ ଭିତରେ ରାସ୍ତା କାମ ଆରମ୍ଭ ହେଲା, ସେହି ସମୟରେ ପାଇପ ସବୁ କଟି ଯାଇଥିବାରୁ ଅଧା ଭାଗ ଲୋକ ମଧ ପାଣି ପାଇ ପାରୁନାହାନ୍ତି। ବର୍ତ୍ତମାନ ଗାଁରେ ପାଣିର ଉତ୍କଷ୍ଟ ଅଭାବ ଦେଖାଦେଇଛି। ସୂଚନା ଯେ, ୧୫୦ ପରିବାରର ୮ ଶହରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଗାଁରେ ୬ଟି ନଳକୂଅ ରହିଛି। ସେଥିରୁ ଗୋଟିଏ ସମ୍ପୂର୍ଣ୍ଣ ଖରାପ ହୋଇପଡିଥିବା ବେଳେ ୫ଟି ନଳକୂଅରେ ଅଳ୍ପ ଅଳ୍ପ ପାଣି ବାହାରୁଛି। ୧ ଘଣ୍ଟାରେ ନଳକୂଅରୁ ଏକ ଗରା ପାଣି ବାହାରି ଥାଏ। ଏକ ଗରା ପାଣି ବାହାରିଲା ପରେ ୨ରୁ ୩ ଘଣ୍ଟା ଅପେକ୍ଷା ପରେ ପୁଣି ଏକ ଗରା ପାଣି ବାହାରେ। ନଳକୂଅର ହେଣ୍ଡଲକୁ ବହୁ ଜୋରରେ ମାରିଲେ ପାଣି ବାହାରି ଥାଏ। ପାଣି ପାଇଁ ଗାଁ ଲୋକେ ଉହଳ ବିକଳ ହୋଇ ରାତି ୩ରୁ ୪ଟା ଭିତରେ ନଳକୂଅ ପାଖରେ ଧାଡି ବାନ୍ଧି ଛିଡା ହେବାକୁ ପଡୁଛି। ସେଥିରେ ମଧ ସମସ୍ତଙ୍କୁ ଆବଶ୍ୟକ ପାଣି ମିଳେ ନାହିଁ। ଖାଲି ଗରା ଧରି ଘରକୁ ଫେରିବାକୁ ପଡେ। ଗାଁର ମହିଳାମାନେ ପାଣି ପାଇଁ ଦୂର ସ୍ଥାନକୁ ଯାଇ ପୁରୁଣା କୂଆ ବା ମୁଡାରୁ ପାଣି ଆଣିଥାନ୍ତି। ସେହି ପାଣି ବ୍ୟବହାର କରି ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପାହାଡ ତଳିଗାଁ ତଥା ପଥରିଆ ଅଞ୍ଚଳ ହୋଇଥିବାରୁ ଖରା ଦିନେ ମୁଡା, ବନ୍ଧ, ଚହଲାରେ ପାଣି ଶୁଖିଯାଏ। ସାଧାରଣ ମଣିଷ ଦୁଃଖ ବୁଝିବା ଲୋକ କେହି ନାହାନ୍ତି। ପଶୁପକ୍ଷୀ କଥା ନ କହିବା ଭଲ। ଗ୍ରୀଷ୍ମ ପ୍ରହବାହକୁ ଦୃଷ୍ଟିରେ ରଖି ଯୁଦ୍ଧକାଳୀନ ଭିତ୍ତିରେ ଖରାପ ନଳକୂଅ ସବୁ ମରାମତି ପାଇଁ ଜିଲାପାଳ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ ମଧ ଏଯାଏଁ ବିଭାଗ ଚୁପ ହୋଇ ବସି ରହିଛି। ରାସ୍ତା କାର୍ଯ୍ୟରେ କଟି ଯାଇଥିବା ପାଇପ ଓ ଖରାପ ନଳକୂଅ ଶୀଘ୍ର ମରାମତି କରିବା ପାଇଁ ନାଏବ ସରପଞ୍ଚ ହିରାଧର ହଂସ, ଗୋପାଲ ସୁନାନୀ, ହଳଧର ନାଗ, ଶଙ୍କର ହଂସ, କୁମୁଦ ହଂସ, ପାନ୍ନାଲାଲ ମାଝି, ଭଗବାନ ପୋଡ, ଲଛମନି ନାଗ, ଦିଗ ଖର୍ସେଲ, ସୁକମତି ମାଝି, ପତରଙ୍ଗୀ ନାଗ, ମିଥିଲା କଟା, ବାଲମତି ପୋଡ ଓ ଗ୍ରାମବାସୀ ଦାବି କରିଛନ୍ତି।

# ଦୁର୍ନୀତିର ହବ୍ ପାଲଟିଛି ବ୍ଲକ ଅଫିସ: କଂଗ୍ରେସ

ଭବାନୀପାଟଣା,୧୫।୩(ଉତ୍ତମ କୁମାର ଦାଶ)




କଂଗ୍ରେସର ଖବରଦାତା ସମ୍ମିଳନୀ।

କଳାହାଣ୍ଡି ଜିଲାରେ ପିସି କହିଲେ ପୂର୍ବରୁ ଅନେକ ଲୋକ ବୁଝିପାରୁ ନ ଥିଲେ। ହେଲେ ଆଜିକା ଦିନରେ ଅଧିକାଂଶ ଲୋକ ଏହାର ଗୁଢ଼ ଅର୍ଥ ବୁଝି ସାରିଛନ୍ତି। ଜିଲାର ସମସ୍ତ ବ୍ଲକ ଅଫିସ ଗୋଟିଏ ଗୋଟିଏ ପିସି ହବ ପାଲଟିଛି। ବିଶେଷ କରି ୨୦୧୪ ପରଠାରୁ କଳାହାଣ୍ଡି ଜିଲାର ବ୍ଲକ କାର୍ଯ୍ୟାଳୟଗୁଡ଼ିକରେ ପିସି ବୃଦ୍ଧି ପାଇଛି। ଆଗ ପିସି କଥା ଛିଣ୍ଡିଲେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉଛି। ବର୍ତ୍ତମାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କଲା ଭଳି ଜିଲାର ସମସ୍ତ ବ୍ଲକରେ ୨୫%ରୁ ୩୦% ପ୍ରତିଶତ ପିସି ନିଆଯାଉଛି। ଯଦ୍ୱାରା ଗ୍ରାମାଞ୍ଚଳର ନିର୍ମାଣ କାର୍ଯ୍ୟଗୁଡ଼ିକ ନିମ୍ନମାନର କରାଯାଉଛି। ଯେହେତୁ ଏହି ୧୦ ବର୍ଷ ଭିତରେ ବିଜେଡି ଓ ଭାଜପା ବିଧାୟକମାନେ କଳାହାଣ୍ଡି ଜିଲାକୁ ପ୍ରତିନିଧି କରୁଥିବାରୁ ତାଙ୍କରି ଛତ୍ରଛାୟା ତଳେ ଏସବୁ ଚାଲିଛି ବୋଲି ଶୁକ୍ରବାର ଭବାନୀପାଟଣାସ୍ଥିତ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ମିଡ଼ିଆ ସେଲ ଅଧକ୍ଷ ମୁରଲୀଧର ନାଏକ ପ୍ରକାଶ କରିଛନ୍ତି। ଅଧକ୍ଷ ନାଏକ କହିଛନ୍ତି ଯେ, ପଞ୍ଚମ ରାଜ୍ୟ ଅର୍ଥ କମିଶନ, ପଞ୍ଚଦଶ କେନ୍ଦ୍ର ଅର୍ଥ କମିଶନ, କ୍ରିଟିକାଲ ଫଣ୍ଡ, ଏସସିଏ, ଏମ୍‌ଜିଏନ୍‌ଆରଇଜିଏସ୍,

### ପିସି ଯୋଗୁ ନିମ୍ନମାନର ହେଉଛି କାମ

ବିଜୁ କେବିକେ, ଡବ୍ଲୁଓଡିସି, ଡିଏମଏଫ ଆଦି ବିଭିନ୍ନ ଯୋଜନାରେ ପ୍ରତି ବର୍ଷ କୋଟି କୋଟି ଟଙ୍କାର ଅନୁଦାନ ପ୍ରତି ବ୍ଲକକୁ ଆସୁଛି। କିନ୍ତୁ ଏହି ଅନୁମୋଦିତ ପ୍ରକଳ୍ପଗୁଡ଼ିକ ସିଧାସଳଖ ପିସି ଆକାରରେ ବିକ୍ରୀ କରାଯାଉଛି। ପିସି ଟଙ୍କା ବିଜେଡ଼ି ଓ ଭାଜପା ଦଳୀୟ ପାଣ୍ଠିକୁ ଦିଆଯାଉଛି। ଏଣୁ ଜିଲାର ଗ୍ରାମାଞ୍ଚଳରେ ହେଉଥିବା ନିର୍ମାଣ କାର୍ଯ୍ୟଗୁଡ଼ିକ ଅତି ନିମ୍ନମାନର ସମ୍ପାଦନା ହେଉଥିବା ଅଭିଯୋଗ ଆଣିଛନ୍ତି। ଖବରଦାତା ସମ୍ମିଳନୀରେ ଜିଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ମହସୀନ ତାଙ୍କ ବକ୍ତବ୍ୟରେ କହିଥିଲେ, ବିଜେଡି ଓ ଭାଜପା ନେତୃ ମଣ୍ଡଳୀ ପରସ୍ପର ଏକ ହୋଇଥିବାରୁ କଳାହାଣ୍ଡିର ବିକାଶ କଥା ଚିନ୍ତା ନ କରି ସେମାନେ କେବଳ ତାଙ୍କ ଦଳୀୟ ବିକାଶର ଚିନ୍ତା କରୁଛନ୍ତି ବୋଲି କହିଥିଲେ।

### ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ, ଅଳ୍ପକେ ବର୍ତ୍ତିଲେ ୨ ପିଲା

ନୂଆପଡ଼ା,୧୫।୩(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅଧୀନ ତରବୋଡ ଗାଁର ଗୁରୁବାର ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ତରବୋଡ ଥାନାପଡାର ବେଦବର ନାଗଙ୍କ ଘରେ ରାତ୍ରି ପ୍ରାୟ ୯ଟାରେ ସଟସର୍କିଟ ଯୋଗୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡିଯାଇଛି। ବେଦ ଓ ତାଙ୍କ ସ୍ତ୍ରୀ ତୁଲେଦେଈ ୨ ପୁଅଝିଅ ସୁମିତ (୧୩) ଓ କୌସଲ୍ୟା (୧୧)ଙ୍କୁ ଖାଇବାକୁ ଦେଇ ଘର ପଛପଟେ ଇଟା ତିଆରି କରିବା ପାଇଁ ଯାଇଥିଲେ। ଦୁଇ ପିଲା ଖାଇ ସାରି ଘରେ ପଢୁ ଥିବା ସମୟରେ ହଠାତ ସଟସର୍କିଟ ହୋଇ ଘର ଜଳି ଯାଇଥିଲା। ଦୁଇ ଶିଶୁ ଘରୁ ବାହାରି ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଓ ପୋଲିସ ଆସି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ କୋମନା ଅଗ୍ନିଶମ ବିଭାଗ ପହଞ୍ଚିବା ବେଳକୁ ଘର ଓ ସବୁ ଜିନିଷ ପତ୍ର ପୋଡି ଯାଇଥିଲା। ନଗଦ ୨୫ ହଜାର ଟଙ୍କା ସହ ଫ୍ରିଜ, କୁଲର, ପଙ୍ଖା, ଦୋକାନ ସାମାନ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସବୁ ପୋଡି ନଷ୍ଟ ହୋଇଯାଇଛି। ସେ କୁଲି ମଜୁରି କରି ପରିବାର ପ୍ରତିପୋଷଣ କରନ୍ତି। ପୋଡି ଯାଇଥିବା ସାମାନର କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି।

# ଦୀର୍ଘ ୪୦ ବର୍ଷ ପରେ ନର୍ଲାକୁ ଫେରିଲା ଫରେଷ୍ଟ ରେଞ୍ଜ ଅଫିସ

ନର୍ଲା/ଛତିକୁଡ଼ା,୧୫।୩ (ସନ୍ତୋଷ ପାତ୍ର/ଦୀପକ ସାହୁ)

କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ନର୍ଲା ରେଞ୍ଜ କାର୍ଯ୍ୟାଳୟ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଭୌଗୋଳିକ ଦୃଷ୍ଟିରୁ ଏମ୍. ରାମପୁରଠାରେ କାର୍ଯ୍ୟକାରୀ ହୋଇ ଆସୁଥିଲା। କିନ୍ତୁ କାର୍ଯ୍ୟାଳୟ ନର୍ଲା ନାମରେ ଥିବା ହେତୁ ବିଭିନ୍ନ ସମୟରେ ନର୍ଲା ଅଞ୍ଚଳର ବୁଦ୍ଧିଜୀବୀ, ସାମାଜିକ କର୍ମୀମାନେ ଉକ୍ତ କାର୍ଯ୍ୟାଳୟ ରାମପୁରରୁ ନର୍ଲାକୁ ସ୍ଥାନାନ୍ତର ପାଇଁ ଦାବି କରିଆସୁଥିଲେ। ଉକ୍ତ ଦାବି ନର୍ଲା ବିଧାୟକ ଭୂପିନ୍ଦର ସିଂ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀମାନଙ୍କୁ ଅବଗତ କରାଇ ରେଞ୍ଜ କାର୍ଯ୍ୟାଳୟ ରାମପୁରରୁ ନର୍ଲାକୁ ସ୍ଥାନାନ୍ତର କରିବାରେ ସଫଳ ହୋଇଛନ୍ତି। ନର୍ଲା ଅଞ୍ଚଳବାସୀ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି କାର୍ଯ୍ୟାଳୟ ଶନିବାର ପୂର୍ବାହ୍ନ ୧୦ଟାରେ ବିଧାୟକ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି।

# ସାମ୍ବାଦିକଙ୍କୁ ପେନ୍‌ସନ, ସୁରକ୍ଷା ଦାବିରେ ଦାବିପତ୍ର

ଭବାନୀପାଟଣା/ନୂଆପଡ଼ା,୧୫।୩ (ଉତ୍ତମ କୁମାର ଦାଶ/ମକାରୁ ବେମାଲ)

ଓଡ଼ିଶା ୟୁନିୟନ ଅଫ ଜର୍ଣାଲିଷ୍ଟ (ଓୟୁଜେ)ପକ୍ଷରୁ ଖବରଦାତାଙ୍କ ପାଇଁ ମାସିକ ପେନଶନ ବ୍ୟବସ୍ଥା, ଖବରଦାତା ସୁରକ୍ଷା ଆଇନ ପ୍ରଣୟନ ଦାବି କରାଯାଇଛି। ରାଜ୍ୟ ସଂଘ ନିର୍ଦ୍ଦେଶକ୍ରମେ ଶୁକ୍ରବାର କଳାହାଣ୍ଡି ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ସମସ୍ତ ୧୩ଟି ବ୍ଲକସ୍ତରରେ ଜିଲାବ୍ୟାପୀ କ୍ରାନ୍ତି ଦିବସ ଅବସରରେ କଳାବ୍ୟାଜ୍ ଧାରଣ କରି ପ୍ରତୀକାତ୍ମକ ଦାବି ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳ ଉପସ୍ଥିତ ନ ଥିବାରୁ ଡେପୁଟି କଲେକ୍ଟର ଶରତ ସାହୁ ଗ୍ରହଣ କରିଥିଲେ। ଜିଲା ସଭାପତି କମ୍ବୁପାଣି ମିଶ୍ରଙ୍କ ସମେତ ସ୍ୱାଧୀନ ପାତ୍ର, ମନମୋହନ ପ୍ରଧାନ, ରାଜକୁମାର ସିଂହଦେଓ, ସନ୍ତୋଷ ସିଂହଦେଓ, ଲକ୍ଷ୍ମୀ ବାଗ, ବିକାଶ ଷଡ଼ଙ୍ଗୀ, ଶିବାନନ୍ଦ ନାଏକ, ଆଲିଶା ବେହେରା ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ନୂଆପଡା ଜିଲାରେ ଓୟୁଜେର ଅନୁବନ୍ଧିତ ସଂଘ ନୂଆପଡା ଡିଷ୍ଟ୍ରିକ୍ଟ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ ପକ୍ଷରୁ କଳାବ୍ୟାଜ ପରିଧାନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଅଲୋକ କୁମାର ଅନଗୁଳିଆ ଦାବିପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ଏନଡିୟୁଜେ ସଭାପତି ଶୁସାନ୍ତ କର, କୁମର ମଣି ମହାନନ୍ଦ, ସୀମାଞ୍ଚଳ ମହାପାତ୍ର, ଅଂଶୁମାନ ଅଗସ୍ତି, ରଞ୍ଜିତ କୁମାର ପଣ୍ଡା, ରମାକାନ୍ତ ବନଛୋର, ହରେରାମ କଛୁଆଁ ପ୍ରମୁଖ ଉପସ୍ଥିତ ଥିଲେ।

**ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ ଲାଞ୍ଜିଗଡ ପ୍ରେସ କ୍ଲବ ଓ ପିଇଡବ୍ଲ୍ୟୁ ମିଡ଼ିଆ ଆସୋସିଏଶନ ପକ୍ଷରୁ କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିଛନ୍ତି। ଏହାସହିତ୍ ବିଡିଓ ଶଶାଙ୍କ ପାତ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କୈଳାସ ସାହୁ, ସୁଶୀଲ କୁମାର ବାଗ, କ୍ଷମାନିଧି ମହାଖୁଡ଼, ପରେଶ କୁମାର ନାୟକ, ସନ୍ତୋଷ ତୁଳ, ଗୋପାଳଦାସ ମହାନନ୍ଦ, ନୀଲେଶ କୁମାର ନାଗ, ସାଗର ବେନାଲ, ଦେବାନନ୍ଦ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

**କାକସରା,(ଦୁଷ୍ମନ୍ତ କୁମାର ପାଟଯୋଶୀ):** କୋକସରା ବ୍ଲକ ୟୁନିଟ ପକ୍ଷରୁ ଶରତ ଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତ କାରଣରୁ ଆକାଉଣ୍ଟଟେଣ୍ଟ ଅଶୋକ କୁମାର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସନତ କୁମାର ପ୍ରଧାନୀ, ଦୁଷ୍ମନ୍ତ ପାଟଯୋଷୀ, ତ୍ରିଲୋକ୍ୟ ବେଶ୍ରା ପ୍ରମୁଖ ଉପସ୍ଥିତ ରହି କୋକସରା ବ୍ଲକ ଓୟୁଜେ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

**ବେହେରା,(ଭୂପେଶ ତିୱାରୀ):** ଧର୍ମଗଡ ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ଶୁକ୍ରବାର ୩ ଦାବି ନେଇ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା କାର୍ଯ୍ୟକାରୀ ସଭାପତି ବିରଞ୍ଚି ନାରାୟଣ ଜାଲଙ୍କ ନେତୃତ୍ୱରେ ଧର୍ମଗଡ ଉପଖଣ୍ଡ ବିଭିନ୍ନ ବ୍ଲକର ଇଙ୍ଗିତ ପଣ୍ଡା, ଅଂଶୁମାନ ମହାପାତ୍ର, ସୁବାସ ଚନ୍ଦ୍ର ବାଗ, ଲକ୍ଷ ଜ୍ୟୋତି ଜାଲ, ସୋଭିତ ଗାନ୍ଧୀ, ରାମ କୁମାର ସେନାପତି, ରବୀନ୍ଦ୍ର ରାଉତ, ମହେନ୍ଦ୍ର ଦାଣ୍ଡି ପ୍ରମୁଖ ଉପସ୍ଥିତ ରହିଥିଲେ।

**ରିଷିଡ଼ା,(ସୁଶାନ୍ତ ମଲ୍ଲିକ):** କର୍ଲାମୁଣ୍ଡା ବ୍ଲକରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ସାମାଜିକ ଓ ଆର୍ଥିକ ସୁରକ୍ଷା ଦାବିରେ କଳାବ୍ୟାଜ୍ ଧାରଣ କରି ଏକ ରାଲି ଓ ବ୍ଲକ କାର୍ଯ୍ୟାଳୟଠାରେ ପ୍ରତିବାଦ କରାଯାଇଛି। ଓୟୁଜେ ବ୍ଲକ ସମ୍ପାଦକ ଭଜଶ୍ୟାମ ସାହୁଙ୍କ ନେତୃତ୍ୱରେ କମ୍ବୁପାଣି ସାହୁ, କାହ୍ନୁଚରଣ ସାହୁ, ଗୋପବନ୍ଧୁ ସାହୁ, ବିଶିକେଶନ ସେଠୀ, ମହେନ୍ଦ୍ର ପ୍ରଧାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଝାମୁଯାତ୍ରା ପାଇଁ ଭୂମିପୂଜା, ମା' ଅଷ୍ଟଚଣ୍ଡୀଙ୍କ ନଗର ପରିକ୍ରମା

ରିଷିଡ଼ା,୧୫।୩(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡା ମା' ତାରିଣୀ ଅଷ୍ଟଚଣ୍ଡି ଶୈବ ଶକ୍ତି ପଠରେ ଆଗାମୀ ଚୈତ୍ର ମାସରେ ମା' ତାରିଣୀଙ୍କ ଝାମୁଯାତ୍ରା ଅବସରରେ ଗୁରୁବାର ଓ ଶୁକ୍ରବାର ମା' ଚଣ୍ଡୀଙ୍କର ଉଲଗନ ଦିଆ ତଥା ଭୂମି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ବାନା ପୂଜା ଆୟୋଜିତ ହୋଇଯାଇଛି। ଅପରାହ୍ନରେ ଆଧାତ୍ମିକ ପରିବେଶରେ ମଧରେ ଘଣ୍ଟ, ଶଙ୍ଖ, ହୁଳହୁଳି, ବାଜା ସହ ଗ୍ରାମର ମା' ତାରିଣୀ ଶୈବ ଶକ୍ତି ମନ୍ଦିରଠାରୁ ନୀଳକଣ୍ଠେଶ୍ୱର ଶିବ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା ଓ ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ଯାତ୍ରାରେ ଚଣ୍ଡୀଙ୍କ ସମେତ ପାର୍ଶ୍ୱ ଦେବଦେବଙ୍କ ପରିକ୍ରମା ହୋଇ ଶିବମନ୍ଦିରଠାରୁ ପ୍ରତ୍ୟାବର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଯାତ୍ରାରେ ସେବାୟତ ରଞ୍ଜନ ରଣା, ହରି ବାରିକ, ପୀତାମ୍ବର ରଣା, କୈଳାସ କୁମୁରା, ମହେନ୍ଦ୍ର ପ୍ରଧାନୀ, ସାନୁ ରଣା, ସୂର୍ଯ୍ୟମଣି ରଣା, ହୃଦାନନ୍ଦ ମଲ୍ଲିକ, ସେଷଦେବ ରଣା, ଲମ୍ବ ରଣା, ହୃଦା ରଣା, ଚୁନୁ ପଟ୍ଟନାୟକ, ସୁଶାନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ଚୈତ୍ର ମାସରେ ୭ ଦିନ ବ୍ୟାପୀ ମା' ଅଷ୍ଟଚଣ୍ଡି ତାରିଣୀଙ୍କ ଝାମୁଯାତ୍ରା ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି।



ମା' ତାରିଣୀ ଶୈବ ଶକ୍ତିମନ୍ଦିର ଦେବଦେବୀଙ୍କ ନଗର ପରିକ୍ରମା।

# ଲୋକ ମହୋତ୍ସବ ଉଦନ୍ତୀ ଉଦ୍‌ଘାଟିତ

ସିନାପାଲି,୧୫।୩(ମନଫୁଲ ମେହେର)



ଉଦନ୍ତୀ ମହୋତ୍ସବ ଉଦ୍‌ଘାଟନୀରେ ଉପସ୍ଥିତ ଅତିଥି।

ନୂଆପଡା ଜିଲା ସିନାପାଲିଠାରେ ଲୋକ ମହୋତ୍ସବ ଉଦନ୍ତୀ ଶୁକ୍ରବାର ଉଦଘାଟିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଆତସବାଜି ସାଙ୍ଗକୁ ଛାତରଯାତ୍ରା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସମଗ୍ର ସିନାପାଲି ସହର ଉତ୍ସବ ମୁଖର ହୋଇ ଉଠିଥିଲା। ଏଥିରେ ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ସାଂସ୍କୃତିକ ସନ୍ଧ୍ୟାରେ ବିଭିନ୍ନ ପାରମ୍ପରିକ ଲୋକନୃତ୍ୟର ତାଳେ ତାଳେ ଝୁମି ଉଠିଥିଲେ ଦର୍ଶକ। ଉଦନ୍ତୀ ମହୋତ୍ସବ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଏକ ମହମିଳନ। ଏହା ଜିଲାର ପାରମ୍ପରିକ କଳା, ସଂସ୍କୃତିର ପୁନରୁଦ୍ଧାର ସହ ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ବିକାଶର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚିବାରେ ଏକ ବଳିଷ୍ଠ ମଞ୍ଚରେ ପରିଣତ ହୋଇଛି ବୋଲି ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ଚଳିତବର୍ଷ ମହୋତ୍ସବ ଊଣେଇଶି ବର୍ଷରେ ପଦାର୍ପଣ କରିଛି। ପ୍ରତିବର୍ଷ ଭଳି ଏବର୍ଷ ମଧ ଅଞ୍ଚଳର ଐତିହ୍ୟ ଓ ସଂସ୍କୃତି ବହନ କରୁଥିବା ପ୍ରତିଛବିର ପ୍ରତିଫଳନ ଲାଗି ମଞ୍ଚରେ ନାନା କାରୁକାର୍ଯ୍ୟ ସୁସଜ୍ଜିତ ହୋଇଛି। ଉଦଘାଟନୀ ସଭାରେ ଡିଇଓ ଭୋଇଙ୍କ ସମେତ ଉତ୍ସବ ପାଳନ କମିଟି ସଭାପତି ନୀଳମଣି ମେହେର,

### ପାରମ୍ପରିକ ଲୋକନୃତ୍ୟରେ ଝୁମିଲେ ଦର୍ଶକ

କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ଯୋଶୀ, ସାଧାରଣ ସମ୍ପାଦକ ବୈଷ୍ଣବ ମେହେର, ଜିଲା ପରିଷଦ ସଦସ୍ୟା ଆଶା ଜୈନ, ଲିଙ୍ଗରାଜ ଘିଭେଲା, ସୁବାଷ ଅଗ୍ରୱାଲ, ପ୍ରଦୀପ ଜୈନ, ଲଳିତ ସୁନାରୀ, ଶଶୀଭୂଷଣ ମାଝି, ପୂର୍ବତନ ଜିଲା ପରିଷଦ ପ୍ରିୟରଞ୍ଜନ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ। ସନ୍ଧ୍ୟାକାଳୀନ ସାଂସ୍କୃତିକ ସଭାରେ ମହୋତ୍ସବ ପାଳନ କମିଟି ସଭାପତି ନୀଳମଣି ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ଅରୁପ ଅଭିଷେକ ବେହେରା, ବିଶିଷ୍ଟ ଅତିଥି ସିନାପାଲି ବିଡିଓ ସର୍ବେଶ୍ୱର ଜାଲ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ଶଶୀଭୂଷଣ ମାଝି, ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ, ଯୁଗ୍ମ ସମ୍ପାଦକ ସୁରଜ କୁମାର ମେହେର, ସମିତି ସଭ୍ୟ ମନୀଷ ପଟେଲ, ଏସଏସକେପି ସଭାପତି ତ୍ରିନାଥ ମେହେର, ଥାନାଧିକାରୀ ରଶ୍ମିତା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବଂଶୀଧର ଜଗତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବ ପାଳନ କମିଟି କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ଯୋଶୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିତେନ୍ଦ୍ରିୟ ମେହେର ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଶିଷ୍ଟ ସଙ୍ଗୀତଜ୍ଞ ଅଶୋକ କୁମାର ମିଶ୍ର ଓ ବ୍ରହ୍ମବାଣୀ ବାଦକ ଭଗବାନ ଦେବଗୁରୁଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଂସ୍କୃତିକ ଦଳ ଯଥା ସଙ୍ଗୀତ ସାଧନା ଲୋଇସିଙ୍ଘା, ନଟରାଜ ସାଂସ୍କୃତିକ ଅନୁଷ୍ଠାନ ଭବାନୀପାଟଣା, ସଙ୍ଗୀତ ସମିତି ପଦ୍ମପୁର, ମା' ମଉଳି ସାଂସ୍କୃତିକ ଅନୁଷ୍ଠାନ ଚପରିଆ, ଗାୟତ୍ରୀ କଳା ସଂଗଠନ ରାୟଗଡା, ବଜାଶାଲ ନଙ୍ଗଲବୋଡ଼ ଲୋକନୃତ୍ୟ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କୃତୀ କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ପ୍ରଦ୍ୟୁମ୍ନ ସିଂ ଚିନ୍ଦା ପରିଚାଳନା କରିଥିଲେ। ଶେଷରେ ମନରଞ୍ଜନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିବା ବେଳେ ତଳେତାଳେ ଦର୍ଶକ ଝୁମି ଉଠିଥିଲେ।

# ବଢୁଛି ତାତି, ପାନୀୟ ଜଳ ସଙ୍କଟ ଉତ୍କଟ

ସୋନପୁର,୧୫।୩(ମୃତ୍ୟୁଞ୍ଜୟ ଶତପଥୀ)



ସୁବର୍ଣ୍ଣପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପଡାବାସୀ।

ସୁବର୍ଣ୍ଣପୁର ଜିଲାରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। କିଛି ଦିନ ହେବ ପାରଦ ୩୮ଡିଗ୍ରୀ ଟପିଲାଣି। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କଲାଣି। ଜିଲାର ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଦିଗିଶିରା ଉପରଗଣ୍ଡା ପଡାବାସୀ ପାନୀୟ ଜଳ ଟୋପାଏ ପାଇବା ପାଇଁ ହୀନସ୍ତା ହେଉଛନ୍ତି। ପଡାକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ଦିଗିଶିରା ପଞ୍ଚାୟତର ୧୦ନଂ ୱାର୍ଡବାସୀ ଓ ୭ନଂ ୱାର୍ଡର ଲୋକେ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ପରିବାର ଅଧା କିଲୋମିଟର ଦୂରରେ ଥିବା ଏକ ପୁରୁଣା କୂଅରୁ ପାଣି ସଂଗ୍ରହ କରି ଜଳକଷ୍ଟ ମେଣ୍ଟାଉଛନ୍ତି। ୱାର୍ଡ ସଭ୍ୟା ପୂଜା ବାଗ ଓ ପ୍ରାକ୍ତନ ୱାର୍ଡ ସଭ୍ୟ ଦୀନବନ୍ଧୁ ସୁନାଙ୍କ ନେତୃତ୍ୱରେ ଶୁକ୍ରବାର ପଡାର ଶତାଧିକ ଅଧିବାସୀ ସୁବର୍ଣ୍ଣପୁର ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ନିଜର ସମସ୍ୟା ଜଣାଇବାକୁ ଆସିଥିଲେ। ନିର୍ବାହୀ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ସମସ୍ୟା ସମ୍ପର୍କିତ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ନିର୍ବାହୀ ଯନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ ଲୋକେ

ପଡାବାସୀଙ୍କ କହିବା ଅନୁଯାୟୀ, ଦୀର୍ଘ ବର୍ଷ ହେବ ଅଙ୍ଗନଦୀରୁ ଦିଗଶିରା ଗ୍ରାମକୁ ଜଳଯୋଗାଣ ହୋଇ ଆସୁଛି। ପାଇପ ଲାଇନ ଦିଗଶିରା ଗାଁ ଦେଇ ଗଣ୍ଡାପଡାକୁ ଆସିଛି। ହେଲେ ତଳମୁଣ୍ଡ ଉପର ଗଣ୍ଡା ପଡାକୁ ପାଣି ପହଞ୍ଚିପାରୁନି। ନିମ୍ନମାନର ପାଇପ ଦବି ଗଲାଣି। ତେଣୁ ଏକ ନୂତନ ପାଇପ ସଂଯୋଗ କରି ପାନୀୟ ଜଳ ଯୋଗାଇ ଦେବାକୁ ପଡାବାସୀ ଅନୁରୋଧ କରିଛନ୍ତି। ପଡାବାସୀ ଏ ସମ୍ପର୍କରେ ପୂର୍ବରୁ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର ଓ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏ ସମ୍ପର୍କରେ ସୁବର୍ଣ୍ଣପୁର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ନିର୍ବାହୀଯନ୍ତ୍ରୀ ତପନ କୁମାର ପଧାନଙ୍କୁ ଯୋଗାଯୋଗ କରିବାରୁ ଖୁବଶୀଘ୍ର ପଡାକୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ପାଇଁ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ପଡାର ହିମାଂଶୁ ସୁନା, ପୃଥ୍ୱୀରାଜ ସିକନ, ସୁଦାମ ସୁନା, ସୁରେଶ ବାଗ, ବରୁଣ ସୁନା, ବିରାସ ଦୀପ, ପବିତ୍ର ହରିପାଲ, ମହେଶ୍ୱର ସୁନା, ତରାସ ବାଗ, ଶୈଳେନ୍ଦ୍ରୀ ସୁନା ଓ ଦେବକୀ ନାଗ ପ୍ରମୁଖ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ।

# ବୀରମହାରାଜପୁର କଲେଜକୁ ପୁଣି ୭୯ଲକ୍ଷ ସରକାରୀ ଅନୁଦାନ

ଅମରପାଲି,୧୫।୩(ପୀତାମ୍ବର ସାହୁ)




ବୀରମହାରାଜପୁର କଲେଜ।

ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଭିତ୍ତିଭୂମିର ବିକାଶ ପାଇଁ ପୁଣି ଥରେ ୭୯ଲକ୍ଷ ଟଙ୍କା ଅନୁଦାନ ମିଳିଛି । ଗତ ଜାନୁୟାରୀ ମାସରେ ମଞ୍ଜୁରୀପ୍ରାପ୍ତ ୫୧.୫ଲକ୍ଷ ଟଙ୍କା ଅନୁଦାନରେ କଲେଜର ପ୍ରଶାସନିକ ଭବନ ଓ ପାଚେରୀ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ଏଥର ଦ୍ୱିତୀୟ ପର୍ଯ୍ୟାୟରେ ମିଳିଥିବା ଅର୍ଥ ବିନିମୟରେ ଅତିରିକ୍ତ ଶ୍ରେଣୀ କୋଠରୀ ସହ ଶୌଚାଳୟ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି । ଉଚ୍ଚଶିକ୍ଷା ବିଭାଗର ପତ୍ର ସଂଖ୍ୟା ୧୦୩୩୦ ତା ୧୧/୦୩/୨୦୨୪ ଅନୁଯାୟୀ ରାଜ୍ୟର ୭୬ଟି ଡିଗ୍ରୀ କଲେଜକୁ ଦ୍ୱିତୀୟ ପର୍ଯ୍ୟାୟ ଅନୁଦାନ ମଞ୍ଜୁର କରାଯାଇଥିବା ବେଳେ ଏଥିରେ ସ୍ଥାନ ପାଇଛି ବୀରମହାରାଜପୁର କଲେଜ।

### ନିର୍ମାଣ ହେବ ନୂତନ ଶ୍ରେଣୀଗୃହ

ସୂଚନାଯୋଗ୍ୟ, ଚଳିତ ଶିକ୍ଷାବର୍ଷରେ ଏହି ମହାବିଦ୍ୟାଳୟ ୫-ଟି ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ ହୋଇଥିବାରୁ ଏକ କୋଟି ଟଙ୍କା ଅନୁଦାନରେ ଚାରୋଟି ସ୍ମାର୍ଟ କ୍ଲାସ ସହିତ ବିଜ୍ଞାନାଗାର, ଲାଇବ୍ରେରୀ ଏବଂ ସ୍ୱତନ୍ତ୍ର ଶୌଚାଳୟ ଆଦି ନିର୍ମାଣାଧୀନ ରହିଥିବା ଜଣାଯାଇଛି। ଉପଖଣ୍ଡ ସଦର ମହକୁମାସ୍ଥିତ ୪୩ବର୍ଷର ପୁରାତନ ଏହି କଲେଜରେ ଦୀର୍ଘଦିନରୁ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ ସମ୍ପ୍ରତି ଏହାର ବିକାଶ ପାଇଁ ରାଜ୍ୟ ସରକାର ବିଶେଷ ଧ୍ୟାନ ଦେଇଥିବାରୁ କଲେଜ ପ୍ରଶାସନ ତରଫରୁ ଗଭର୍ଣ୍ଣିଂ ବଡି ସଭାପତି ସ୍ୱୟମ୍ଭୁ ନାଥ ଖଣ୍ଡଗିରି ଏବଂ ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ ରାଜ୍ୟ ସରକାର ତଥା ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଭୂମିହୀନଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ

ବୌଦ୍ଧ,୧୫।୩(ଅଜିତ କୁମାର ବାରିକ)



ବସ୍ତିବାସିନ୍ଦାଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଉଛି ।

ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଶୁକ୍ରବାର ଦିନ ଜାଗା ମିଶନ ଜରିଆରେ ଭୂମିହୀନ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଟାଉନହଲଠାରେ ପରିଷଦର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ନଗରପାଳ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ କହିଥିଲେ ଜାଗା ମିଶନ ସରକାରଙ୍କ ଏକ ବଡ ପଦକ୍ଷେପ। ସହରାଞ୍ଚଳରେ ମଧ୍ୟ ଗରିବ ଭୂମିହୀନ ଯେଉଁମାନେ ବଞ୍ଚିତ ଥିଲେ ସେମାନଙ୍କୁ ଭୂମି ପଟ୍ଟା ମିଳିଥିବା ନେଇ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଉପାଧ୍ୟକ୍ଷା ସୁବାସିନୀ ସେଠୀ, ୧୫ ନମ୍ବର ୱାର୍ଡର କାଉନସିଲର ନାରାୟଣ ଦଳବେହେରା, ୬ ନମ୍ବର ୱାର୍ଡର ବସ୍ତି ଉନ୍ନୟନ ସଂଘର ସଂପାଦିକା ଦେବକୀ କ୍ଷେତୀ ଓ ୧୫ ନମ୍ବର ୱାର୍ଡର ବସ୍ତି ଉନ୍ନୟନ ସଂଘର ସଭାପତି ଅନ୍ନପୂର୍ଣ୍ଣା ଦାସ ଯୋଗ ଦେଇଥିଲେ। ଏହି ଅବସରରେ ୬ ନମ୍ବର ୱାର୍ଡ ଓ ୧୫ ନମ୍ବର ୱାର୍ଡର ୧୭ ଜଣ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗ୍ରାମ ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। ସମସ୍ତ କାଉନସିଲର ଓ ବିଭିନ୍ନ ୱାର୍ଡର ବସ୍ତିବାସିନ୍ଦା ଯୋଗ ଦେଇଥିଲେ।

# ୧୦ ଦଫା ଦାବି ନେଇ ସାମ୍ବାଦିକଙ୍କ ଧାରଣା



ସାମ୍ବାଦିକମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୌଦ୍ଧ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ଘଣ୍ଟାପଡ଼ା/ଖୁଣ୍ଟିଗୋରା,୧୫।୩
(ପ୍ରଭାତ କୁମାର ସାହୁ/ମକରନ୍ଦ ସାହୁ)

ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଚାଷୀ, ମୂଲିଆ, ସରକାରୀ କର୍ମଚାରୀ ତଥା ରାଜନେତାଙ୍କ ପାରିଶ୍ରମିକ ତଥା ଭତ୍ତା ବୃଦ୍ଧି କରିଥିବା ବେଳେ ତୃଣମୂଳ ସ୍ତରରୁ ପ୍ରଶାସନର ଉନ୍ନୟନମୂଳକ କାର୍ଯ୍ୟର ପ୍ରଚାର ପ୍ରସାର ପାଇଁ ଦିନରାତି ଖଟୁଥିବା ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ସାମ୍ବାଦିକମାନଙ୍କ ସାମାଜିକ, ଅର୍ଥନୈତିକ ଉନ୍ନତି ପାଇଁ ଏଯାଏ କୌଣସି ପଦକ୍ଷେପ ନେଇ ନାହାନ୍ତି। ତେଣୁ କାର୍ଯ୍ୟରତ ସାମ୍ବାଦିକଙ୍କ ଉନ୍ନତି ପାଇଁ ୧୦ ଦଫା ଦାବି ନେଇ ଶୁକ୍ରବାର ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର କାର୍ଯ୍ୟରତ ସାମ୍ବାଦିକମାନେ ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଦାବିଗୁଡିକ ମଧ୍ୟରେ ପଞ୍ଜୀକୃତ ସାମ୍ବାଦିକଙ୍କୁ ମାସିକ ୧୦ହଜାର ଭତ୍ତା ପ୍ରଦାନ, ବରିଷ୍ଠ ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ସାମ୍ବାଦିକଙ୍କ ମୃତ୍ୟୁକାଳୀନ ଆର୍ଥିକ ସହାୟତା ୪ଲକ୍ଷରୁ ୧୦ଲକ୍ଷ ଟଙ୍କାକୁ ବୃଦ୍ଧି, କାର୍ଯ୍ୟରତ ସାମ୍ବାଦିକଙ୍କୁ ମାଗଣା ଆବାସ ଗୃହ ପ୍ରଦାନ, ବସରେ ଯାତାୟତ ପାଇଁ ବସପାସ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ସନ୍ତାନମାନଙ୍କୁ ସାମିଲ, ଅଧିସ୍ୱୀକୃତି କମିଟି ପୁନର୍ଗଠନ ଓ ନିୟମାନୁଯାୟୀ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ, ପ୍ରେସ ଏକାଡେମୀ ଗଠନ, ବସୁନ୍ଧରା ଯୋଜନାରେ ଘରଡିହ ପ୍ରଦାନ ଆଦି ଦାବିକୁ ନେଇ ମୁଖ୍ୟମନ୍ତ୍ରୀ, ୫-ଟି ସଚିବ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୌଦ୍ଧ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର, କଣ୍ଟାମାଳ ବିଡ଼ିଓ ସାମୀ ଜୟଶ୍ରୀ ରେଙ୍ଗୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି । ଆଗାମୀ ଦିନରେ କାର୍ଯ୍ୟରତ ସାମ୍ବାଦିକଙ୍କ ଦାବି ପୂରଣ ଦିଗରେ ରାଜ୍ୟ ସରକାର ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି ତେବେ ପ୍ରଶାସନ ତଥା ସରକାରଙ୍କ କୌଣସି ଖବରକୁ ପରିବେଷଣ କରିବା ଦିଗରେ ଅସହଯୋଗ କରାଯିବ ବୋଲି ସାମ୍ବାଦିକ ସଂଘ କଣ୍ଟାମାଳର ସଭାପତି ସୁଶିଲ କୁମାର ମିଶ୍ର କଡ଼ା ଚେତାବନୀ ଦେଇଛନ୍ତି। ସାମ୍ବାଦିକମାନଙ୍କ ଏହି ଧାରଣାକୁ ତିନି ପ୍ରମୁଖ ରାଜନୈତିକ ଦଳର କର୍ମକର୍ତ୍ତା ସମର୍ଥନ କରିଥିଲେ।

### ତିନି ପ୍ରମୁଖ ଦଳର ସମର୍ଥନ

ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ବିଜେଡି ନେତା ତଥା ଖଲିଆପାଲି ପଞ୍ଚାୟତ ସମିତି ସଭ୍ୟ କେଦାରନାଥ ସାହୁ ଓ ଭାଜପା ଜିଲା ସମ୍ପାଦକ ତଥା ରାଜ୍ୟ ସଂଯୋଜକ ଯଦୁବିହାରୀ ବାଘ ସାମ୍ବାଦିକମାନଙ୍କ ଦାବିକୁ ଯଥାର୍ଥ ବୋଲି କହିବା ସହିତ ସମର୍ଥନ କରିଥିଲେ। ଏହି ଧାରଣାରେ ବରିଷ୍ଠ ଖବରଦାତା ଦିବ୍ୟଶଙ୍କର ରାଉତ, ପୂର୍ଣ୍ଣଚନ୍ଦ୍ର ସାହୁ, ଜୟ କୁମାର ମହାରଣା, ପ୍ରଭାତ କୁମାର ସାହୁ, ବଳରାମ ବାଘ, ଜଗାନନ୍ଦ ମହାପାତ୍ର, ହୃଦାନନ୍ଦ ମେହେର, ବଂଶୀଧର ମାଝୀ, ଶଙ୍କର୍ଷଣ ସାହୁ, ରଞ୍ଜନ କୁମାର ପାତ୍ର, ଦେବାଶିଷ ମଲ୍ଲିକ, ରାଜେଶ ଠେଲା, ମକରନ୍ଦ ସାହୁ, ସିମ୍ପିରାଣୀ ସାହୁ, ନବୀନ ମାହାର, ବାସୁଦେବ ଷାଣ୍ଡ, ପ୍ରେମାନନ୍ଦ ମହାପାତ୍ର, ଅନନ୍ତ ଖମାରୀ, ବିଶ୍ୱାମିତ୍ର ପାଢ଼ୀ ପ୍ରମୁଖ ସାମିଲ ଥିଲେ ।

## ବାରିଙ୍ଗ ସାହିରେ ଅଗ୍ନିକାଣ୍ଡ

ତଳଗାଁ,୧୫।୩(କୁନା ବେହେରା)

ଶୁକ୍ରବାର ମଧ୍ୟାହ୍ନରେ ହରଭଙ୍ଗା ବ୍ଲକ ଆଡେଣିଗଡ଼ ପଞ୍ଚାୟତ ବାରିଙ୍ଗ ସାହିରେ ଅଗ୍ନିକାଣ୍ଡ ଘଟି ପଣ୍ଡିତ ବେହେରାଙ୍କ ଘର ଭସ୍ମୀଭୂତ ହୋଇଯାଇଛି। ତାଙ୍କ ଘର ପାଖରେ ଥିବା ମହୁଲ ଗଛ ତଳେ କେହି ନିଆଁ ଲଗାଇ ଚାଲି ଯାଇଥିଲା। ସେଠାରୁ ନିଆଁ ଝୁଲ ଉଡି ପଣ୍ଡିତଙ୍କ ଘରେ ନିଆଁ ଲାଗି ଯାଇଥିଲା। ଚାରିଛକରୁ ଦମକଳବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିବା ବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହେଉଛି।

## ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ

ବୌଦ୍ଧ,୧୫।୩( ଅଜିତ କୁମାର ବାରିକ)

ଶୁକ୍ରବାର ବୌଦ୍ଧ ଜିଲାରେ ବିଶ୍ୱ ଖାଉଟି ଅଧିକାର ଦିବସ ମୃର୍ଷୁଣ୍ଡିସ୍ଥିତ ମିଶନ ଶକ୍ତି ଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୁରଭି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ସଭାରେ ଜିଲା ଓଜନ ଓ ମାପ ବିଜ୍ଞାନ ଉପନିୟନ୍ତ୍ରକ ରଞ୍ଜନ ପରିଡା ଯୋଗଦେଇ ଉପଭୋକ୍ତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଓଜନ ମାପ ନିରୀକ୍ଷକ ରତିକାନ୍ତ ନାଏକ ଓଜନ ଓ ମାପ ଆଇନ ଉପରେ ଆଲୋକପାତ କରିଥିଲେ। ଅଖିଳ ଭାରତୀୟ ଗ୍ରାହକ କଲ୍ୟାଣ ପରିଷଦର ରାଜ୍ୟ ଉପସଭାପତି କୁନା ଦିଗାଲ ଅପମିଶ୍ରଣ ଓ ଓଜନ ମାପ ଠକେଇରୁ କିପରି ସୁରକ୍ଷିତ ରହିପାରିବ ସେନେଇ ମତବ୍ୟକ୍ତ କରିଥିଲେ। ସୁରଭି ଅନୁଷ୍ଠାନର ସ୍ମରଣିକା ସିଂ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବ୍ଲକ ମହିଳା ଫେଡେରେଶନର ଅଧ୍ୟକ୍ଷା ରିତା ବେହେରା , ସମ୍ପାଦିକା ଗୋଲାପି ସିଂ ଯୋଗଦେଇ ନିଜ ନିଜ ମତ ରଖିଥିଲେ ।

# ଆଇନ ସଚେତନତା ଶିବିର




ଆଇନ ସଚେତନତା ଶିବିରରେ ବିଚାରପତି ଓ ଅନ୍ୟମାନେ।

ବୌଦ୍ଧ,୧୫।୩ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତ ଗୁଡିଆଲି ଗ୍ରାମରେ ଏସଟି ଏସସିଙ୍କ ଉନ୍ନତି ପାଇଁ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନା ଏବଂ ଆଇନରେ ଥିବା ସେମାନଙ୍କ ସୁରକ୍ଷା ଉପରେ ଆଇନ ସଚେତନତା ଶିବିର ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଆଇନସେବା ପ୍ରାଧିକରଣର ସଚିବ ଶାଶ୍ୱତି ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଜିଲା କଲ୍ୟାଣ ବିଭାଗର ସୂର୍ଯ୍ୟ ନାରାୟଣ ବେହେରା, ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତର ସରପଞ୍ଚ ଭାରତୀ ପୁରୋହିତ ଏବଂ ପ୍ରାଥମିକ ବିଦ୍ୟାଳୟ, ଗୁଡିଆଲିର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ଏହି ଶିବିରରେ ଏସସି ଓ ଏସଟି ଏବଂ ଅନ୍ୟ ସମ୍ପ୍ରଦାୟ ମଧ୍ୟରେ ବ୍ୟବଧାନକୁ ଦୂର କରିବା, ସେମାନଙ୍କୁ ଅନ୍ୟମାନଙ୍କ ପରି ସମସ୍ତ ସୁବିଧା ସୁଯୋଗ ଦେବା, ସୁରକ୍ଷା, ଅର୍ଥନୀତିରେ ଉନ୍ନତି, ଶିକ୍ଷା ଏବଂ ସୁବିଧା ସବୁ ଯୋଗାଇ ଦେବାରେ ଆଇନଗତ ସାହାଯ୍ୟ ଉପରେ ଲୋକଙ୍କୁ ବୁଝାଯାଇଥିଲା। ଏହାସହ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସମାଜର ଗରିବ ଏବଂ ଦଳିତ ଶ୍ରେଣୀର ଲୋକଙ୍କୁ ପ୍ରଦାନ କରାଯାଉଥିବା ମାଗଣା ଆଇନଗତ ସେବା ଉପରେ ବିସ୍ତୃତ ଭାବରେ ବୁଝାଯାଇଥିଲା।

# ନାରାୟଣଙ୍କ ସମର୍ଥନରେ ବାଇକ୍ ଶୋଭାଯାତ୍ରା

ଅମରପାଲି/ଉଲୁଣ୍ଡା/ବିନିକା,୧୫।୩
(ପୀତାମ୍ବର ସାହୁ/ଉରୁକ୍ରମ ପାଣ୍ଡିଆ/
ରାମ ଗୋପାଳ ବାଘ)



ବୀରମହାରାଜପୁରରେ ବିଜୁ ଯୁବ ଜନତା ଦଳର ବାଇକ୍ ଶୋଭାଯାତ୍ରା।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିର୍ବାଚନ ମଣ୍ଡଳୀରେ ଯୁବ ବିଜୁ ଜନତା ଦଳ ତରଫରୁ ନାରାୟଣ ଲୁହାଙ୍କ ସମର୍ଥନରେ ଏକ ବାଇକ୍ ଶୋଭାଯାତ୍ରା ହୋଇଯାଇଛି। ବୀରମହାରାଜପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ବିଜେଡି ତଥା ନାରାୟଣ ଲୁହାଙ୍କ ସମର୍ଥକମାନେ ସ୍ଥାନୀୟ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଏକତ୍ରିତ ହୋଇଥିଲେ। ସେଠାରୁ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ତ୍ରିବେଣୀ ଛକ, ମୁଖ୍ୟ ଛକ ଦେଇ ଉଫୁଲା, ରଥପୁର ଛକ ଦେଇ ପଣ୍ଡିଆପାଲି ଛକ ପର୍ଯ୍ୟନ୍ତ ଯାଇଥିଲା। ପରେ ଉଲୁଣ୍ଡା ବ୍ଲକର ମହଦା,ଧର୍ମଶାଳା, ମୁଣ୍ଡଘାଟ, ରକ୍ସା ଛକ, ବିଶିପଡା, ନାଏକପଡା ଦେଇ ଉଲୁଣ୍ଡା ପର୍ଯ୍ୟନ୍ତ ବାଇକ୍ ଶୋଭାଯାତ୍ରା କରାଯାଇଥିଲା। ଉଲୁଣ୍ଡାରୁ ଉକ୍ତ ବ୍ଲକର ଯୁବ ବିଜେଡି କର୍ମୀ ଓ ସମର୍ଥକମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେଠାରୁ ମେଟାକାନି ଦେଇ ବିନିକା ପହଞ୍ଚିଲା ପରେ ଉକ୍ତ ବ୍ଲକର ସମର୍ଥକମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିନିକାରୁ ସେଲେଡି ଛକ, ଡୁଲୁଣ୍ଡପାଲି, ମହାଦେବପାଲି, ଘୋଡ଼ାଧାର ଦେଇ ପଣ୍ଡିକିଟାଲ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ତିନି ବ୍ଲକର ଶତାଧିକ ବିଜେଡ଼ି କର୍ମୀ,ସମର୍ଥକ ଓ ନାରାୟଣ ଲୁହାଙ୍କ ସମର୍ଥକମାନେ ଶୋଭାଯାତ୍ରାରେ ଯାଇ ବିଭିନ୍ନ ନାରା ଦେଇଥିଲେ। ଆଗକୁ ନିର୍ବାଚନ ଥିବାରୁ ଉକ୍ତ ବାଇକ୍ ଶୋଭାଯାତ୍ରାକୁ ନେଇ ନା ନା ଚର୍ଚ୍ଚା ହେଉଛି। ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀ ଦୀର୍ଘଦିନ ଧରି ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ବର୍ତ୍ତମାନର ବିଧାୟକ ପଦ୍ମନାଭ ବେହେରା ଏଠାରୁ ଲଗାତାର ଭାବେ ବିଜୟୀ ହେଉଛନ୍ତି। ତେଣୁ ଉକ୍ତ ଆସନ ବିଜେଡି ପାଇଁ ବେଶ ସୁରକ୍ଷିତ ଥିବା କୁହାଯାଉଥିବା ବେଳେ ଏଠାରୁ ବିଧାୟକ ବେହେରା ଙ୍କ ସମେତ ବର୍ତ୍ତମାନର ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମଧ୍ୟ ଟିକେଟ ଆଶାୟୀ ଅଛନ୍ତି। ତେବେ ନାରାୟଣ ଲୁହାଙ୍କ ସମର୍ଥନରେ ଶୁକ୍ରବାର ବାହାରିଥିବା ଉକ୍ତ ବାଇକ୍ ଶୋଭାଯାତ୍ରା ଯୋଗୁ ବିଜେଡି ଟିକେଟ ପାଇଁ ନାରାୟଣଙ୍କ ଏହା ଶକ୍ତି ପ୍ରଦର୍ଶନ ବୋଲି ଆଲୋଚନା ହେଉଛି।

# ନିରାଶ ହୋଇ ଫେରିଲେ ଅଭିଯୋଗକାରୀ

ସୋନପୁର,୧୫।୩(ମୃତ୍ୟୁଞ୍ଜୟ ଶତପଥୀ)



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ଅଭିଯୋଗକାରୀ ମାନେ।

ସମ୍ବଲପୁରସ୍ଥିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ନ୍ୟାୟାଳୟ ପକ୍ଷରୁ ରାଜସ୍ୱ ସମ୍ବନ୍ଧୀୟ ମୋକଦ୍ଦମାର ବିଚାର ପାଇଁ ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଦିନ ଧାର୍ଯ୍ୟ ହୋଇଥିଲା। ଅଭିଯୋଗକାରୀଙ୍କୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କ କାର୍ଯ୍ୟାଳୟର କୋର୍ଟ ଅଧିକାରୀଙ୍କ ପକ୍ଷରୁ ନୋଟିସ୍ ହୋଇଥିଲା। ତେବେ ଆରଡିସି କିମ୍ବା କମିଶନରଙ୍କ କାର୍ଯ୍ୟାଳୟର କୌଣସି ଅଧିକୃତ ଅଧିକାରୀ ଆସି ନ ଥିଲେ। ଫଳରେ ଦୂରଦୂରାନ୍ତରୁ ଆସିଥିବା ଅଭିଯୋଗକାରୀମାନେ ଅପେକ୍ଷା କରି ଶେଷରେ ନିରାଶ ହୋଇ ଘରକୁ ଫେରିଥିଲେ। ସୂଚନା ଅନୁଯାୟୀ, ରାଜସ୍ୱ ସମ୍ବନ୍ଧୀୟ ବିଷୟକୁ ନେଇ ଲୋକେ ଆରଡିସିଙ୍କ କୋର୍ଟରେ ଆବେଦନ କରିଥିଲେ। ତଦନୁଯାୟୀ ମାମଲାର ଶୁଣାଣି ପାଇଁ ଶୁକ୍ରବାର କ୍ୟାମ୍ପ କୋର୍ଟ ଥିଲା। ଅଭିଯୋଗକାରୀଙ୍କୁ ନିଜର ପରିଚୟପତ୍ର ଓ ଆବଶ୍ୟକ କାଗଜାତ ସହ ଉକ୍ତ ଅଦାଲତରେ ପୂର୍ବାହ୍ନ ୧୧ଟା ସମୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଥିଲା। ଉକ୍ତ ଦିବସରେ ଅଭିଯୋଗକାରୀ ଅନୁପସ୍ଥିତ ରହିଲେ କେସ୍‌ରେ ତାଙ୍କର କୌଣସି ଅଭିଯୋଗ ନାହିଁ ଏବଂ ଅଦାଲତ ନିୟମମତେ ନିଜସ୍ୱ ନିଷ୍ପତ୍ତି ନେବେ ବୋଲି ନୋଟିସ୍‌ରେ ଉଲ୍ଲେଖ ଥିଲା। ତେବେ ଆରଡିସି କିମ୍ବା କୌଣସି ଅଧିକୃତ ଅଧିକାରୀ ନ ଆସିବାରୁ ଜିଲାର ଉଲୁଣ୍ଡା ତହସିଲ ଅନ୍ତର୍ଗତ ଦକ୍ଷିଣିପାଲି ଗ୍ରାମର ବାଲ୍ମିକୀ ଭୁଏ, ବୈରାଗୀପାଲି ଗ୍ରାମର ଉମେଶ ପଧାନ ଓ ବରପଦର ଗ୍ରାମର ରାମକୃଷ୍ଣ ତ୍ରିପାଠୀ ପ୍ରମୁଖ ନିରାଶ ହୋଇ ଫେରିଥିଲେ।

### ନୋଟିସ୍ କଲେ, ଆସିଲେନି

ଏ ସମ୍ପର୍କରେ ଅଭିଯୋଗକାରୀ ଉମେଶ ପଧାନ କୁହନ୍ତି ଜମିଜମା ପଟ୍ଟା ପାଇବା ପାଇଁ ସେ ଆରଡିସିଙ୍କ କୋର୍ଟରେ ଦୀର୍ଘ ବର୍ଷ ପୂର୍ବରୁ ଆବେଦନ କରିଥିଲେ। କେସ ନଂ ୧୬୩୫/୨୦୧୭ ମୂଳେ ମୋକଦ୍ଦମା ଚାଲିଛି। ଜିଲାପାଳଙ୍କ କାର୍ଯ୍ୟାଳୟ କ୍ୟାମ୍ପ କୋର୍ଟରେ କାଗଜପତ୍ର ସହ ଶୁକ୍ରବାର ଉପସ୍ଥିତ ରହିବାକୁ ନୋଟିସ ହୋଇଥିଲା। ୩୦ କିଲୋମିଟର ଦୂରରୁ ସେ ଜିଲା ମୁଖ୍ୟାଳୟକୁ ଆସିଥିଲେ। ମାତ୍ର ଅଧିକାରୀ ନ ଆସିବାରୁ ସେ ନିରାଶ ହୋଇ ଫେରି ଯାଉଛନ୍ତି। ଉମେଶଙ୍କ ଭଳି ବାଲ୍ମିକୀ, ରାମକୃଷ୍ଣ ଓ ଅନ୍ୟମାନେ ସମାନ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ଦୁର୍ଘଟଣାରେ ଦମ୍ପତି ମୃତ



ଖଡ଼ିଆଳ,୧୫।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ୩୫୩ ଜାତୀୟ ରାଜପଥ ଚଳାନପଡା ବଡପୋଲ ପାଖରେ କାରକୁ କଣ୍ଟେନର ଧକ୍କା ଦେବା ଫଳରେ ସ୍ତ୍ରୀସ୍ୱାମୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡଦୋହେଲ ଗ୍ରାମର ଦମ୍ପତି ସେନାପତି ବାଗ (୩୬) ଓ ସ୍ତ୍ରୀ ସରିତା ବାଗ (୩୨)। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନ ୪ଟାରେ ବଡଦୋହେଲ ଗ୍ରାମର ସେନାପତି ଓ ସ୍ତ୍ରୀ ସରିତା କାର୍ (ନଂ.ସିଜିଏଫଡି଼ ୧୦୦) ଯୋଗେ ନୂଆପଡା ପଟକୁ ଯାଉଥିଲେ। ବୀପରିତ ଦିଗରୁ ଆସୁଥିବା ଏକ କଣ୍ଟେନର ଟ୍ରକ (ନଂ.ଏପି୩୯ଟିଏକ୍ସ-୬୮୫୯) କାର୍‌କୁ ଧକ୍କା ଦେଇଥିଲା। ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ୨ ପୁଅ ସରୋଜ (୧୧), ରାଜବିର (୯) ଓ ଝିଅ ଚୈତ୍ରା (୬) ଅନାଥ ହୋଇଯାଇଛନ୍ତି। ଦୁର୍ଘଟଣା ପରେ କଣ୍ଟେନରକୁ ୫ କି.ମି. ଦୂରକୁ ନେବା ପରେ ଛାଡି ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡ଼ିଛି। ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ କୁମାର ପ୍ରଦୀପ ଧାରୁଆ ପ୍ରକାଶ କରିଛନ୍ତି।

# ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଉପରକୁ ଗୁଳିମାଡ଼

**ଡ୍ରାଇଭରଙ୍କ ସମେତ ୨ ଗୁରୁତର**

ସୁନ୍ଦରଗଡ,କୁତ୍ରା,୧୫।୩
(ଜୟ ନାରାୟଣ ମେଣ୍ଡୁଲି/ ଦେବାଶିଷ ସାହୁ)








ସୁନ୍ଦରଗଡ ଜିଲା କୁତ୍ରା ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ଭୋର ସମୟରେ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଉପରକୁ ଅତର୍କିତଭାବେ ଗୁଳିମାଡ଼ ହୋଇଛି। ଏଥିରେ ଡ୍ରାଇଭରଙ୍କ ସମେତ ଅନ୍ୟ ଜଣେ (ତାଙ୍କ ଶାଳକ) ଗୁରୁତର ହୋଇଛନ୍ତି। ସେମାନେ ହେଲେ ଛତିଶଗଡ଼ ରାୟଗଡ଼ ଜିଲା ଶକ୍ତି ଅଞ୍ଚଳର ବିକ୍ରମ ଟଣ୍ଡନ(୨୯) ଓ ସୁନୀଲ ରତ୍ନାକର (୪୦)। ଜଣକ ଛାତିରେ ଗୁଳି ବାଜିଥିବା ବେଳେ ଅନ୍ୟ ଜଣଙ୍କ ବେକରେ ଗୁଳି ମାଡ଼ ହୋଇଛି। ଉଭୟେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଖବର ପାଇ ସୁନ୍ଦରଗଡ ଟାଉନ ଥାନା, କୁତ୍ରା ଓ ବଡଗାଁ ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ କୁତ୍ରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏନେଇ ପୋଲିସ ମାମଲା ନଂ. ୬୪/୨୪ ରୁଜୁ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିକ୍ରମ ଓ ସୁନୀଲ ଏକ ପିକ୍‌ଅପ୍ ଭ୍ୟାନ୍ ସିଜି ୧୩ ଏଆର୍ ୯୦୦୩ ଯୋଗେ ଗୋରୁ ବୋଝେଇ କରି ଖତକୁରବାହାଲକୁ ଯାଉଥିଲେ। ଭୋର ପ୍ରାୟ ସାଢେ ୪ଟା ସମୟରେ କୁତ୍ରା ଖତକୁରବାହାଲ ରାସ୍ତାରେ ଅନ୍ୟ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ୪ରୁ ୫ ଜଣ ବ୍ୟକ୍ତି ଆସି ସେମାନଙ୍କ ଉପରକୁ ଗୁଳିମାଡ କରି ଫେରାର ହୋଇଯାଇଥିଲେ। ପରେ ବିକ୍ରମ ଓ ସୁନୀଲ ତାଙ୍କ ଗୋରୁ ବ୍ୟବସାୟୀଙ୍କୁ ଜଣାଇଥିଲେ। ସେମାନେ ତାଙ୍କୁ ଜିଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନଟି ଘଟଣା ସ୍ଥଳରୁ ଫେରାର ହୋଇଯିବା ଏବଂ ପରେ ସେହି ଭ୍ୟାନ ଛତିଶଗଡ ରାଜ୍ୟରୁ ଜବତ ହୋଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ତେବେ ଘଟଣା ଘଟିବା ପରେ ସଙ୍ଗେସଙ୍ଗେ ଭ୍ୟାନଟି କିପରି ଛତିଶଗଡ଼ ଗଲା ଏବଂ ଏହି ଗୁଳିକାଣ୍ଡ ଘଟଣା ଉପରେ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏପରିକି ଏହି ଭ୍ୟାନରେ ବେଆଇନ ଗୋ ଚାଲାଣ ହେଉଥିବା ଯୋଗୁ ଘଟଣା ସ୍ଥଳରୁ ଭ୍ୟାନକୁ ଫେରାର କରାଯାଇଥିବା କୁହାଯାଉଛି। ତେବେ ପିକଅପ ଭ୍ୟାନ ତ ମିଳିଲା, ହେଲେ ଗୋରୁ କୁଆଡେ ଗଲେ ତାହା ମଧ୍ୟ ପ୍ରଶ୍ନ ଘେରରେ ରହିଛି। ଏହି ଗୋରୁ ବେପାରୀମାନେ ପିକ୍‌ଅପ୍ ଭ୍ୟାନରେ ୭ଟି ଗୋରୁ ଧରି କୁତ୍ରା ଥାନା ଅନ୍ତର୍ଗତ ଖତକୁର ବାହାଲକୁ ଯାଉଥିବା ବେଳେ ତାଙ୍କ ଉପରକୁ ଗୁଳିଚାଳନା ହୋଇଥିବା ଆହତ ଦ୍ୱୟ ପୋଲିସ ଆଗରେ କହିଛନ୍ତି। ବିକ୍ରମଙ୍କ କହିବା ଅନୁସାରେ, ତାଙ୍କ ଗାଡି କିସ୍ତି ଟଙ୍କା ପରିଶୋଧ କରିବାର ଥିଲା। ଏହି ସମୟରେ ରାୟଗଡ ନିକଟ ଘୋଘରୀ ବଜାରରୁ ସୁନ୍ଦରଗଡ ଖତକୁର ବାହାଲର ଜଣେ ଗୋରୁବ୍ୟବସାୟୀ ୭ ଗୋରୁଙ୍କୁ ଖତକୁରବାହାଲ ଛାଡି ଦେବାପାଇଁ କହିଥିଲେ। ଗାଡି କିସ୍ତି ପରିଶୋଧ କରିବାର ଥିବାରୁ ସେ ଏଥିରେ ରାଜି ହୋଇଥିଲେ। ସାଥିରେ ତାଙ୍କ ଶାଳକ ସୁନୀଲଙ୍କୁ ସାଙ୍ଗରେ ଧରି ଯାଉଥିଲେ। ଅନ୍ୟ ପକ୍ଷରେ ଏହା ଆଜିର ନୂଆ ଘଟଣା ନୁହେଁ, ବାରମ୍ବାର ଏଭଳି ବେଆଇନ ଭାବେ ଗୋରୁ ଚାଲାଣ ହେଉଛି ଏବଂ ଗୁଳିମାଡ଼ ହେଉଛି। ହେଲେ ପୋଲିସ ପ୍ରଶାସନ ଏଭଳି ବେଆଇନ ଗାଈ ଚାଲାଣ ରୋକିବାରେ ବିଫଳ ହେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏଣୁ ପୋଲିସ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ବେଆଇନ ଗୋ ଚାଲାଣ ରୋକିବା ପାଇଁ ସାଧାରଣରେ ଦାବି ହେଉଛି।

# ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଦଣ୍ଡାଦେଶ କାଏମ

କଟକ,୧୫।୩(କାର୍ତ୍ତିକ ସାହୁ)

**୪ ସପ୍ତାହ ମଧ୍ୟରେ କୋର୍ଟରେ ଆତ୍ମସର୍ପଣ ପାଇଁ ଆଦେଶ**

ନିଜ ସ୍ତ୍ରୀଙ୍କୁ ହତ୍ୟା କରିବା ମାମଲାରେ ନିମ୍ନ ଅଦାଲତ ଦେଇଥିବା ଆଜୀବନ ଦଣ୍ଡାଦେଶ ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି। ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ ଏବଂ ବିଚାରପତି ଏସ୍. କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ବଣାଇ ଆଡ୍‌ହକ୍ ଆଡିଶନାଲ୍ ସେସନ୍ସ ଜଜ୍ କୋର୍ଟ ଦେଇଥିବା ଆଜୀବନ ଦଣ୍ଡାଦେଶକୁ ଯଥାର୍ଥ ବୋଲି ମଧ୍ୟ ଦର୍ଶାଇଛନ୍ତି। ଅଭିଯୁକ୍ତ ତଥା ମାମଲାର ଆବେଦନକାରୀ ପ୍ରଫୁଲ୍ଲ ପାତ୍ରଙ୍କ ପକ୍ଷରୁ ଆଗତ ଏକ ଜେଲ୍ କ୍ରିମିନାଲ୍ ଅପିଲ୍‌ର ଶୁଣାଣି କରି ଖଣ୍ଡପୀଠ ଏହି ଅପିଲ୍‌କୁ ଖାରଜ କରିଦେଇଛନ୍ତି। ଏଥିସହ ଜାମିନରେ ଥିବା ଅଭିଯୁକ୍ତଙ୍କୁ ଆଗାମୀ ୪ ସପ୍ତାହ ମଧ୍ୟରେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବାକୁ ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ, ସୁନ୍ଦରଗଡ଼ ଜିଲା ଟିକାୟତପାଲି ଥାନା ଅଞ୍ଚଳର ଅଭିଯୁକ୍ତ ପ୍ରଫୁଲ୍ଲ ପାତ୍ର ତାଙ୍କ ସ୍ତ୍ରୀ ସୁଭଦ୍ରାଙ୍କୁ ୧୯୯୮ ଅଗଷ୍ଟ ୨୯ ତାରିଖରେ ହତ୍ୟା କରିଥିଲେ। ମୃତକଙ୍କ ମାମୁ ଟିକେଶ୍ୱର ପାତ୍ର ସ୍ଥାନୀୟ ଥାନାରେ ଏ ନେଇ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବଣାଇ ଅତିରିକ୍ତ ସେସନ୍ସ କୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ୨୦୦୫ ଅଗଷ୍ଟ ୨୩ରେ ସେସନ୍ସ କୋର୍ଟ ଆଇପିସିର ୩୦୨ ଦଫାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡଦେଶ ପ୍ରଦାନ କରିଥିଲେ। ନିମ୍ନ ଅଦାଲତଙ୍କ ରାୟ ବିରୋଧରେ ଅଭିଯୁକ୍ତଙ୍କ ପକ୍ଷରୁ ହାଇକୋର୍ଟରେ ଅପିଲ୍ କରାଯାଇଥିଲା।

# ବସ୍ତି ସମସ୍ୟା ନେଇ ଆର୍‌ଏମ୍‌ସି ଉପଆୟୁକ୍ତଙ୍କୁ ଦାବିପତ୍ର

ରାଉରକେଲା,୧୫।୩ (ଦିନେଶ ମିଶ୍ର)

ରାଉରକେଲା ବାଙ୍ଗଲାଟୋଲା ବସ୍ତିର ବିଭିନ୍ନ ସମସ୍ୟା ସମାଧାନ ଦାବି ଜୋର୍ ଧରିଛି। ଏ ନେଇ ସ୍ଥାନୀୟ ବସ୍ତିବାସୀ ଶୁକ୍ରବାର ଆରଏମ୍‌ସି ଉପଆୟୁକ୍ତଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଆରଏମ୍‌ସି ଅନ୍ତର୍ଗତ ୱାର୍ଡ ନଂ-୧୬ରେ ଥିବା ବାଙ୍ଗଲାଟୋଲା ବସ୍ତି ଅଞ୍ଚଳର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଏହି ବସ୍ତିର ଅଧିକାଂଶ ଲୋକ ଠିକା ଶ୍ରମିକ ଭାବେ କାମ କରନ୍ତି। ଏହି ବସ୍ତିରେ ଦୀର୍ଘଦିନ ଧରି ଜନସାଧାରଣଙ୍କ ଯାତାୟାତ ପାଇଁ ତିଆରି ହୋଇଥିବା ରାସ୍ତାକୁ ଆଜିଯାଏଁ ମରାମତି କରାଯାଇପାରିଲା ନାହିଁ। ଫଳରେ ବସ୍ତି ଭିତରକୁ କୌଣସି ଜରୁରୀ କାଳୀନ ଯାନ ଯାତାୟାତରେ ଅସୁବିଧା ହେଉଛି। ସେହିପରି ବସ୍ତି ଭିତରେ ଆରଏମ୍‌ସି ପକ୍ଷରୁ ଏକ ଗୋଷ୍ଠୀ ଶୌଚାଳୟ ତିଆରି କରାଯାଇଥିବାବେଳେ ଏହାର ରକ୍ଷଣବେକ୍ଷଣ ଅଭାବରୁ ତାହା ଅଚଳ ଅବସ୍ଥାରେ ପଡି ରହିଛି। ଏହାକୁ ତୁରନ୍ତ ମରାମତି କରିବାକୁ ବସ୍ତିବାସୀ ଦାବି କରିଥିଲେ। ବସ୍ତି ଭିତରେ ପାନୀୟ ଜଳ ପାଇଁ ୨ଟି ନଳକୂପ ଥିଲେ ମଧ୍ୟ ସେଥିରୁ ଗୋଟିଏ ଅଚଳ ହୋଇ ପଡିରହିଛି। ଅନ୍ୟ ନଳକୂପରୁ ଲୁହାଗୁଣ୍ଡ ମିଶ୍ରିତ ପାଣି ବାହାରୁଥିବାରୁ ଏହାକୁ ବସ୍ତିବାସୀ ବ୍ୟବହାର କରିପାରୁ ନାହାନ୍ତି। ସେହିଭଳି ବସ୍ତି ଭିତରେ ସ୍ଥାନୀୟ ଲୋକଙ୍କ ପାଇଁ ଡଷ୍ଟବିନ ବ୍ୟବସ୍ଥା କରାଯାଇନାହିଁ। ଫଳରେ ବସ୍ତିବାସୀ ଅଳିଆଆବର୍ଜନାକୁ ରାସ୍ତାକଡରେ ପକାଇ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଥିବାକୁ ନେଇ ବସ୍ତିବାସୀ ଉପଆୟୁକ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଗାମୀ ଦିନରେ କିଭଳି ଉକ୍ତ ସମସ୍ୟାକୁ ଦୂର କରାଯିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ଆରଏମ୍‌ସି ଉପଆୟୁକ୍ତ ପଲ୍ଲବୀ ନାୟକ ପ୍ରତିଶ୍ରୁତି ଦେଇଥିଲେ। ବାଙ୍ଗଲାଟୋଲା ବସ୍ତିର ଅଭିଷେକ ସୂତାର, ଲିଲିମା ମିଞ୍ଜ, ଚାରୁଲତା ଖାଲକୋ, ସରସ୍ୱତୀ ଓରାମ, ଅଞ୍ଜନା ବାଗ, ସୂର୍ଯ୍ୟମଣି ଟପୋ, ସୁଖିରାମ କେରକେଟ୍ଟା, ମାଧବୀ ଝା, ପଞ୍ଚାନନ ଗନ୍ତାୟତ, କିରଣ ପାଟଯୋଶୀଙ୍କ ସହ ବହୁ ବସ୍ତିବାସୀ ଉପସ୍ଥିତ ଥିଲେ।




ଦାବିପତ୍ର ଦେବାକୁ ଆସିଥିବା ୱାର୍ଡବାସୀ।

# ଜିଲା ପ୍ରଶାସନର ଦ୍ୱାରସ୍ଥ ହେଲେ ୫୦ ପରିବାର

ସୁନ୍ଦରଗଡ,୧୫।୩(ଜୟ ନାରାୟଣ ମେଣ୍ଡୁଲି)

କାଉନସିଲର ତଥା ଜିଲା ଯୋଜନା କମିଟି ସଦସ୍ୟ ସୁମନ୍ତ ସାହୁଙ୍କ ନେତୃତ୍ୱରେ ଶୁକ୍ରବାର ୱାର୍ଡ ନଂ ୧୫ ଓ ୧୬ନଂ ର ଜାଗା ମିଶନରୁ ବଞ୍ଚିତ ୫୦ରୁ ଊର୍ଦ୍ଧ୍ୱ ପରିବାର ପଟ୍ଟା ପାଇଁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନା ମାଧ୍ୟମରେ ବସ୍ତି ଅଞ୍ଚଳରେ ବସବାସ କରୁଥିବା ଭୂମିହୀନ ପରିବାରଙ୍କୁ ରାଜ୍ୟସରକାର ପଟ୍ଟା ପ୍ରଦାନ କରୁଛନ୍ତି। ହେଲେ ସୁନ୍ଦରଗଡ ପୌରାଞ୍ଚଳର ଆଧିକାଂଶ ଗରିବ ପରିବାର ଏବେବି ମଧ୍ୟ ଏହି ସୁବିଧାରୁ ବଞ୍ଚିତ ହୋଇଛନ୍ତି। ୨୦୧୭-୧୮ରୁ ୱାର୍ଡ ନଂ ୧୫ ଓ ୧୬ର ବସ୍ତି ବାସିନ୍ଦାଙ୍କ ମାନୁଆଲି ସର୍ଭେ କାର୍ଯ୍ୟ ହୋଇ ସାରିଛି। ସେମାନେ ଉଷା ସର୍ଭେ କାର୍ଡ ମଧପାଇ ସାରିଛନ୍ତି। ହେଲେ ଏ ପର୍ଯ୍ୟନ୍ତ ସେହି ପରିବାରଙ୍କୁ ପୌରପାଳିକା ତରଫରୁ ପଟ୍ଟା ପ୍ରଦାନ କରାଯାଇ ନାହିଁ। ପୌରପାଳିକା କର୍ମଚାରୀ ଓ ସଦର ତହସିଲ କର୍ମଚାରୀ ମିଶି ମିଳିତ ଭାବେ ସର୍ଭେ କରିଥିଲେ। ହେଲେ ଉକ୍ତ ରିପୋର୍ଟକୁ ସରକାରଙ୍କ ନିକଟରେ ଦାଖଲ କରି ନ ଥିବାରୁ ପୌରପାଳିକାର ପାଖା ପାଖି ୫୦୦ ପରିବାର ଜାଗା ମିଶନ ଜରିଆରେ ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି। ଶୁକ୍ରବାର ୱାର୍ଡ ନଂ ୧୫ ଓ ୧୬ ରୁ ୫୦ପରିବାର ଆସି କେମିତି ସେମାନେ ପଟ୍ଟା ପାଇ ପରିବେ ତାର ବ୍ୟବସ୍ଥା କରିବା ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କୁ ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରେ ୱାର୍ଡ ନଂ ୧୫ର କାଉନସିଲର ସୁଶୀଳା ନାଗ, ବିଜୟ ଲାକ୍ରା, ସୁକୁନୁ କିସ୍ପୋଟା, ପ୍ରୀତି ଲାକ୍ରା, ସୁଲେମାନ ଲାକ୍ରା, ପ୍ରମିଳା ଲାକ୍ରା, ବିନୋଦ ଭେଙ୍ଗରା, ବିନିତା କିସ୍ପୋଟା, ଜୋସେଫିନ ଲାକ୍ରା,ଅଲିଶା ଡୁଙ୍ଗଡୁଙ୍ଗ, ମାର୍ଥା ଭେଙ୍ଗରାଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଯୁବକଙ୍କୁ ପିଟି ପିଟି ହତ୍ୟା, ୩ ଗିରଫ

ବରପାଲି୧୫।୩(ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଥାନା ଅଧୀନ କୁଶନପୁରୀ ହରିଜନ ବସ୍ତିରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମର ଜଣେ ଯୁବକଙ୍କ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଯୋଗେଶ୍ୱର ନାଗ(୩୮)। ପୋଲିସ ଶୁକ୍ରବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇବା ସହ ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି। ଅନ୍ୟପକ୍ଷେ ଏହି ଘଟଣାରେ ମୃତକଙ୍କ ବାପା ତଥା ଗ୍ରାମରକ୍ଷୀ ରାଜେନ୍ଦ୍ର ନାଗ, ବଡ଼ଭାଇ ଜଗଦୀଶ ନାଗ ଏବଂ ସାନଭାଇ ବୃନ୍ଦାବନ ନାଗଙ୍କୁ ଗିରଫ କରାଯାଇଛି। ଏ ନେଇ ବରପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ଗୁରୁବାର ରାତିରେ କୁଶନପୁରୀ ହରିଜନ ବସ୍ତିର ରାଜେନ୍ଦ୍ର ନାଗଙ୍କ ଦ୍ୱିତୀୟ ପୁଅ ଯୋଗେଶ୍ୱର ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଆସି ପରିବାର ଲୋକଙ୍କ ସହିତ ବିଭାଘର କଥାକୁ ନେଇ ଝଗଡ଼ା କରିଥିଲେ। ଏହାପରେ ଯୋଗେଶ୍ୱରଙ୍କ ସମେତ ତାଙ୍କ ମା' ସୀତା ନାଗ, ବାପା ରାଜେନ୍ଦ୍ର, ବଡ଼ଭାଇ ଜଗଦୀଶ ଏବଂ ସାନଭାଇ ବୃନ୍ଦାବନ ଶୋଇବାକୁ ଯାଇଥିଲେ। ତେବେ ଶୁକ୍ରବାର ସକାଳେ ଗାଁ ଦାଣ୍ଡରେ ଯୋଗେଶ୍ୱରଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମୃତକଙ୍କ ବାପା, ବଡଭାଇ ଓ ସାନଭାଇଙ୍କୁ ଥାନାକୁ ନେଇ ଜେରା କରିଥିଲା। ଜେରା ବେଳେ ଯୋଗେଶ୍ୱରଙ୍କୁ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଥିବା ମୃତକଙ୍କ ବଡ଼ଭାଇ ଜଗଦୀଶ ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

# ସମାଜକୁ ଏକତ୍ରିତ ରଖିବାରେ ନାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାଉରକେଲା,୧୫।୩,(ଦିନେଶ ମିଶ୍ର)

ସେକ୍ଟର-୨୦ସ୍ଥିତ ରାଉରକେଲା କ୍ଲବ ପରିସରରେ ସହରର ସଙ୍ଗୀତାତ୍ମକ ଓ ସାମାଜିକ ଅନୁଷ୍ଠାନ ସ୍ୱରାଗିଣୀ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସଭାପତି ପ୍ରଫୁଲ୍ଲ ମଙ୍ଗଳଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଉତ୍ସବରେ ଡ. କିଶୋରୀ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ସମାଜକୁ ଏକତ୍ରିତ କରି ରଖିବାରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥି ଦାସ କହିଥିଲେ। ସମ୍ମାନିତ ଅତିଥିଭାବେ ଡ.ସରିତା ମଲ୍ଲ, ନିବେଦିତା ମିଶ୍ର, ଶାନ୍ତିମା ପିଲେ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲୋକପ୍ରିୟ ନାଗପୁରୀ ଗାୟକ ଉର୍ମିଳା ମାହତୋଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ କନିଷ୍ଠ, ବରିଷ୍ଠ ଓ ମହିଳା ବର୍ଗରେ ନୃତ୍ୟ, ସଙ୍ଗୀତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ବିଚାରକ ଭାବେ ସୁଜାତା ସାମଲ ଓ ସନ୍ଦିପ ଦାସ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ମୂଲ୍ୟାଙ୍କନ କରିଥିଲେ। ମଣ୍ଡା, ଆରିସା, ଚକୁଳି ଭଳି ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପୀଠାକୁ ନେଇ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ମହିଳାମାନଙ୍କ ଭିତରେ ପୀଠାକୁ ନେଇ ହୋଇଥିବା ପ୍ରତିଯୋଗିତାରେ ରେଣୁବାଳା ସ୍ୱାଇଁ, ସୁନନ୍ଦା ପଟ୍ଟନାୟକ ବିଚାରକ ଭାବେ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।ସ୍ୱରାଗିଣୀ ଅନୁଷ୍ଠାନର ଉପସଭାପତି ସ୍ୱର୍ଣ୍ଣପ୍ରଭା ପଲେଇ ଓ କାର୍ଯ୍ୟକାରୀ ସମ୍ପାଦିକା ମମତାଞ୍ଜଳି ଦାସ ମଞ୍ଚପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ କୋଷାଧ୍ୟକ୍ଷ ଦିପ୍ତି ନାୟକ, ସହ ସମ୍ପାଦିକା ରଶ୍ମିବାଳା ନାୟକ, ସୁନିତା ବିଶ୍ୱାଳ, ରୂପା ଜ୍ୟୋତି, ପ୍ରତିମା ବେହେରା, ଉର୍ମିଳା ପରିଡ଼ା, ମିନତୀ ତ୍ରିପାଠୀ, ରଞ୍ଜିତା ସାହୁ, ନିବେଦିତା ସ୍ୱାଇଁ, ପଦ୍ମାବତୀ ବେହୁରା,ପ୍ରଣତି ପାତ୍ର, ବିଷ୍ଣୁପ୍ରିୟା ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଧାରଣ ସମ୍ପାଦିକା ପୁଷ୍ପଲତା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଅଢ଼େଇ କୁଇଣ୍ଟାଲ ପୋଚ ନଷ୍ଟ

କୁତ୍ରା,୧୫।୩ (ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅଞ୍ଚଳରେ ଦିନକୁ ଦିନ ଚୋରା ମହୁଲି ମଦ କାରବାର ବଢ଼ିଚାଲିଛି। ଶୁକ୍ରବାର ଅବକାରୀ ବିଭାଗ ଓ କୁତ୍ରା ପୋଲିସ ମିଳିତ ଭାବେ କୁତ୍ରା, ତେଲିଘଣା,ଗୁଲେପଡା ଓ ରଇକାକଛାରରେ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଅଢ଼େଇ କୁଇଣ୍ଟାଲ ପୋଚ ନଷ୍ଟ କରି ମଦ ତିଆରି ପାଇଁ ଥିବା ବିଭିନ୍ନ ସାମଗ୍ରୀ ଜବତ କରିଛି। ହେଲେ ମଦ ବ୍ୟବସାୟୀ ସେଠାରୁ ଚମ୍ପଟ ମାରିଛନ୍ତି। ତେବେ ଏଭଳି ଚଢ଼ାଉ ରିତିମତ କରିବାକୁ ବୃଦ୍ଧିଜୀବୀମହଲରେ ଦାବି ହେଉଛି।

# କେନାଲ ରାସ୍ତାରେ ପଡ଼ି ଯୁବକ ମୃତ

ଖଡ଼ିଆଳ,୧୫।୩(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ରିଷିଗାଁ କେନାଲ ରାସ୍ତାରେ ପଡି ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନରସିଙ୍ଗପୁର ଗ୍ରାମର ଅନନ୍ତରାମ ନାଗ (୫୦)। ସୂଚନାରୁ ପ୍ରକାଶ ଯେ, ନୂଆପଡା ନରସିଙ୍ଗପୁର ଗ୍ରାମର ଅନନ୍ତରାମ କାର୍ଯ୍ୟ ସାରି ଅପରାହ୍ନ ୪ଟାରେ କେନାଲ ରାସ୍ତାରେ ମୋଟରସାଇକେଲରେ ନିଜ ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ କେନାଲ ପାର୍ଶ୍ୱରେ ପଡି ଯାଇଥିଲେ। ମୋଟରସାଇକେଲ ତାଙ୍କ ଉପରେ ଚାପି ହୋଇ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଘଟଣା ନେଇ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବା ବେଳେ କିଛି ସମୟ ଉତ୍ତେଜନା ଲାଗି ରହିଥିଲା। ଭବାନୀପାଟଣାରୁ ବୈଜ୍ଞାନିକ ଦଳ ଆସି ଅଧିକ ତଦନ୍ତ କରିବା ସହିତ ଖଡ଼ିଆଳ ପୋଲିସ ମୃତଦେହ ଜବତ କରି ଅଧିକ ତଦନ୍ତ ଜାରି ରଖିଥିବା ଖଡ଼ିଆଳ ଥାନା ଅଧିକାରୀ ପ୍ରଦୀପ କୁମାର ଧାରୁଆ ପ୍ରକାଶ କରିଛନ୍ତି।

# ବିଡିଓଙ୍କୁ ଦାବିପତ୍ର ପ୍ରଦାନ

ଲେଫ୍ରିପଡା,୧୫।୩(ଦେଶରଞ୍ଜନ ପଟେଲ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅତସୀ ପରିଡାଙ୍କୁ ଅଲିଭା ପଞ୍ଚାୟତର ମହିଳା ପ୍ରତିନିଧି ମହାସଂଘ ପକ୍ଷରୁ ଶୁକ୍ରବାର ୨ ଦଫା ଦାବି ପତ୍ର ପ୍ରଦାନ କରାଯାଇଛି। ଦାବିରେ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲେ ମଧ୍ୟ ସରକାର ଅଣଦେଖା କରି ୨୪୦ଟଙ୍କାରୁ ୪୮୦ଟଙ୍କା କରିଥିବାରୁ ୩ ହଜାର ଟଙ୍କା ପ୍ରଦାନ ପାଇଁ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ୱାର୍ଡ ସଭ୍ୟାସଭ୍ୟଙ୍କ ଅବଧି ସମୟରେ ମୃତ୍ୟୁ ହେଲେ ପରିବାରକୁ ଆର୍ଥିକ ସହାୟତା ପାଇଁ ୨ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ମଧ୍ୟ ଦାବି ରହିଛି। ଦାବି ପତ୍ରକୁ ଅଲିଭା ପଞ୍ଚାୟତ ମହାସଂଘ ସଭାନେତ୍ରୀ ଅଲିଭା ପଟେଲ ଏବଂ ସୌଦାମିନୀ ଲାଲଙ୍କ ନେତୃତ୍ୱରେ ସମସ୍ତ ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟ ସାମିଲ ହୋଇଥିଲେ।



ବିଡିଓଙ୍କୁ ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

# ଏନ୍‌ଆଇଟିରେ ରାଷ୍ଟ୍ରୀୟ ଉଦ୍ୟମିତା ଶିଖର ସମ୍ମିଳନୀ

ରାଉରକେଲା,୧୫।୩(ସଙ୍ଗୀତା ଜେନା)

ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଷ୍ଟୁଡେଣ୍ଟ ଆକ୍ଟିଭିଟି ସେଣ୍ଟର(ସାକ୍) ପକ୍ଷରୁ ଶୁକ୍ରବାର ଅପରାହ୍ନରେ ୩ ଦିବସୀୟ ରାଷ୍ଟ୍ରୀୟ ଉଦ୍ୟମିତା ଶିଖର ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ବିବିଏ ଅଡିଟୋରିୟମରେ ଆୟୋଜିତ ସମ୍ମିଳନୀର ପ୍ରଥମ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଭାରତୀୟ ସେନାର ପରମବୀରଚକ୍ର ଆୱାର୍ଡି ତଥା କାର୍‌ଗିଲ୍ ଯୁଦ୍ଧର ହିରୋ ସୁବେଦାର ମେଜର ତଥା ସମ୍ମାନିତ କ୍ୟାପଟେନ୍ ଯୋଗେନ୍ଦ୍ର ସିଂହ ଯାଦବ ଯୋଗ ଦେଇଥିଲେ। ଛାତ୍ର ସକ୍ରିୟତା ଓ ଶିକ୍ଷାନୁଷ୍ଠାନର ଶୃଙ୍ଖଳାଗତ ବ୍ୟବସ୍ଥାକୁ ସାଧୁବାଦ ଦେଇ ସେ ନିଜର କାରଗିଲ ଯୁଦ୍ଧର ଅଭିଜ୍ଞତା ବିଷୟରେ କହିଥିଲେ। ଯାଦବ କହିଲେ, ଯୁବ ଇଞ୍ଜିନିୟରମାନେ ଦେଶର ଭବିଷ୍ୟତ ନିର୍ମାଣ କରିବେ। ସେନାର ଅନୁଶାସନ ଓ କଠିନ ତାଲିମ ଦେଶର ୧୪୦ କୋଟି ଭାରତୀୟଙ୍କ ସୁରକ୍ଷା ପାଇଁ ଏକ ସୈନିକ ଗଢ଼ିଥାଏ। ଯେପରି ନିଆଁରେ ଜଳି ଧାତୁରୁ ସୁନା ବାହାରିଥାଏ। ସେନାର ପୋଷାକ ଧାରଣ କରିବାରେ ଗାରିମା ଓ ବଳିଦାନ ଦେବାର ସାର୍ମଥ୍ୟ ଥାଏ। ୧୯ ବର୍ଷ ବୟସରେ ଭାରତୀୟ ସେନାରେ ଯୋଗଦେବାକୁ ସୌଭାଗ୍ୟ ମିଳିଥିଲା। କାଶ୍ମୀରରେ ପ୍ରଥମ ପୋଷ୍ଟିଂ ହୋଇଥିଲା। ସେହି ସମୟରେ କାରଗିଲ୍ ଯୁଦ୍ଧ ବିଭୀଷିକାର ସମ୍ମୁଖୀନ ହେବାକୁ ମିଳିଥିଲା। କାରଗିଲ୍ ଟାଇଗର ହିଲ୍ସରେ ୫ ଘଣ୍ଟା ଅପରେସନ୍‌ରେ ୭ ଜଣିଆ ଟିମ୍‌ରେ ପାକିସ୍ଥାନ ସୈନିକଙ୍କୁ ଅବରୋଧ କରିବାକୁ ସୁଯୋଗ ମିଳିଥିଲା। ଚାହୁଁ ଚାହୁଁ ୬ ଜଣ ସୈନିକଙ୍କୁ ଗୁଳି ଓ ବୋମା ପକାଇ ହତ୍ୟା କରିଥିଲେ ପାକିସ୍ଥାନି ସୈନିକ। ହେଲେ ସୌଭାଗ୍ୟ ବଶତଃ ସେ ବର୍ତ୍ତି ଯାଇଥିଲେ ବୋଲି କହିଥିଲେ। ଉକ୍ତ ଯୁଦ୍ଧରୁ ସେ ଛାତିରେ ଗୁଳି ଖାଇବାକୁ ଉଚିତ ବୋଲି ଶିକ୍ଷାପାଇଥିଲେ। ସସମ୍ମାନ ସହୀଦ ହେବା ମଂଜୁର, କାପୁରୁଷତା ମୃତ୍ୟୁ ନୁହେଁ। ମନ ଓ ମସ୍ତିଷ୍କ ମଧ୍ୟରେ ଦ୍ୱନ୍ଦ୍ୱକୁ ଦୂରେଇ ଜୀବନରେ ଶାନ୍ତିରେ ପ୍ରତ୍ୟେକ ମୁହୂର୍ତ୍ତ ବଞ୍ଚିବାକୁ ଠିକ୍ ବୋଲି ଯାଦବ ନିଜ ଅନୁଭୂତି ବାଣ୍ଟିଥିଲେ। ବିଭିନ୍ନ ଉଦାହରଣ ଦେଇ ଜୀବନର ମୂଲ୍ୟବୋଧ ପ୍ରକାଶ କରିଥିଲେ ଯାଦବ। ଏନ୍‌ଆଇଟି ରାଉରକେଲା ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ରେଜିଷ୍ଟ୍ରାର ପ୍ରଫେସର୍ ରୋହନ୍ ଧୀମାନ୍, ଡିନ୍ ଷ୍ଟୁଡେଣ୍ଟ ୱେଲଫେୟାର୍ ପ୍ରଫେସର ସିଦ୍ଧାର୍ଥ ଜେନା ସମେତ ଅନ୍ୟ ମାନେ ମଞ୍ଚାସୀନ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ମାନେ ଦେଶଭକ୍ତ ସଙ୍ଗୀତ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ମୁଖ୍ୟ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।




ଜଣେ ଅତିଥିଙ୍କୁ ପୁରସ୍କୃତ କରାଯାଉଛି।

## ସଂକ୍ଷେପରେ

### ଗରମ ପାଣି ପଡ଼ି ଶିଶୁକନ୍ୟା ଗୁରୁତର

**ଦେବଗଡ,୧୫।୩(ଶଶାଙ୍କ ଶେଖର ଝାଙ୍କର):** ଗରମପାଣି ପଡି ଦେବଗଡ଼ ଥାନା ରମ୍ଭେଇ ଗ୍ରାମ ପଞ୍ଚାୟତର ହକିସାହି ଗ୍ରାମର ଜଣେ ତିନି ବର୍ଷର ଶିଶୁକନ୍ୟା ଗୁରୁତର ହୋଇଥିବା ଜଣାପଡିଛି। ଶୁକ୍ରବାର ହକିସାହି ଗ୍ରାମର ଟିକେଶ୍ୱର ପୂର୍ତ୍ତିଙ୍କ ସ୍ତ୍ରୀ ଭାତ ପ୍ରସ୍ତୁତି ପାଇଁ ଚୁଲିରେ ଏକ ଡେକଚି ସାହାଯ୍ୟରେ ପାଣି ବସାଇଥିଲେ। ଏଥିସହ ୩ ବର୍ଷର ଶିଶୁକନ୍ୟା ସୁନାମୁନୀ ପୂର୍ତ୍ତିଙ୍କୁ ଘରେ ଛାଡି ପାଣି ସଂଗ୍ରହ ପାଇଁ ଅନତି ଦୂରରେ ଥିବା ନଳକୂପକୁ ଯାଇଥିଲେ। ଏହି ସମୟରେ ଶିଶୁକନ୍ୟା ସୁନାମୁନୀ ଚୁଲିରେ ବସିଥିବା ପାଣି ଡେକଚିକୁ ହାତରେ ଧରି ଟାଣି ଦେବାରୁ ତାଙ୍କ ଉପରେ ଡେକଚି ସହ ଗରମ ପାଣି ପଡିଯାଇଥିଲା। ଫଳରେ ସୁନାମୁନୀଙ୍କ ପେଟରୁ ତଳକୁ ଶରୀରର ବିଭିନ୍ନ ଅଂଶ ପୋଡିଯାଇ ଫୋଟକା ହୋଇଯାଇଥିଲା ଓ ସୁନାମୁନୀ ଚିତ୍କାର କରିଥିଲେ। ଚିତ୍କାର ଶୁଣି ତାଙ୍କ ମା' ଓ ଅନ୍ୟମାନେ ଧାଇଁ ଆସି ତାଙ୍କୁ ଉଦ୍ଧାର କରିବାସହ ଚିକିତ୍ସା ନିମନ୍ତେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଓ ସେ ଏବେ ମଧ୍ୟ ସେଠାରେ ଗୁରୁତର ଅବସ୍ଥାରେ ସେଠାରେ ଚିକିତ୍ସାଧିନ ଅଛନ୍ତି ।

### ଜିଲାସ୍ତରୀୟ ତାଲିମ କର୍ମଶାଳା

**ସମ୍ବଲପୁର,୧୫।୩(ବି.ଶଙ୍କର):** କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ନିର୍ଯାତନାକୁ ନେଇ ଜିଲାସ୍ତରୀୟ ତାଲିମ କର୍ମଶାଳା ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲ୍ୟ ବିବାହ ରୋକାଯିବା ନେଇ ଆଇନ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଝୁନୁ ସ୍ୱାଇଁଙ୍କ ସମେତ ଜିଲା ଶିଶୁକଲ୍ୟାଣ କମିଟି ଅଧ୍ୟକ୍ଷ ପ୍ରଶାନ୍ତ ପାଢୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ବିଭିନ୍ନ ସମୟରେ କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ହେଉଥିବା ନିର୍ଯାତନାକୁ କିଭଳି ପ୍ରତିହତ କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା ।

### ବିଏସ୍‌ପି ପକ୍ଷରୁ କାଂଶୀରାମଙ୍କ ଜୟନ୍ତୀ

**ସମ୍ବଲପୁର,୧୫।୩(ବି.ଶଙ୍କର):** ସମ୍ବଲପୁର ଜିଲା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ ଆମ୍ବେଡକର ଭବନଠାରେ ବିଏସ୍‌ପି ପ୍ରତିଷ୍ଠାତା କାଂଶୀରାମଙ୍କ ୯୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ବିଏସ୍‌ପି ଜିଲା ସଭାପତି ଆଇନଜୀବୀ ଦିଲିପ କୁମାର ସିଂ ଅଧ୍ୟକ୍ଷତା କରିଥିଲେ। ବିଏସ୍‌ପି ଲୋକ ସଭା ପ୍ରଭାରୀ ନବିନ ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ପି ଜିଲା ପ୍ରଭାରୀ ସଦାନନ୍ଦ ରଣବିଡା, ଜିଲା ସାଧାରଣ ସମ୍ପାଦକ ପ୍ରଭାକର କୁମାର ରଞ୍ଜିତ, ଜିଲା ସମ୍ପାଦକ ବିଭୁ ଦତ୍ତ କୋଶଳ, ରେଙ୍ଗାଲିର ବିଏସ୍‌ପି ନେତ୍ରୀ ମମତା ମଞ୍ଜରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ କାଂଶୀରାମଙ୍କ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଜିଲାର ୯ ବ୍ଲକରୁ ବିଏସ୍‌ପି କର୍ମୀ ଉପସ୍ଥିତ ଥିଲେ।

### ଶସ୍ୟକାଟ୍ ପରୀକ୍ଷଣ କାର୍ଯ୍ୟକ୍ରମ

**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ):** ସୋହେଲା ବ୍ଲକ ଜଟର୍ଲାରେ ଶୁକ୍ରବାର ସୋରିଷ ଫସଲର ଶସ୍ୟକାଟ୍ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇକ୍ରିସାଟ୍ ଏବଂ ମହାଶକ୍ତି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶସ୍ୟକାଟ୍ ପରୀକ୍ଷଣ କରାଯାଇଥିଲା।



ଜିଲାପାଳଙ୍କୁ ଫେରାଦ ହୋଇଥିବା ଜିପିଏଲଏଫ ଇସିର ପ୍ରତିନିଧିବୃନ୍ଦ।

# ଜିପିଏଲ୍ଏଫ୍‌ଙ୍କୁ ଅଣଦେଖା, ବଢୁଛି ଅସନ୍ତୋଷ

**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)**

ମିଶନ ଶକ୍ତିରେ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରୁଥିବା ପଞ୍ଚାୟତ ଲେଭେଲ ଫେଡେରେଶନ(ଜିପିଏଲଏଫ)ର ଏକଜିକ୍ୟୁଟିଭ କମିଟି(ଇ.ସି)ଙ୍କ ପ୍ରତି ରାଜ୍ୟ ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ନିଖିଳ ଓଡ଼ିଶା ଜିପିଏଲଏଫ ଇ.ସି ସଂଘର ବରଗଡ଼ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଉଲ୍ଲେଖ କରି ସେଗୁଡ଼ିକର ଦୃଷ୍ଟି ଆକର୍ଷଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଂଗଠିତ କରିବା, ସେମାନଙ୍କୁ ଆର୍ଥିକ ପରିଚାଳନାରେ ତାଲିମ, ପ୍ରୋତ୍ସାହନ ଦେବା, ଋଣ ପ୍ରଦାନ ଆଦି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ସେମାନେ କମ୍ୟୁନିଟି ରିସୋର୍ସ ପର୍ସନ(ସିଆରପି) ଏବଂ ମାଷ୍ଟର ବୁକ୍ କିପର(ଏମବିକେ)ଙ୍କ କାର୍ଯ୍ୟ ତଦାରଖ ମଧ୍ୟ କରି ଆସୁଛନ୍ତି। ମାତ୍ର ସେମାନଙ୍କ ଦାବି ଉପରେ ସରକାର ଗୁରୁତ୍ୱ ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଜିପିଏଲଏଫ ଇ.ସିର ସ୍କିମ ୱାର୍କରଙ୍କୁ ୱାର୍କର ମାନ୍ୟତା ସହିତ ସ୍ଥାୟୀ ନିଯୁକ୍ତି ପ୍ରଦାନ, ମାସିକ ୨୬ହଜାର ଟଙ୍କା ପ୍ରଦାନ, ସାମାଜିକ ନିରାପତ୍ତା ପାଇଁ ବିଏସ୍‌କେୱାଇ ସୁବିଧା ମିଶନ ଶକ୍ତି ମାଧ୍ୟମରେ ପ୍ରଦାନ, କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁବରଣ କଲେ ପରିବାର ଲୋକଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ, ଅଙ୍ଗନୱାଡି କର୍ମୀଙ୍କ ଭଳି ୬୨ବର୍ଷରେ ଅବସର ବ୍ୟବସ୍ଥା, ଅବସର ପରେ ମାସିକ ୧୦ହଜାର ଟଙ୍କା ପେନସନ ବ୍ୟବସ୍ଥା କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଫେଡେରେଶନର ପାଇକମାଲ ସଭାନେତ୍ରୀ ଜ୍ୟୋତ୍ସ୍ନା ସାହୁ, ସମ୍ପାଦିକା ଦିପାଞ୍ଜଳି ବଡ଼େଇ, ବୁକ୍ରାମୁଣ୍ଡା ସଭାନେତ୍ରୀ ଟିକେଶ୍ୱରୀ ଦେବତା, ସମ୍ପାଦିକା ଦିପାଞ୍ଜଳି ଲୁହା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ ଜଣେ ମୃତ, ଉତ୍ତେଜନା

**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ଟୋଲପ୍ଲାଜାର ଅନତି ଦୂରରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଏକ ଟିଭିଏସ୍ ଏକ୍ସଏଲ(ନଂ-ଓଡ଼ି୧୭ଇ ୩୪୩୪)କୁ ଅନ୍ୟ ଏକ ସ୍କର୍ପିଓ ଗାଡ଼ି(ନଂ-ଓଡ଼ି୨୩ପି ୬୩୬୩) ଧକ୍କା ଦେବା ଯୋଗୁ ଘଟଣାସ୍ଥଳରେ ଟିଭିଏସ୍ ଏକ୍ସଏଲ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ମୃତକ ଜଣକ ଅତାବିରା ଥାନା ଉଡଙ୍ଗାପାଲିର ଆନନ୍ଦୀ ଦିବ୍ୟା ଚାନ୍ଦ(୬୫)। ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତିଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ । ପରେ ପରିସ୍ଥିତିରେ ସୁଧାର ଆସିଥିଲା। ସୂଚନା ଅନୁଯାୟୀ, ମୃତ ଆନନ୍ଦୀ ଦିବ୍ୟା ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆମ୍ବସଢ଼ାରୁ ଅତାବରା ଅଭିମୁଖେ ତାଙ୍କର ଉପରୋକ୍ତ ଟିଭିଏସ୍ ଏକ୍ସଏଲ ମୋପେଡ୍ ଗାଡ଼ିରେ ଯାଉଥିଲେ। ତେବେ ସେ ବରାହଗୋଡ଼ା ଟୋଲପ୍ଲାଜା ନିକଟ ଆରଡ଼ି ରାସ୍ତାରୁ ଜାତୀୟ ରାଜପଥ ଉପରକୁ ଯାଉଥିବାବେଳେ ବରଗଡ଼ରୁ ସମ୍ବଲପୁର ପଟକୁ ଯାଉଥିବା ସ୍କର୍ପିଓ ଗାଡ଼ିଟି ତାଙ୍କୁ ଧକ୍କା ଦେବା ସହିତ ଘୋଷାଡ଼ି ନେଇଥିଲା। ଫଳରେ ତାଙ୍କର ମୃତ୍ୟୁ ହେବା ସହିତ ମୋପେଡ୍ ଗାଡ଼ିଟି ମଧ୍ୟ ଚୂରମାର୍ ହୋଇଥିଲା। ସେହିପରି ସ୍କର୍ପିଓର ସମ୍ମୁଖଭାଗ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଥିଲା। ଏ ନେଇ ଏକ ମାମଲା(ନଂ.୬୮/୨୪) ରୁଜୁ କରି ପୋଲିସ ତଦନ୍ତ କରୁଛି ।


ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓ ।

# ବିଏସ୍‌ପିର ବାଇକ୍ ଶୋଭାଯାତ୍ରା

**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ କାଂଶୀରାମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ରୁ ଉକ୍ତ ଶୋଭାଯାତ୍ରା ବାହାରି ବରପାଲି ପର୍ଯ୍ୟନ୍ତ ଯାଇଥିଲା। ଦଳର ଜିଲା ସଭାପତି ଅଜୟ କୁମ୍ଭାର ଏହାର ନେତୃତ୍ୱ ନେଇଥିଲେ। ବରଗଡ଼ ଲୋକସଭା ପ୍ରଭାରୀ ଟଙ୍କଧର କଣ୍ଡା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଶୋଭାଯାତ୍ରାକୁ ବିଭିନ୍ନ ସ୍ଥାନରେ ମହିଳାମାନେ ସ୍ୱାଗତ କରିଥିଲେ। ଶୋଭାଯାତ୍ରା ଯିବା ବାଟରେ ଆମ୍ବେଡ଼କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ହେବା ପରେ ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ସଭା ହୋଇଥିଲା। ଦଳର ଜିଲା ସାଧାରଣ ସମ୍ପାଦକ ସରୋଜ କୁମ୍ଭାର ସଭା ପରିଚାଳନା କରିଥିଲେ। ଦେବରାଜ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।


ବାଇକ୍ ଶୋଭାଯାତ୍ରାକୁ ସ୍ୱାଗତ କରାଯାଉଛି ।

## ଯୁବକଙ୍କୁ ପିଟି ପିଟି ହତ୍ୟା, ୩ ଗିରଫ

**ବରପାଲି,୧୫।୩(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ଥାନା ଅଧୀନ କୁଶନପୁରୀ ହରିଜନ ବସ୍ତିରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମର ଜଣେ ଯୁବକଙ୍କ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଯୋଗେଶ୍ୱର ନାଗ(୩୮)। ପୋଲିସ ଶୁକ୍ରବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇବା ସହ ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି। ଅନ୍ୟପକ୍ଷେ ଏହି ଘଟଣାରେ ମୃତକଙ୍କ ବାପା ତଥା ଗ୍ରାମରକ୍ଷୀ ରାଜେନ୍ଦ୍ର ନାଗ, ବଡ଼ଭାଇ ଜଗଦୀଶ ନାଗ ଏବଂ ସାନଭାଇ ବୃନ୍ଦାବନ ନାଗଙ୍କୁ ଗିରଫ କରାଯାଇଛି। ଏ ନେଇ ବରପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ଗୁରୁବାର ରାତିରେ କୁଶନପୁରୀ ହରିଜନ ବସ୍ତିର ରାଜେନ୍ଦ୍ର ନାଗଙ୍କ ଦ୍ୱିତୀୟ ପୁଅ ଯୋଗେଶ୍ୱର ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଆସି ପରିବାର ଲୋକଙ୍କ ସହିତ ବିଭାଘର କଥାକୁ ନେଇ ଝଗଡ଼ା କରିଥିଲେ। ଏହାପରେ ଯୋଗେଶ୍ୱରଙ୍କ ସମେତ ତାଙ୍କ ମା' ସୀତା ନାଗ, ବାପା ରାଜେନ୍ଦ୍ର, ବଡ଼ଭାଇ ଜଗଦୀଶ ଏବଂ ସାନଭାଇ ବୃନ୍ଦାବନ ଶୋଇବାକୁ ଯାଇଥିଲେ। ତେବେ ଶୁକ୍ରବାର ସକାଳେ ଗାଁ ଦାଣ୍ଡରେ ଯୋଗେଶ୍ୱରଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମୃତକଙ୍କ ବାପା, ବଡଭାଇ ଓ ସାନଭାଇଙ୍କୁ ଥାନାକୁ ନେଇ ଜେରା କରିଥିଲା। ଜେରା ବେଳେ ଯୋଗେଶ୍ୱରଙ୍କୁ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଥିବା ମୃତକଙ୍କ ବଡ଼ଭାଇ ଜଗଦୀଶ ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

# ନବୀନ ନିବାସକୁ ସାମାଜିକ କର୍ମୀଙ୍କ ପଦଯାତ୍ରା

### ୧୨ ଦଫା ଦାବି

**ଦେବଗଡ,୧୫।୩(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲାକୁ ରେଳଲାଇନ ସଂଯୋଗ, ରିଆମାଳ କିମ୍ବା ବାରକୋଟ ବ୍ଲକକୁ ବିଜ୍ଞାପିତ ଅଞ୍ଚଳ ପରିଷଦର ମାନ୍ୟତା, ଜଙ୍ଗଲ ସମ୍ପଦ ସୁରକ୍ଷା, ପ୍ରଧାନପାଟ ଓ କୁରଡକୋଟ ପର୍ଯ୍ୟଟନସ୍ଥଳୀର ବିକାଶ, କ୍ରୀଡାର ବିକାଶ ପାଇଁ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମର ଉନ୍ନତିକରଣ ଓ ହକି ଷ୍ଟାଡିୟମ ନିର୍ମାଣ ଓ ନେଟୱାର୍କ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସ୍ଥାନରେ ଟାୱାର ନିର୍ମାଣ ସମେତ ୧୨ ଦଫା ଦାବିରେ ଶୁକ୍ରବାର ଦେବଗଡ଼ ପୌରାଞ୍ଚଳ ପଣ୍ଡାସାହିର ଯୁବ ସାମାଜିକ କର୍ମୀ ଅର୍ଣ୍ଣବ ପଣ୍ଡା ଭୁବନେଶ୍ୱରସ୍ଥିତ ନବୀନ ନିବାସ ଅଭିମୁଖେ ପଦଯାତ୍ରା ଆରମ୍ଭ କରିଛନ୍ତି। ପଣ୍ଡା ଶୁକ୍ରବାର ଅଧିଷ୍ଠାତ୍ରୀ ଦେବୀ ମା' ପ୍ରଧାନପାଟେଶ୍ୱରୀଙ୍କ ମନ୍ଦିରରୁ ଏହି ଯାତ୍ରା ଆରମ୍ଭ କରିଥିବା ଜଣାପଡିଛି। ପଣ୍ଡା ପଦଯାତ୍ରାରେ ଯାଇ ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ପହଞ୍ଚିବା ପରେ ୧୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଦେବଗଡ଼ ଜିଲାର ବହୁ ନାଗରିକ ଏବଂ ସାମାଜିକ ଅନୁଷ୍ଠାନ ପଣ୍ଡାଙ୍କର ଏହି ପଦଯାତ୍ରାକୁ ସ୍ୱାଗତ ଜଣାଇବା ସହ ଏହାର ସଫଳତା କାମନା କରିଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାରେ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚ ଶିକ୍ଷାକ୍ଷେତ୍ରରେ ଦେଖାଦେଇଥିବା ବିଭିନ୍ନ ଅବ୍ୟବସ୍ଥାର ସ୍ଥାୟୀ ସମାଧାନ, ଅବ୍ୟବସ୍ଥିତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁଧାର, ଗ୍ରାମାଞ୍ଚଳରେ ଉନ୍ନତମାନର ରାସ୍ତା ନିର୍ମାଣ ସାଙ୍ଗକୁ ଗମନାଗମନ ସୁବିଧା, ବେକାରୀ ସମସ୍ୟା ଦୂରୀକରଣ ନିମନ୍ତେ ପ୍ରଦୂଷଣ ବିହୀନ ଶିଳ୍ପ ପ୍ରତିଷ୍ଠା, ପାନୀୟ ଜଳ ଯୋଗାଣ ସହ ଚାଷ ଜମିକୁ ଜଳ ସେଚନ ପାଇଁ କେନାଲ ନିର୍ମାଣ ଓ କର୍ମ ନିଯୁକ୍ତି ସୃଷ୍ଟି ଆଦି ଦାବି ମଧ୍ୟ ଉପରୋକ୍ତ ସ୍ମାରକ ପତ୍ରରେ ଉଲ୍ଲେଖ ରହିଛି।


ସାମାଜିକ କର୍ମୀ ଅର୍ଣ୍ଣବ ପଣ୍ଡା।

# ଜିଲା କଂଗ୍ରେସ କମିଟି ପକ୍ଷରୁ ମିଶ୍ରଣ ପର୍ବ


କଂଗ୍ରେସର ମିଶ୍ରଣ ପର୍ବରେ ଉପସ୍ଥିତ ନେତା ଓ କର୍ମୀ।

**ଦେବଗଡ଼, ୧୫।୩(ଶଶାଙ୍କଶେଖର ଝାଙ୍କର)**

ଦେବଗଡ଼ ଜିଲା ବାରକୋଟ ବ୍ଲକ ସରୁଆଳି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନୂଆଁମୁଣ୍ଡା ଗ୍ରାମରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ, ବାରକୋଟ ବ୍ଲକ କଂଗ୍ରେସ ସଭାପତି ଯଶୋବନ୍ତ ସାହୁ ଓ ସରୁଆଳି ଗ୍ରାମର ବରିଷ୍ଠ କଂଗ୍ରେସ ନେତା ଶରତ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ଉପସ୍ଥିତ ରହି କଂଗ୍ରେସ ଦଳର ନୀତି ଓ ଆଦର୍ଶ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ସରୁଆଳି ଗ୍ରାମ ପଞ୍ଚାୟତର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଆନୁଷ୍ଠାନିକ ଭାବେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ସେମାନଙ୍କୁ ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୋନାଲ ଉପସଭାପତି ମଟାଇ ହେମ୍ବ୍ରମଙ୍କ ସମେତ ସରୁଆଳି ଓ ଗୁରୁସଙ୍ଗ ଗ୍ରାମ ପଞ୍ଚାୟତର ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ନବାଗତଙ୍କ ଯୋଗଦାନ କଂଗ୍ରେସ ଦଳର ସଙ୍ଗଠନକୁ ଅଧିକ ସୁଦୃଢ଼ କରିବ ବୋଲି ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ପ୍ରକାଶ କରିଛନ୍ତି।

# କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକୋତ୍ସବ

**ନାକଟିଦେଉଳ,୧୫।୩(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ସରାପାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ମାଝିଙ୍କ ସଭାପତିତ୍ୱରେ ସମାରୋହ ହୋଇଥିଲା। ନାକଟିଦେଉଳ ବିଇଓ ବିଜୟ କୁମାର ପାତ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଭୀମସେନ ବେହେରା ମୁଖବକ୍ତା ଓ ସରାପାଲି ସରପଞ୍ଚ ଶିବାନୀ ବାରିକ, ପୁରାତନ ଛାତ୍ର ସଂସଦର ସଭାପତି ନାରାୟଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ପ୍ରଧାନ, ସରାପାଲି ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ କୁଅଁର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଚଳିତବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ସରାପାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ଆୟୁଷି ପ୍ରଧାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ପୂର୍ବରୁ ଆୟୋଜିତ କ୍ରୀଡ଼ା ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଚାମ୍ପିୟନ ହୋଇଥିବା ୧୦ମ ଶ୍ରେଣୀ ଛାତ୍ରୀ ସୁପ୍ରିୟା ବେହେରା ଓ କନିଷ୍ଠ ବିଭାଗରେ ଚାମ୍ପିୟନ ୮ମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ଅଦାବରଙ୍କ ସମେତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# କଳାବ୍ୟାଜ୍ ପିନ୍ଧିଲେ ଖବରଦାତା

**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)**

ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କୁ ପେନ୍‌ସନ, ସୁରକ୍ଷା ଏବଂ ସମ୍ମାନ ଦାବି ଜୋର୍ ଧରିଛି। ଏହି କ୍ରମରେ ଶୁକ୍ରବାର ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ବରଗଡ଼(ଜାବ୍) ପକ୍ଷରୁ କଳାବ୍ୟାଜ ପିନ୍ଧି ଗାନ୍ଧିଛକସ୍ଥିତ ଗାନ୍ଧିମୂର୍ତ୍ତି ତଳେ ଧାରଣା ଦିଆଯାଇଥିଲା। ସେହିପରି ବରଗଡ଼ ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଜାବ୍ ସଭାପତି ରବି ପଣ୍ଡା, ବରିଷ୍ଠ ଖବରଦାତା ପ୍ରସନ୍ନ ମିଶ୍ର ପ୍ରମୁଖ ସଭାରେ ଖବରଦାତାଙ୍କ ସମସ୍ୟା ଏବଂ ହକ୍ ଉପରେ ବକ୍ତବ୍ୟ ରଖିଥିଲେ। ପରେ ଖବରଦାତାମାନେ ଏକ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଉପରୋକ୍ତ ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଜାବ୍‌ର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଉପସଭାପତି ପ୍ରଭୁଚରଣ ମହାନ୍ତି, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଦାଶ, ବରଗଡ଼ ସାମ୍ବାଦିକ ସଂଘର କୋଷାଧ୍ୟକ୍ଷ ବ୍ୟୋମକେଶ କର, ରାଜେଶ ସରାଫଙ୍କ ସମେତ ଜିଲାର ୧୨ବ୍ଲକର ବହୁସଂଖ୍ୟକ ଖବରଦାତାମାନେ ଉପସ୍ଥିତ ଥିଲେ।


ଖବରଦାତାଙ୍କଠାରୁ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

# ଜିଲାପାଳଙ୍କଠାରେ ଫେରାଦ ହେଲା ସରପଞ୍ଚ ସଂଘ

**ଦେବଗଡ,୧୫।୩(ଶଶାଙ୍କ ଶେଖର ଝାଙ୍କର)**

### ଉନ୍ନୟନ କାର୍ଯ୍ୟର ତାଲିକା ପ୍ରସ୍ତୁତିରେ ପଞ୍ଚାୟତ ପ୍ରତିନିଧିଙ୍କୁ ଅବମାନନା

ଗ୍ରାମ ପଞ୍ଚାୟତସ୍ତରରେ ହେଉଥିବା ଉନ୍ନୟନକାର୍ଯ୍ୟର ତାଲିକା ପ୍ରସ୍ତୁତ ସମୟରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଦସ୍ୟା/ସଦସ୍ୟମାନଙ୍କୁ ଅବମାନନା କରାଯାଉଥିବା ଦେବଗଡ଼ ଜିଲା ସରପଞ୍ଚ ସଂଘ ପକ୍ଷରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି। ଦେବଗଡ଼ ଜିଲା ସରପଞ୍ଚ ସଂଘର ସଭାପତି ସତ୍ୟ ନାରାୟଣ ପାଣି ଓ ସମ୍ପାଦକ ପ୍ରକାଶ କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ଜିଲାର ବହୁ ସରପଞ୍ଚ ଦେବଗଡ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟକୁ ଆସି ଏମର୍ମରେ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିବା ସହ ଏହାର ସୁବିଚାର କରିବାକୁ ନିବେଦନ କରିଥିଲେ। ଜିଲା ସରପଞ୍ଚ ସଂଘର ଅଭିଯୋଗ ଅନୁଯାୟୀ ପଞ୍ଚାୟତସ୍ତରରେ ହେବାକୁ ଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତାଲିକା ପ୍ରସ୍ତୁତ ସମୟରେ ବ୍ଲକ ପ୍ରଶାସନ ସରପଞ୍ଚ ଓ ସମିତି ସଦସ୍ୟ/ସଦସ୍ୟାମାନଙ୍କ ବିନା ପରାମର୍ଶରେ ମନମୁଖି ଭାବେ କାର୍ଯ୍ୟ ଖସଡା ପ୍ରସ୍ତୁତ କରି ସରକାରଙ୍କ ଅନୁମୋଦନ ନିମନ୍ତେ ପଠାଉଛନ୍ତି। ଫଳରେ ପଞ୍ଚାୟତ ସ୍ତରରେ ଅତ୍ୟାବଶ୍ୟକ କାର୍ଯ୍ୟ ନ ହୋଇ ଅନାବଶ୍ୟକ ତଥା ଅପେକ୍ଷାକୃତ କମ ଆବଶ୍ୟକ ଥିବା କାର୍ଯ୍ୟ ଅନୁମୋଦିତ ହେଉଛି। ଏପରିକି ପୂର୍ବରୁ ରହିଥିବା ସିସି ରୋଡ ସ୍ଥାନରେ ଅନାବଶ୍ୟକ ଭାବେ ନୂତନ ସିସି ରୋଡ ନିର୍ମାଣ କାର୍ଯ୍ୟ ଅନୁମୋଦିତ ହେଉଛି। ଏହା ବ୍ୟତୀତ କାର୍ଯ୍ୟ ଖସଡା ପ୍ରସ୍ତୁତ କରୁଥିବା ସମୟରେ ବ୍ଲକ ପ୍ରଶାସନ ପ୍ରତ୍ୟେକ ପଞ୍ଚାୟତକୁ ସମ ଦୃଷ୍ଟିରେ ନ ଦେଖି ପାତରଅନ୍ତର କରୁଛନ୍ତି। ଏଣୁ ଏହା ସୁବିଚାର କରିବା ସହ କାର୍ଯ୍ୟ ଖସଡା ପ୍ରସ୍ତୁତ କରିବା ସମୟରେ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ପରାମର୍ଶକୁ ବାଧ୍ୟତାମୂଳକ କରିବାକୁ ଉକ୍ତ ଅଭିଯୋଗପତ୍ର ଜରିଆରେ ଜିଲାପାଳଙ୍କୁ ଅନୁରୋଧ କରାଯାଇଥିବା ଜଣାପଡିଛି। ଅଭିଯୋଗପତ୍ର ପ୍ରଦାନ ସମୟରେ ସରପଞ୍ଚ ଗୀତାଞ୍ଜଳି ପ୍ରଧାନ, ନିରଞ୍ଜନ ବେହେରା, ଫକୀର ମୋହନ ବେହେରା, ରଶ୍ମିତା ପ୍ରଧାନ, ପପିନା ବିଶ୍ୱାଳ, ମନମୋହନ ମହାକୁଳ, ଭକ୍ତବନ୍ଧୁ ପ୍ରଧାନ, ବସନ୍ତ କୁମାର ବେହେରା, କୁବେର ପ୍ରଧାନ, ଦିଲୀପ ଆଚାର୍ଯ୍ୟ,ଏଲିନା ସାହୁ, କୁମୁଦିନୀ ପ୍ରଧାନ, ସୁଶିଳ କୁମାର, ଦୋଳ ଗୋବିନ୍ଦ ପ୍ରଧାନ ଓ ସମିତି ସଦସ୍ୟା ସୁମିତା ପ୍ରଧାନଙ୍କ ସମେତ ବହୁ ସରପଞ୍ଚ ଉପସ୍ଥିତ ଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଦେବଗଡ଼ ଜିଲାର ସରପଞ୍ଚମାନେ।

## ସଂକ୍ଷେପରେ

### ଡିଜେଲ ଚୋରି ବେଳେ ଡ୍ରାଇଭର ଗିରଫ

ଲୋଇସିଂହା,୧୫।୩ (ସୁଶାନ୍ତ ବାରିକ)

ଡିଜେଲ ଚୋରି ଘଟଣାରେ ଆଗଲପୁର ପୋଲିସ ଜଣେ ଡ୍ରାଇଭରଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାରସୁଗୁଡା ଜିଲା ଲଇକେରା ଥାନା ବରପାନ ଗ୍ରାମର ଭଗବାନ ବାଗ(୩୫)। ଜାମିନ ନ ମିଳିବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନା ଅନୁଯାୟୀ, ଆଗଲପୁର ବ୍ଲକ ମନୁପାଲିଠାରେ କେନାଲ କାମ ଚାଲିଛି। ସାମଗ୍ରୀ ପରିବହନ ପାଇଁ ଏଠାରେ କେତେକ ହାଇୱା ନିୟୋଜିତ ହୋଇଛି। ଡ୍ରାଇଭର ଭଗବାନ ନିଜେ ଚଳାଉଥିବା ଗାଡିରୁ ଡିଜେଲ ଚୋରି କରି ବିକ୍ରି କରୁଥିଲେ। ଏନେଇ ଗାଡି ମାଲିକ ଆଗଲପୁର ଥାନାରେ ଅଭିଯୋଗ କରିଥିଲେ। ଚୋରି ୫୦ ଲିଟର ଡିଜେଲ ମଧ୍ୟରୁ ୨୫ ଲିଟର ପୋଲିସ ଉଦ୍ଧାର କରି ମାଲିକଙ୍କୁ ଜିମା ଦେବା ସହ ଡ୍ରାଇଭରଙ୍କୁ ଗିରଫ କରିଥିଲା।

### ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର

ପାଟଣାଗଡ଼,୧୫।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗିର ଜିଲା ସାମ୍ବାଦିକ ସଂଘ ପାଟଣାଗଡ଼ ଶାଖା ପକ୍ଷରୁ ସାମ୍ବାଦିକ ସୁରକ୍ଷା, ପେନସନ, ସମ୍ମାନକୁ ନେଇ ଶୁକ୍ରବାର ପାଟଣାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ଭାବରେ ଜିଲା ସମ୍ପାଦକ ଅଭୟ ତ୍ରିପାଠୀଙ୍କ ସଭାପତିତ୍ୱରେ ପ୍ରତିବାଦ କରାଯାଇଥିଲା। ରାଜ୍ୟ ସରକାର ରାଜ୍ୟରେ ରାଜନୈତିକ, ବିଭିନ୍ନ ବର୍ଗର କର୍ମଚାରୀଙ୍କ ବେତନକୁ ଦୃଷ୍ଟି ଦେଇଥିବାବେଳେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନେ ଖବର ସଂଗ୍ରହ କରୁଥିବାବେଳେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାମ୍ବାଦିକମାନଙ୍କୁ ବୈମାତୃକ ମନୋଭାବରେ କୌଣସି ପ୍ରକାର ସୁରକ୍ଷା, ପ୍ରେଷ୍ଟିଜ ,ପେନସନ ଓ ପ୍ରତ୍ତକ୍ସନ ଦେବା ପାଇଁ ତିଳେମାତ୍ର ଚିନ୍ତା କରୁନାହାନ୍ତି। ଏହି ପ୍ରତିବାଦରେ ବଲାଙ୍ଗିର ଜିଲା ସାମ୍ବାଦିକ ସଂଘ ପାଟଣାଗଡ ଶାଖା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଥିଲେ। ଉପଜିଲାପାଳ ଅମିତ ନାୟକ ଅନୁପସ୍ଥିତ ଥିବାରୁ ଅତିରିକ୍ତ ଜିଲାପାଳ ମନଖୁସ କେରକେଟାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଉପସଭାପତି ପ୍ରବୀଣ ପୁରୋହିତ, ସମ୍ପାଦକ ତାପସ ରଞ୍ଜନ ବେହେରା, ସୁବୋଧ ମେହେର, ବରିଷ୍ଠ ସଦସ୍ୟ ସଦାଶିବ ସରାଫ, ନରେନ୍ଦ୍ର ଭୋଇ, ଉମାକାନ୍ତ ପ୍ରଧାନ, ବିହାରୀ ପ୍ରଧାନ, ଲଳିତ ମିଶ୍ର, ରାଜେଶ ଚାନ୍ଦ, ସଚ୍ଚିଦାନନ୍ଦ ମହାକୁର, ଦିଲୀପ କୁମାର ଭୋଇ, ସୁନିଲ ଚୋପଦାର, କରୁଣାକର ବୁଡେକଙ୍କ ସମେତ ଅନ୍ୟ ସାମ୍ବାଦିକ ସଂଘର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ବଲାଙ୍ଗୀରରେ ପୋଲିସର ଫ୍ଲାଗମାର୍ଚ୍ଚ

ବଲାଙ୍ଗୀର,୧୫।୩(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଟାଉନ୍ ଥାନାରେ ଏସପି ଋଷିକେଶ ଦ୍ୟାନଦେଓ ଖିଲାରୀଙ୍କ ସହ ଜିଲାର ପୋଲିସ ଅଧିକାରୀ ଓ ପୋଲିସ ଫୋର୍ସ।

ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଶୁକ୍ରବାର ବଲାଙ୍ଗୀର ସହରରେ ପୋଲିସର ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଥିଲା। ବଲାଙ୍ଗୀର ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବଲାଙ୍ଗୀର ଜିଲା ସଦର ମହକୁମାର ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ, ସଦର ଏସ୍‌ଡିପିଓ, ଡିଏସ୍‌ପି, ଟାଉନ୍ ଥାନା, ସଦର ଥାନା, ପୁଇଁତଲା ଥାନା, ଲକ୍ଷ୍ମୀପୋର ଥାନାର ଆଇଆଇସି, ସବ୍‌ଇନ୍ସପେକ୍ଟରଙ୍କ ସହ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ସହରର ବିଭିନ୍ନ ମୁଖ୍ୟ ରାସ୍ତାରେ ଫ୍ଲାଗମାର୍ଚ୍ଚ କରିଥିଲେ। ବଲାଙ୍ଗୀର ଫ୍ଲାଗମାର୍ଚ୍ଚ ସମାପ୍ତ ହେବା ପରେ ଏସପି ଖିଲାରୀ ଟାଉନ୍ ଥାନାରେ ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, ଆଗାମୀ ନିର୍ବାଚନରେ ଆତ୍ମବିଶ୍ୱାସ ବୃଦ୍ଧି ସକାଶେ ବିଭିନ୍ନ ପଦକ୍ଷେପ ନିଆଯାଉଛି। ସେ ଭିତରେ ଫ୍ଲାଗମାର୍ଚ୍ଚ କରାଯାଇଛି। ପାଟଣାଗଡ ଓ କଣ୍ଟାବାଞ୍ଜିରେ ଫ୍ଲାଗମାର୍ଚ୍ଚ ସରିଛି। ଶୁକ୍ରବାର ବଲାଙ୍ଗୀରରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଆଗାମୀ ଦିନରେ ଟିଟିଲାଗଡ, ସଇଁତଲାରେ କରାଯିବ। ୧ ଜାନୁଆରୀରୁ ଏବେ ସୁଦ୍ଧା ୫୦୦ରୁ ଉର୍ଦ୍ଧ୍ୱ ଅବକାରୀ ମାମଲା ରୁଜୁ କରାଯାଇଛି। ୪୫୦ ୱାରେଣ୍ଟ ଜାରି କରାଯାଇଛି। ୩୨୦୦ ଲୋକଙ୍କୁ ୧୦୭ ଓ ୧୧୦ ଦଫା ଲଗାଯାଇଛି। ଆଗାମୀ ସାଧାରଣ ନିର୍ବାଚନକୁ ସୁରୁଖୁରୁରେ କରିବା ପାଇଁ ଏଭଳି ପ୍ରସ୍ତୁତି କରାଯାଇଛି। କୌଣସି ସ୍ତରରେ ଯେଭଳି କୌଣସି ପ୍ରକାର ତ୍ରୁଟି ରହିବ ନାହିଁ ସେସବୁ ଦିଗକୁ ଧ୍ୟାନ ଦିଆଯାଉଛି। ଜିଲାରେ ଯେଭଳି ଅବାଧରେ ଏବଂ ନିରପେକ୍ଷ ଭାବେ ନିର୍ବାଚନ ହେବ ସେ ଉପରେ ଗୁରୁତ୍ୱ ଦିଆଯାଇଛି।

**ସାଧାରଣ ନିର୍ବାଚନ ପୂର୍ବରୁ ପୋଲିସର ବିଭିନ୍ନ ପଦକ୍ଷେପ, କାର୍ଯ୍ୟକ୍ରମ**

ମାଓବାଦୀ ଅଧ୍ୟୁଷିତ ଅଞ୍ଚଳରେ ମଧ୍ୟ ନିୟମିତ ପାଟ୍ରୋଲିଂ କରାଯାଉଛି। ପ୍ରାୟ ୧୦ଟି ଅଞ୍ଚଳରେ କମ୍ୟୁନିଟି ପୋଲିସର କାର୍ଯ୍ୟକ୍ରମ କରାଯାଇଛି। ଲୋକଙ୍କୁ ସେମାନଙ୍କର ମତଦାନ ସମ୍ପର୍କରେ ସଚେତନ କରାଯାଉଛି। ଲୋକେ ଯେଭଳି ଶାନ୍ତିପୂର୍ଣ୍ଣ ମତଦାନ କରିବେ ସେଦିଗରେ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଏସ୍‌ପି ଖିଲାରୀ ସୂଚନା ଦେଇଥିଲେ। ନିର୍ବାଚନ ପର୍ଯ୍ୟନ୍ତ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ପି ଖିଲାରୀଙ୍କ ସହ ଆଡିସନାଲ ଏସ୍‌ପି ହେମନ୍ତ କୁମାର ପାଢ଼ୀ, ଏସ୍‌ଡିପିଓ ସରୋଜ କୁମାର ସାହୁ, ଟାଉନ୍ ଥାନା ଆଇଆଇସି ମନବୋଧ ବିଶ୍ୱଜିତ ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଫ୍ଲାଗମାର୍ଚ୍ଚରେ ସିଆଇଏସ୍‌ଏଫ୍ ପୋଲିସ ବାହିନୀ ସାମିଲ ହୋଇଥିଲେ।

## ରୋଗପୋକ ଦମନ ସଚେତନତା ଶିବିର

ଲୋଇସିଂହା,୧୫।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅନ୍ତର୍ଗତ ବୁର୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାଷୀଙ୍କୁ ନେଇ ଫସଲରେ କୀଟନାଶକ ପ୍ରୟୋଗ ଓ ରୋଗପୋକ ଦମନ ଉପରେ ଚାଷୀ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କୃଷି ବିଭାଗ ଓ ମହିଳା ଚାଷୀ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଏହି ସଚେତନତା ଶିବିରେ ଆୟୋଜିତ ହୋଇଥିଲା। ଏଥିରେ ବ୍ଲକ କୃଷି ଅଧିକାରୀ ସୁଜାତା ଛତ୍ରିଆ, ସହକାରୀ କୃଷି ଅଧିକାରୀ ରୋହନ କୁମର ସାହୁ ଯୋଗଦେଇଥିଲେ। ବ୍ଲକ କୃଷିଅଧିକାରୀ ଛତ୍ରିଆ କହିଥିଲେ ଯେ, ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁ ରୋଗପୋକ ପ୍ରାଦୁର୍ଭାବ ବଢ଼ି ଚାଲିଛି। ଶତପ୍ରତିଶତ ଅମଳ ପାଇଁ ଚାଷୀଙ୍କୁ ବ୍ୟାପକ ସଚେତନ ହେବାକୁ ପଡିବ। ରବି ଡାଲିଜାତୀୟ ଶସ୍ୟରେ ରୋଗପୋକ ଦମନ ପାଇଁ କିଟନାଶକ ପ୍ରୟୋଗ ପାଇଁ ଅଭିଜ୍ଞ କୃଷି ବିଶେଷଜ୍ଞ ପରାମର୍ଶ ନେବାକୁ ସେ ଚାଷୀଙ୍କୁ ଅନୁରୋଧ କରିଥିଲେ। ଏହା ବ୍ୟତୀତ ପ୍ରାକୃତିକ ପ୍ରଣାଳୀରେ କିପରି ବିଭିନ୍ନ ପୋକକୁ ମରା ଯାଇପାରିବ ସେ ଉପରେ ପ୍ରଦର୍ଶନୀ ମାଧ୍ୟମରେ ଚାଷୀଙ୍କୁ ବୁଝାଇଥିଲେ। ଚାଷୀମାନେ ସଚେତନ ହୋଇ ମିଳୁଥିବା ଉପକରଣକୁ ଚାଷଜମିରେ ବ୍ୟବହାର କରି ରୋଗପୋକ ନିୟନ୍ତ୍ରଣ କରି ଶତପ୍ରତିଶତ ଅମଳ ଉପରେ ଯତ୍ନବାନ ହେବାକୁ ବ୍ଲକ କୃଷି ଅଧିକାରୀ ଛତ୍ରିଆ ପରାମର୍ଶ କରିଥିଲେ। ଏହି ଉପଲକ୍ଷେ ଚାଷୀଙ୍କୁ କୀଟନାଶକ ସମେତ ହଳଦିଆ କାର୍ଡ ଲାଇଟ ଆଦି କିଟ୍ ପ୍ରଦାନ କରାଯାଇଥିଲା। ମହିଳା ଚାଷୀ ସଙ୍ଗଠନର ବୁର୍ଡା ପଞ୍ଚାୟତ ଦାୟିତ୍ୱରେ ଥିବା ପରିଦର୍ଶିକା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ସୁମନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



କୃଷି ଅଧିକାରୀ ଜଣେ ମହିଳା ଚାଷୀଙ୍କୁ କିଟ୍ ପ୍ରଦାନ କରୁଛନ୍ତି।

# କାଉନସିଲରମାନଙ୍କ ଦରମା ଦାବି



ଖବରଦାତା ସମ୍ମିଳନୀରେ ନଗରପାଳ ଓ କାଉନସିଲରମାନେ ଉପସ୍ଥିତ।

କଣ୍ଟାବାଞ୍ଜି, ୧୫।୩(ଗୁରୁଦୟାଲ ହଂସ)

ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ଏନଏସିର ୧୬ କାଉନସିଲରମାନଙ୍କ ମାସିକ ଦରମା ଦାବି ନେଇ ଏକ ଖବରଦାତା ସମ୍ମିଳନୀ ଶୁକ୍ରବାର ଅନୁଷ୍ଠିତ ହୋଇଛି। ନଗରପାଳ ବରିୟାମ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇ ସରକାରଙ୍କ ଉଦ୍ଦେଶ୍ୟରେ ଦାବି ଜଣାଇଛନ୍ତି। ଓଡ଼ିଶା ସରକାର ଓଡ଼ିଶାର ସମସ୍ତ ଏନଏସି.

**ଏନ୍‌ଏସି ଓ ପୌରପାଳିକା**

ପୌରପାଳିକା ଅଧ୍ୟକ୍ଷ/ଉପାଧ୍ୟକ୍ଷମାନଙ୍କ ମାସିକ ଦରମା /ଭତ୍ତା ବୃଦ୍ଧି କରିଥିବା ବେଳେ କାଉନସିଲରମାନଙ୍କ ମାସିକ ଦରମା ଲାଗୁ କରି ନାହାନ୍ତି। ଏନଏସି ଓ ପୌରପାଳିକାର ଅଧ୍ୟକ୍ଷ/ଉପାଧ୍ୟକ୍ଷମାନଙ୍କ ମାସିକ ଦରମା ଲାଗୁ କରିଥିବା ଭଳି କାଉନସିଲର ମାନଙ୍କ ଦରମା ଲାଗୁ କରିବା ପାଇଁ କଣ୍ଟାବାଞ୍ଜି ଏନଏସିର ୧୬ ଗୋଟି କାଉନସିଲର ଦାବି ଜଣାଇଛନ୍ତି। ଏହି ସଭାରେ ଉପାଧ୍ୟକ୍ଷା ମନୋରମା ରାଉତ, କାଉନସିଲର ନିଳକଣ୍ଠ ଶତପଥି, ଲଳିତ କୁମାର ଜୈନ, ଅଶୋକ ବଂଶଲ, ଏମଡି ଇମରାନ ଖାନ, ଯାଜ୍ଞସେନି ନାଗ, ମନିଶ ଅଗ୍ରବାଲ, ପିଙ୍କି ମହାନନ୍ଦ, ଗୌତମ ବେହେରା, ସୂର୍ଯ୍ୟକୁମାର ମିଶ୍ର, ଇମାନି ଜଗତ ଓ ଅନ୍ୟ କାଉନସିଲର ସଭ୍ୟାସଭ୍ୟ ଉପସ୍ଥିତ ରହି ଦାବି ଜଣାଇଥିଲେ।

## ପରିବାର ନିୟୋଜନ ଅସ୍ତ୍ରୋପଚାର ଶିବିରରେ ମହିଳା ହଟହଟା

ଲୋଇସିଂହା, ୧୫।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବାର ନିୟୋଜନ ଅସ୍ତ୍ରୋପଚାର ଶିବିରରେ ଶୁକ୍ରବାର ମହିଳା ହଟହଟା ହୋଇଥିବା ନେଇ ଅଭିଯୋଗ ହୋଇଛି। ପରିବାର ନିୟୋଜନ ଅସ୍ତ୍ରୋପଚାର ପାଇଁ ନିୟୋଜିତ ଡାକ୍ତର ବିଳମ୍ବରେ ପହଞ୍ଚିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ଜଣାଯାଇଛି। ଶୁକ୍ରବାର ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରିବାର ନିୟୋଜନ ଅସ୍ତ୍ରୋପଚାର ଶିବିର ସ୍ଥିରିକୃତ ହୋଇଥିଲା। ଆଶାକର୍ମୀଙ୍କ ଜରିଆରେ ଗ୍ରାମାଞ୍ଚଳରୁ ୧୪୦ ଜଣ ମହିଳା ଉକ୍ତ କ୍ୟାମ୍ପରେ ସକାଳୁ ଉପସ୍ଥିତ ରହିଥିଲେ। ହେଲେ ଉକ୍ତ କ୍ୟାମ୍ପରେ ଅସ୍ତ୍ରୋପଚାର ପାଇଁ କେଉଁଝର ଘଟଗାଁରୁ ଡାକ୍ତର ନିୟୋଜିତ କରାଯାଇଥିଲା । ହେଲେ ସେ ଆସୁଥିବାବେଳେ ତାଙ୍କ ଗାଡି କୁଆଡେ ବାଟରେ ପନଚର ହେବାରୁ ଅପରାହ୍ନ ୪ଟାରେ ସେ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ଦୀର୍ଘ ସମୟ ଧରି ମହିଳାମାନେ ଅପେକ୍ଷା କରିଥିବାରୁ ତାଙ୍କ ପରିଜନ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏସମ୍ପର୍କରେ ଆଗଲପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଧୀରେନ୍ଦ୍ର ମେହେର କହନ୍ତି, ରାଜ୍ୟସ୍ତରରୁ ଡାକ୍ତର ନିଯୁକ୍ତ କରାଯାଇଥାଏ। ଡାକ୍ତର ଲମ୍ବା ବାଟ ଦେଇ ଆସୁଥିବାରୁ ବାଟରେ ଗାଡି ଅସୁବିଧା ହେବାରୁ ପହଞ୍ଚିବାରେ ବିଳମ୍ବିତ ହୋଇଥିଲା। ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଗାଇଡଲାଇନ ଅନୁଯାୟୀ ଅସ୍ତ୍ରୋପଚାର କରାଯାଉଛି। ମହିଳାଙ୍କ ପାଇଁ ଯିବାଆସିବା ଖର୍ଚ୍ଚପ୍ରଦାନ କରାଯିବ ବୋଲି ସେ କହିଥିଲେ।

## ପାଟଣାଗଡ଼ରେ ଭାଜପାର ମିଶ୍ରଣପର୍ବ

ପାଟଣାଗଡ଼,୧୫।୩(ସଚ୍ଚିଦାନନ୍ଦ ମହାକୁର)

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନଏସିସ୍ଥିତ ଭାଜପା କାର୍ଯ୍ୟାଳୟ ପରିସରରେ କର୍ମୀ ସମ୍ମିଳନୀ ଓ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂଦେଓ ଓ ପୂର୍ବତନ ମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂହଦେଓ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଜିଲା ସଭାପତି ଶିବାଜୀ ମହାନ୍ତି, ଭାଜପା ପୂର୍ବତନ ରାଜ୍ୟ ଉପସଭାପତି ଡ଼. ଓମ ପ୍ରକାଶ ଯୋଶୀ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଉଜ୍ଜଳା ଯୋଜନା, ଗରିବ ଅନ୍ନଦାତା କଲ୍ୟାଣ ଯୋଜନା ସହ ବିଭିନ୍ନ ଲୋକାଭିମୁଖୀ ଯୋଜନା ଗୁଡିକ ଉପରେ ଉପସ୍ଥିତ ଥିବା କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ନଗର ସଭାପତି ସୁଶାନ୍ତ ମହାନ୍ତି ସଭା ପରିଚାଳନା କରିଥିଲେ। ପାଟଣାଗଡ଼ ଏନଏସିସ୍ଥିତ ୪ ଓ ୫ ନଂ. ୱାର୍ଡର ୫୦ ଜଣ ଯୁବକ ଭାଜପାରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏନଏସିର ସମସ୍ତ ୱାର୍ଡର ଶତାଧିକ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ।




ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପା କର୍ମୀ।

# ପୁଣି ଜଣେ କର୍ମଚାରୀ ନିଲମ୍ବିତ

ଟିଟିଲାଗଡ଼,୧୫।୩(ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପକାରାଗାରରୁ ଗତ ୯ ତାରିଖରେ ୨ଜଣ ହତ୍ୟା ଅଭିଯୁକ୍ତ ବିଚାରାଧୀନ କଏଦୀ ଫେରାର ହେବା ଘଟଣାରେ ଆଉ ଜଣେ ଜେଲ କର୍ମଚାରୀ ନିଲମ୍ବିତ ହୋଇଛନ୍ତି।

**ଜେଲରୁ ୨ ବିଚାରାଧୀନ କଏଦୀ ଫେରାର ଘଟଣା**

ପୂର୍ବରୁ ଦାନୀ ଦୋରା ନାମକ କର୍ମଚାରୀ ନିଲମ୍ବିତ ହୋଇଥିଲେ। ସେ ଜେଲ ୱାର୍ଡେନ୍ ଥିଲେ। ବର୍ତ୍ତମାନ ସଙ୍ଗୀତା ଗିରି ନାମକ ମହିଳା କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ମାନସିକ ପୂରଣ ପାଇଁ ୨ ଶିଶୁଙ୍କୁ ବଳିଦେଇ ଗିରଫ ହୋଇଥିବା ଶୋଭାବନ ରଣା ଏବଂ ଜଣେ ଶିଶୁକୁ କୂଅରେ ଫିଙ୍ଗି ମାରିଦେବା ଅଭିଯୋଗରେ ଗିରଫ ହୋଇଥିବା ସୁମିତ ବିହାରୀ ଟିଟିଲାଗଡ଼ ଜେଲରୁ ଫେରାର ହୋଇଯାଇଥିଲେ।

## ସ୍ପୋର୍ଟସ ଆସୋସିଏଶନର ବାର୍ଷିକ ବୈଠକ



ଖପ୍ରାଖୋଲ ସ୍ପୋର୍ଟସ ଆସୋସିଏଶନର ବାର୍ଷିକ ବୈଠକରେ ଉପସ୍ଥିତ ଅତିଥି।

ଖପ୍ରାଖୋଲ,୧୫।୩(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ଜବାହାରଲାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଖପ୍ରାଖୋଲ ସ୍ପୋର୍ଟସ ଆସୋସିଏଶନ ତରଫରୁ ବାର୍ଷିକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ମାଝି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ପାତ୍ର, ମୁଖ୍ୟବକ୍ତା ଭାବେ ଲୁହାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରମାକାନ୍ତ ସୁଆର, ସମ୍ମାନିତ ଅତିଥି ଭାବେ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସମ୍ମିତ କୁମାର ଭୋଇ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଥିଲା। ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପବିତ୍ର ମୋହନ ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ ସହ ସୁସ୍ଥ ଭବିଷ୍ୟତ କାମନା କରିଥିଲେ। ସେହିପରି ନବନିଯୁକ୍ତ ଖେଳ ଶିକ୍ଷକ ବିଦେଶୀ ସାହୁ, ପୁନମ ଚାନ୍ଦ ମାଝି, ସନାତନ କୁମ୍ଭାର, ରୋଜି ମଲ୍ଲିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଧଣ୍ଡାମୁଣ୍ଡା ପ୍ରଧାନ ଶିକ୍ଷକ ଅଜେୟ କୁମାର ଭୋଇ, ରଜତ କୁମାର ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରମୋଦ କୁମାର ବାଗ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

**ଖପ୍ରାଖୋଲ ବ୍ଲକ**

**■ଅବସରପ୍ରାପ୍ତଙ୍କୁ ସମ୍ବର୍ଦ୍ଧନା, ନୂତନ ଶିକ୍ଷକଙ୍କୁ ସ୍ୱାଗତ**

# ‘ଅର୍ଥନୈତିକ ଅଭିବୃଦ୍ଧି ବହୁ ସମସ୍ୟାର ସମାଧାନ ବାଟ ଫିଟାଇବ’

ବଲାଙ୍ଗୀର,୧୫।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ଦଳ ବିଧାୟକ ଆଶାୟୀ ପ୍ରାର୍ଥୀ ତଥା ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ର ଶୁକ୍ରବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବଲାଙ୍ଗୀରର ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀରର ବହୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ଶିଳ୍ପ ଭିତ୍ତିଭୂମି, ନିଯୁକ୍ତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଗଣମାଧ୍ୟମ ପ୍ରତିନିଧିଙ୍କ ମତାମତ ଲୋଡିବା ସହ ନିଜର ରାଜନୈତିକ ବିଚାର ଏବଂ ଭିଜନ୍ ସମ୍ପର୍କରେ ଜଣାଇଥିଲେ। ସମରେନ୍ଦ୍ର କହିଥିଲେ ଯେ, ବହୁବର୍ଷ ଧରି ସମନ୍ୱିତ ଅର୍ଥନୈତିକ ବିକାଶ ହୋଇ ନ ଥିବାରୁ ବଲାଙ୍ଗୀର ଏକ ପଛୁଆ ଅଞ୍ଚଳ ଭାବେ ରହିଯାଇଛି। ଫଳରେ ଏଠାରେ ନିଯୁକ୍ତି, ଦାଦନ ସମସ୍ୟା, ବେକାରୀ, ବେରୋଜଗାରୀ, କୃଷି ଓ ଜଳସେଚନ ସମସ୍ୟା, ଶିଳ୍ପ ସମସ୍ୟା, ଶିକ୍ଷା ଏବଂ କୁପୋଷଣ ସମସ୍ୟା ଲାଗି ରହିଛି। ରାଜନୈତିକ ଦୂରଦୃଷ୍ଟିର ଅଭାବ ଏହି ସମସ୍ୟାକୁ ଆହୁରି ଉଗ୍ର କରିଦେଇଛି। ଏହି ଅଞ୍ଚଳର ସର୍ବାଙ୍ଗୀନ ବିକାଶ କରିବାକୁ ହେଲେ ସର୍ବପ୍ରଥମେ ଏଠାକାର ଅର୍ଥନୈତିକ ଅଭିବୃଦ୍ଧି ସୁନିଶ୍ଚିତ କରିବାକୁ ହେବ। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସରକାରୀ ସ୍ତରରେ ଯୋଜନା ପ୍ରଣୟନବେଳେ ଏଠାକାର ସକ୍ରିୟ ଦୂରଦୃଷ୍ଟି ସମ୍ପନ୍ନ ରାଜନୈତିକ ନେତୃତ୍ୱର ଛାପ ଛାଡିବାକୁ ହେବ। ଅର୍ଥନୈତିକ ଅଭିବୃଦ୍ଧି ହେଲେ ପର୍ଯ୍ୟାୟକ୍ରମେ ବହୁ ସମସ୍ୟାର ସମାଧାନ ବାଟ ଫିଟିବ ବୋଲି ସମରେନ୍ଦ୍ର କହିଥିଲେ। ବାର୍ତ୍ତାଳାପ: ଗଣମାଧ୍ୟମ ଓ ସମରେନ୍ଦ୍ର କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିମାନେ ବଲାଙ୍ଗୀର ଜିଲାର ବହୁ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାର କିଛି ଗୁରୁତ୍ୱପୂର୍ଣ୍ଣ ଦାବି ସମ୍ପର୍କରେ ସମରେନ୍ଦ୍ରଙ୍କ ଦୃଷ୍ଟିଭଙ୍ଗୀ କ’ଣ ପଚାରିଥିଲେ। ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ, ସୁକ୍‌ତେଲ ଭୂତଳ ଜଳସଂରକ୍ଷଣ ପ୍ରକଳ୍ପ, ବାଇପାସ୍ ରାସ୍ତା, ରିଂରୋଡ, ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପ୍ରତିଷ୍ଠା ହୋଇସାରିଥିଲେ ମଧ୍ୟ ଅନେକାଂଶରେ ଏହା ସମ୍ପୂର୍ଣ୍ଣ ହୋଇ ନ ଥିବା ଏବଂ ଅନେକ ସମସ୍ୟା ଦେଇ ଗତି କରୁଥିବାକୁ ନେଇ ଆଲୋଚନା ହୋଇଥିଲା। ବିଶେଷକରି ବଲାଙ୍ଗୀରବାସୀଙ୍କ ପୁରୁଣା ଦାବି ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏବଂ ଦାଦନ ସମସ୍ୟା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ସମରେନ୍ଦ୍ରଙ୍କ ଆଭିମୁଖ୍ୟ କ’ଣ ବୋଲି ପ୍ରଶ୍ନ କରିଥିଲେ। ବଲାଙ୍ଗୀର ଜନସାଧାରଣଙ୍କ ଯାହା ସବୁ ଦାବି ରହିଛି ସେ ସବୁ ଦାବି ଯଥାର୍ଥ ଏବଂ ସମସ୍ତ ଦାବି ପୂରଣ କରିବା ପାଇଁ ବଲାଙ୍ଗୀରବାସୀଙ୍କ ସହ ସେ ଲଢ଼େଇ କରିବେ ବୋଲି କହିଥିଲେ। ତେବେ ଏହାବାଦ୍ ଏଠାକାର ଅର୍ଥନୈତିକ ଅଭିବୃଦ୍ଧିକୁ ସେ ସବୁଠୁ ଅଧିକ ପ୍ରାଧାନ୍ୟ ଦେବେ ବୋଲି କହିଥିଲେ। ବିଶେଷକରି ଜିଲାରୁ ଯେଉଁ ସବୁ ଶିକ୍ଷିତ ଏବଂ କର୍ମଠ ଯୁବତୀ ଓ ଯୁବକ ଶିକ୍ଷା, ତାଲିମ, ନିଯୁକ୍ତି ଓ ବ୍ୟବସାୟ ପାଇଁ ଜିଲା ତଥା ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି, ସେମାନଙ୍କର ସାମୂହିକ ପଳାୟନ ରୋକିବାକୁ ହେବ। ଶିକ୍ଷା, କୃଷି, ଶିଳ୍ପ, ଗମନାଗମନ ପାଇଁ ଜିଲାରେ ଭିତ୍ତିଭୂମି ତିଆରି କରିବାକୁ ହେବ। ଏଥିସକାଶେ ସରକାରୀ ଯୋଜନା ପ୍ରଣୟନ ବେଳେ ଠୋସ୍ ଭୂମିକା ନିର୍ବାହ କରିବାକୁ ହେବ ବୋଲି କହିଥିଲେ। ଏଣୁ ଆଗାମୀ ନିର୍ବାଚନରେ ବଲାଙ୍ଗୀରର ଭୋଟର, ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ଏହି ଆଲୋଚନା ସମୟରେ ବଲାଙ୍ଗୀର ବିଧାୟକ ତଥା ତାଙ୍କ ପିତା ନରସିଂହ ମିଶ୍ରଙ୍କ ଗତ ୧୦ ବର୍ଷର ଉପଲବ୍ଧି ସମ୍ପର୍କରେ ବି ସୂଚନା ଦେଇ ଏହି ବିକାଶମୂଳକ କାର୍ଯ୍ୟଧାରାକୁ ଆଗକୁ ନେବାର ସେ ସମ୍ପୂର୍ଣ୍ଣ ପ୍ରୟାସ କରିବେ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀରର ବୈଦ୍ୟୁତିକ ଏବଂ ଛାପା ଗଣମାଧ୍ୟମର ପ୍ରତିନିଧି ଯୋଗଦାନ କରିଥିଲେ।



କଂଗ୍ରେସ ବିଧାୟକ ଆଶାୟୀ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି।

**ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସମରେନ୍ଦ୍ରଙ୍କ ସ୍ୱତନ୍ତ୍ର ବାର୍ତ୍ତାଳାପ କାର୍ଯ୍ୟକ୍ରମ**

## ସଂକ୍ଷେପରେ

### ଶସ୍ୟକାଟ୍ ପରୀକ୍ଷଣ କାର୍ଯ୍ୟକ୍ରମ

**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ସୋହେଲା ବ୍ଲକ ଜଟର୍ଲା ଗ୍ରାମରେ ଶୁକ୍ରବାର ସୋରିଷ ଫସଲର ଶସ୍ୟକାଟ୍ ପରୀକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇକ୍ରିସାଟ୍ ଏବଂ ମହାଶକ୍ତି ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ଚାଷୀ କୁମାର ଭୋଇଙ୍କ ଚାଷଜମିରେ ୫ମିଟର ଲମ୍ୱ, ଓସାର ବିଶିଷ୍ଟ ପ୍ଲଟରେ ଶସ୍ୟକାଟ୍ ପରୀକ୍ଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱମଣି ଭୋଇ, ଚୁନ୍ନିଲାଲ ଦ୍ୱାରି, ମିହିର କୁମାର ପ୍ରମୁଖ ଯୋଗଦେଇଥିଲେ। ସେହିପରି ଗ୍ରାମର ଚାଷୀ ବିରାଟ ଭୋଇ, ପ୍ରତାପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ମାଉସୀ ମା' ମନ୍ଦିର ପ୍ରତିଷ୍ଠା



ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭଟଲିରେ ନୂତନ ମାଉସୀ ମା' ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଚାଲିଛି। ଶୁକ୍ରବାର ପଞ୍ଚମ ଦିବସରେ ଛାୟାଦେବୀ, ମାୟାଦେବୀଙ୍କ ମହାସ୍ନାନ, ପ୍ରାଣ ପ୍ରତିଷ୍ଠା ହୋଇଥିଲା। ଏହା ସହିତ ସମସ୍ତ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଶ୍ରୀମଦ ଭଗବତ ଗୀତା ହୋମ ହୋଇଥିଲା। ପଣ୍ଡିତ ଟିକେଶ୍ୱର ମହାପାତ୍ର, ନେହେରୁଲାଲ ଶତପଥି, ଜୟଦେବ ପଣ୍ଡା, ଗୋକୁଳେଶ୍ୱର ରଥ, ବେଣୁଧର ମହାପାତ୍ର, ରାକେଶ କୁମାର ମିଶ୍ର, ରୋହିତ ରଥ, ଗୌରଚନ୍ଦ୍ର ରଥ, ଭୋଗେନ୍ଦ୍ର ପଣ୍ଡା, ରବିଲାଲ ଶତପଥି, ସୁରେନ୍ଦ୍ର ଦାଶ, ବିଷ୍ଣୁ ମହାପାତ୍ର, ରିଙ୍କୁ ପଣ୍ଡା, ବାଚସ୍ପତି ରଥ, ଲଳିତ ରଥ, ସଂସାର ପଣ୍ଡା ପ୍ରମୁଖ ହୋମକାର୍ଯ୍ୟ ସମ୍ପାଦନ କରିଥିଲେ। ସରୋଜ କୁମାର ସାହୁ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ଏହି ଅବସରରେ ପ୍ରବଚନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।

### ପ୍ରତିଷ୍ଠା ଦିବସ ପାଳନ ସମାରୋହ



**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଡୁଙ୍ଗୁରୀଠାରେ ଜନଜୀବନ ବିକାଶ ଟ୍ରଷ୍ଟର ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟ୍ରଷ୍ଟର କାର୍ଯ୍ୟାଳୟ ଉଦ୍‌ଘାଟନ କରାଯାଇଥିଲା। ପରେ ଟ୍ରଷ୍ଟ ସଭାପତି ପ୍ରେମାନନ୍ଦ ସାଙ୍କ ସଭାପତିତ୍ୱରେ ସଭା ହୋଇଥିଲା। କେଦାର ମିଶ୍ର ସଭା ପରିଚାଳନା କରିଥିଲେ। ସଭାରେ ଟ୍ରଷ୍ଟର ଉପଦେଷ୍ଟା ସାକେତ ଶ୍ରୀଭୂଷଣ ସାହୁ, ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କରଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ତରଣୀସେନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ଜିଲାପାଳଙ୍କୁ ଫେରାଦ ହୋଇଥିବା ଜିପିଏଲଏଫ ଇସିର ପ୍ରତିନିଧିବୃନ୍ଦ।

# ଜିପିଏଲ୍‌ଏଫ୍‌ଙ୍କୁ ଅଣଦେଖା, ବଢୁଛି ଅସନ୍ତୋଷ

**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)**

ମିଶନ ଶକ୍ତିରେ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରୁଥିବା ପଞ୍ଚାୟତ ଲେଭେଲ ଫେଡେରେଶନ(ଜିପିଏଲଏଫ)ର ଏକଜିକ୍ୟୁଟିଭ କମିଟି(ଇ.ସି)ଙ୍କ ପ୍ରତି ରାଜ୍ୟ ସରକାର ଅଣଦେଖା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ନିଖିଳ ଓଡ଼ିଶା ଜିପିଏଲଏଫ ଇ.ସି ସଂଘର ବରଗଡ଼ ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ଉଲ୍ଲେଖ କରି ସେଗୁଡ଼ିକର ଦୃଷ୍ଟି ଆକର୍ଷଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସଂଗଠିତ କରିବା, ସେମାନଙ୍କୁ ଆର୍ଥିକ ପରିଚାଳନାରେ ତାଲିମ, ପ୍ରୋତ୍ସାହନ ଦେବା, ଋଣ ପ୍ରଦାନ ଆଦି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ସେମାନେ କମ୍ୟୁନିଟି ରିସୋର୍ସ ପର୍ସନ(ସିଆରପି) ଏବଂ ମାଷ୍ଟର ବୁକ୍ କିପର(ଏମବିକେ)ଙ୍କ କାର୍ଯ୍ୟ ତଦାରଖ ମଧ୍ୟ କରି ଆସୁଛନ୍ତି। ମାତ୍ର ସେମାନଙ୍କ ଦାବି ଉପରେ ସରକାର ଗୁରୁତ୍ୱ ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଜିପିଏଲଏଫ ଇ.ସିର ସ୍କିମ ୱାର୍କରଙ୍କୁ ୱାର୍କର ମାନ୍ୟତା ସହିତ ସ୍ଥାୟୀ ନିଯୁକ୍ତି ପ୍ରଦାନ, ମାସିକ ୨୬ହଜାର ଟଙ୍କା ପ୍ରଦାନ, ସାମାଜିକ ନିରାପତ୍ତା ପାଇଁ ବିଏସ୍‌କେୱାଇ ସୁବିଧା ମିଶନ ଶକ୍ତି ମାଧ୍ୟମରେ ପ୍ରଦାନ, କାର୍ଯ୍ୟକାଳ ମଧ୍ୟରେ ମୃତ୍ୟୁବରଣ କଲେ ପରିବାର ଲୋକଙ୍କୁ ୫ଲକ୍ଷ ଟଙ୍କାର କ୍ଷତିପୂରଣ, ଅଙ୍ଗନୱାଡି କର୍ମୀଙ୍କ ଭଳି ୬୨ବର୍ଷରେ ଅବସର ବ୍ୟବସ୍ଥା, ଅବସର ପରେ ମାସିକ ୧୦ହଜାର ଟଙ୍କା ପେନସନ ବ୍ୟବସ୍ଥା କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି। ଫେଡେରେଶନର ପାଇକମାଳ ସଭାନେତ୍ରୀ ଜ୍ୟୋତ୍ସ୍ନା ସାହୁ, ସମ୍ପାଦିକା ଦିପାଞ୍ଜଳି ବଡ଼େଇ, ବୁକ୍ରାମୁଣ୍ଡା ସଭାନେତ୍ରୀ ଟିକେଶ୍ୱରୀ ଦେବତା, ସମ୍ପାଦିକା ଦିପାଞ୍ଜଳି ଲୁହା ପ୍ରମୁଖ ସ୍ମାରକପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ ଜଣେ ମୃତ, ଉତ୍ତେଜନା

**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ା ଟୋଲପ୍ଲାଜାର ଅନତି ଦୂରରେ ଶୁକ୍ରବାର ଏକ ସଡ଼କ ଦୁର୍ଘଟଣା ଘଟିଥିଲା। ଏକ ଟିଭିଏସ୍ ଏକ୍ସଏଲ(ନଂ–ଓଡ଼ି୧୭ଇ ୩୪୩୪)କୁ ଅନ୍ୟ ଏକ ସ୍କର୍ପିଓ ଗାଡ଼ି(ନଂ–ଓଡ଼ି୨୩ପି ୬୩୬୩) ଧକ୍କା ଦେବା ଯୋଗୁ ଘଟଣାସ୍ଥଳରେ ଟିଭିଏସ୍ ଏକ୍ସଏଲ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ମୃତକ ଜଣକ ଅତାବିରା ଥାନା ଉଡଙ୍ଗାପାଲିର ଆନନ୍ଦୀ ଦିବ୍ୟା ଚାନ୍ଦ(୬୫)। ବରଗଡ଼ ଗ୍ରାମାଞ୍ଚଳ ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଦୁର୍ଘଟଣା ପରେ ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତିଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଆଲୋଚନା କରିଥିଲେ । ପରେ ପରିସ୍ଥିତିରେ ସୁଧାର ଆସିଥିଲା। ସୂଚନା ଅନୁଯାୟୀ, ମୃତ ଆନନ୍ଦୀ ଦିବ୍ୟା ବରଗଡ଼ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଆମ୍ବସଢ଼ାରୁ ଅତାବିରା ଅଭିମୁଖେ ତାଙ୍କର ଉପରୋକ୍ତ ଟିଭିଏସ୍ ଏକ୍ସଏଲ ମୋପେଡ୍ ଗାଡ଼ିରେ ଯାଉଥିଲେ। ତେବେ ସେ ବରାହଗୋଡ଼ା ଟୋଲପ୍ଲାଜା ନିକଟ ଆରଡ଼ି ରାସ୍ତାରୁ ଜାତୀୟ ରାଜପଥ ଉପରକୁ ଯାଉଥିବାବେଳେ ବରଗଡ଼ରୁ ସମ୍ବଲପୁର ପଟକୁ ଯାଉଥିବା ସ୍କର୍ପିଓ ଗାଡ଼ିଟି ତାଙ୍କୁ ଧକ୍କା ଦେବା ସହିତ ଘୋଷାଡ଼ି ନେଇଥିଲା। ଫଳରେ ତାଙ୍କର ମୃତ୍ୟୁ ହେବା ସହିତ ମୋପେଡ୍ ଗାଡ଼ିଟି ମଧ୍ୟ ଚୂରମାର୍ ହୋଇଥିଲା। ସେହିପରି ସ୍କର୍ପିଓର ସମ୍ମୁଖଭାଗ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିଥିଲା। ଏ ନେଇ ଏକ ମାମଲା(ନଂ.୬୮/୨୪) ରୁଜୁ କରି ପୋଲିସ ତଦନ୍ତ କରୁଛି ।



ଦୁର୍ଘଟଣାଗ୍ରସ୍ତ ସ୍କର୍ପିଓ ।

# ଯୁବକଙ୍କୁ ପିଟି ପିଟି ହତ୍ୟା, ୩ ଗିରଫ

**ବରପାଲି,୧୫।୩(ଚିତ୍ତରଞ୍ଜନ ସାହୁ)**

ବରଗଡ଼ ଜିଲା ବରପାଲି ଥାନା ଅଧୀନ କୁଶନପୁରୀ ହରିଜନ ବସ୍ତିରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଗ୍ରାମର ଜଣେ ଯୁବକଙ୍କ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ଯୁବକ ହେଲେ ଯୋଗେଶ୍ୱର ନାଗ(୩୮)। ପୋଲିସ ଶୁକ୍ରବାର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇବା ସହ ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରୁଛି। ଅନ୍ୟପକ୍ଷେ ଏହି ଘଟଣାରେ ମୃତକଙ୍କ ବାପା ତଥା ଗ୍ରାମରକ୍ଷୀ ରାଜେନ୍ଦ୍ର ନାଗ, ବଡ଼ଭାଇ ଜଗଦୀଶ ନାଗ ଏବଂ ସାନଭାଇ ବୃନ୍ଦାବନ ନାଗଙ୍କୁ ଗିରଫ କରାଯାଇଛି। ଏ ନେଇ ବରପାଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁସାରେ, ଗୁରୁବାର ରାତିରେ କୁଶନପୁରୀ ହରିଜନ ବସ୍ତିର ରାଜେନ୍ଦ୍ର ନାଗଙ୍କ ଦ୍ୱିତୀୟ ପୁଅ ଯୋଗେଶ୍ୱର ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଆସି ପରିବାର ଲୋକଙ୍କ ସହିତ ବିଭାଘର କଥାକୁ ନେଇ ଝଗଡ଼ା କରିଥିଲେ। ଏହାପରେ ଯୋଗେଶ୍ୱରଙ୍କ ସମେତ ତାଙ୍କ ମା' ସୀତା ନାଗ, ବାପା ରାଜେନ୍ଦ୍ର, ବଡ଼ଭାଇ ଜଗଦୀଶ ଏବଂ ସାନଭାଇ ବୃନ୍ଦାବନ ଶୋଇବାକୁ ଯାଇଥିଲେ। ତେବେ ଶୁକ୍ରବାର ସକାଳେ ଗାଁ ଦାଣ୍ଡରେ ଯୋଗେଶ୍ୱରଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ମୃତକଙ୍କ ବାପା, ବଡଭାଇ ଓ ସାନଭାଇଙ୍କୁ ଥାନାକୁ ନେଇ ଜେରା କରିଥିଲା। ଜେରା ବେଳେ ଯୋଗେଶ୍ୱରଙ୍କୁ କାଠ ଫାଳିଆରେ ପିଟି ପିଟି ହତ୍ୟା କରିଥିବା ମୃତକଙ୍କ ବଡ଼ଭାଇ ଜଗଦୀଶ ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

# ବିଏସ୍‌ପିର ବାଇକ୍ ଶୋଭାଯାତ୍ରା

**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବହୁଜନ ସମାଜ ପାର୍ଟି (ବିଏସ୍‌ପି) ପକ୍ଷରୁ କାଂଶୀରାମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ଏକ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବରଗଡ଼ରୁ ଉକ୍ତ ଶୋଭାଯାତ୍ରା ବାହାରି ବରପାଲି ପର୍ଯ୍ୟନ୍ତ ଯାଇଥିଲା। ଦଳର ଜିଲା ସଭାପତି ଅଜୟ କୁମ୍ଭାର ଏହାର ନେତୃତ୍ୱ ନେଇଥିଲେ। ବରଗଡ଼ ଲୋକସଭା ପ୍ରଭାରୀ ଟଙ୍କଧର କଣ୍ଟା ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଶୋଭାଯାତ୍ରାକୁ ବିଭିନ୍ନ ସ୍ଥାନରେ ମହିଳାମାନେ ସ୍ୱାଗତ କରିଥିଲେ। ଶୋଭାଯାତ୍ରା ଯିବା ବାଟରେ ଆମ୍ବେଦ୍‌କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷ ହେବା ପରେ ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏକ ସଭା ହୋଇଥିଲା। ଦଳର ଜିଲା ସାଧାରଣ ସମ୍ପାଦକ ସରୋଜ କୁମ୍ଭାର ସଭା ପରିଚାଳନା କରିଥିଲେ। ଦେବରାଜ ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।



ବାଇକ୍ ଶୋଭାଯାତ୍ରାକୁ ସ୍ୱାଗତ କରାଯାଉଛି ।

# ଫାର୍ମାସ୍ୟୁଟିକାଲ୍ସ କଲେଜର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

**ବରପାଲି,୧୫।୩( ଚିତ୍ତରଞ୍ଜନ ସାହୁ)**

ବରପାଲି ଟିଙ୍ଗିପାଲି ସମଲେଶ୍ୱରୀ ବିହାରସ୍ଥିତ ଫାର୍ମାସ୍ୟୁଟିକାଲ୍ସ କଲେଜର ୩୮ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ପରିଚାଳନା କମିଟି ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁ ଚରଣ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଫାର୍ମାସିଷ୍ଟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ପରିଚାଳନା କମିଟି ସମ୍ପାଦକ ଦାମୋଦର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା କମିଟି ସଭାପତି ହିମାଂଶୁ ମୋହନ ଦେଓ, ନିର୍ଦ୍ଦେଶକ ଡ. ରଞ୍ଜନ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଅର୍ଣ୍ଣବାଦିତ୍ୟ ମହାନ୍ତି ସ୍ୱାଗତ ଭାଷଣ ସହ ଉତ୍ସବରେ ସଂଯୋଜନା କରିଥିଲେ। ଉପାଧ୍ୟକ୍ଷ ଡ. ଆଶୁତୋଷ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସ୍କିଲିଂ ଇଣ୍ଡିଆ ଅଭିଯାନରେ ୫୬ ଶିକ୍ଷାର୍ଥୀ

**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ମୂରଲୀ କ୍ରୀଷ୍ଣା ଫାଉଣ୍ଡେଶନ ପ୍ରାୟୋଜିତ ଭାରତ ସରକାରଙ୍କ ସ୍କିଲିଂ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ଭ୍ରାମ୍ୟମାଣ ସ୍କିଲିଂ ଇଣ୍ଡିଆ ବସ୍ ମାଧ୍ୟମରେ ସଦର ବ୍ଲକ ଅନ୍ତର୍ଗତ ଖଣ୍ଡହଥା, ଗାଇସୀମା ଗ୍ରାମରେ ଶିକ୍ଷାର୍ଥୀଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୬ ଶିକ୍ଷାର୍ଥୀ କମ୍ପ୍ୟୁଟର ଏବଂ ୟୁପିଆଇ ସମ୍ପର୍କୀତ ଜ୍ଞାନ ଆହରଣ କରିଥିଲେ। ଆଗାମୀ ଦିନରେ ଉକ୍ତ କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ମୂରଲୀ କ୍ରୀଷ୍ଣା ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି ।



ସ୍କିଲିଂ ଇଣ୍ଡିଆ ଅଭିଯାନରେ ଶିକ୍ଷା ପ୍ରଦାନ କରାଯାଉଛି ।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଦଣ୍ଡାଦେଶ କାଏମ

**କଟକ,୧୫।୩(କାର୍ତ୍ତିକ ସାହୁ)**

ନିଜ ସ୍ତ୍ରୀଙ୍କୁ ହତ୍ୟା କରିବା ମାମଲାରେ ନିମ୍ନ ଅଦାଲତ ଦେଇଥିବା ଆଜୀବନ ଦଣ୍ଡାଦେଶ ରାୟକୁ ହାଇକୋର୍ଟ କାଏମ ରଖିଛନ୍ତି। ହାଇକୋର୍ଟର ବିଚାରପତି ସଙ୍ଗମ କୁମାର ସାହୁ ଏବଂ ବିଚାରପତି ଏସ୍. କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ବଣାଇ ଆଡ୍‌ହକ୍ ଆଡିଶନାଲ୍ ସେସନ୍ସ ଜଜ୍ କୋର୍ଟ ଦେଇଥିବା ଆଜୀବନ ଦଣ୍ଡାଦେଶକୁ ଯଥାର୍ଥ ବୋଲି ମଧ୍ୟ ଦର୍ଶାଇଛନ୍ତି। ଅଭିଯୁକ୍ତ ତଥା ମାମଲାର ଆବେଦନକାରୀ ପ୍ରଫୁଲ୍ଲ ପାତ୍ରଙ୍କ ପକ୍ଷରୁ ଆଗତ ଏକ ଜେଲ୍ କ୍ରିମିନାଲ୍ ଅପିଲ୍‌ର ଶୁଣାଣି କରି ଖଣ୍ଡପୀଠ ଏହି ଅପିଲ୍‌କୁ ଖାରଜ କରିଦେଇଛନ୍ତି। ଏଥିସହ ଜାମିନରେ ଥିବା ଅଭିଯୁକ୍ତଙ୍କୁ ଆଗାମୀ ୪ ସପ୍ତାହ ମଧ୍ୟରେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିବାକୁ ଆଦେଶ ଦେଇଛନ୍ତି। ସୂଚନା ଅନୁସାରେ,

**୪ ସପ୍ତାହ ମଧ୍ୟରେ କୋର୍ଟରେ ଆତ୍ମସମର୍ପଣ ପାଇଁ ଆଦେଶ**

ସୁନ୍ଦରଗଡ଼ ଜିଲା ଟିକାୟତପାଲି ଥାନା ଅଞ୍ଚଳର ଅଭିଯୁକ୍ତ ପ୍ରଫୁଲ୍ଲ ପାତ୍ର ତାଙ୍କ ସ୍ତ୍ରୀ ସୁଭଦ୍ରାଙ୍କୁ ୧୯୯୮ ଅଗଷ୍ଟ ୨୯ ତାରିଖରେ ହତ୍ୟା କରିଥିଲେ। ମୃତକଙ୍କ ମାମୁ ଟିକେଶ୍ୱର ପାତ୍ର ସ୍ଥାନୀୟ ଥାନାରେ ଏ ନେଇ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବଣାଇ ଅତିରିକ୍ତ ସେସନ୍ସ କୋର୍ଟରେ ଏହି ମାମଲାର ଶୁଣାଣି ହୋଇଥିଲା। ୨୦୦୫ ଅଗଷ୍ଟ ୨୩ରେ ସେସନ୍ସ କୋର୍ଟ ଆଇପିସିର ୩୦୨ ଦଫାରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡଦେଶ ପ୍ରଦାନ କରିଥିଲେ। ନିମ୍ନ ଅଦାଲତଙ୍କ ରାୟ ବିରୋଧରେ ଅଭିଯୁକ୍ତଙ୍କ ପକ୍ଷରୁ ହାଇକୋର୍ଟରେ ଅପିଲ୍ କରାଯାଇଥିଲା।

# କଳାବ୍ୟାଜ ପିନ୍ଧିଲେ ଖବରଦାତା

**ବରଗଡ଼,୧୫।୩(ପ୍ରେମାନନ୍ଦ ଖମାରୀ)**

ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କୁ ପେନ୍‌ସନ, ସୁରକ୍ଷା ଏବଂ ସମ୍ମାନ ଦାବି ଜୋର୍ ଧରିଛି। ଏହି କ୍ରମରେ ଶୁକ୍ରବାର ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ବରଗଡ଼(ଜାବ୍) ପକ୍ଷରୁ କଳାବ୍ୟାଜ ପିନ୍ଧି ଗାନ୍ଧିଛକସ୍ଥିତ ଗାନ୍ଧିମୂର୍ତ୍ତି ତଳେ ଧାରଣା ଦିଆଯାଇଥିଲା। ସେହିପରି ବରଗଡ଼ ସାମ୍ବାଦିକ ସଂଘ ସଭାପତି ସୁରେନ୍ଦ୍ର ହୋତାଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଜାବ୍ ସଭାପତି ରବି ପଣ୍ଡା, ବରିଷ୍ଠ ଖବରଦାତା ପ୍ରସନ୍ନ ମିଶ୍ର ପ୍ରମୁଖ ସଭାରେ ଖବରଦାତାଙ୍କ ସମସ୍ୟା ଏବଂ ହକ୍ ଉପରେ ବକ୍ତବ୍ୟ ରଖିଥିଲେ। ପରେ ଖବରଦାତାମାନେ ଏକ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ଉପରୋକ୍ତ ଦାବି ନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଜାବ୍‌ର ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଉପସଭାପତି ପ୍ରଭୁଚରଣ ମହାନ୍ତି, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଦାଶ, ବରଗଡ଼ ସାମ୍ବାଦିକ ସଂଘର କୋଷାଧ୍ୟକ୍ଷ ବ୍ୟୋମକେଶ କର, ରାଜେଶ ସରାଫଙ୍କ ସମେତ ଜିଲାର ୧୨ବ୍ଲକର ବହୁସଂଖ୍ୟକ ଖବରଦାତାମାନେ ଉପସ୍ଥିତ ଥିଲେ।



ଖବରଦାତାଙ୍କଠାରୁ ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

# ବୌଦ୍ଧରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

**ବୌଦ୍ଧ,୧୫।୩(ଅଜିତ କୁମାର ବାରିକ)**

ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ଶୁକ୍ରବାର ଦିନିକିଆ ବୌଦ୍ଧ ଜିଲା ଗସ୍ତରେ ଆସି ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହଠାରେ ଆଗାମୀ ସାଧାରଣ ନିର୍ବାଚନ ୨୦୨୪ର ସୁପରିଚାଳନା ପାଇଁ ବୌଦ୍ଧ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ଖୁବଶୀଘ୍ର ନିର୍ବାଚନ ତାରିଖ ଘୋଷଣା ହେବାକୁ ଥିବା ବେଳେ ବୌଦ୍ଧ ଜିଲାରେ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ନିର୍ବାଚନ ପାଇଁ ପୋଲିସ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ରକ୍ଷା, ଫ୍ଲାଇଙ୍ଗ ସ୍କ୍ୱାର୍ଡର ପ୍ରସ୍ତୁତି,ଏଟିଏମ ଭ୍ୟାନ, ଦୁଇଟି ନିର୍ବାଚନ ମଣ୍ଡଳୀର ୪୧୧ ଟି ବୁଥର ପ୍ରସ୍ତୁତି, ନିର୍ବାଚନ ପରିଚାଳନା ପାଇଁ ୯୧ ଜଣ ଅଧିକାରୀଙ୍କୁ ମାଜିଷ୍ଟ୍ରେଟ କ୍ଷମତା, ବୌଦ୍ଧ ନିର୍ବାଚନ ମଣ୍ଡଳୀ ପାଇଁ ଉପଜିଲାପାଳ ଓ କନ୍ଧମାଳ ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲାପାଳଙ୍କୁ ନିର୍ବାଚନ ରିଟର୍ଣ୍ଣି ଅଧିକାରୀ ଭାବରେ ପୂର୍ଣ୍ଣ କ୍ଷମତା ପ୍ରଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀମାନେ ନିଜର ଆଚରଣ ଓ ଉଚ୍ଚାରଣରେ ଶୃଙ୍ଖଳା ରକ୍ଷା କରିବା, ନିର୍ବାଚନ ତାରିଖ ଘୋଷଣାର ୨୪ ଘଣ୍ଟା ମଧ୍ୟରେ ସମସ୍ତ କାର୍ଯ୍ୟାଳୟ ପରିସରରେ ଲାଗିଥିବା ହୋର୍ଡିଂ ଏବଂ ୪୮ ଘଣ୍ଟା ମଧ୍ୟରେ ସର୍ବସାଧାରଣ ସ୍ଥାନରେ ଲାଗିଥିବା ହୋର୍ଡିଂ ଓ ୭୨ ଘଣ୍ଟା ମଧ୍ୟରେ ବେସରକାରୀ ସ୍ଥାନରେ ଲାଗିଥିବା ଦଳୀୟ ପ୍ରଚାର ହୋର୍ଡିଂ ଅପସାରଣ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ହୋମ ଭୋଟିଂ, ପୋଷ୍ଟାଲ ବାଲଟ, ଗ୍ରୀନ ପେପର ସିଲ, ୱେବ କାଷ୍ଟିଂ, ଭିଭିପାଟ ପରିଚାଳନା ଆଲୋଚନା ହୋଇଥିଲା। ନିର୍ବାଚନ ଖର୍ଚ୍ଚ ଉପରେ ନଜର ରଖିବା ସହିତ ନିର୍ବାଚନ ସମୟରେ ଆଇନ ଶୃଙ୍ଖଳା, ବେଆଇନ କାରବାର ଉପରେ ନଜର ରଖିବାକୁ ସ୍କ୍ୱାର୍ଡ ଗଠନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କର୍ମଚାରୀମାନେ ନିର୍ବାଚନ ଦାୟିତ୍ୱରୁ ଓହରିବାକୁ ମେଡିକାଲ ବୋର୍ଡ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଉଦ୍ଦେଶ୍ୟମୂଳକ ଭାବରେ ନିର୍ବାଚନ ଦାୟିତ୍ୱରୁ ଓହରିବାକୁ ଯେଉଁ ଅଧିକାରୀ କିମ୍ବା କର୍ମଚାରୀ ଉଦ୍ୟମ କରୁଥିବେ ଜଣାପଡିଲେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଜେ. ସୋନାଲ ସତର୍କ କରାଇ ଦେଇଥିଲେ। ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଜନ ମଦନ ମୋହନ ପାତ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ଅନିରୁଦ୍ଧ ପ୍ରଧାନ,ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଡେପୁଟି କଲେକ୍ଟର (ନିର୍ବାଚନ) ଶାଶ୍ୱତ ପ୍ରଧାନଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର, ଅତିରିକ୍ତ ତହସିଲଦାର, ସେକ୍ଟର ଅଫିସର, ପ୍ରିଜାଇଡିଂ ଅଫିସର,ଫ୍ଲାଇଂ ଅଫିସରମାନେ ଉପସ୍ଥିତ ଥିଲେ।



ବୌଦ୍ଧରେ ନିର୍ବାଚନ ପ୍ରସ୍ତୁତି ବୈଠକରେ ଅଧିକାରୀବୃନ୍ଦ।

## ସଂକ୍ଷେପରେ

### ନାବାଳିକା ଉଦ୍ଧାର, ଯୁବକ କୋର୍ଟ ଚାଲାଣ

**ଲହୁଣୀପଡା,୧୫।୩(ଦାଶରଥୀ ପଣ୍ଡା):** ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଅପହରଣ କରି ରାଜ୍ୟ ବାହାରେ ଲୁଚାଇ ରଖିଲେ। ପୋଲିସ କୌଣସି ସୂତ୍ରରୁ ଖବର ପାଇ ନାବାଳିକାଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଜିମା ଦେଇଛନ୍ତି। ପରେ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଲହୁଣୀପଡା ବ୍ଲକ ମହୁଲପଦା ପଞ୍ଚାୟତ ଅଞ୍ଚଳର ବିଭିନ୍ନ ଗ୍ରାମରେ ଅନେକ ଦିନ ଧରି ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଅଞ୍ଚଳର ଏମ୍‌ଡି ସଦିକ ଅଲ୍ଲୀ ଖାନ(୩୨) ରାଜ ମିସ୍ତ୍ରୀଭାବେ କାମ କରୁଥିଲେ। ଉକ୍ତ ଅଞ୍ଚଳର ଏକ ନାବାଳିକାଙ୍କୁ ସେ ଅପହରଣ କରିନେଇଥିବା ନାବାଳିକାଙ୍କ ପରିବାର ପକ୍ଷରୁ ମହୁଲପଦା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇବା ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା।

### କ୍ରିକେଟ୍: ଆରୱାଇସିସି ଚାମ୍ପିୟନ

**ରାଉରକେଲା,୧୫।୩(ଦିନେଶ ମିଶ୍ର):** ସେକ୍ଟର-୧୪ ସ୍ଥିତ ଦୁର୍ଗାପୂଜା ପଡିଆରେ ଆରୱାଇସିସି କ୍ଲବ ପକ୍ଷରୁ ଦ୍ୱିତୀୟ ହରମୋହନ ପ୍ରହରାଜ ମେମୋରିଆଲ କ୍ରିକେଟ୍ ଟି-୨୦ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ରାଉରକେଲା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ସମ୍ମାନିତ ଅତିଥିଭାବେ ଭକ୍ତିରଞ୍ଜନ ପୋଦ୍ଦାର, କମଲ ଅଗ୍ରୱାଲ, ତାପସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରଥିଲେ। ଫାଇନାଲ ମ୍ୟାଚ ଆରୱାଇସିସି ଦଳ ସହିତ ଝାରସୁଗୁଡା ପ୍ରୋଗ୍ରେସିଭ କ୍ଲବ ମଧ୍ୟରେ ଖେଳା ଯାଇଥିଲା। ଏଥିରେ ରାଉରକେଲା ଆରୱାଇସିସି ଦଳ ପ୍ରଥମେ ଟସ୍ ଜିତି ବ୍ୟାଟିଙ୍ଗ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୭୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଚିନ୍ମୟ ମିଶ୍ର ମାତ୍ର ୪୧ ବଲ ଖେଳି ସର୍ବାଧିକ ୬୫ ରନ ସଂଗ୍ରହ କରିଥିଲେ। ଝାରସୁଗୁଡା ଦଳ ପକ୍ଷରୁ ବୈଭବ କୁମାର ସିଂ ୪ ଓଭର ବୋଲିଂ କରି ୩୧ ରନ ଦେଇ ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଏହି ରନର ଲକ୍ଷ୍ୟକୁ ନେଇ ଝାରସୁଗୁଡା ପ୍ରୋଗ୍ରେସିଭ ଦଳ ୧୩୦ ରନ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ତାରିଣୀ ସା ସର୍ବାଧିକ ୩୮ ରନ କରିଥିଲେ। ଆରୱାଇସିସି ଦଳ ପକ୍ଷରୁ ଆଶିଷ ତିୱାରୀ ୪ଓଭର ବୋଲିଂ କରି ମାତ୍ର ୧୦ ରନ ଦେଇ ୨ଟି ଉଇକେଟ୍ ନେଇଥିଲେ। ଏଥିରେ ଚାମ୍ପିୟନ ଦଳକୁ ୩୧ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ ଦଳକୁ ୨୧ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ମ୍ୟାଚରେ ଚିନ୍ମୟ ମିଶ୍ରଙ୍କୁ ମ୍ୟାନ ଅଫ ଦ ମ୍ୟାଚ, ବେଷ୍ଟ ବୋଲର ଭାବେ ବୌଭବ୍ୟ ସିଂ ଓ ବେଷ୍ଟ ବ୍ୟାଟର ଭାବେ ଗଙ୍ଗା ହରିପାଲଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ମ୍ୟାନ ଅଫ ଦ ସିରିଜ ଭାବେ ରଜନୀ ସୂତାରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଫାଇନାଲ ମ୍ୟାଚକୁ ରାହୁଲ ଶର୍ମା ଓ ଅଜୟ ରାଉତ ଅମ୍ପିୟାର ଭାବେ ଯୋଗଦେଇ ପରିଚାଳନା କରଥିବାବେଳେ ପୁରୁ ପାଣ୍ଡିଆ ଓ ଜୟପ୍ରକାଶ ରନ ତଦାରଖ କରିଥିଲେ।

# ଧାନକିଣା ବିଳମ୍ବ, ଗୋଦାମକୁ ଆସୁନି ଚାଉଳ

- ଧାନ ସଂଗ୍ରହକୁ ୧୬ଦିନ ବାକି ରହିଲା
- ୧୮୦୦ ଚାଷୀଙ୍କ ଧାନ କିଣାଯାଇନି

**ରାଉରକେଲା,୧୫।୩ (ବିପ୍ଳବ ରଞ୍ଜନ ଦାଶ)**


ବିଶ୍ରା ଲ୍ୟାମ୍ପସରୁ ଧାନ ଉଠାଯାଉଛି।

ପାନପୋଷ କୃଷି ଜିଲାରେ ଖରିଫ ଧାନସଂଗ୍ରହ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହେଉଛି। ଧାନକିଣା ଅବଧି ଆଉ ମାତ୍ର ୧୬ଦିନ ବାକି ଥିବାବେଳେ ପଞ୍ଜୀକୃତ ଆହୁରି ୧୮ଶହ ଚାଷୀଙ୍କ ଧାନ କିଣାଯାଇପାରିନାହିଁ। ଗତ ୧୫ଦିନ ହେଲା ଲ୍ୟାମ୍ପସକୁ ଧାନ ଆସିବା ଏକରକମ ବନ୍ଦ ହୋଇଯାଇଛି। ତେବେ ଧାନକିଣାରେ ଶିଥିଳତାକୁ ଦେଖି ଯୋଗାଣ ବିଭାଗ ପକ୍ଷରୁ ସମବାୟ ବିଭାଗକୁ ନୋଟିସ ଜାରି କରାଯାଇଛି। ନୋଟିସରେ ଠିକ୍ ଭାବେ ଧାନକିଣା ନ ହେଲେ ଏହାକୁ ସ୍ଥଗିତ ରଖାଯିବ ବୋଲି କୁହାଯାଇଛି। ଅନ୍ୟପକ୍ଷେ ସମବାୟ ବିଭାଗ ପଞ୍ଜୀକୃତ ସମସ୍ତ ଧାନ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବାକୁ ଆପ୍ରାଣ ଉଦ୍ୟମ ଚଳାଇଛି।

ସୂଚନା ଅନୁସାରେ, ୨୦୨୩ ଡିସେମ୍ବର ୧୧ତାରିଖରୁ ୨୦୨୪ ମାର୍ଚ୍ଚ ମାସ ଶେଷ ଯାଏ ଖରିଫ ଋତୁ ଧାନକିଣା ପାଇଁ ସମୟ ଧାର୍ଯ୍ୟ କରାଯାଇଥିଲା। ୬୪୨୬ଜଣ ଚାଷୀ ଖରିଫ ଧାନ ବିକିବାକୁ ନାଁ ପଞ୍ଜୀକରଣ କରିଥିଲେ। ପାନପୋଷ କୃଷି ଜିଲାର ୧୩ଟି ପାକ୍ସ ତଥା ପିପିସି-ଲାଠିକଟା, ବୀରକେରା, ବିଶ୍ରା, ଭାଲୁଲତା, ରାୟବଗା, କୁଆଁରମୁଣ୍ଡା, ଜରେଇକେଲା, ସୋର୍ଡା, ହାତୀବାରୀ, ଟୁଆଗାଁ, ଖୁଟଗାଁ , ସରଙ୍ଗାବାହାଲ, ଟୁନମୁର ଏବଂ କଚାରୁ ଗାଁର ଇନ୍ଦ୍ରା ଓ ବିରଟା କାମଧେନୁ ଏସଏଚଜି ମାଧ୍ୟମରେ ପଞ୍ଜୀକୃତ ଚାଷୀ ଧାନ ବିକ୍ରି କରିବାର ଥିଲା। ମାତ୍ର ଏପର୍ଯ୍ୟନ୍ତ ୪୬୧୪ଜଣ ଧାନଚାଷୀଙ୍କଠାରୁ ୧ଲକ୍ଷ ୬୯ହଜାର ୨୮୧ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଆହୁରି ୧୮ଶହ ଚାଷୀଙ୍କ ଧାନ କିଣାଯିବାକୁ ରହିଛି। ତେବେ କିଣାଯାଉଥିବା ଧାନ ମାଁ ଦୁର୍ଗା, ରାଧା ଗୋପୀ, ଜୟ ଗୋସାଇଁ ଏବଂ ଜୟ ଜଗନ୍ନାଥ ଆଦି ୬ରାଇସ ମିଲକୁ ଚାଉଳ ପ୍ରସ୍ତୁତି ପାଇଁ ପଠାଯାଉଛି। ମାତ୍ର ପଞ୍ଜୀକୃତ ଚାଷୀଙ୍କ ଅନୁପାତରେ ନିର୍ଦ୍ଧାରିତ ଧାନ ରାଇସ ମିଲକୁ ଯୋଗାଇ ଦିଆ ଯାଉ ନ ଥିବାରୁ ସରକାରଙ୍କ ନିର୍ଦ୍ଧାରିତ ଚାଉଳ ଲଟ୍ ପୂରଣ ନେଇ ମିଲର୍ସମାନେ ମଧ୍ୟ ଚିନ୍ତାରେ ପଡିଛନ୍ତି। ସେହିପରି ଧାନକିଣା ଧିମାଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ପରିଚାଳିତ ଏଫସିଆଇର ୨ଟି ଗୋଦାମକୁ ଚାଉଳ ଲଟ୍ ଆସୁନାହିଁ। ସେହିପରି ରାଜ୍ୟ ସରକାରଙ୍କ ପରିଚାଳିତ ଗୋଦାମକୁ ଉକ୍ତ ରାଇସ ମିଲରୁ ମାତ୍ର ୨୨ହଜାର କୁଇଣ୍ଟାଲ ଚାଉଳ ଲଟ୍ ଆସିଥିବା ଜଣାପଡିଛି। ତେବେ ଯେଉଁ ଚାଷୀଙ୍କ ନାଁ ପଞ୍ଜୀକୃତ ହୋଇଛି ସେମାନଙ୍କ ମଧ୍ୟରୁ ବହୁ ଚାଷୀଙ୍କ ଧାନ ହାତୀ ଉପଦ୍ରବ ତଥା ବିଭିନ୍ନ କାରଣ ଯୋଗୁ ଅମଳ ନ ହେବା, ପଡ଼ୋଶୀ ଛତିଶଗଡ଼କୁ ଚୋରାଚାଲାଣ ହେବା, ଟୋକନ ଅବଧି ସରିଯିବା ଆଦି ଏହାର ପ୍ରମୁଖ କାରଣ ରହିଥିବା କୁହାଯାଉଛି।

ଏ ନେଇ ରାଉରକେଲା ସମବାୟ ସମିତି ମୁଖ୍ୟକେନ୍ଦ୍ର ସହାୟକ ଅଧିକାରୀ (ଏଆରସିଏସ୍) ବିକାଶ ମହନ୍ତଙ୍କୁ ପଚାରିବାରୁ ସେ କହିଲେ, ପାନପୋଷ କୃଷି ଜିଲାରେ ପଞ୍ଜୀକୃତ ହୋଇଥିବା ୬୪୨୬ ଜଣଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪୬୨୬ ଚାଷୀଙ୍କ ଧାନ କ୍ରୟ ହୋଇସାରିଛି। ଧାନକିଣା ନେଇ ଯୋଗାଣ ବିଭାଗ ପକ୍ଷରୁ ଏକ ନୋଟିସ ହୋଇଛି। ମାତ୍ର ଅନେକ ଚାଷୀଙ୍କ ଅମଳ ଧାନ ଲ୍ୟାମ୍ପସକୁ ଆସିନାହିଁ। ତେବେ କିଭଳି ମିଆଦ ସମୟରେ ବକେୟା ଚାଷୀଙ୍କ ଧାନ ଲ୍ୟାମ୍ପସକୁ ଆସିବ ସେ ଦିଗରେ ବିହିତ ପଦକ୍ଷେପ ନିଆଯିବ। ଗୁରୁବାର ବିଶ୍ରା ଲ୍ୟାମ୍ପସକୁ ୩୨୦ କୁଇଣ୍ଟାଲ ଧାନ ଆସିଥିବା ସେ କହିଥିଲେ। ଏ ସମ୍ପର୍କରେ କଲୁଙ୍ଗା ଲ୍ୟାମ୍ପସ ଅଧିକାରୀ ଗୁଣମଣି ଏକ୍କା କୁହନ୍ତି, ଛତିଶଗଡକୁ ସ୍ଥାନୀୟ ଚାଷୀଙ୍କ ଧାନ ବହୁମାତ୍ରାରେ ଛତିଶଗଡ଼କୁ ଯାଉଛି। ଏହାସହିତ ଅନେକ ପଞ୍ଜୀକୃତ ଚାଷୀ ବିଭିନ୍ନ କାରଣରୁ ଧାନ ଅମଳ ମଧ୍ୟ କରିନାହାନ୍ତି। ଏଣୁ ଧାନ ଆସୁନି ବୋଲି ସେ କହିଥିଲେ।

## ଏସ୍ଏଚ୍‌ଜି ମହିଳା ଗୋଷ୍ଠୀଙ୍କ ଧୂପକାଠି ମେଶିନ ଉଦ୍‌ଘାଟିତ

**ଲେଫ୍ରିପଡା,୧୫।୩(ଦେଶରଞ୍ଜନ ପଟେଲ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅଉଁଲାବାହାଲ ଗ୍ରାମରେ ଏସଏଚଜି ମହିଳା ଗୋଷ୍ଠୀଙ୍କ ଧୂପକାଠି ମେଶିନ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲେଫ୍ରିପଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅତସୀ ପରିଡା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଲେଫ୍ରିପଡା ଜିଲାପରିଷଦ ସଭ୍ୟା ଅଞ୍ଜଳୀ ଘୋଷ ଉପସ୍ଥିତ ଥିଲେ। ଏହି ଧୂପକାଠି ମେସିନଟି ଜିଲା ଶିଳ୍ପ କେନ୍ଦ୍ର ଜରିଆରେ ଏସଏଚଜି ମହିଳାଙ୍କୁ ଋଣ ମାଧ୍ୟମରେ ପ୍ରଦାନ କରାଯାଇଥିବା ବେଳେ ଧୂପକାଠି ତିଆରି ପାଇଁ ଆବଶ୍ୟକ କଞ୍ଚାମାଲ ଏବଂ ଉତ୍ପାଦିତ ସାମଗ୍ରୀର ବିକ୍ରି ବ୍ୟବସ୍ଥା ସୁନ୍ଦରଗଡ଼ର ପ୍ରଧାନ ଏଣ୍ଟରପ୍ରାଇଜେସ ଦ୍ୱାରା ୫ ବର୍ଷ ପର୍ଯ୍ୟନ୍ତ ଚୁକ୍ତିନାମା କରାଯାଇଥିବା ଜଣାପଡିଛି। ମିଶନ ଶକ୍ତି ସଂଯୋଜିକା ମନୋରମା ବର୍ମା, ସହ ସଂଯୋଜିକା ରେବତୀ ପଟେଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମବିକେ ସରୋଜିନୀ ଡିଲା ସିଆରପି ସୁରମା ପଟେଲ, ସୁସ୍ମିତା କଉଡ଼ି ପ୍ରମୁଖ ସହ ଏସଏଚଜି ମହିଳା ଗୋଷ୍ଠୀ ଭାଗ ନେଇଥିଲେ।

## ସମ୍ବଳ ଶକ୍ତିର ଅନୁକୂଳ ଉପଯୋଗ ହେବ

**ରାଉରକେଲା,୧୫।୩(ବିପ୍ଳବ ରଞ୍ଜନ ଦାଶ)**

**ଆର୍‌ଏସ୍‌ପି ଓ ମେସର୍ସ ଏମ୍-ଜଙ୍କସନ ମଧ୍ୟରେ ଚୁକ୍ତିନାମା**

ଆରଏସ୍‌ପି ସାମଗ୍ରୀ ପରିଚାଳନା ବିଭାଗ ସମ୍ମେଳନ କକ୍ଷରେ ୨୦ଲକ୍ଷ ଟଙ୍କା ଯାଏଁ ଏଣ୍ଡ-ଟୁ-ଏଣ୍ଡ କ୍ରୟ କରିବା ପାଇଁ ଆରଏସ୍‌ପି ଓ ମେସର୍ସ ଏମ୍-ଜଙ୍କସନ ସର୍ଭିସେସ ଲିମିଟେଡ ମଧ୍ୟରେ ଏକ ସେବାସ୍ତରୀୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଆରଏସପି, ଏମ୍-ଜଙ୍କସନ ମିଳିତ ପାରିଦର୍ଶିତା ଓ ବୈଷୟିକ ଜ୍ଞାନକୌଶଳରେ ପରିଚାଳନାଗତ ସମାଧାନରେ ଅଧିକ ଦକ୍ଷ, ବ୍ୟୟ ପ୍ରଭାବଶାଳୀ ଓ ଗ୍ରାହକ ସନ୍ତୁଷ୍ଟି ହାସଲ କରିବାର ଲକ୍ଷ୍ୟ ରହିଛି। ସେବା ସ୍ତରୀୟ ଚୁକ୍ତିନାମା ନେଇ ଆରଏସପି ତରଫରୁ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ସ୍ୱାକ୍ଷର କରିଥିବା ବେଳେ ଏମ-ଜଙ୍କସନର ମୁଖ୍ୟ ଇଏଏମ୍, ସେଲ ଏବଂ ସିଆଇଏଲ ସୁମନ ମଲ୍ଲିକ ସ୍ୱାକ୍ଷର କରିଥିଲେ। ଏ ନେଇ ଏସ୍‌ଏମ୍ ପର୍ଚ୍ଚେଜ ବିଭାଗର ସିଜିଏମ ଅନୀଲ କୁମାର, ଜିଏମ୍ ଇନଚାର୍ଜ କେ.ଏସ.ଭିର୍ଦ୍ଦି, ଜିଏମ୍ ଏସ. ଶ୍ରୀନିବାସନ, ଜିଏମ୍ ଆଲୋକ ବେହେରା, ଡିଜିଏମ୍ ମନିଷ ଦାସ, ଡେପୁଟି ମ୍ୟାନେଜର ଏସ୍.କେ ପାଠୀ, ଡେପୁଟି ହେଡ୍ ଇ.ଏ.ଏମ୍-ଏମ ଜଙ୍କସନ ଅରଜିତ ଘୋଷଙ୍କ ସମେତ ମେସର୍ସ ଜଙ୍କସନର ଗ୍ରୁପ୍ ମ୍ୟାନେଜର ଦିଲ୍ଲୀପ କର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସେବା ସ୍ତରୀୟ ଚୁକ୍ତିନାମା ପିଆର-ପିଓ ସୀମା ବୟସକୁ ଯଥେଷ୍ଟ ମାତ୍ରାରେ ହ୍ରାସ କରିବ ବୋଲି ଆଶା କରାଯାଉଛି। ଫଳରେ ସମ୍ବଳ ଉପଯୋଗ ଅନୁକୂଳ ହେବ ଏବଂ ଆରଏସପିର କାର୍ଯ୍ୟକ୍ଷମ ଉତ୍କର୍ଷତା ବଜାୟ ରଖିବା ପାଇଁ ଆବଶ୍ୟକ ସାମଗ୍ରୀର ଉଚିତ ସମୟରେ ଯୋଗାଣ ସୁନିଶ୍ଚିତ ହୋଇପାରିବ।

## ଆଇଜିଏଚ୍‌ରେ ବିଶ୍ୱ କିଡ୍‌ନୀ ଦିବସ ପାଳିତ

**ରାଉରକେଲା,୧୫।୩(ବିପ୍ଳବ ରଞ୍ଜନ ଦାଶ)**

ଆରଏସପି ପରିଚାଳିତ ଆଇଜିଏଚ୍ ପରିସରରେ ଆର୍ଟିଫିସିଆଲ କିଡ୍‌ନୀ ୟୁନିଟ୍ ବିଭାଗ ପକ୍ଷରୁ ରୋଗୀ ଶିକ୍ଷା କାର୍ଯ୍ୟକ୍ରମ ସହ ବିଶ୍ୱ କିଡ୍‌ନୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କିଡ୍‌ନୀ ରୋଗୀ ଏବଂ ସେମାନଙ୍କ ଦାୟିତ୍ୱରେ ଥିବା ବ୍ୟକ୍ତି ବିଶେଷଙ୍କୁ ସାମ୍ପ୍ରତିକ ଚିକିତ୍ସା ସମ୍ଭାବନା ସମ୍ପର୍କରେ ଅବଗତ କରାଯାଇଥିଲା। ଶହେରୁ ଉର୍ଦ୍ଧ୍ୱ କିଡ୍‌ନୀ ରୋଗୀ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ବିଭାଗର ସିଏମଓ ଡାକ୍ତର ଏନ. ପି. ସାହୁ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ସିଏମ୍‌ଓ ଡାକ୍ତର ଏଲ. କେ. ବିଶ୍ୱାଳ, ସିଏମ୍‌ଓ ଡାକ୍ତର ଜେ. ଆଚାର୍ଯ୍ୟ, ଅତିରିକ୍ତ ସିଏମ୍‌ଓ ଡାକ୍ତର କେ.ଏଲ ହେମ୍ବ୍ରମ ଉପସ୍ଥିତ ରହି ବିଶ୍ୱ କିଡ୍‌ନୀ ଦିବସର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ନେଫ୍ରୋଲୋଜିଷ୍ଟ ଡା. ସରୋଜ ରାଉତ ବିଶ୍ୱ କିଡ୍‌ନୀ ଦିବସର ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଏହାସହ ପଶ୍ଚିମ ଓଡ଼ିଶାବାସୀଙ୍କ ଉପଯୁକ୍ତ କିଡ୍‌ନୀ ଯତ୍ନ ଉପରେ ଆଇଜିଏଚ୍‌ର ପ୍ରତିବଦ୍ଧତାକୁ ଦୋହରାଇ ଥିଲେ ଏବଂ ଆଗାମୀ ଦିନରେ ରୋଗୀ ଶିକ୍ଷା କାର୍ଯ୍ୟକ୍ରମ ଆୟୋଜନ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଡାଏଲିସିସ ଅଧିବେଶନରେ ସିଷ୍ଟର ଅନୀତା ରାୟ ରୋଗୀ ସେବା ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ତାପସ ଦେ ଓ ରାଜେଶ ଘରୋଇ ଡାଏଲିସିସ ମେଶିନ ଉପରେ ବିବରଣୀ ଦେଇଥିଲେ। ପରେ କାର୍ଯ୍ୟକ୍ରମ ନେଇ ଅଙ୍ଗଦାନ ଓ କ୍ୟାଡଭେରିକ ପ୍ରତ୍ୟାରୋପଣ ସମ୍ପର୍କରେ ଆଲୋଚନା ହେବା ସହ କିଡ୍‌ନୀ ରୋଗ ଉପରେ ବିଜୟ ଲାଭ କରିଥିବା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ରିତୁ ସରକାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## କ୍ରିକେଟ ଚୟନ ପ୍ରକ୍ରିୟାରେ ପାତରଅନ୍ତର ହେଉଛି: ନଟରାଜ

**ରାଉରକେଲା, ୧୫।୩(ସଙ୍ଗୀତା ଜେନା)**


ନଟରାଜ ବେହେରା।

ରାଉରକେଲା କ୍ରିକେଟ୍ ଜିଲାରେ ଅନେକ ପ୍ରତିଭା ରହିଛନ୍ତି। ସେମାନଙ୍କୁ ପ୍ରୋତ୍ସାହିତ କରିବା ଓ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ଖେଳିବାକୁ ସୁଯୋଗ ଦେବା ଉଚିତ୍। ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲାର ଖେଳାଳିଙ୍କୁ ସୁଯୋଗ ନ ଦେଇ ଏକ ନିର୍ଦ୍ଦିଷ୍ଟ କ୍ଲବର ଖେଳାଳିଙ୍କୁ ସୁଯୋଗ ଦିଆଯାଉଛି। ଫଳରେ ପ୍ରକୃତ ପ୍ରତିଭାବାନ୍ ଖେଳାଳି କ୍ରିକେଟରୁ ବଞ୍ଚିତ ହେଉଛନ୍ତି। ଜିଲାରେ କ୍ରିକେଟ ଚୟନ ପ୍ରକ୍ରିୟାରେ ପାତରଅନ୍ତର ନୀତି ଅବଲମ୍ବନ କରାଯାଉଛି। ଶୁକ୍ରବାର ସେକ୍ଟର-୬ ହକି ଷ୍ଟାଡ଼ିୟମ୍ କ୍ରୀଡ଼ା ବିଭାଗକୁ ଆସିବା ଅବସରରେ ପୂର୍ବତନ ରଣଜୀ ଟ୍ରଫି କ୍ୟାପଟେନ୍ (ଇଷ୍ଟ ଜୋନ୍) ତଥା କଲିକତା ନାଇଟ୍ ରାଇଡର୍ ଖେଳାଳି ନଟରାଜ ବେହେରା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଥିଲେ, ରାଉରକେଲା କ୍ରିକେଟ ଜିଲାରୁ ଆନ୍ତଃ ଜିଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ (କଳାହାଣ୍ଡି କପ୍)ରେ ଚୟନ କମିଟି ଏକ ନିର୍ଦ୍ଦିଷ୍ଟ କ୍ଲବକୁ ପ୍ରାଥମିକତା ଦେଉଛି। ଉକ୍ତ କ୍ଲବର ଖେଳାଳିମାନେ ନିର୍ଦ୍ଦ୍ୱନ୍ଦ୍ୱରେ ଷ୍ଟେଟ୍ କ୍ୟାମ୍ପରେ ସୁଯୋଗ ପାଉଛନ୍ତି। ଅଥଚ ଅନ୍ୟ କ୍ଲବର ଖେଳାଳିମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ପ୍ରତ୍ୟାଖାନ କରାଯାଉଛି। ଫଳରେ ଖେଳାଳି ତାର ମନୋବଳ ହରାଉଛି। ଉକ୍ତ କ୍ରିକେଟ ଚୟନ ପ୍ରକ୍ରିୟା ଦାୟିତ୍ୱରେ ଥିବା ସଦସ୍ୟମାନେ ଦୀର୍ଘ ୧୦ ବର୍ଷ ହେଲା ରହିଛି। ସେମାନଙ୍କ ସ୍ଥାନରେ ଅନ୍ୟ ଜାତୀୟ ସ୍ତରର କ୍ରିକେଟ ଖେଳାଳିଙ୍କୁ ରଖାଯିବା ଉଚିତ। ଏହି ପରିପ୍ରେକ୍ଷୀରେ ସେ ପୂର୍ବାହ୍ନରେ ଆର୍‌ଏସ୍‌ପି ପ୍ରୋଟୋକଲ୍ ଇନଚାର୍ଜ ତଥା ଜିଏମ୍ ରାଜୀବ ବର୍ମାଙ୍କୁ ଭେଟିଥିଲେ। ଶନିବାର ସେ ଆର୍‌ଏସ୍‌ପି ସିଜିଏମ୍‌ଙ୍କୁ ଭେଟି ସମସ୍ତ ସମସ୍ୟା ଅବଗତ କରାଇବେ। ଆବଶ୍ୟକ ସ୍ଥଳେ ଆର୍‌ଏସ୍‌ପି ଡିଆଇସି ଓ କ୍ରୀଡ଼ା ମନ୍ତ୍ରୀଙ୍କୁ ମଧ୍ୟ ଭେଟି ଏ ସମ୍ପର୍କରେ ଅଭିଯୋଗ କରିବେ। ପୂର୍ବରୁ ଓଡ଼ିଶା କ୍ରିକେଟ ଆସୋସିଏଶନ ଏହି ଚୟନ ପ୍ରକ୍ରିୟା କରୁଥିଲା। ହେଲେ ବର୍ତ୍ତମାନ ଏହି କମିଟି ଏପରି ଅନିୟମିତତା କରୁଛି ବୋଲି ବେହେରା କହିଛନ୍ତି। ଅନ୍ୟପକ୍ଷେ ଅଭିଯୋଗ ସମ୍ପର୍କରେ ଜିଲା ଚୟନକର୍ତ୍ତାଙ୍କ ମତାମତ ମିଳିପାରିନାହିଁ।

## ହୃଷୀକେଶ ରାୟ ସ୍କୁଲର ବାର୍ଷିକୋତ୍ସବ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

**ରାଉରକେଲା,୧୫।୩(ବିପ୍ଳବ ରଞ୍ଜନ ଦାଶ)**

ମଧୁସୂଦନପାଲ୍ଲୀସ୍ଥିତ ହୃଷୀକେଶ ରାୟ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଶ୍ରା ବ୍ଲକ ଶିକ୍ଷାଧିକାରୀ ବେଣୁଧର ସ୍ୱାଇଁ ମୁଖ୍ୟ ଅତିଥି, ବିଦ୍ୟୁତ କଲୋନୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂ, କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟର ଗିରି ବାବୁ, ସିଆରସିସି ଦିପ୍ତୀ ପରିଡା, ପୂର୍ବତନ ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ମିଶ୍ର, ଅନ୍ୱେଷର ସଭାପତି ଆର୍ତ୍ତତ୍ରାଣ ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ଆବଶ୍ୟକତା ବିଷୟରେ ମାଗଦର୍ଶନ କରାଇଥିଲେ। ବିଦ୍ୟାଠାରୁ ବଡ ମହାରତ୍ନ ସଂସାରରେ କିଛିନାହିଁ ବୋଲି ସେ କହିଥିଲେ। ସିଆରସିସି ବିଦ୍ୟୁତ୍‌ଲତା ସୁତାର ମଞ୍ଚ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ରୂପାରାଣୀ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା, ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ମାଳତୀ ଚୌଧୁରୀ

**ରାଉରକେଲା, ୧୫।୩(ସଙ୍ଗୀତା ଜେନା)**



ଶ୍ରାଦ୍ଧବାର୍ଷିକୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ଦେଶର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନେଇଥିବା ମାଳତୀ ଚୌଧୁରୀ ସେବା, ତ୍ୟାଗ ଓ ପରାକାଷ୍ଠାର ସ୍ୱରୂପ ଥିଲେ। ତାଙ୍କ ସରଳ ଜୀବନଯାପନ ଶୈଳୀ ରାଜ୍ୟବାସୀଙ୍କ ମନରେ ଛାପ ଛାଡିଦେଇଛି। ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କୁ ଶିକ୍ଷିତ କରିବାରେ ସ୍ୱର୍ଗୀୟା ଚୌଧୁରୀଙ୍କ ଅନନ୍ୟ ପ୍ରୟାସ ଥିଲା। ସେ ଛାଡି ଯାଇଥିବା କାର୍ଯ୍ୟକୁ ପୂରଣ କରିବା ହିଁ ତାଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଶୁକ୍ରବାର ଜଗଦା ସ୍ଥିତ ଉତ୍କଳ ନବଜୀବନ ମଣ୍ଡଳ ପରିସରରେ ଅନୁଷ୍ଠିତ ମାଳତୀ ଚୌଧୁରୀଙ୍କ ୨୬ତମ ଶ୍ରାଦ୍ଧ ବାର୍ଷିକୀ ସଭାରେ ଅତିଥିମାନେ ଏଭଳି ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ ମୁଖ୍ୟଅତିଥି, ତ୍ରିଲୋଚନ ପଣ୍ଡା, ପ୍ରମୋଦ ଦାସ, ଶୈଳେନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଆବାହିକା ସୁନନ୍ଦା ବରାଳ ଓ ଲକ୍ଷ୍ମୀଧର ନାୟକଙ୍କ ତତ୍ତ୍ୱାବଧାନରେ ସାଧାରଣ ସମ୍ପାଦକ ତଥା ଶ୍ରମିକ ନେତା ବୈଦ୍ୟନାଥ ଦାସ କହିଲେ, ମହିଳା ଓ ଶିଶୁମାନଙ୍କୁ ପ୍ରୋତ୍ସାହନ ଦେଉଥିଲେ ମାଳତୀ ଦେବୀ। ସେଥିରେ ସେ ସମାଜ ପରିବର୍ତ୍ତନର ସ୍ୱପ୍ନ ଦେଖୁଥିଲେ। ତାଙ୍କ ସ୍ଥାନ କେହି ମଧ୍ୟ ପୂର୍ଣ୍ଣ କରିପାରିବେ ନାହିଁ ବୋଲି ଦାସ କହିଥିଲେ। ସଞ୍ଜୀବ ମହାନ୍ତି ମଞ୍ଚ ସଂଯୋଜନା କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଦ୍ୱାରା ପରିଚାଳିତ ମହିଳା ସ୍ୱାବଲମ୍ବନ ଯୋଜନା ସିଲେଇ ପ୍ରଶିକ୍ଷଣ କେନ୍ଦ୍ରର ୭ମ ବ୍ୟାଚ୍‌ର ୨୫ ଜଣ ମହିଳା ଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ବୀଣାପାଣି ପଟ୍ଟନାୟକ, ପ୍ରଭାତ ମହାନ୍ତି, ଆଦିତ୍ୟ ତ୍ରିପାଠୀ, ଭଗବାନ ପଣ୍ଡା, ରୁବି ପଣ୍ଡା, ନିରୁପମା ବେହେରା, କୁନ୍ତଳା ମହାପାତ୍ର, ସୁଷମା ମହାପାତ୍ର, ପ୍ରଶାନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଦୃଢ଼ମନା ହେଲେ ଅସମ୍ଭବ ସମ୍ଭବ ହେବ

**ରାଉରକେଲା,୧୫।୩(ବିପ୍ଳବ ରଞ୍ଜନ ଦାଶ)**



ମହିଳା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲାର ଅଗ୍ରଣୀ ମହିଳା ଅନୁଷ୍ଠାନ 'ନାୟିକା' ପକ୍ଷରୁ ସେକ୍ଟର-୫ସ୍ଥିତ ଆଦର୍ଶ ସାହିତ୍ୟ ଘର ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଛି। ଅନୁଷ୍ଠାନର ଉପସଭାପତି ଡଲିରାଣୀ ବ୍ରହ୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁଶ୍ରୀ ଶର୍ମିଷ୍ଠା କବି ଶତପଥି ଯୋଗଦେଇ ମହିଳାଙ୍କ ଜୀବନଶୈଳୀ କିପରି ହେବା କଥା ଓ ମହିଳା ସମାଜ କିପରି ଆଗକୁ ବଢ଼ିପାରିବେ ସେ ନେଇ ଆଲୋଚନା କରିଥିଲେ। ସମ୍ମାନୀତ ଅତିଥି ଭାବେ ମୁବାଳା ପାଢ଼ୀ ମହିଳା ସମାଜ ମନୋବଳକୁ ଦୃଢ କଲେ ସବୁକିଛି କରିପାରିବେ ବୋଲି କହିଥିଲେ। ସଭାମୁଖ୍ୟ ଡଲିରାଣୀ ବ୍ରହ୍ମା ଶିକ୍ଷା, ସଂସ୍କାର, ଶୃଙ୍ଖଳା ସହିତ ସଚେତନ ହୋଇ କାମ କଲେ ନିଜ ପରିବାର ଓ ଦେଶର ଉନ୍ନତି କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦିକା କନକଲତା ଦାସ ଅନୁଷ୍ଠାନର ବାର୍ଷିକ ବିବରଣୀ ସହିତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ କିପରି ଆଗକୁ ବଢ଼ିପାରିବେ ତାହା ଉପରେ ମତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟା ସ୍ନେହଲତା ପଟ୍ଟନାୟକଙ୍କୁ ମାନପତ୍ର, ଉତ୍ତରୀୟ ସହ ସ୍ମୃତିସନ୍ତକ ପ୍ରଦାନ କରାଯାଇଥିଲା। ସେହିପରି ଲେଖିକା ଡଲିରାଣୀ ବ୍ରହ୍ମାଙ୍କୁ ସ୍ୱର୍ଗତା ସୁଷମା ମିଶ୍ରଙ୍କ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହସମ୍ପାଦିକା ପୂର୍ଣ୍ଣିମା ପଣ୍ଡା, ମମତା ସାମନ୍ତରାୟ ଏବଂ ଅରୁନ୍ଧତୀ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କବିତା ଲିଖନରେ କ୍ୟୁରିନ୍ ଦାସ, ସୁନିତା ମହାରଣା, ମେଘା ପାଲ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ, ଗଳ୍ପ ଲିଖନରେ ଇତିଶ୍ରୀ ଦାସ, ମାନସୀ ତାଣ୍ଡିଆ ଓ ଗୀତା ତନ୍ତୀ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପାଇଥିଲେ। ନିରୁପମା ମିଶ୍ର ଓ ମିନତୀ ମହାନ୍ତି ନାରୀ ଜାଗରଣ ଉପରେ ବକ୍ତବ୍ୟ ରଖିଥିଲେ। ସଦସ୍ୟା ସସ୍ମିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କଲ୍ୟାଣୀ ଦାସ, ନିରୁପମା ମିଶ୍ର, ରୀନା ମହାନ୍ତି, ମାଳତୀ ସୂତାର, ରୁନୁ ବେକ୍, ରୀତା ଦାଶ, ରୀନା ସୁନା, କଲ୍ୟାଣୀ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ସ୍ୱୟଂ ସହାୟକ ମହିଳା ଏଥିରେ ଅଂଶଗ୍ରହଣ କରିଥିଲେ।

## ସଂକ୍ଷେପରେ

### ବଡ଼ଚହଟାପଦାରେ ଅଷ୍ଟପ୍ରହର ନାମଯଜ୍ଞ

ନାକଟିଦେଉଳ,୧୫।୩(ବୈକୁଣ୍ଠନାଥ ସାହୁ) ନାକଟିଦେଉଳ ବ୍ଲକ ଶିମିଳିପାଳ ଗ୍ରା.ପ. ଅନ୍ତର୍ଗତ ବଡ଼ଚହଟାପଦାଠାରେ ୩ ଦିନ ଧରି ଚାଲିଥିବା ୧୬ତମ ବିଶ୍ୱଶାନ୍ତି ଅଷ୍ଟପ୍ରହର ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୧୩ତାରିଖ ସକାଳୁ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ଆସି ଯଜ୍ଞମଣ୍ଡପରେ ସ୍ଥାପନା କରିଥିଲେ। ଗୁରୁବାର ସକାଳଠାରୁ ନାମ ଆରମ୍ଭ ହୋଇଥିବା ବେଳେ ବୈଦିକ ରୀତିନୀତିରେ ହୋମ ଓ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ନାମଯଜ୍ଞରେ ଚରଡ଼ପଶି ଗ୍ରାମର ବିଜୟ କୁମାର ସାହୁ ଓ ତାଙ୍କ ସ୍ତ୍ରୀ ଦୁଶିଳା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ନାମଯଜ୍ଞରେ ଆଖପାଖ ଅଞ୍ଚଳରୁ ସମୁଦାୟ ୧୭ଟି ସଂକୀର୍ତ୍ତନ ଦଳ ଯୋଗଦେଇ ନାମ ପରିବେଷଣ କରିଥିଲେ। ଶୁକ୍ରବାର ସକାଳେ ଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ଯଜ୍ଞ କମିଟି ସଭାପତି ବାସୁଦେବ ସ୍ୱାଇଁ, ସମ୍ପାଦକ ଶଙ୍କର୍ଷଣ ସାହୁ, ଉପଦେଷ୍ଟା ବିଶ୍ୱାମିତ୍ର ପ୍ରଧାନ, ସଭ୍ୟ ପଳଉ ମାଝି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚରଡ଼ପଶି, ମାଝିପାଳ, କାଉଁଶିପାଳ, ଶରଧାପୁର, ଶିମିଳିପାଳ, କାଦୋବାହାଳ, ଲୁସୁରା, ବନ୍ଧୁପାଲି ଗ୍ରାମବାସୀଙ୍କ ସହଯୋଗରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା।

### ଓଡ଼ିଆ ଭାଷା ଲୋକାଭିମୁଖୀ କରିବାକୁ ଆହ୍ୱାନ

ସମ୍ବଲପୁର,୧୫।୩(ପ୍ରମୋଦ ବହିଦାର): ବୁର୍ଲା ଏନ୍‌ଏସି ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ସୁବନ୍ଦିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡ. ଦ୍ୱାରିକା ନାଥ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାକୁ ଅଧିକ ଲୋକାଭିମୁଖୀ କରିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ପ୍ରବଚକ ଓ ଅର୍ଥନୈତିଜ୍ଞ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ଭାଷାର ପ୍ରୟୋଗକୁ ଗୁରୁତ୍ୱ ଦେଇଥିଲେ। ଏଥିରେ ସମ୍ମାନିତ ବକ୍ତାଭାବେ ଯୋଗଦେଇ ଖବରଦାତା ତଫିଜୁଲ ହୋସେନ, ଅଧ୍ୟକ୍ଷା ସୁବନ୍ଦିତା ମିଶ୍ର ପ୍ରମୁଖ ନିଜନିଜ ବକ୍ତବ୍ୟରେ ଓଡ଼ିଆ ଭାଷାର ବିକାଶ ଓ ପ୍ରସାରର ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ଜ୍ୟୋତିରଞ୍ଜନ ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଅଧ୍ୟାପକ ଘନଶ୍ୟାମ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ଶ୍ରୀମଦ୍ ଭାଗବତ ଜାଗରଣ ମହୋତ୍ସବ

ସମ୍ବଲପୁର,୧୫।୩(ପ୍ରମୋଦ ବହିଦାର): ଧନକଉଡ଼ା ଭାଗବତ ମଞ୍ଚ ପକ୍ଷରୁ ଭାଗବତ ଜାଗରଣ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ବାସୁଦେବପୁର ଭାଗବତ ମହାମଞ୍ଚ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସଭାପତି ତପନ ବାବା ଓ ତାଙ୍କ ସହଯୋଗୀ ଯୋଗଦାନ କରିଥିଲେ। ଖବରଦାତା ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାପ୍ରଭୁ ଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପଣ୍ଡିତ ମହେନ୍ଦ୍ର ପୂଜାରୀ ବେଦପାଠ କରିଥିଲେ। ଏହି ଅବସରରେ ସହରର ଭାଗବତ ପ୍ରେମୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ସେହିପରି କୀର୍ତ୍ତନ ମଣ୍ଡଳୀ ଶ୍ରୀମଦ୍ ଭାଗବତ ପ୍ରଭୁଙ୍କୁ ଏକ ପଟୁଆରରେ ଗ୍ରାମ ପରିକ୍ରମା କରାଇ ଏକ ଅସ୍ଥାୟୀ ଭାଗବତ ଟୁଙ୍ଗିରେ ସ୍ଥାପନ କରିଥିଲେ। ତେବେ ଏଠାରେ ଏକ ସ୍ଥାୟୀ ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ସରକାରଙ୍କ ନିକଟରେ ଦାବି କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଅଭିମନ୍ୟୁ ସାହୁ, ରୁଦ୍ରମଣୀ ସାହୁ, କାମିନୀ ମୋହନ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।

# ଘୁନଘୁଟିପଡ଼ା ବିସ୍ଥାପିତଙ୍କ ଆନ୍ଦୋଳନ ୬୬ ଦିନରେ

ସମ୍ବଲପୁର,୧୫।୩ (ଭବାନୀ ଶଙ୍କର ଭୋଇ) ଚାରିଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଘୁନଘୁଟିପଡ଼ାବାସୀଙ୍କ ଧାରଣା ୬୬ ଦିନରେ ପହଞ୍ଚିଛି। ପଡ଼ାବାସୀ ଛୁଆପିଲା ଧରି ଧାରଣାରେ ବସିଛନ୍ତି। ସମଲେଇ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇଥିବା ୨୪୪ ପରିବାରକୁ ସରକାରୀ ନିୟମ ଅନୁସାରେ ଧାର୍ଯ୍ୟ କ୍ଷତିପୂରଣ ସହ ୬୪୦ ବର୍ଗଫୁଟ ଜମି ପ୍ରଦାନ କରାଯାଇଛି। ତେବେ କ୍ଷତିପୂରଣ ପ୍ରଦାନରେ ଅସମାନତା ଅଭିଯୋଗ କରି ପଡ଼ାବାସୀ ଗତ ଜାନୁଆରୀ ୧୦ରୁ ଜିଲାପାଳଙ୍କ ଅଫିସ ଆଗରେ ଆନ୍ଦୋଳନ ଆରମ୍ଭ କରିଥିଲେ।

୧୦ଲକ୍ଷ ଟଙ୍କା କ୍ଷତିପୂରଣ, ମାସିକ ୧୨ ହଜାର ଟଙ୍କା ପ୍ରଦାନ, ଘର ସାମଗ୍ରୀ ପରିବହନ ବାବଦକୁ ୧ ଲକ୍ଷ ଟଙ୍କା ପ୍ରଦାନ ଓ ଘୁନଘୁଟି ପଡାର ବାଦ ପଡିଥିବା ୨୮ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଆନ୍ଦୋଳନକାରୀ ଦାବିକରୁଛନ୍ତି। ସେମାନଙ୍କ ଅଭିଯୋଗକ୍ରମେ ବିସ୍ଥାପିତ ଦଳିତ ପରିବାରଙ୍କୁ ଗୃହ ନିର୍ମାଣ ସହାୟତା ରାଶି ୩ ଲକ୍ଷ ଦିଆଯାଇଥିବାବେଳେ ଅନ୍ୟମାନଙ୍କୁ ୨୦ ଲକ୍ଷ ଟଙ୍କା ଦିଆଯାଇଛି। ପୁଣି ଦଳିତ ପରିବାରକୁ ସାମଗ୍ରୀ ନେବାଆଣିବା ନିମନ୍ତେ ପରିବହନ ଖର୍ଚ୍ଚ ୧୦ ହଜାର ଟଙ୍କା ଦିଆଯାଇଥିବା ବେଳେ ଅନ୍ୟମାନଙ୍କୁ ୧ ଲକ୍ଷ ଟଙ୍କା ଦିଆଯାଇ ପାତରଅନ୍ତର କରାଯାଇଛି।


ଜିଲାପାଳ କାର୍ଯ୍ୟାଳୟ ଆଗରେ ଧାରଣାରତ ପଡାବାସୀ ।

ସେହିପରି ଦଳିତ ପରିବାରଙ୍କୁ ୬ ମାସର ଘରଭଡ଼ା ବାବଦକୁ ମାତ୍ର ୧୫ ହଜାର ଓ ଅନ୍ୟମାନଙ୍କୁ ୧ଲକ୍ଷ ୪୪ ହଜାର ଟଙ୍କା ଏବଂ ଥଇଥାନ ବେଳେ ଦଳିତ ପରିବାରଙ୍କୁ ୬୪୦ ବର୍ଗଫୁଟ ଓ ଅନ୍ୟ ବିସ୍ଥାପିତମାନଙ୍କୁ ୧୨୦୦ ବର୍ଗଫୁଟ୍ ଜମି ଯୋଗାଇ ଦିଆଯାଇଛି। ତେବେ ୨୪୪ ପରିବାରକୁ କ୍ଷତିପୂରଣ ପ୍ରଦାନ ପରେ ଅସମାନତା ଅଭିଯୋଗ କରି ଆନ୍ଦୋଳନ ଜାରି ରଖିଥିବା ଘୁନଘୁଟିପଡା ବାସିନ୍ଦାଙ୍କୁ ନେତାଠାରୁ ଅଧିକାରୀ ପର୍ଯ୍ୟନ୍ତ ଭେଟି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇସାରିଛନ୍ତି। ହେଲେ ଦୁଇମାସରୁ ଅଧିକ ସମୟ ବିତିବା ପରେ ବି ସେମାନଙ୍କ ଦାବି ପୂରଣ ହୋଇପାରି

**ନିର୍ବାଚନ ଆଚରଣ ବିଧି ଲାଗୁ ପରେ ଭବିଷ୍ୟତ ଅନିଶ୍ଚିତ**

ନାହିଁ। ଏପରି କି ଏବେ ନିର୍ବାଚନ ପାଖେଇ ଆସୁଥିବା ବେଳେ ତାଙ୍କ ସହ ସକାରାତ୍ମକ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ କେହି ଚେଷ୍ଟା କରୁ ନ ଥିବା ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ତେବେ ଶନିବାର ନିର୍ବାଚନ କମିଶନରଙ୍କ ପକ୍ଷରୁ ନିର୍ବାଚନ ତାରିଖ ଘୋଷଣା ହେବା ନେଇ ସୂଚନା ପାଇବା ପରେ ଖରା, ବର୍ଷା, ଶୀତରେ ଆନ୍ଦୋଳନ ଚଳାଇଥିବା ପଡ଼ାବାସୀଙ୍କ ଦାବି ପୂରଣ ଆଶା ମଉଳିବାରେ ଲାଗିଛି। ଆଚରଣବିଧି ଲାଗୁ ହେବା ପରେ ସରକାର କିମ୍ବା ପ୍ରଶାସନିକ ଅଧିକାରୀ ସୀମିତ ହୋଇଯାଉଥିବାରୁ ଆଗକୁ କେହି ଆଲୋଚନା କରି ତାଙ୍କର ଦାବି ପୂରଣ କରିବା ଦିଗରେ ଯତ୍ନବାନ ହେବେନାହିଁ ବୋଲି ଆଶଙ୍କା କରିଛନ୍ତି। ତେବେ ଘୁନଘୁଟିପଡାରୁ ବିସ୍ଥାପିତ ପରିବାର ନିର୍ବାଚନ ସମୟରେ ଭୋଟ ଜରିଆରେ ଜବାବ ଦେବେ ବୋଲି ନିରାଶ ହୋଇ କହିଛନ୍ତି।

# ଖବରଦାତାଙ୍କ ପାଇଁ ପେନ୍‌ସନ୍ ସ୍କିମ୍ ଲାଗୁ ହେଉ

ସମ୍ବଲପୁର,୧୫।୩ (ଭବାନୀ ଶଙ୍କର ଭୋଇ) ଖବରଦାତାଙ୍କ ପାଇଁ ପେନ୍‌ସନ୍ ସ୍କିମ୍ ଲାଗୁ ସହ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ମହାରାଷ୍ଟ୍ର ଓ ଛତିଶଗଡ ସରକାର ଖବରଦାତା ସୁରକ୍ଷା ଆଇନ ପ୍ରଣୟନ କରିଛନ୍ତି। ସେହିପରି କର୍ଣାଟକ, ମଧ୍ୟପ୍ରଦେଶ, ପଞ୍ଜାବ, ମହାରାଷ୍ଟ୍ର, ହରିୟାଣା, ଅରୁଣାଚଳ ପ୍ରଦେଶ, କେରଳ ଏବଂ ପଶ୍ଚିମବଙ୍ଗ ଭଳି ୧୭ ରାଜ୍ୟରେ ଖବରଦାତାଙ୍କୁ ପେନ୍‌ସନ୍ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ଏହି ରାଜ୍ୟଗୁଡିକ ମଧ୍ୟରୁ କେତେକ ରାଜ୍ୟ ପେନ୍‌ସନ୍ ପରିମାଣ ବୃଦ୍ଧି କରିବାକୁ ଘୋଷଣା କରିସାରିଛନ୍ତି। ଏପରି କି ତ୍ରିପୁରା ଭଳି ଏକ କ୍ଷୁଦ୍ର ରାଜ୍ୟ ମଧ୍ୟ ଅବସରପ୍ରାପ୍ତ ଖବରଦାତାଙ୍କୁ ମାସକୁ ୧୦ହଜାର ଟଙ୍କା ପେନ୍‌ସନ ପ୍ରଦାନ କରୁଛି। ଓଡ଼ିଶାର ଅନେକ ଖବରଦାତା ଅବସର ପରେ ଦୁଃଖଦ ଜୀବନ ବିତାଉଛନ୍ତି। ଖବରଦାତାମାନେ ଅନେକ ସମୟରେ ନିଜ ଜୀବନକୁ ବିପଦରେ ପକାଇ କାମ କରୁଛନ୍ତି। ତେଣୁ ରାଜ୍ୟର ଖବରଦାତାଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ଶିଘ୍ର ସେମାନଙ୍କ ପାଇଁ ପେନ୍‌ସନ୍ ସ୍କିମ୍ ଓ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ପାଇଁ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ ସଭାପତି ସୁବାସ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କଠାରେ ଦାବି କରିଛନ୍ତି।

# ଜିଏମ୍‌ୟୁରେ ବାର୍ଷିକ କ୍ରୀଡ଼ା ଉତ୍ସବ



ଚାମ୍ପିୟନ ଛାତ୍ରୀଛାତ୍ରଙ୍କ ସହ କୁଳପତି, ଉପକୁଳସଚିବ ଓ ଅନ୍ୟମାନେ।

ସମ୍ବଲପୁର,୧୫।୩(ପ୍ରମୋଦ ବହିଦାର): ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୮ମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡ଼ାର ଭୂମିକା ଉପରେ ଆଲୋଚନା କରିଥିଲେ। କ୍ରୀଡ଼ା ପରିଷଦ ନିର୍ଦ୍ଦେଶିକା ଡ. ନମିତା ଷଡ଼ଙ୍ଗୀ ବିବରଣୀ ପାଠ କରିଥିଲେ। ପ୍ରତିଯୋଗିତାରେ ଓଡ଼ିଆ ବିଭାଗ ଛାତ୍ରୀ ରଚନା ନାୟକ ଓ ଅର୍ଥନୀତି ବିଭାଗ ଛାତ୍ର ରଞ୍ଜନ ଗୁଡ଼ିଆ ଯଥାକ୍ରମେ ମହିଳା ଓ ପୁରୁଷ ବର୍ଗର ଚାମ୍ପିୟନ ଭାବେ ପୁରସ୍କୃତ ହୋଇଥିଲେ। ଶେଷରେ କ୍ରୀଡ଼ା ପରିଷଦ ସଦସ୍ୟ ଡ. ରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାକୁ ମାନେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ସରସ୍ୱତୀ ବାରିକ, ସମଲେଶ୍ୱରୀ ମହାବିଦ୍ୟାଳୟର ଆନନ୍ଦ ଚନ୍ଦ୍ର ପତି, ଜିଲା ସ୍କୁଲର ଅନିଲ ସାହୁ ପ୍ରମୁଖ ଖେଳ ଶିକ୍ଷୟତ୍ରୀ ଓ ଶିକ୍ଷକ ପରିଚାଳନା କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ୩୫୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ପ୍ରାୟ ୨୪ଟି ବିଭାଗରେ ସେମାନଙ୍କ କ୍ରୀଡ଼ା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ।

# କୁଚିଣ୍ଡାରେ ଆନ୍ତଃ କଲେଜ ନେତୃତ୍ୱ ପ୍ରଶିକ୍ଷଣ ଶିବିର

କୁଚିଣ୍ଡା,୧୫।୩(ବିରଞ୍ଚି ଦର୍ଜୀ) କୁଚିଣ୍ଡା କଲେଜରେ ଜାତୀୟ ସେବା ଯୋଜନା ପକ୍ଷରୁ ୩ ଦିନ ଧରି ଚାଲିଥିବା ଆନ୍ତଃ କଲେଜ ନେତୃତ୍ୱ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧୀନ ସମ୍ବଲପୁର, ଦେବଗଡ଼ ଓ ଝାରସୁଗୁଡ଼ା ଜିଲାର ୧୫ ମହାବିଦ୍ୟାଳୟର ୧୧୫ ସ୍ୱେଚ୍ଛାସେବୀ ଓ ପ୍ରୋଗ୍ରାମ ଅଫିସର ଯୋଗଦେଇଥିଲେ। ଶିବିରରେ ସ୍ୱଚ୍ଛତା, ଭୋଟର ସଚେତନତା, ସ୍ୱାସ୍ଥ୍ୟ ସଚେତନତା, ଦେଶପ୍ରେମ, ରାଷ୍ଟ୍ର ଗଠନ, ଯୁବସମାଜ ତଥା ବ୍ୟକ୍ତିତ୍ୱ ବିକାଶକୁ ଗୁରୁତ୍ୱ ଦେଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଏହାସହ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। କୁଚିଣ୍ଡା କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ମୁଖ୍ୟ ଅତିଥି, ସହକାରୀ ଜିଲାପାଳ ଭାସ୍କର ଚନ୍ଦ୍ର ବେହେରା, ପରିଚାଳନା କମିଟି ସଦସ୍ୟ କୌଶିକା ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜାତୀୟସ୍ତରର କଳା ଉତ୍ସବରେ ଦ୍ୱିତୀୟ ସ୍ଥାନ ଅଧିକାର


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

କରିଥିବା ଆଶୀର୍ବାଦ ମହାନ୍ତି, ବାମଣ୍ଡା ଅଞ୍ଚଳର କୁସୁମର ସ୍ରଷ୍ଟା କୁସୁମ ମହାକୁଳ, ସଂଯୋଜିକା ମିତା ବେହେରା, ରାଜ୍ୟ ପୁରସ୍କାରପ୍ରାପ୍ତ ସ୍ୱେଚ୍ଛାସେବୀ ସୌମ୍ୟରଞ୍ଜନ ପଟେଲଙ୍କୁ ପ୍ରଶଂସାପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। କୁଚିଣ୍ଡା ବାଳକ ଉଚ୍ଚ ବିଦ୍ୟାଳୟର ଷଷ୍ଠଶ୍ରେଣୀ ଛାତ୍ର ବିଶାଳ ତିୱାରୀ ସ୍ୱଳ୍ପ ବୟସରୁ ଝାଲମୁଢ଼ି ବିକ୍ରିକରି ପରିବାର ପ୍ରତିପୋଷଣ କରୁଥିବାରୁ ସ୍ୱତନ୍ତ୍ର ଭାବେ ଏନ୍‌ଏସ୍‌ଏସ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଶିବିରରେ ଅଂଶଗ୍ରହଣ କରିଥିବା କୁଚିଣ୍ଡା ମହାବିଦ୍ୟାଳୟର ୧୪ ଛାତ୍ରୀଛାତ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା ପରିଚାଳନା କରିଥିବା ବେଳେ କେଶାଇବାହାଲ କଲେଜ ପ୍ରୋଗ୍ରାମ ଅଫିସର ବିନୋଦ ବିହାରୀ ପୃଷେଠ ଧନ୍ୟବାଦ ଅର୍ପଣ କରିଥିଲେ। ୧ନମ୍ବର ଗ୍ରୁପ୍‌ରେ ମହାନଦୀ ଶ୍ରେଷ୍ଠ ଦଳ ହୋଇଥିବା ବେଳେ ଦେବଗଡ଼ କଲେଜର ମନଦୀପ ସିଂ, କେଶାଇବହାଲ କଲେଜର ଖୁସି ଦାଶଭାୟା ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ମନୋନୀତ ହୋଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଧ୍ୟାପିକା ମଞ୍ଜୁଶ୍ରୀ ସାହୁ, ରତୁପର୍ଣ୍ଣା ନାଏକ, ମଞ୍ଜୁଶ୍ରୀ ଦାସ, ମେନକା ନାଏକ, ଅଧ୍ୟାପକ ଦିବ୍ୟ ନାଗ, ମହାଦେବ ମେହେର, ପୁରାତନ ଛାତ୍ର ସଂସଦ ସମ୍ପାଦକ ବାବୁନି ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### କୁଚିଣ୍ଡା ସାମ୍ବାଦିକ ୟୁନିୟନ ପକ୍ଷରୁ ପ୍ରତିବାଦ ଦିବସ

କୁଚିଣ୍ଡା,୧୫।୩(ବିରଞ୍ଚି ଦର୍ଜୀ) ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ସହ ସାମାଜିକ ନିରାପତ୍ତା ଓ ପେନ୍‌ସନ୍ ଦାବିରେ କୁଚିଣ୍ଡା ସାମ୍ବାଦିକ ୟୁନିୟନ ପକ୍ଷରୁ ଶୁକ୍ରବାର ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଦିବସ ପାଳନ କରାଯାଇଛି। ୟୁନିୟନ ସଭାପତି ବିରଞ୍ଚି ଦର୍ଜୀଙ୍କ ନେତୃତ୍ୱରେ ସମସ୍ତେ କଳାବ୍ୟାଜ୍ ପରିଧାନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରି ପ୍ରତିବାଦ ଜଣାଇଥିଲେ। ସରକାର ତୁରନ୍ତ ଖବରଦାତାଙ୍କ ଉପରୋକ୍ତ ଦାବି ଉପରେ ପଦକ୍ଷେପ ନେବାକୁ ନାରାବାଜି ଦେଇଥିଲେ। ପରେ କୁଚିଣ୍ଡା ଉପଜିଲାପାଳ ହେମସାଗର ଭୋଇଙ୍କୁ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଦୀର୍ଘ ଦିନରୁ ଅଚଳ ହୋଇ ରହିଥିବା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ସଚଳ କରିବାକୁ ୟୁନିୟନ ପକ୍ଷରୁ ଦାବି କରାଯାଇଥିଲା। ଉପଜିଲାପାଳ ଭୋଇ ଏହାକୁ ଗୁରୁତର ସହ ଗ୍ରହଣ କରି ସୂଚନା ଅଫିସ ମରାମତି କାର୍ଯ୍ୟ ଚାଲିଥିବାରୁ କାମ ସରିବା ପର୍ଯ୍ୟନ୍ତ ଉପଜିଲାପାଳଙ୍କ ଅଫିସ ପରିସରରେ ଏକ ଅସ୍ଥାୟୀ ଅଫିସ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସାମ୍ବାଦିକ ୟୁନିୟନ ସଭାପତି ପ୍ରଭାତ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସଞ୍ଜୟ ମିଶ୍ର, କୁଚିଣ୍ଡା ୟୁନିୟନ ସାଧାରଣ ସମ୍ପାଦକ ତନୟ ମହାପାତ୍ର, କୋଷାଧ୍ୟକ୍ଷ ସୁଧିର ମହାନ୍ତି, ସଭ୍ୟ ଦୀନେଶ ନନ୍ଦ, ପ୍ରକାଶ ଶର୍ମା, ଶୁଶିଳ କର, ତପନ ଦାଶ, ଦେବେନ୍ଦ୍ର ବେହେରା, ସୌମ୍ୟରଞ୍ଜନ ଧଳ, ମନିଷ ତିୱାରୀ ପ୍ରମୁଖ ସାମିଲ ହୋଇଥିଲେ।

# ପୋଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ


ତାଲିମ ଗ୍ରହଣ ଅବସରରେ କର୍ମଚାରୀ ଓ ଅଧିକାରୀ।

ସମ୍ବଲପୁର,୧୫।୩ (ଭବାନୀ ଶଙ୍କର ଭୋଇ) ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସମ୍ବଲପୁର ଜିଲା ପ୍ରଶାସନର ପ୍ରସ୍ତୁତି ଜାରି ରହିଛି। ଶୁକ୍ରବାର ଜିଲାରେ ପୋଲିଂ ଅଧିକାରୀଙ୍କ ପ୍ରଥମ ପର୍ଯ୍ୟାୟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅବାଧ ଓ ନିରପେକ୍ଷ ନିର୍ବାଚନ ନେଇ ପ୍ରଶାସନ ପକ୍ଷରୁ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଉଛି। ଏଥିପାଇଁ ଜିଲାର ପ୍ରିଜାଇଡିଂ ଅଧିକାରୀଙ୍କ ସହ ସମସ୍ତ ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ଡ. ପର୍ଶୁରାମ ମିଶ୍ର ବିଏଡ୍ ମହାବିଦ୍ୟାଳୟରେ ୪୦୦ କର୍ମଚାରୀ ଓ ଅଧିକାରୀ ଏବଂ ଚନ୍ଦ୍ର ଶେଖର ବେହେରା ଜିଲା ସ୍କୁଲରେ ୪୫୦ ଅଧିକାରୀ ତାଲିମ ଗ୍ରହଣ କରିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ସଦର ଅତିରିକ୍ତ ତହସିଲଦାର ଅମିତା ପଟ୍ଟନାୟକ, ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ଡେପୁଟି କମିଶନର ଶୁଭଦୀପ୍ତା ମହାନ୍ତି, ଅତିରିକ୍ତ ଜିଲାପାଳ ସୁଶାନ୍ତ କୁମାର ନାୟକ,ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମୁରଲୀଧର ବେହେରା ଓ ଜୟଶ୍ରୀ ଦୋରା, ଡେପୁଟି ଜିଲାପାଳ ଅଭିଷେକ କିଷାନ, ସହକାରୀ ଜିଲାପାଳ ଜଲି ରାଣୀ ପ୍ରଧାନ ଏହି ପ୍ରଶିକ୍ଷଣ ଦେଇଥିଲେ।

# ଜିଏମ୍‌ୟୁ ବାଣିଜ୍ୟ ବିଭାଗ ପକ୍ଷରୁ ଅଭିଭାବକ-ଶିକ୍ଷକ ସଭା

ସମ୍ବଲପୁର,୧୫।୩(ବି.ଶଙ୍କର) ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗ ପକ୍ଷରୁ ଅଭିଭାବକ-ଶିକ୍ଷକ ସଭା ଶୁକ୍ରବାର ଅଧ୍ୟାପନା ପ୍ରକୋଷ୍ଠ -୧୦ରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ ଓ ଅଭିଭାବକମାନେ ମା'ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟ ଉପକୁଳସଚିବ ଡ. ଉମା ଚରଣ ପତି ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଫେସର ଶ୍ୟାମା ଚରଣ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବାଣିଜ୍ୟ ବିଭାଗୀୟ ମୁଖ୍ୟ ଡ. ପ୍ରିୟବ୍ରତ ପଣ୍ଡା ବିଭାଗର ସଫଳତା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଅଭିଭାବକମାନେ ସେମାନଙ୍କ ମତାମତ ଦେଇଥିଲେ। ଶେଷରେ ଅଧ୍ୟାପକ ଆମ୍ବରିସ ପ୍ରତାପ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୫୦ରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ।



ଅଭିଭାବକ ଓ ଶିକ୍ଷକ ସଭାରେ ଅତିଥିମାନେ।

### ଜମିପଟ୍ଟା ପ୍ରଦାନ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ

ସମ୍ବଲପୁର,୧୫।୩(ବି.ଶଙ୍କର) ୟୁଯୁମୁରା ବ୍ଲକ କୁକୁଡାପାଲି ପଞ୍ଚାୟତ ଗମ୍ଭାରିପଙ୍କ ଗ୍ରାମବାସୀ ଶୁକ୍ରବାର ଜମିପଟ୍ଟା ପ୍ରଦନା ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଗ୍ରାମବାସୀ ଜିଲାପାଳଙ୍କୁ ସାକ୍ଷାତ କରିବା ସହ ଏ ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବହୁବାର ଆବେଦନ କରିବା ପରେ ମଧ୍ୟ ସେମାନଙ୍କୁ ୪ ଡେସିମିଲ ଜମିପଟ୍ଟା ମିଳୁନାହିଁ। ଫଳରେ ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ ଘର ମିଳୁନାହିଁ । ଏ ଦିଗରେ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ ।

# ଛୁରା ମାଡ଼ କରି ଲୁଟ୍ ଘଟଣା: ୨ ଗିରଫ


ଜବତ ଲୁଟ୍ ବାଇକ୍ ସହ ଗିରଫ ଅଭିଯୁକ୍ତମାନେ।

ସମ୍ବଲପୁର,୧୫।୩(ପ୍ରମୋଦ ବହିଦାର): ବରେଇପାଲି ଥାନା ସର୍ଭିସରୋଡ଼ରେ ଘଟିଥିବା ଲୁଟ୍ ଘଟଣାର ପୋଲିସ ପର୍ଦ୍ଦାଫାଶ କରିଛି। ସୂଚନା ଅନୁସାରେ ଗତ ୭ତାରିଖରେ କେ ସୁରେଶ ରାଓ ନାମକ ଜଣେ ଯୁବକ ତାଙ୍କ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ବାଟରେ ଅଟକାଇ ଛୁରିରେ ଆକ୍ରମଣ କରି ତାଙ୍କ ବାଇକ୍ ଓ ମୋବାଇଲ୍ ଫୋନ ଲୁଟି ନେଇଥିଲେ। ଦୁର୍ବୃତ୍ତଙ୍କ ଛୁରାମାଡ଼ରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ଲିଖିତ ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ସେମାନେ ହେଲେ ଚେରୁଆପଡ଼ାର ସାଗର ସ୍ୱାଇଁ ଓ ଷ୍ଟେଶନପଡ଼ାର ଅଜୟ ବେହେରା। ସେମାନଙ୍କ ନିକଟରୁ ଲୁଟ୍ ବାଇକ୍ ଓ ମୋବାଇଲ ଫୋନକୁ ପୋଲିସ ଜବତ କରିଛି। ଥାନାରେ ରୁଜୁ ହୋଇଥିବା ମାମଲା (ନଂ.୫୩/୨୪)ରେ ଉଭୟ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏଥିରେ ଅନ୍ୟ ୨ ଅଭିଯୁକ୍ତ ସମ୍ପୃକ୍ତ ଥିବାବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି।

### ବନ୍ଧୁକ ସହ ଫେରାର ଯୁବକ ଗିରଫ

ରେଢ଼ାଖୋଲ,୧୫।୩(ଅଚ୍ୟୁତାନନ୍ଦ ପୁରୋହିତ): ଚାରମାଳ ଥାନା ପୋଲିସ ଦେଶୀ ବନ୍ଧୁକ ସହ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚାରମାଳ ଥାନା ଝାଙ୍କରପଡ଼ା ଗ୍ରାମର ସ୍ୱାଧୀନ କୁମାର ପ୍ରଧାନ (୪୬)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଥାନା ଅଧିକାରୀ ନବିନ ଭୋଇଙ୍କ ସୂଚନା ମତେ ଗତ ଅଗଷ୍ଟ ୧୫ରେ କୌଣସି କାରଣକୁ ନେଇ ସ୍ୱାଧୀନ ଖେତିନାଳି ଗ୍ରାମର ପଙ୍କଜ ଦେହୁରି ନାମକ ଯୁବକଙ୍କୁ ଦେଶୀ ବନ୍ଧୁକରେ ଗୁଳି କରି ଫେରାର ହୋଇଯାଇଥିଲେ। ପଙ୍କଜଙ୍କ ମା' ରମାବତି ଘଟଣା ସମ୍ପର୍କରେ ଚାରମାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୦୭ ଓ ୨୫(କ) ଆର୍ମସ ଆକ୍ଟରେ ମାମଲା (ନଂ.୧୦୩/୨୪) ରୁଜୁ କରି ଘଟଣାର ତଦନ୍ତ କରୁଥିଲା। ତେବେ ସୂଚନା ପାଇ ତେଲିଘନା ଗ୍ରାମରୁ ସ୍ୱାଧୀନଙ୍କୁ ଗିରଫ କରିଥିଲା।

# ପ୍ରଚାରଧର୍ମୀ ନ ହୋଇ ପ୍ରୟୋଗଧର୍ମୀ ହେବା ଉଚିତ

**ବିଶ୍ୱ ଖାଉଟି ଅଧିକାର ଦିବସ**

ସମ୍ବଲପୁର,୧୫।୩(ବି.ଶଙ୍କର) ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ଖାଉଟି ଅଧିକାର ଦିବସ ଶୁକ୍ରବାର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ପାଳିତ ହୋଇଯାଇଛି । ସଭାପତି ଅଶୋକ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ଜିଲା ଖାଉଟି ବିବାଦ ନିବାରଣ ଆୟୋଗର ସଭାପତି ଡ. ରମାକାନ୍ତ ଶତପଥି ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଥିଲେ, ଦେଖିବାକୁ ଗଲେ ସମଗ୍ର ପୃଥିବୀ ବର୍ତ୍ତମାନ ମଧ୍ୟ ପୁଞ୍ଜିବାଦ କବଳରୁ ସମ୍ପୂର୍ଣ୍ଣ ଭାବରେ ମୁକ୍ତ ହୋଇପାରିନାହିଁ। ଉପଭୋକ୍ତାର ଲଢେଇ ସେହି ପୁଞ୍ଜିବାଦ ବିରୋଧରେ ରହିଛି । ଏଥିରେ ତାଙ୍କ ସହାୟତା ନିମନ୍ତେ ପ୍ରଣିତ ଆଇନ ମଧ୍ୟ ଦିନକୁ ଦିନ ଦୃଢୀଭୂତ ହେବାରେ ଲାଗିଲାଣି । ଉପଭୋକ୍ତା ଏହାର ଲାଭ ଉଠାଇବା ଉଚିତ। ଯେଉଁ ଦେଶର ଖାଉଟି ଯେତେ ସଚେତନ ସେ ଦେଶର ଆର୍ଥିକ ଅଭିବୃଦ୍ଧି ସେତେ ବେଶି। ମୁଖ୍ୟବକ୍ତା ଆଇନଜୀବୀ ବିଜୟ ପୁରୋହିତ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ସମ୍ପ୍ରତି ଖାଉଟିମାନଙ୍କ ଅଧିକାରକୁ ନେଇ ବିଭିନ୍ନ ଦେଶରେ ଆଇନ ପ୍ରଣୟନ ହେଲାଣି। ଭାରତରେ ଉପଭୋକ୍ତା ଆଇନରେ ମଧ୍ୟ ଅନେକ ପରିବର୍ତ୍ତନ ଆସିଲାଣି। ତେବେ ଏହା କେବଳ ପ୍ରଚାରଧର୍ମୀ ନ ହୋଇ ପ୍ରୟୋଗଧର୍ମୀ ହେବା ଉଚିତ । ବିଶ୍ୱ ଉପଭୋକ୍ତା ସଚେତନତାକୁ ନେଇ ଚଳିତ ବର୍ଷର ଅନୁଚିନ୍ତା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ନେଇ ଆସିଛି। ଏହାକୁ ନେଇ ସମଗ୍ର ବିଶ୍ୱରେ ବିଚାର ବିମର୍ଷ ଆରମ୍ଭ ହୋଇଗଲାଣି। ଏହି ଅବସରରେ ସଚେତନ ଉପଭୋକ୍ତା ଭାବରେ ଶଶାଙ୍କ ଶେଖର ମାଝି ଓ ଖବରଦାତା ପ୍ରଫୁଲ୍ଲ କୁମାର ଦାଶଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ ସାଂସ୍କୃତିକ ସମାଜର ଖାଉଟି ସୁରକ୍ଷା ଉପସମିତି ଆବାହକ ଅଖିଳ ରଞ୍ଜନ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଶେଷରେ ସହସମ୍ପାଦକ ସୁରେଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେଡିକୁ ପ୍ରାର୍ଥୀ ଚୟନ ଚିନ୍ତା

ଲୋଇସିଂହା, ୧୫।୩(ସୁଶାନ୍ତ ବାରିକ)

## ଲୋଇସିଂହା ବିଧାନସଭା ନିର୍ବାଚନମଣ୍ଡଳୀ



ବଲାଙ୍ଗୀର ଜିଲା ଲୋଇସିଂହା ବିଧାନସଭା ନିର୍ବାଚନମଣ୍ଡଳୀରେ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଚୟନ ପାଇଁ କସରତ ଚଳାଇଛନ୍ତି। ୨୦୧୯ ନିର୍ବାଚନରେ ଏଠାରୁ ଭାଜପା ପ୍ରାର୍ଥୀ ମୁକେଶ ମହାଲିଙ୍ଗ ବିଜୟୀ ହୋଇଥିଲେ। ବିଗତ ୫ବର୍ଷ ମଧ୍ୟରେ ବିଧାନସଭାରେ ତାଙ୍କର ପ୍ରଦର୍ଶନ ଭଲ ରହିଥିବା ସମର୍ଥକମାନେ କହି ବୁଲୁଛନ୍ତି। ତେବେ ପୁଇଁତଳା ବ୍ଲକର ବିଭିନ୍ନ ସ୍ଥାନରେ ତାଙ୍କ ବିରୋଧରେ କର୍ମୀମାନେ ମେଳି କରି ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି । ଏପରିକି ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ସହ ତାଙ୍କର ସମ୍ପର୍କରେ ଦୂରତା ବଢ଼ିଥିବା ଚର୍ଚ୍ଚା ହେଉଛି। ମାର୍ଚ୍ଚ ୨ରେ ଲୋଇସିଂହା ଷ୍ଟେଶନରେ ଦୁର୍ଗ-ପୁରୀ ଏକ୍ସପ୍ରେସ ରହଣିକୁ ନେଇ ଭାଜପା ପକ୍ଷରୁ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଥିଲା । ସେଠାରେ ଏମ୍‌ପି ସିଂଦେଓ ଉପସ୍ଥିତ ଥିବାବେଳେ ବିଧାୟକ ମହାଲିଙ୍ଗ ଅନୁପସ୍ଥିତ ଥିଲେ। ଏସବୁ ସତ୍ତ୍ୱେ ତାଙ୍କର ସେଭଳି କୌଣସି ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ମହାଲିଙ୍ଗଙ୍କୁ ଦଳ ଏଠାରେ ରିପିଟ କରିବ ବୋଲି ସମର୍ଥକମାନେ ପ୍ରଚାର ଚଳାଇଛନ୍ତି।

ସୀମା ନିର୍ଦ୍ଧାରଣ ପରେ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ଏହି ଆସନରେ ୨୦୦୯ ମସିହାରୁ ବିଜେଡି ପ୍ରତ୍ୟେକ ଥର ପ୍ରାର୍ଥୀ ବଦଳ କରି ଆସିଛି। ୨୦୦୯ରେ ରମାକାନ୍ତ ସେଠ, ୨୦୧୪ରେ ଯୋଗେନ୍ଦ୍ର ବେହେରା ବିଜେଡି ପ୍ରାର୍ଥୀ ହୋଇ ବିଜୟୀ ହୋଇଥିଲେ। ୨୦୧୯ରେ ଚର୍ଚ୍ଚାରେ ନ ଥିବା ପ୍ରଦୀପ କୁମାର ବେହେରାଙ୍କୁ ଦଳ ପ୍ରାର୍ଥୀ କରି ସମସ୍ତଙ୍କୁ ଚକିତ କରିଥିଲା। ହେଲେ କର୍ମୀ ମହଲ ସହିତ ସାଧାରଣରେ ଗ୍ରହଣୀୟତା ନ ହେବାରୁ ସେ ପରାଜିତ ହେଲେ। ଇତ୍ୟବସରରେ ତାଙ୍କର ମୃତ୍ୟୁ ହୋଇଯାଇଛି। କହିବାକୁ ଗଲେ ୨୦୧୯ ନିର୍ବାଚନ ପରଠାରୁ ଏଠାରେ ବିଜେଡି ଏକପ୍ରକାର ନେତୃତ୍ୱବିହୀନ ହେଲା ଭଳି ସ୍ଥିତିରେ ରହିଛି। ଦଳର ସାଙ୍ଗଠନିକ କ୍ଷେତ୍ରରେ ନେତୃବର୍ଗଙ୍କୁ ଗୋଟିଏ ମଞ୍ଚରେ ଏକାଠି ହେବା ଦେଖାଯାଉନାହିଁ। ଏହାସତ୍ତ୍ୱେ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ୭ଜିଲା ପରିଷଦ ଜୋନରୁ ବିଜେଡି ୬ଟିରେ ବିଜୟୀ ହେବା ଆଶ୍ୱାସନା ଦେଇଥିଲା।

୨୦୧୪ ବିଧାନସଭା ନିର୍ବାଚନରେ ଏଠାରୁ ବିଜୟୀ ହୋଇଥିବା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ବୟସାଧିକ୍ୟ କାରଣରୁ କ୍ଷମତା ରାଜନୀତିରୁ ଦୂରେଇ ଯାଇଛନ୍ତି। ତାଙ୍କ ପୁତ୍ର ତଥା ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୀହାର ରଞ୍ଜନ ବେହେରା ଦଳର ଜନସମ୍ପର୍କ ପଦଯାତ୍ରା ଓ ଅନ୍ୟାନ୍ୟ ସାଙ୍ଗଠନିକ କାର୍ଯ୍ୟରେ ଆଗକୁ ବାହାରୁଛନ୍ତି। ୨୦୧୯ ନିର୍ବାଚନରେ ସେ ଟିକେଟ ଦୌଡ଼ରେ ଥାଇ ଶେଷ ମୁହୂର୍ତ୍ତରେ ବାଦ୍ ପଡ଼ିଥିଲେ। ହେଲେ ଏହା ପରଠାରୁ ସେ ନିରବଚ୍ଛିନ୍ନଭାବେ ଦଳୀୟ ସଙ୍ଗଠନ ଓ ଜନସମ୍ପର୍କରେ ରହି ଆସିଛନ୍ତି। ଏଥର ନିର୍ବାଚନରେ ଏଠାରୁ ଅନ୍ୟତମ ଆଶାୟୀ ଭାବେ ସେ ଉଭା ହୋଇଛନ୍ତି। ଏଥର ବିଜେଡି ସୁପ୍ରିମୋ ତାଙ୍କୁ ଆଶୀର୍ବାଦ କରିବେ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ତେବେ ସେ ନିର୍ବାଚନମଣ୍ଡଳୀ ବାହାର ଲୋକ କହି କେତେକ ଛାମୁଆ ବିଜେଡି ନେତା ସ୍ୱାଭିମାନ ମଞ୍ଚ ଗଢ଼ି ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ ସ୍ଥାନରେ ସଭା ସମିତିମାନ କରୁଛନ୍ତି। ପୁରୁଣା ବିଜେଡି କର୍ମୀଙ୍କୁ ସେ ଅଣଦେଖା କରୁଥିବା ଅଭିଯୋଗ କରୁଛନ୍ତି। ଲୋଇସିଂହା ନିର୍ବାଚନମଣ୍ଡଳୀର ବିକାଶ କେବଳ ସ୍ଥାନୀୟ ନେତୃତ୍ୱ କରିପାରିବ ବୋଲି ସେମାନେ ଯୁକ୍ତି କରୁଛନ୍ତି।

୨୦୧୯ ନିର୍ବାଚନରେ କଂଗ୍ରେସ ଦଳରୁ ପ୍ରାର୍ଥୀ ହୋଇ ନବ କିଶୋର ନାୟକ ତୃତୀୟ ସ୍ଥାନରେ ରହିଥିଲେ। ଇତିମଧ୍ୟରେ ସେ ବିଜେଡିରେ ଯୋଗଦେଇଛନ୍ତି। କିଶୋର ମଧ୍ୟ ବିଜେଡିରୁ ଅନ୍ୟତମ ଆଶାୟୀଭାବେ ଉଭା ହୋଇଛନ୍ତି। ତାଙ୍କୁ ପ୍ରାର୍ଥୀ କରାଗଲେ ଦଳର ବିଜୟ ସୁନିଶ୍ଚିତ ହେବ ବୋଲି ତାଙ୍କ ସମର୍ଥକମାନେ କହୁଛନ୍ତି। ତେବେ ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପରୁ ଲୋଇସିଂହା ନିର୍ବାଚନମଣ୍ଡଳୀର କେତେକ ପଞ୍ଚାୟତ ବାଦ୍ ପଡ଼ିବାକୁ ନେଇ ଚାଷୀମାନେ ସରକାରଙ୍କ ଉପରେ ବିଷୋଦ୍‌ଗାର କରୁଛନ୍ତି। ଦଳୀୟ କନ୍ଦଳ ସାଙ୍ଗକୁ ଏହିପରି କେତେକ ସମସ୍ୟା ଏଠାରେ ବିଜେଡି ପାଇଁ ଅଗ୍ନି ପରୀକ୍ଷା ସଦୃଶ ହୋଇଛି।

ଲୋଇସିଂହା ନିର୍ବାଚନମଣ୍ଡଳୀରେ କଂଗ୍ରେସ କାହାକୁ ପ୍ରାର୍ଥୀ କରିବ ତାହା ଉପରେ ସମସ୍ତଙ୍କ ନଜର। ବିଗତ ୩ଟି ନିର୍ବାଚନରେ ଏଠାରେ ଦଳୀୟ ପ୍ରାର୍ଥୀ ପରାଜିତ ହୋଇଥିଲେ ହେଁ କଂଗ୍ରେସର ଏକ ଭୋଟ ବ୍ୟାଙ୍କ ରହିଛି। ଗତଥର ପ୍ରାର୍ଥୀ ହୋଇଥିବା ନବ କିଶୋର ନାୟକ ବିଜେଡିରେ ମିଶିବା ପରେ ଏଠାରେ କଂଗ୍ରେସର ସାଙ୍ଗଠନିକ ସ୍ଥିତି ଦୋହଲି ଯାଇଛି। ଏହାସତ୍ତ୍ୱେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ଅନୁଗତ କୁହାଯାଉଥିବା ଓମ୍‌ପ୍ରକାଶ କୁମ୍ଭାର, ଏଆଇସିସି ସଭ୍ୟ ଅଭିଷେକ ମହାନନ୍ଦ, ହେମସାଗର ନନ୍ଦ, ଅର୍ଜ୍ଜୁନ ମୁଦୁଲି ଟିକେଟ ହାତେଇବା ଲକ୍ଷ୍ୟରେ ଅଛନ୍ତି। ବିଭିନ୍ନ ସ୍ଥାନରେ 'କଂଗ୍ରେସ ଆସୁଛି' ନାମରେ ବଡ଼ ପୋଷ୍ଟର, ବ୍ୟାନର ଲଗାଯାଇ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଦଳ କାହାକୁ ଭରସା କରୁଛି ଦେଖିବାକୁ ଅଛି। ଏଥିସହିତ ଭାଜପା ଓ ବିଜେଡିର ଗୋଷ୍ଠୀ କନ୍ଦଳ ଏବଂ ଦୁଇ ଦଳ ମଧ୍ୟରେ ଝୁଲି ରହିଥିବା ମେଣ୍ଟ ସଂକ୍ରାନ୍ତ ନିଷ୍ପତ୍ତି ମଧ୍ୟ ନିର୍ବାଚନ ଫଳକୁ ପ୍ରଭାବିତ କରିବ ବୋଲି କୁହାଗଲାଣି।

# କଂଗ୍ରେସରେ ବିଜେଡିର ୨ ପୂର୍ବତନ ଏମ୍‌ପି ଯଶୋବନ୍ତ, ଶକୁନ୍ତଳା



ଦଳୀୟ ନେତାଙ୍କ ସହ କଂଗ୍ରେସ ଭବନରେ ଯଶୋବନ୍ତ ଓ ଶକୁନ୍ତଳା।

ଭୁବନେଶ୍ୱର/ କେନ୍ଦୁଝର ୧୫।୩
(ସୁନିତ୍ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଲୋକସଭାର ୨ ପୂର୍ବତନ ବିଜେଡି ଏମ୍‌ପି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା ଲାଗୁରୀ ଶୁକ୍ରବାର ବିଜେଡି ଛାଡି କଂଗ୍ରେସରେ ଯୋଗଦେଇଛନ୍ତି। ଦୀର୍ଘ ବର୍ଷ ହେଲା କୋଣଠେସା ହୋଇ ବସି ରହିଥିବାରୁ ଲାଗୁରୀ ଦମ୍ପତି ଶାସକ ଦଳ ଛାଡ଼ିଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି। ରାଜ୍ୟ କଂଗ୍ରେସ ଭବନରେ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର, ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ବିଜୟ ପଟ୍ଟନାୟକ ଓ ଅନ୍ୟମାନଙ୍କ ଉପସ୍ଥିତିରେ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। ପୂର୍ବରୁ ବିଜେଡିର ତେଲକୋଇ ବିଧାୟକ ପ୍ରେମାନନ୍ଦ ନାୟକ ଦଳ ଛାଡ଼ିବା ପରେ ଦୁଇ ବଡ଼ ନେତା ଦଳ ଛାଡ଼ିବା କେନ୍ଦୁଝରରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରକାଶଯୋଗ୍ୟ, ଭାଜପା, ବିଜେଡି ମେଣ୍ଟ ସରକାର ଭାଙ୍ଗିବା ପରେ ୨୦୦୯ରେ ଯଶୋବନ୍ତ ବିଜେଡିର ଲୋକସଭା ପ୍ରାର୍ଥୀ ହୋଇ ଜିତିଥିଲେ। ୨୦୧୪ରେ ବିଜେଡି ମହିଳାମାନଙ୍କୁ ପ୍ରାଧାନ୍ୟ ଦେବାକୁ ଯାଇ ତାଙ୍କ ସ୍ତ୍ରୀ ଶକୁନ୍ତଳା ଲାଗୁରୀଙ୍କୁ ଲୋକସଭା ପ୍ରାର୍ଥୀ କରି ସିଟ ବଜାଇ ରଖିଥିଲା। ହେଲେ ପରବର୍ତ୍ତୀ ସମୟରେ ଦଳ ତାଙ୍କୁ ଅଣଦେଖା କରି ଚନ୍ଦ୍ରାଣୀ ମୁର୍ମୁଙ୍କୁ ଟିକେଟ ଦେଇ ସିଟ ହାତେଇଥିଲା। ଏହାକୁ ନେଇ ଲାଗୁରୀ ଦମ୍ପତି ଓ ତାଙ୍କ ସମର୍ଥକ ଅସନ୍ତୁଷ୍ଟ ହୋଇଥିଲେ। ସେମାନେ କହିଛନ୍ତି, ବିଜେଡି ଆଉ ଗଣତାନ୍ତ୍ରିକ ଦଳ ହୋଇ ରହିନାହିଁ। ଏହା ବ୍ୟବସାୟିକ ଫାର୍ମରେ ପରିଣତ ହୋଇଯାଇଛି। ୧୦ ବର୍ଷ ହେଲା ତାଙ୍କୁ କୌଣସି ଦାୟିତ୍ୱ ଦିଆଗଲା ନାହିଁ କିମ୍ବା କାର୍ଯ୍ୟକ୍ରମକୁ ଡକାଗଲାନାହିଁ। ତେଣୁ ଦେଶ ବିକାଶରେ ବହୁ କିଛି କରିଥିବା କଂଗ୍ରେସରେ ଯୋଗଦେଇ ଜିଲାର ବିକାଶ ପାଇଁ କାମ କରିବେ ବୋଲି କହିଛନ୍ତି।

## ରାଉରକେଲା ଓ ରଘୁନାଥପାଲି ବିଧାନସଭା ଆସନ

# ଖଟିରେ ମେଣ୍ଟ ଚର୍ଚ୍ଚା

ରାଉରକେଲା, ୧୫।୩ (ସଙ୍ଗୀତା ଜେନା)

ବିଜେଡି ଓ ଭାଜପା ମେଣ୍ଟ ହେବା ନେଇ ଅନିଶ୍ଚିତତା ଲାଗିରହିଛି। ଏହା ହେଲେ ସୁନ୍ଦରଗଡ଼ ଜିଲାର ରାଉରକେଲା ଓ ରଘୁନାଥପାଲି ବିଧାନସଭା ଆସନ କେଉଁ ଦଳ ହାତକୁ ଯିବ, ଇସ୍ପାତ ସହରର ଛକ ଓ ଖଟି ଆସରଗୁଡ଼ିକରେ ଆଲୋଚନା ଉଙ୍କି ମାରିଛି। ଭାଜପା ୨୦୦୯ରୁ ରାଉରକେଲା ବିଧାନସଭା ନିର୍ବାଚନମଣ୍ଡଳୀରେ ଅପେକ୍ଷାକୃତ ଉନ୍ନତ ପ୍ରଦର୍ଶନ କରିଆସୁଛି। ତେଣୁ ଏଥର ରାଉରକେଲା ଆସନ ଭାଜପାକୁ ଆସୁ ବୋଲି ଦାବି କରାଯାଉଛି। ଅନ୍ୟପକ୍ଷରେ ରାଉରକେଲାରେ ୨୦୦୪ରୁ ଅଦ୍ୟାବଧି ଦେଖିଲେ ୨୦୧୪ ବ୍ୟତୀତ ବିଜେଡି ବିଧାୟକ ସାରଦା ନାୟକ ଜିତି ଆସିଛନ୍ତି। ତେଣୁ ବିଜେଡି ଖାତାରେ ଏହି ଆସନ ପଡ଼ିବା ଦରକାର ବୋଲି ଖଟିରେ ଚର୍ଚ୍ଚା ହେଉଥିବା ଶୁଣିବାକୁ ମିଳିଛି।

ରାଉରକେଲା ଆସନ ରାଜ୍ୟର ଅନ୍ୟତମ ହଟ୍ ସିଟ୍ ଭାବେ ଗଣନା କରାଯାଇଥାଏ। ୨୦୦୦ରେ ମେଣ୍ଟ ସମୟରେ ବିଜେଡି ପ୍ରାର୍ଥୀ ଅଜିତ୍ ଦାସ ବିଜୟୀ ହୋଇଥିଲେ। ୨୦୦୪ରେ ବିଜେଡିରୁ ସାରଦା ନାୟକ ଟିକେଟ ପାଇ ଜିତିଥିଲେ। ୨୦୦୯ରେ ମେଣ୍ଟ ଭାଙ୍ଗିବା ପରେ ବିଜେଡି ଓ ଭାଜପା ପରସ୍ପର ବିପକ୍ଷରେ ଲଢ଼ିଥିଲେ। ସାରଦା ବିପୁଳ ଭୋଟରେ ବିଜୟୀ ହୋଇଥିଲେ। ଭାଜପା ୨୦୧୪ରେ ଦିଲୀପ ରାୟଙ୍କୁ ଦଳକୁ ନେଇ ତାଙ୍କ ପତିଆରାକୁ ବ୍ୟବହାର କରି ବିଜୟୀ ହୋଇଥିଲା। ପରେ ଦିଲୀପ ଭାଜପା ଛାଡ଼ିଦେଇଥିଲେ। ହେଲେ ଭାଜପା ଏହି ସମୟରେ ସାରଦାଙ୍କୁ କଡ଼ା ଟକ୍କର ଦେଇଥିଲେ ମଧ୍ୟ ନିଜ ପ୍ରତ୍ୟକ୍ଷ ସମର୍ଥନ ବିଜେଡିକୁ ଦେଇ ସାରଦାଙ୍କୁ ପରବର୍ତ୍ତୀ ସମୟରେ ବିଜୟୀ କରାଇଥିଲେ ଦିଲୀପ। ତେବେ ବିଜେଡି ତୁଳନାରେ ଭାଜପା ଦିନକୁ ଦିନ ଭଲ ପ୍ରଦର୍ଶନ କରୁଥିବା ଆଲୋଚନା ହେଉଛି। ୨୦୦୯ରେ ଭାଜପା ଏହି ନିର୍ବାଚନୀମଣ୍ଡଳରେ ୨୦,୨୪୨ ଭୋଟ, ୨୦୧୪ରେ ୫୯,୬୫୩ ଭୋଟ ଓ ୨୦୧୯ରେ ଭାଜପା ପ୍ରାର୍ଥୀ ନିହାର ରାୟ ୫୦,୨୭୫ ଖଣ୍ଡ ଭୋଟ ହାସଲ କରି ବିଜୟଠାରୁ ଅଳ୍ପ ଦୂରରେ ରହିଯାଇଥିଲେ।

ସେହିପରି ଇସ୍ପାତ ନଗରୀର ଅନେକ ଅଂଶ ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ଆସୁଥିବାରୁ ଏଠାରେ ରାଜନୈତିକ ଚର୍ଚ୍ଚା ମଧ୍ୟ ଜୋର ଧରିଛି। ବିଜେଡିର ଅନ୍ୟତମ ଗଡ଼ ରଘୁନାଥପାଲି। ବିଧାୟକ ସୁବ୍ରତ ତରାଇ ଏଠାରୁ କ୍ରମାଗତ ୩ ଥର ବିଜୟୀ ହୋଇ ଏବେ ବିଧାୟକ ଅଛନ୍ତି। କିନ୍ତୁ ବିଜେଡି ଓ ଭାଜପା ମଧ୍ୟରେ ଭୋଟ ବ୍ୟବଧାନ ବର୍ଷକୁ ବର୍ଷ କମ୍ ହେବାରେ ଲାଗିଛି। ୨୦୧୪ରେ ବିଜେଡି ୪୯,୦୭୪ ଓ ଭାଜପା ୩୩,୦୩୩ ଭୋଟ ପାଇଥିବା ବେଳେ ୨୦୧୯ରେ ବିଜେଡି ୪୪,୮୧୫ ଓ ଭାଜପା ୪୦,୧୩୧ ଭୋଟ ପାଇଥିଲା। ଦେଖିବାକୁ ଗଲେ ବିଜେଡି ପ୍ରାର୍ଥୀ ସୁବ୍ରତ ତରାଇଙ୍କ ଜିତିବା ବ୍ୟବଧାନ କମିଆସିଥିବା ଲକ୍ଷ୍ୟ କରାଯାଇଛି। ଭାଜପାର ସଂଘର୍ଷ ଜାରି ରହିଥିବା ବେଳେ ବିଜେଡି ନେତାଙ୍କ ଲୋକପ୍ରିୟତା ହ୍ରାସ ପାଇଥିବା ଆଲୋଚନା ହେଉଛି। କାରଣ ତରାଇ ନିର୍ବାଚନମଣ୍ଡଳୀଠାରୁ ବର୍ଷ ବର୍ଷ ଦୂରେଇ ରହିବା ଓ ଲୋକଙ୍କ ସହ ସମ୍ପର୍କ ରଖି ନ ଥିବାରୁ ଏବେ ସେଠାରେ ତାଙ୍କ ପ୍ରତି ଅସନ୍ତୋଷ ବଢ଼ିଥିବା ଲକ୍ଷ୍ୟ କରାଯାଇଛି। ତେଣୁ ଏଥର ପ୍ରାର୍ଥୀ ପରିବର୍ତ୍ତନ ହେଲେ ଆସନ ପୁଣି ବିଜେଡି ଖାତାକୁ ଆସିବ ବୋଲି ଆଲୋଚନା ହେଉଛି।

ମେଣ୍ଟ ହେଲେ ଭାଜପା ଅଧିକ ପ୍ରଭାବିତ ହେବ ବୋଲି କୁହାଯାଉଛି। କାରଣ ଉଭୟ ସିଟ୍‌ରେ ଭାଜପାର ପ୍ରଦର୍ଶନ ଭଲ ହୋଇ ଆସୁଥିଲା। ଏବର ସ୍ଥିତି ଦେଖି ଭାଜପା ନେତାମାନେ ମେଣ୍ଟ ହେଲେ ନିଜ ହାତରୁ ଉଭୟ ଆସନ ଖସିଯିବା ନେଇ ପ୍ରମାଦ ଗଣିବାକୁ ଲାଗିଲେଣି। ଆଶଙ୍କା ସତ୍ତ୍ୱେ ବିଜେଡିର ତୁଙ୍ଗନେତାମାନେ ମାରାଥନ୍ ପ୍ରଚାର ପ୍ରସାରରେ ବ୍ୟସ୍ତ ରହୁଥିବା ବେଳେ ଭାଜପା ନେତାମାନେ ସ୍ଥାଣୁ ପାଲଟିଯାଇଥିବା ଖଟିରୁ ଶୁଣିବାକୁ ମିଳିଛି। ଭାଜପା କର୍ମୀ ମହଲରେ ମଧ୍ୟ ମେଣ୍ଟକୁ ନେଇ ଅସନ୍ତୋଷ ବ୍ୟକ୍ତ କରାଯାଉଛି। ଆଶାୟୀମାନେ ନିରୁତ୍ସାହିତ ହୋଇ ମେଣ୍ଟ ବିପକ୍ଷରେ ସମାଲୋଚନା କରୁଛନ୍ତି। ଅପରପକ୍ଷେ ଉଭୟ ନିର୍ବାଚନମଣ୍ଡଳୀରେ ଦିଲୀପ ରାୟଙ୍କ ଏକ ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ରହିଆସିଛି। ତାଙ୍କ ସମର୍ଥନ ଉପରେ ଯେକୌଣସି ଦଳର ବିଜୟ ନିର୍ଭର କରୁଛି ବୋଲି ସାଧାରଣରେ ମଧ୍ୟ ଚର୍ଚ୍ଚା ହେଉଛି।



ରାଉରକେଲାଠାରେ ଚା' ଖଟିରେ ରାଜନୀତି ଚର୍ଚ୍ଚା।

# ବିଜେଡି ଛାଡ଼ି ପଦ୍ମ ଧରିଲେ ଅରିନ୍ଦମ



ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଦଳୀୟ ନେତାଙ୍କ ଗ୍ରହଣରେ ଅରିନ୍ଦମ ରାୟ।

କଟକ, ୧୫।୩(ଶିଲ୍ପା ପ୍ରିୟଦର୍ଶିନୀ)

ଅରିନ୍ଦମ ରାୟ ଶୁକ୍ରବାର ବିଜେଡି ଛାଡ଼ିଛନ୍ତି। ସେ ଦଳର ପ୍ରାଥମିକ ସଦସ୍ୟ ଓ ରାଜ୍ୟ ସାଧାରଣ ସମ୍ପାଦକ ପଦବୀରୁ ଇସ୍ତଫା ପ୍ରଦାନ କରିଛନ୍ତି। ସୋସିଆଲ ମିଡିଆ ଜରିଆରେ ସେ ନିଜର ଇସ୍ତଫାପତ୍ର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏପରିକି ଇସ୍ତଫା ଦେବାର କିଛି ସମୟ ପରେ ଅରିନ୍ଦମ ଭୁବନେଶ୍ୱରସ୍ଥିତ ଭାରତୀୟ ଜନତା ପାର୍ଟି (ଭାଜପା) ରାଜ୍ୟ କାର୍ଯ୍ୟାଳୟରେ ପହଞ୍ଚି ଦଳରେ ଯୋଗଦେଇଛନ୍ତି। ସେ ୨୦୦୯ ମସିହାରୁ ବିଜେଡିରେ ଜଣେ ସକ୍ରିୟ କର୍ମୀ ଓ ଷ୍ଟାର କ୍ୟାମ୍ପେନର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତେବେ ଦୀର୍ଘବର୍ଷ ଧରି ଦଳରେ କାର୍ଯ୍ୟ କରିବା ପରେ ମଧ୍ୟ ଅଣଦେଖାର ଶିକାର ହେବାରୁ ବାଧହୋଇ ଦଳ ଛାଡୁଥିବା ତାଙ୍କ ଇସ୍ତଫାପତ୍ରରେ ଅରିନ୍ଦମ ଉଲ୍ଲେଖ କରିଛନ୍ତି। ଏନେଇ ସେ କହିଛନ୍ତି, ନିଷ୍ପତ୍ତି କେବେ ଗୋଟିଏ ଦିନରେ ବଦଳା ଯାଇପାରେ ନାହିଁ। ଏହା ଦୀର୍ଘଦିନରୁ ମନରେ ରହିଆସିଥିଲା। ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ସେ ଭାଜପାରେ ଯୋଗଦେଇଛନ୍ତି। ପୂର୍ବରୁ ବିଜେଡିର ଯେଉଁ ସ୍ଥିତି ଥିଲା, ଏବେ ତାହା ନାହିଁ। ଦଳରେ କର୍ମୀଙ୍କ ସମ୍ମାନ କିମ୍ବା କାର୍ଯ୍ୟର ମୂଲ୍ୟ ନାହିଁ। ଏପରିକି ଦଳର ମୁଖ୍ୟଙ୍କୁ ଭେଟିବା ସହଜ ନୁହେଁ। ଯଦି ଦଳରେ ରହି ମୁଖିଆଙ୍କୁ କର୍ମୀ ଭେଟି ପାରିବେନି ତେବେ ସେହି ଦଳର ସ୍ଥିତି କ'ଣ ତାହା ସାଧାରଣ ଲୋକେ ଆକଳନ କରିପାରିବେ। ବିଜେଡିରେ ୯୯ ପ୍ରତିଶତ କର୍ମୀ ଭୟରେ ମୁହଁ ଖୋଲୁନାହାନ୍ତି। ନିର୍ବାଚନ ପାଇଁ ମୁଁ ପ୍ରସ୍ତୁତ। ମୋ କାମ ଦେଖି ଭାଜପା ମୋତେ ଯଦି ଟିକେଟ ଦିଏ ତେବେ ନିର୍ବାଚନ ଲଢ଼ିବି ବୋଲି ଅରିନ୍ଦମ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଅରିନ୍ଦମ ହେଉଛନ୍ତି ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଭିଣୋଇ। ଉଲ୍ଲେଖ କରାଯାଇପାରେ, ଦଳ ବଦଳାଇବା ମନ୍ତବ୍ୟ ନେଇ ପୂର୍ବରୁ ଅରିନ୍ଦମ ଚର୍ଚ୍ଚାରେ ରହିଆସିଛନ୍ତି। ସେହିପରି କିଛିଦିନ ତଳେ କଟକରେ ଦଳୀୟ ବ୍ୟାନର ଓ ନେତୃବୃନ୍ଦଙ୍କ ବିନା ଯୁବ ସମାବେଶ କରିବା ତାଙ୍କୁ ପୁଣି ଚର୍ଚ୍ଚାକୁ ଆଣିଥିଲା। ଏପରିକି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଟକ ଗସ୍ତ କରିବା ସମୟରେ ତାଙ୍କୁ ଭେଟି ଆଲୋଚନା କରିବା ଏବଂ ପରେ ଭାଜପା କଟକ ଜିଲା ସଭାପତି ପ୍ରକାଶ ବେହେରାଙ୍କ ସହ ତାଙ୍କର ଫଟୋ ରାଜନୈତିକ ଗସିପ୍‌କୁ ବଢ଼ାଇ ଦେଇଥିଲା। ବିଶେଷକରି ନିର୍ବାଚନ ତାରିଖ ଘୋଷଣା ଅବ୍ୟବହିତ ପୂର୍ବରୁ ଭାଜପାରେ ତାଙ୍କର ଯୋଗଦାନ ପ୍ରସଙ୍ଗ ଏବେ କଟକ ରାଜନୀତିକୁ ଅଧିକ ସରଗରମ କରିଛି। ବାରବାଟୀ-କଟକ ନିର୍ବାଚନମଣ୍ଡଳୀରୁ ଅରିନ୍ଦମଙ୍କୁ ଟିକେଟ ଦେବା ସୁନିଶ୍ଚିତ ହେବା ପରେ ସେ ଭାଜପାରେ ମିଶିଛନ୍ତି ବୋଲି ଶୁଣିବାକୁ ମିଳୁଛି।

# ଆଜି ଭାଜପାର ରାଜ୍ୟ ନିର୍ବାଚନ କମିଟି ବୈଠକ

ଭୁବନେଶ୍ୱର, ୧୫।୩(ସୁନିତ୍ ମିଶ୍ର)

- ଅପରାହ୍ନ ୪ଟାରେ ବୈଠକ ଥିବା ସୂଚନା ଦେଲେ ସମୀର
- ବୈଠକ ସମ୍ପର୍କରେ ଖବର ନ ଥିବା କହିଲେ ବିରୋଧୀ ଦଳ ନେତା
- ନିର୍ବାଚନମଣ୍ଡଳୀ କାର୍ଯ୍ୟକ୍ରମ ଅଛି, ବୈଠକ ହେଲେ ଯିବେନି କହିଲେ ଜୟନାରାୟଣ

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡି-ଭାଜପା ମେଣ୍ଟ ହେବ ବୋଲି ଯେଉଁ ଚର୍ଚ୍ଚା ଚାଲିଥିଲା ସେନେଇ ଗୁରୁବାରଠାରୁ ବିଶେଷ ଆଲୋଚନା ହେଉନାହିଁ। ମେଣ୍ଟ ହେବ ନ ହେବ ତା'ର ସ୍ପଷ୍ଟ ଚିତ୍ର ନ ଥିବା ଉଭୟ ବିଜେଡି ଏବଂ ଭାଜପା ନେତାମାନେ ଖୋଲାଖୋଲି ମତଦେବା ଆରମ୍ଭ କଲେଣି। ଏହାରି ଭିତରେ ଶନିବାର ଭାଜପାର ରାଜ୍ୟ ନିର୍ବାଚନ କମିଟି ବୈଠକ ବସିବ ବୋଲି ଜଣାପଡିଛି। ପୂର୍ବରୁ ଭାଜପାର ସେଣ୍ଟ୍ରାଲ ନିର୍ବାଚନ କମିଟି(ସିଇସି) ବୈଠକ ଦୁଇ ଥର ବସିସାରିଥିବା ବେଳେ ଦୁଇଟି ପର୍ଯ୍ୟାୟରେ ପ୍ରାର୍ଥୀ ତାଲିକା ମଧ୍ୟ ପ୍ରକାଶ ପାଇସାରିଛି। ହେଲେ ଦୁଇଟି ଯାକ ପର୍ଯ୍ୟାୟରେ ଓଡ଼ିଶାକୁ ତାଲିକାରେ ରଖାଯାଇ ନାହିଁ। ତେବେ ଏଭଳି ସ୍ଥିତିରେ ଶନିବାର ବସିବାକୁ ଥିବା ରାଜ୍ୟ ନିର୍ବାଚନ କମିଟି ବୈଠକ ବହୁ ଗୁରୁତ୍ୱ ବହନ କରୁଥିବା ଚର୍ଚ୍ଚା ହେଉଛି। ତେବେ ଭାଜପାର ରାଜ୍ୟ ନିର୍ବାଚନ କମିଟିରେ ମୋଟ୍ ୧୯ ଜଣ ସଦସ୍ୟ ରହିଛନ୍ତି। ସେଥିରେ ୧୫ ଜଣ ସଦସ୍ୟଙ୍କ ସମେତ ଜଣେ ଏକ୍ସ ଅଫିସିଓ ଓ ୩ କେନ୍ଦ୍ରୀୟ ନେତାଙ୍କୁ ସ୍ୱତନ୍ତ୍ର ଆମନ୍ତ୍ରିତ ଭାବେ ରଖାଯାଇଛି। ସେମାନେ ହେଉଛନ୍ତି, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ଏମ୍‌ପି ଜୁଏଲ ଓରାମ, ପ୍ରତାପ ଷଡ଼ଙ୍ଗୀ, ସୁରେଶ ପୂଜାରୀ, ବସନ୍ତ ପଣ୍ଡା, ପୂର୍ବତନ ରାଜ୍ୟ ସଭାପତି କେ.ଭି. ସିଂଦେଓ, ସମୀର କୁମାର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ଜାତୀୟ ମୁଖପାତ୍ର ସମ୍ବିତ ପାତ୍ର, ଦଳର ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି ଅଛନ୍ତି। ଏହାସହ ମହିଳା ମୋର୍ଚ୍ଚା ସଭାପତି ଐଶ୍ୱର୍ଯ୍ୟା ବିଶ୍ୱାଳ, କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ନିର୍ବାଚନ ପ୍ରଭାରୀ ବିଜୟ ପାଲ ସିଂ ତୋମାର ଏବଂ ସହପ୍ରଭାରୀ ଲତା ଉସେଣ୍ଡି ପ୍ରମୁଖ ରହିଛନ୍ତି। ଏହି ନେତାମାନଙ୍କୁ ନେଇ ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅପରାହ୍ନ ୪ଟା ସମୟରେ ବୈଠକ ବସିବ ବୋଲି ପୂର୍ବତନ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି। ହେଲେ ଏହି ବୈଠକ ସମ୍ପର୍କରେ କୌଣସି ସୂଚନା ନ ଥିବା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର କହିଛନ୍ତି। ଯଦି ବି ବୈଠକ ହୁଏ ନିର୍ବାଚନମଣ୍ଡଳୀରେ ବିଭିନ୍ନ କାର୍ଯ୍ୟକ୍ରମ ଥିବାରୁ ସେଥିରେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ତେବେ ନିର୍ବାଚନ କମିଟି ବୈଠକ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ କାହିଁକି ଯୋଗଦେବେ ନାହିଁ ଏବଂ ତାଙ୍କୁ କିପରି ବୈଠକ ସମ୍ପର୍କରେ ସୂଚନା ଶୁକ୍ରବାର ସନ୍ଧ୍ୟା ପର୍ଯ୍ୟନ୍ତ ମିଳି ନାହିଁ ବୋଲି ପ୍ରଶ୍ନ ଉଠିଛି।

# ଭାଜପା ଆଶାୟୀଙ୍କ ସହ ଯୋଡ଼ିହେଲେ ତ୍ରିନାଥ

## ବିଜେଡି ଛାଡ଼ି ଭାଜପାରେ ମିଶିଲେ ଗୁଣପୁରର ପୂର୍ବତନ ବିଧାୟକ

ରାୟଗଡ଼ା/ଗୁଣପୁର, ୧୫।୩(ଆଶିଷ ରଞ୍ଜନ ପଣ୍ଡା/ପ୍ରଦୀପ କୁମାର ପାଢ଼ୀ)



ତ୍ରିନାଥ ଗମାଙ୍ଗ



ବିଜୟକୃଷ୍ଣ ଶବର



ନର୍ସିଙ୍ଗ ମାଣ୍ଡାଙ୍ଗି

ରାୟଗଡ଼ା ଜିଲା ଗୁଣପୁରର ପୂର୍ବତନ ବିଧାୟକ ତ୍ରିନାଥ ଗମାଙ୍ଗ ବିଜେଡି ଛାଡ଼ି ଶୁକ୍ରବାର ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି । ଭୁବନେଶ୍ୱରଠାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟାନ୍ୟ ଦଳୀୟ ନେତାଙ୍କ ଉପସ୍ଥିତିରେ ତ୍ରିନାଥ ଭାଜପାରେ ମିଶିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଅଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ଭାଜପାରେ ଯୋଗଦେଇଥିବା ସେ କହିଛନ୍ତି। ଭାଜପାରୁ ଗୁଣପୁର ଆସନ ପାଇଁ ଆଶାୟୀ ରହିଥିବା ନେଇ ପଚାରିବାରୁ ଏ ବିଷୟରେ କିଛି ଭାବିନାହାନ୍ତି, ବରଂ ଜନସାଧାରଣଙ୍କ ସେବା ପାଇଁ ଭାଜପାରେ ଯୋଗଦେଇଥିବା କହିଛନ୍ତି ।

ତ୍ରିନାଥ ୨୦୧୪ ସାଧାରଣ ନିର୍ବାଚନରେ ବିଜେଡିରୁ ଟିକେଟ ପାଇ ବିଧାୟକ ହୋଇଥିଲେ। ସେ କଂଗ୍ରେସ ପ୍ରାର୍ଥୀ ପୁରୁଷୋତ୍ତମ ଗମାଙ୍ଗଙ୍କୁ ହରାଇଥିଲେ। ନିର୍ବାଚନ ପୂର୍ବରୁ ସେ ପେସାରେ ଶିକ୍ଷକ ଥିଲେ । ଚାକିରିରୁ ଇସ୍ତଫା ଦେଇ ବିଜେଡିରେ ଯୋଗଦେଇଥିଲେ । ଥରେ ବିଧାୟକ ହୋଇଥିଲେ ମଧ୍ୟ ୨୦୧୯ରେ ତ୍ରିନାଥଙ୍କ ବଦଳରେ ଦଳ ରଘୁନାଥ ଗମାଙ୍ଗଙ୍କୁ ଟିକେଟ ଦେଇଥିଲା। ଏଥିରେ ବ୍ୟତିବ୍ୟସ୍ତ ହୋଇ ୨୦୧୯ ନିର୍ବାଚନରେ ତ୍ରିନାଥ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ ହେଁ ୨୬ହଜାର ୩୨୧ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ।

ଆଲୋଚନା ହେଉଛି ତ୍ରିନାଥ ଟିକେଟ ପାଇବା ଆଶାରେ ଭାଜପାରେ ଯୋଗଦେଇଛନ୍ତି। କିନ୍ତୁ ପୂର୍ବରୁ ଅବସରପ୍ରାପ୍ତ ଏବିଡିଓ ନର୍ସିଙ୍ଗ ମାଣ୍ଡାଙ୍ଗି ଓ ପୂର୍ବତନ ସରପଞ୍ଚ ବିଜୟକୃଷ୍ଣ ଶବର ମଧ୍ୟ ଭାଜପାରୁ ଗୁଣପୁର ଆସନ ପାଇଁ ଆଶାୟୀ ରହିଛନ୍ତି । ଫଳରେ ଗୁଣପୁର ନିର୍ବାଚନମଣ୍ଡଳୀର ଭାଜପାରେ ଏବେ ଭୂକମ୍ପନ ସୃଷ୍ଟି ହୋଇଛି । ବିଜେଡି ଓ ଭାଜପା ମଧ୍ୟରେ ମେଣ୍ଟ ହେଲେ ଗୁଣପୁର ଆସନ ପୂର୍ବ ଭଳି ଭାଜପା ଭାଗରେ ପଡ଼ିପାରେ ଓ ସେଥିପାଇଁ ତ୍ରିନାଥ ଭାଜପାରେ ଯୋଗଦେଇଛନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ବିଧାୟକ ରଘୁନାଥ ବିଜେଡିରୁ ପୁଣି ଥରେ ପ୍ରାର୍ଥୀ ଦୌଡ଼ରେ ରହିଛନ୍ତି । ଗୁଣପୁର ବିଧାନସଭା ଆସନରେ ବିଜେଡି ପ୍ରତ୍ୟେକ ଥର ପ୍ରାର୍ଥୀ ପରିବର୍ତ୍ତନ କରୁଥିବା ବେଳେ ବର୍ତ୍ତମାନ ରଘୁନାଥଙ୍କୁ ଦଳ ପୁଣି ପ୍ରାର୍ଥୀ କରୁଛି କିମ୍ବା ଅନ୍ୟ କାହାକୁ ଟିକେଟ ଦେଉଛି, ତାହା ଦେଖିବାକୁ ବାକି ରହିଲା ।

## Government of Odisha
## OFFICE OF THE CHIEF CONSTRUCTION ENGINEER CUTTACK (R&B) CIRCLE, CUTTACK

Email ID:sectcrb_2006@yahoo.co.in,Tel/Fax-0671-2301751/2302751

**('e' - PROCUREMENT NOTICE )**

**Bid Identification No.CCE.Ctc.(R&B) 49 /2023-24.**

**No.B-1948:**1.The Chief Construction Engineer, Cuttack (R&B)Circle, Cuttack on behalf of Governor of Odisha invites on Percentage rate basis bid in double cover system in ONLINE MODE from eligible contractors for Road work as mentioned below.

2. No. of work :- 01 No.
3. Nature of work :- Road work
4. Class of contractor :- 'A' & Special Class.
5. Tender paper cost :- Rs.10000/- (online)
6. Available of bid document in the website. :- From 20.03.2024 to 17.30 Hours of 30.03.2024
7. Date of opening of bid :- Dt.02.04.2024 at 11.00 Hours

8.The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum / corrigendum / cancellation of tender can also be seen in the said website.

**Sd/-Chief Construction Engineer,**
**Cuttack (R&B) Circle**
**OIPR-34012/11/0080/2324**

## GOVERNMENT OF ODISHA "e" PROCUREMENT NOTICE
## OFFICE OF THE SUPERINTENDING ENGINEER PURI (R&B) DIVISION, PURI
## WORKS DEPARTMENT
## TENDER CALL NOTICE

**Bid Identification No.SE(R&B) Puri-85/2023-24**

**E-mail:eerbpuri@yahoo.co.in**

**No.B-1952:**The Superintending Engineer, Puri (R&B) Division, Puri on behalf of Governor of Odisha invites percentage rate bid in **Single Cover/Double Cover system** in ONLINE MODE from the eligible class of contractors registered with the State Governments and contractors of equivalent Grade/Class registered with Central Government/Railways.

1. Nature of Work : Building Works
2. No. of Work : 3 Nos.
3. Tender Cost : Rs.10,000.00 /Rs.6,000.00 (On-Line)
4. Class of Bidders : 'B' Class
5. Available of Bid document in the Website : From 10.00 AM of Dt.16.03.2024 to 5.00 PM of Dt.27.03.2024
6. Last date of receipt of Tender : Dt.27.03.2024 upto 5.00 P.M.
7. Date of Opening of Bid : Dt.28.03.2024 at 11.00 A.M.
8. The Bidders have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/ Corrigendum/ Cancellation of tender can also be seen in the said website.

**Sd./- Superintending Engineer**
**Puri (R&B) Division, Puri**
**OIPR-34064/11/0056/2324**

## Government of Odisha, e- Procurement Notice
## OFFICE OF THE ENGINEER-IN CHIEF (CIVIL) ODISHA, BHUBANESWAR
## WORKS DEPARTMENT

**E-mail:ceworldbankprojects@gmail.com**

**Bid Identification No: CE-W.B.P. (O)-63/2023-24**

**No.B-1954:**The Chief Engineer (Bridges), World Bank Project, Odisha on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Road & Bridge work as detailed below:

2. Nature of Work : Bridge Work
3. No. of Work : 01 No.
4. Tender Cost : Rs.10,000.00 (On-line)
5. Class of Contractor : Special/Super Class Contractor
6. Available of bid document in the website : From 10.00 AM of 15.03.2024 to 5.00 PM of 03.04.2024.
7. Date of Opening of Bid : Dt.04.04.2024 at 11.30 AM
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in. Any addendum/corrigendum/cancellation of tender can also be seen in the said website.

**Sd./- Engineer-in-Chief**
**(I/C) Chief Engineer (Bridges), WBP**
**Odisha, Bhubaneswar**
**OIPR-34003/11/0094/2324**

See Career Appointment on every Wednesday & Saturday

## ଓଡ଼ିଶା ସରକାର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
## ବିଜ୍ଞାପନ

No. RR-79: ପୂର୍ବରୁ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ୫୦,୦୦୦ (ପଚାଶ ହଜାର) କଳାକାରଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା। ବର୍ତ୍ତମାନ ରାଜ୍ୟ ସରକାର ଏହି ଯୋଜନାରେ ଆଉ ୩୦,୦୦୦ (ତିରିଶ ହଜାର) ନୂତନ କଳାକାରଙ୍କୁ ସାମିଲ କରିବା ପାଇଁ ତା୦୬।୦୨।୨୦୨୪ରିଖରେ ନିଷ୍ପତ୍ତି ନେଇଛନ୍ତି।

**ଏହି ଯୋଜନାରେ ଆବେଦନ କରିବା ନିମିତ୍ତ ସର୍ତ୍ତାବଳୀ:**

- କଳାକାରମାନଙ୍କର ବାର୍ଷିକ ଆୟ ଟ.୧,୦୦,୦୦୦ଙ୍କା (ଏକ ଲକ୍ଷ ଟଙ୍କା) ମଧ୍ୟରେ ହୋଇଥିବ।
- ମହିଳା କଳାକାରଙ୍କ କ୍ଷେତ୍ରରେ ଅନ୍ୟୁନ ୪୦ ବର୍ଷ ବୟସ ଓ ପୁରୁଷ କଳାକାରଙ୍କ କ୍ଷେତ୍ରରେ ଅନ୍ୟୁନ ୫୦ ବର୍ଷ ବୟସ ହୋଇଥିବ।

କଳାକାର ସହାୟତା ପାଇଁ ନିର୍ଦ୍ଧାରିତ ଆବେଦନ ପତ୍ର ପ୍ରତ୍ୟେକ ଜିଲ୍ଲାର ଜିଲ୍ଲା ସଂସ୍କୃତି ଅଧିକାରୀ (DCO) କିମ୍ବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିନା ମୂଲ୍ୟରେ ମିଳିପାରିବ। ଯେଉଁମାନେ ପୂର୍ବରୁ ନିଜ ଜିଲ୍ଲାର ପ୍ରତୀକ୍ଷା ତାଲିକାରେ ଥିଲେ, ସେମାନେ ମଧ୍ୟ ଏଥିପାଇଁ ଆବେଦନ କରି ପାରିବେ। ଆବେଦନକାରୀମାନେ ନିଜର ବାର୍ଷିକ ଆୟ ପ୍ରମାଣ ପତ୍ର, ପାସ୍‌ପୋର୍ଟ ଫଟୋ, ଆଧାର କାର୍ଡ଼ର ନକଲ, ବୟସ ପ୍ରମାଣ ପତ୍ରର ନକଲ, ବ୍ୟାଙ୍କ ଖାତାର ପ୍ରଥମ ପୃଷ୍ଠା ନକଲ ଓ କଳା କ୍ଷେତ୍ରରେ ପାଇଥିବା ପ୍ରଶଂସାପତ୍ର ତଥା ମାନପତ୍ରର ନକଲ ଆବେଦନ ପତ୍ର ସହ ସଂଲଗ୍ନ କରି ନିଜ ଜିଲ୍ଲାର ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ ନିକଟରେ ଦାଖଲ କରିବେ। କଳାକାର ସହାୟତା ପାଇଁ ଆବେଦନ କରିବାର ଶେଷ ତାରିଖ ୩୦ ଏପ୍ରିଲ ୨୦୨୪ ନିର୍ଦ୍ଧାରଣ କରାଯାଇଛି।

**ସ୍ୱା./- ନିର୍ଦ୍ଦେଶକ**
**ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ**

### ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ପାଇଁ ଆବେଦନ ପତ୍ର

(ଆବେଦନକାରୀଙ୍କ ପାସ୍‌ପୋର୍ଟ ସାଇଜ୍ ଫଟୋ ସଂଲଗ୍ନ କରନ୍ତୁ)

୧. କଳାକାରଙ୍କ ନାମ :
୨. ପିତା/ସ୍ୱାମୀଙ୍କ ନାମ :
୩. ଯୋଗାଯୋଗ ଠିକଣା :
୪. ସ୍ଥାୟୀ ଠିକଣା (ସ୍ଥାୟୀ ବାସସ୍ଥାନ ପ୍ରମାଣ ପତ୍ରର ପ୍ରମାଣୀକୃତ ନକଲ ସଂଲଗ୍ନ କରନ୍ତୁ) :
୫. ଜନ୍ମ ତାରିଖ (ପ୍ରମାଣୀକୃତ ସାର୍ଟିଫିକେଟର ନକଲ ସଂଲଗ୍ନ କରନ୍ତୁ) :
୬. ଭୋଟର ପରିଚୟ ପତ୍ର/ଆଧାର କାର୍ଡ଼ ନମ୍ବର (ନକଲ ସଂଲଗ୍ନ କରନ୍ତୁ) :
୭. କେଉଁ ପ୍ରକାର କଳାକାର :
୮. କଳା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟର ବିବରଣୀ (ପ୍ରମାଣ ପତ୍ର ଥିଲେ ସଂଲଗ୍ନ କରନ୍ତୁ) :
୯. ପରିବାରର ସମସ୍ତ ସୂତ୍ରରୁ ବାର୍ଷିକ ଆୟର ପରିମାଣ (ପ୍ରମାଣ ପତ୍ର ସଂଲଗ୍ନ କରନ୍ତୁ) :
୧୦. ଦରଖାସ୍ତକାରୀଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ବିବରଣୀ (ଦରଖାସ୍ତକାରୀଙ୍କ ସହ ସେମାନଙ୍କ ସମ୍ପର୍କ, ବୟସ, ବୃତ୍ତି ଓ ଆୟର ପନ୍ଥା ଯଦି କିଛି ଥାଏ ତାହାର ବିବରଣୀ ପ୍ରଦାନ କରିବେ) :
୧୧. ଦରଖାସ୍ତକାରୀ କେନ୍ଦ୍ର ବା ରାଜ୍ୟ ସରକାରଙ୍କଠାରୁ କୌଣସି ଯୋଜନାରେ ପୂର୍ବରୁ ଭତ୍ତା/ସହାୟତା ପାଉଛନ୍ତି କି? (ଯଦି ପାଉଛନ୍ତି ତେବେ ତାହାର ସବିଶେଷ ବିବରଣୀ ପ୍ରଦାନ କରନ୍ତୁ) :
୧୨. କଳାକାର ସ୍ଥାୟୀ ଭାବରେ ବସବାସ କରୁଥିବା ଗ୍ରାମପଞ୍ଚାୟତ ସହିତ ବ୍ଲକ/ପୌରାଞ୍ଚଳର ନାମ :

ଏତଦ୍ୱାରା ମୁଁ ଘୋଷଣା କରୁଅଛି ଯେ, ମୋ ଦ୍ୱାରା ପ୍ରଦତ୍ତ ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ, ଯଦି ଭବିଷ୍ୟତରେ ଏହା ଭୁଲ ବୋଲି ପ୍ରମାଣିତ ହୁଏ, ମୁଁ ଏ ବାବଦରେ ସରକାରଙ୍କ ନିକଟରୁ ପାଇଥିବା ସମସ୍ତ ସହାୟତା ଫେରସ୍ତ କରିବା ସହିତ ମୋ ବିରୁଦ୍ଧରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଦାୟୀ ରହିବି।

ସ୍ଥାନ:
ତାରିଖ:
ଫୋନ: ଦରଖାସ୍ତକାରୀଙ୍କ ସମ୍ପୂର୍ଣ୍ଣ ସ୍ୱାକ୍ଷର

**OIPR-03029/11/0037/2324**

## ZILLA SWASTHYA SAMITI, DHENKANAL
## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

**Advt.No.905** **Date:13.3.24**

### TENDER CALL NOTICE FOR SUPPLY OF IEC-BCC MATERIALS

**No.E-946:**Sealed tenders are invited from the registered suppliers/farms/ distributors for supply of IEC-BCC materials under NHM, Dhenkanal. The last date for receiving the tender documents to the office of the undersigned on or before 29.03.2024 upto 5.30 PM and will be opened on dtd.30.03.2024 at 11.00 A.M. The detail terms & condition can be downloaded from the District Website i.e. www.dhenkanal.nic.in. The tenders should reach the office of the undersigned through speed post/ registered post/ courier only. The undersigned is not responsible for any kind of postal delay & reserves all right to cancel any or all the tender at any stage of selection/ finalization process without assigning any reason thereof.

**Sd./- CDM & PHO cum DMD, Dhenkanal**
**OIPR-10059/11/0022/2324**

## OFFICE OF THE EXECUTIVE ENGINEER P.H. DIVISION, ANGUL

Ph.(06764) 296431, Email:eephangul@yahoo.in

**GOVERNMENT OF ODISHA**

**Bid Identification No.SE PH Division Angul-32/2023-24,dt.12.03.2024**

**No.C-3312:**

| | | | |
|---|---|---|---|
| 1. | Name of the Work | : | 01 (One) No. |
| 2. | Type of Bid | : | One no. double bid system |
| 3. | Estimated Cost | : | Rs.183.22 Lakhs |
| 4. | Period of Completion | : | 11 (Eleven) months |
| 5. | Date & Time of availability of bid document in the portal | : | From 11.00 AM of 19.03.2024 to 5.00 PM of 03.04.2024 |
| 6. | Last date / time of receipt of bids in the portal | : | 5.00 PM of 03.04.2024 |
| 7. | Date & Time of opening of technical bids | : | At 11.00 AM of 04.04.2024 |
| 8. | Name & Address of the Officer Inviting Bid | : | Superintending Engineer P.H. Division, Angul |
| 9. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any Addendum/ Corrigendum/ Cancellation of tender can also be seen in the said website. | | |

**Sd./- (Er. Prasanta Behera)**
**Superintending Engineer**
**P.H. Division, Angul**
**OIPR-13056/11/0013/2324**

Your classified advertisement published in Dharitri will be listed free in Dharitri online edition :
**www.dharitri.com**

## ODISHA STATE SEEDS CORPORATION LIMITED.

(A Government Undertaking)
Santarapur, Bhubaneswar - 751002
Tel. MD-0674-2340573, E-mail: mdossсltd456@gmail.com
NIT No. OSSC/Mktg(Hort)-83/2024

### Short e-Tender Call Notice for Procurement of TC Pomegranate Plantlet for the year - 2024-25

No. CAD-4642: OSSC Ltd. invites e-Tender from Producers only on item wise rate contract basis for Procurement of TC Pomegranate Plantlet for the year 2024-25 in Double Cover System through online mode only for the work below.

| | |
|---|---|
| Name of the work | Purchase of TC Pomegranate Plantlet for the year 2024-25 |
| No. of Work | One |
| Availability of Bid Documents in Portal | 15.00 hours on Dt.15.03.2024 to 17.00 hours of Dt.21.03.2024 |
| Last date of receipt of tender in portal | 17.00 hours of Dt.21.03.2024 |
| Date and time of opening of Bid | 10.30 hours of Dt.22.03.2024 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal **www.tendersodisha.gov.in**. Any addendum/ corrigendum/cancellation can also be seen in the said website.

**Sd./- Managing Director**
**OSSC Ltd.**
**OIPR-01106/11/0125/2324**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, MINOR IRRIGATION DIVISION, BALASORE

**No. A-1742** At/P.O./Dist.: Balasore, PIN - 756001

### ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)

**(WORLD BANK PROJECT ID: PI63533)**

**REQUEST FOR BIDS (RFB) E-Procurement Notice**

**NATIONAL OPEN COMPETITIVE PROCUREMENT FOR SMALL WORKS**

**No. 727** **Dated: 13.03.2024**

**RFB No. OIIPCRA-BAL/W2-04/2023-24**

| | | |
|---|---|---|
| Name of Work | : | Modernization works of Minor Irrigation Projects under OIIPCRA in Balasore & Bhadrak District. |
| No. of works | : | 07 (Seven) Nos. Minor Irrigation Projects |
| Estimated Cost | : | From Rs.14.86 Lakh to Rs.97.45 Lakh Approx (Total estimated cost of 7 Projects Rs.4.24 Cr.) |
| Cost of Bid Document | : | Free of Cost |
| Period of Completion | : | As per DTCN |
| Availability of bid documents | : | From 30.03.2024, 10.00 Hrs. to 28.04.2024 upto 15.00 Hrs. in the e-procurement website **(https://tendersodisha.gov.in)** |
| Date of Pre-Bid Meeting | : | 9 April 2024 as per Para - 7 of DTCN |
| Last date & time of receipt of bid | : | Upto 28.04.2024, 15.00 Hrs. through online |
| Period of receipt of Bid Security | : | To be paid online along with the bid. Bank Guarantees also acceptable subject to verification. |
| Date of Opening of Technical Bid | : | On Dt.28.04.2024 at 15.30 Hrs. |
| Date of Opening of Financial Bid | : | To be intimated online after Offline evaluation of Technical Bid |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class - II or III. |
| The detail tender call notice can also be seen in the DOWR website | : | **https://dowrodisha.gov.in** **https://octdms.in** |
| Name & Address of the OIT | : | Superintending Engineer, M.I. Division, Balasore, At/P.O.: Balasore (Near Fandi Chhaka), Dist.: Balasore, PIN - 756001, Ph.: 06782-262146 E-Mail: **mibalasore@yahoo.co.in** |
| Further details can be seen from the e-Procurement market place in | : | **https://tendersodisha.gov.in** |

**Sd./- Superintending Engineer**
**M.I. Division, Balasore**
**OIPR-32014/11/0020/2324**

## ODISHA COMPUTER APPLICATION CENTRE
### Expression of Interest (EOI)

**Enq. No.: OCAC-IFITP-MISC-0038-2023-24054**

Odisha Computer Application Centre (OCAC) invites Expression of Interest (EOI) for Selection of Partner to OCAC for the Special Purpose Vehicle (SPV) of the Odisha Semiconductor FAB and Fabless Innovation and Acceleration Program (O-CHIP). For details please visit websites www.ocac.in & www.odisha.gov.in.

The EOI shall be submitted in electronic mode only in the portal **https://enivida.odisha.gov.in** latest by **04.04.2024, 4:00 PM.** OCAC reserves the right to accept/reject any/ all proposals without assigning any reason thereof.

**General Manager(Admin), OCAC,** Plot No.-N-1/7-D, Acharya Vihar, P.O.-RRL, Bhubaneswar-751013, Ph.-2567280/ 2567064/ 2567295

**No. U-** **OIPR-16003/11/0162/2324**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, CENTRAL RURAL WORKS CIRCLE, BHUBANESWAR

Unit-IX. (Near Boys High School) Po-Bhoinagar, BBSR
Email: se_ccrw@yahoo.co.in, Phone No: 0674 2540742 (O)

**No.Tender Online-15 of 2024 Letter No.1678, Date:13.03.2024**

### Repair and Maintenance of Rural Roads under PMGSY & Other Scheme NATIONAL COMPETITIVE BIDDING THROUGH e-Procurement

**No.O-2806:**The Chief Construction Engineer, Central R.W. Circle, Bhubaneswar on behalf of Odisha State Rural Road Agency invites **percentage rate** bids with double cover in electronic tendering system for **Repair/Maintenance of the Rural Roads Constructed under Pradhan Mantri Gram Sadak Yojana** in the districts of **Khurda & Puri for 5** number of Roads with approximate estimated cost totaling to Rs. 2.44 Cr. including maintenance for five year from the eligible contractors registered with **State PWD/ CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement. Dtd. **18.03.2024.**

**Availability of Bid Documents and mode of submission:** The bid document is available online and should be submitted online in **http://www.pmgsytenders.gov.in** The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to Submit (a)original Demand Draft towards the cost of bid document and (b)original bid security in approved form and (c)original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **C.C.E., Central R.W. Circle, Bhubaneswar,** on a date not later than three working days after the opening of technical qualification part of the Bid, either by registered post or by hand, failing which the bids shall be declared non- responsive.

**Last Date/Time for receipt of bids through e-procurement:** 02.04.2024 upto 5.00 P.M.

For further details please log on to http://www.pmgsytenders.gov.in.

**Sd./- Chief Engineer**
**Central R.W.Circle,Bhubaneswar**
**OIPR-25194/11/0018/2324**

## OFFICE OF THE DIVISIONAL HEAD (ELECTRICAL-II) IDCO, IDCO TOWER, BHUBANESWAR

idco — Your power to grow — ISO 9001 & 14001 Corporation | ODISHA NEW OPPORTUNITIES

**No. CAD-4632**

**Tender Call Notice No. BBSR/ELECT-II/E-239/23-24/1751** **Dated: 13.03.2024**

### NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

1. Name of the Work : Construction of 3 Phase 11KV line by using 100mm2 AAAC & Construction of 3 Phase 11KV line DP structure with two nos AB Switch arrangement, without AB Switch arrangement & lying of 3C × 400mm2 XLPE UG Cable including spare cable along with dismantalling of 11KV line at Kalinga Studio, Bhubaneswar.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect-II), IDCO, IDCO Tower, Janpath, Bhubaneswar | Bid ID No. BBSR/ELECT-II/e-23/2324 | 19.03.2024 at 12.00 Hrs. | 28.03.2024 at 17.00 Hrs. |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or Addendum if any will not be published in Newspapers and can be seen in e-Procurement portal as well as in IDCO Website.

**OIPR-14003/11/0487/2324** **Sd./- Divisional Head (Elect-II), IDCO, Bhubaneswar**

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

### NOTICE

**No.4607/OMC/Persnl./2024**
**Date:14.03.2024**

**No.CAD-:**Pursuant to the Advertisement No.82/OMC dated 15.11.2023 and Computer Based Test (CBT) conducted on 22.01.2024/23.01.2024/02.02.2024, the Document Verification for the Posts of Jr. Engineer (Mech.), Jr. Engineer (Elect.), Jr. Engineer (Civil). Jr. Nurse, Jr. Pharmacist and Electrician-III shall be conducted as per the following schedule.

| Sl.No. | Name of Post | Date & Time | Venue |
|---|---|---|---|
| 1 | Jr. Engineer (Mech.) | 03.04.2024 10.00 AM to 01.00 PM | IDCOL Auditorium, IDCOL House, Near IG Park, Unit-II, Ashok Nagar, Bhubaneswar |
| 2 | Electrician-III | | |
| 3 | Jr. Engineer (Elect.) | 04.04.2024 10.00 AM to 01.00 PM | |
| 4 | Jr. Engineer (Civil) | | |
| 5 | Jr. Nurse | | |
| 6 | Jr. Pharmacist | | |

For this purpose, a notice containing details of Application Sequence No., Roll No. & Name of the provisionally shortlisted candidates as well as the time schedules of Document Verification shall be displayed in OMC website (https://omcltd.in) on 15.03.2024, 5.00 PM onwards.

**Sd./- Executive Director (P&A)**

NB: Candidates are advised to visit the OMC website (https://omcltd.in) regularly for further updates.

**OIPR-30005/11/0332/2324**

## ODISHA STATE SEEDS CORPORATION LIMITED

**( A GOVERNMENT UNDERTAKING)**
**SANTARAPUR, BHUBANESWAR-751002, Tel- MD 0674-2340573, PBX-2340170, Fax-2340096**
**TENDER INVITATION No.OSSC/Engg-93/2024**

**No.CAD-4633:**Managing Director, Odisha State Seeds Corporation Ltd. invites Percentage Rate tenders in Double Cover System through ONLINE MODE ONLY for the works below.

Values in Rs.

| Sl. | Name of the Work | Cost of Work without GST | EMD | Cost of Tender Document with GST | Com-pletion period | Class of Contractor |
|---|---|---|---|---|---|---|
| 1 | Installation of LT Supply for Power Supply to 45 KW GP (Enhanced from existing 15.0 KW) by upgradation of Transformer from 25 KVA, 11/0.4 KV into 63 KVA Substation at Jajpur Road | 7,63,238.00 Without GST | 7632.00 | 7,080.00 With GST | 120 | HT Electrical |

**CRITICAL DATES**

| | | |
|---|---|---|
| A | Availability of Bid Document | 14.40 hours on dt.16.03.24 to 17.00 hours on dt.27.03.24 |
| B | Last Date of Receipt of tender in the Portal | 17.00 hours on dt.27.03.24 |
| C | Date/Time of Opening of Bid | 12.30 hours on dt.28.03.24 |

Further detail can be seen from the website https://tendersodisha.gov.in. Any addendum/corrigendum/ cancellation can also be seen in the said website.

**OIPR-01106/11/0128/2324** **Sd./- Managing Director, OSSC Ltd., BBSR**

## OFFICE OF THE MUNICIPAL COUNCIL,BELPAHAR

**Ph:06645-356292, Fax:06645-250236, Email:municipalitybelpahar@gmail.com**

**"e" PROCUREMENT NOTICE**
**BID REFERENCE NO.EO/BPHM/11/2023-2024**
**BID IDENTIFICATION NO.2024_ORULB_102524**
**TENDER CALL NOTICE NO.841, DT.13.03.2024**

**No.C-3316**

| | |
|---|---|
| Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersorissa.gov.in. | |
| Name of the Work | Individual Civil Construction Works |
| No. of Works | 06 Nos. |
| Bid Value | As per DTCN |
| Period of Completion | As per DTCN |
| Date & Time of availability of the bid documents in the portal | From Dt.14.03.2024 at 10.00 AM to Dt.23.03.2024 upto 5.00 P.M. |
| Bids received online shall be opened on | 11.00 A.M. onwards on dt.27.03.2024 |
| Name & Address of the Officer Inviting Bid | Executive Officer, Belpahar Municipality |
| Further the details can be seen from the procurement portal: www.tendersorissa.gov.in. If any addendum/ corrigendum/cancellation of tender shall be published in the above website only. | |

**OIPR-13024/11/0024/2324** **Sd./- Executive Officer, Belpahar Municipality**

## ODISHA HYDRO POWER CORPORATION LTD.

**(A Government of Odisha Undertaking)**
**Regd. Office: ODISHA STATE POLICE HOUSING & WELFARE CORPORATION BUILDING VANIVIHAR CHOUK, JANPATH, BHOINAGAR, BHUBANESWAR-751022**
**Tel:91-0674-2542983, 2542802, 2545526, Fax:2542102, e-mail:ohpc.co@gmail.com**
**CIN: U40101OR1995SGC003963**

**No.OHPC:OHPC:TECH:C&P:25/2023-24/3146** **Dated 14.03.2024**

### NOTICE INVITING TENDER No.39/2023-24

**No.CAD-4638:**Sealed Tenders are invited in two parts i.e. (i) Techno Commercial Bid & (ii) Price bid in separate sealed envelopes from the reputed consultants who have successfully completed minimum two nos. of similar assignments during the last five years fulfilling the eligibility criteria as per the terms & conditions for the work as mentioned below.

| Description of Services | Cost of Tender Paper (Non-refundable in Rs.) | EMD in Rs. |
|---|---|---|
| Invitation of offer for preliminary survey, detail survey, preparation of Land schedule and detailed BoQ for construction of 33 KV Double Circuit line from 220/132/33 KV GSS, Jaipatna (Baner) to proposed 600 MW pumped storage project at Mukhiguda. | 2360.00 (2,000.00+GST @18%) | 5,000.00 |

For details of the tender documents, terms & conditions please visit/refer our website www.ohpcltd.com from Dt.20.03.2024.

**OIPR-04012/11/0044/2324** **C & P Head**

## ODISHA JOINT ENTRANCE EXAMINATION - 2024 (OJEE - 2024)

**No.: OJEE/87** **Date: 14.03.2024**

### NOTICE FOR EXTENSION OF THE LAST DATE FOR ONLINE APPLICATION FOR OJEE - 2024

No. h-37: This is for the information of all candidates, interested to apply for **Odisha Joint Entrance Examination (OJEE) - 2024,** that the **last date for registration and final submission of online application forms for OJEE - 2024, which was earlier notified as 15.03.2024, is extended upto 22.03.2024 (till 11.59 P.M.)**.

Candidates are advised to visit OJEE website **(www.ojee.nic.in/www.odishajee.com)**, read the **'Information Brochure'** and the **'Instructions to fill Online Application Form'**, which are available in the OJEE websites and submit their online Application forms as soon as possible, without waiting till the last date.

Further, another three days, i.e. **23.03.2024, 24.03.2024 and 25.03.2024 (till 11.59 P.M.)** will be provided to the candidates to correct, if necessary, their application forms and fee payment. For other details please visit OJEE website: **https://ojee.nic.in**.

**It may be noted that there will be no further extension of the registration/application period beyond this date.**

**Sd./- CHAIRMAN, OJEE, Odisha**
**OIPR-14020/11/0021/2324**

## GOVT. OF ODISHA
## DEPARTMENT OF PANCHAYATI RAJ & DRINKING WATER
## OFFICE OF THE PANCHAYAT SAMITI, SADAR, SUNDARGARH

**No.i-671:**

**Email ID:ori-bsundargarh@nic.in**

| Sl. No. | | | Tender Cost | Class of Contractor |
|---|---|---|---|---|
| 1 | Name of Work | Construction of Model AWC Building at Badbahal Gandapada in Kundukela G.P. | 2119274/- | B and C Class |
| | | Const. of Model AWC Building at Birbira Goudpada | 2176373/- | B and C Class |
| | | Construction of Model AWC at Gireldungri-2 | 2151869/- | B and C Class |
| 2 | Period of Completion | 6 Months | | |
| 3 | Date and Time of availability of bid documents in the portal | 16.03.2024 at 11.00 AM | | |
| 4 | Last date/time for receipt of bids at the block office | 27.03.2024 Upto 05.00 P.M. | | |
| 5 | Date and Time of Opening of Bid | 28.03.2024 At 11.00 A.M. | | |
| 6 | Name and Address of the Officer Inviting Bid | Block Development Officer, Sadar, Sundargarh, PIN 770001 | | |

Further details can be seen from the Govt. website www.Sundargarh.nic.in

**OIPR-19345/11/0008/2324** **Sd./- Block Development Officer, Sadar, Sundargarh**

## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

**No.CAD-4608**

## ODISHA BRIDGE & CONSTRUCTION CORPORATION LIMITED

**(A Government of Odisha Undertaking under Works Department)**

**No.2487**
**File: SMT-1974** **Date:12.03.2024**

### NOTICE INVITING TENDER

| | 1 | 2 | 3 | 4 | 5 | 6 | 7 |
|---|---|---|---|---|---|---|---|
| Sl. No. | Name of Work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (online mode) | Period of Completion | Class of Contractor |
| 1 | Construction of State of Art Hygienic Wholesale Fish Market at Basta, Balasore on EPC Mode. | 111/Tender/ OBCC/ 2023-24 | From 20.03.2024 | On or before 5.30 PM of 08.04.2024 | Rs.58,100/- (including GST) | 24 (Twenty Four) Calendar Months | 'Super' Class |
| 2 | Construction of State of Art Integrated Farmers Training Centre along with Accommodation facility at Kausalyaganga Fish Farm on EPC Mode. | 112/Tender/ OBCC/2023-24 | From 20.03.2024 | On or before 5.30 PM of 08.04.2024 | Rs.11,800/- (including GST) | 18 (Eighteen) Calendar Months | 'A' Class and 'Special' Class |

3. Further details with any addendum, corrigendum, cancellation can be seen from the e-Procurement portal https://www.tendersodisha.gov.in. 4. OBCC has the right to accept or reject the Notice / RFP without assigning any reasons thereof.

**Sd./-Chief General Manager-III**
**OIPR-34161/11/0132/2324**

# ବନ୍ୟପ୍ରାଣୀଙ୍କ ସହ ଫଟୋ, ଭିଡିଓ ପୋଷ୍ଟକଲେ ଗିରଫ

## ଆଇନକୁ କଡ଼ାକଡ଼ି ପାଳନ ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୩(ଅସମାପିକା ସାହୁ)

ସୋସିଆଲ ମିଡିଆରେ ପୋଷ୍ଟ କରିବା ନିଶା ହେଉ ଅବା ରୋଜଗାର ଆଶାରେ ଲୋକେ ବନ୍ୟପ୍ରାଣୀଙ୍କ ସହ ଫଟୋ ଓ ସେଲ୍‌ଫି ନେଉଛନ୍ତି। ଭିଡିଓ ଶୁଟ୍ ମଧ୍ୟ କରୁଛନ୍ତି। ବନ୍ୟପ୍ରାଣୀଙ୍କୁ ଧରି ବା ଅତି ନିକଟକୁ ଯାଇ ଏପରି କରିବା ସମୟରେ ଦୁର୍ଘଟଣା ଘଟି ଜୀବନ ଯାଉଛି। ଏଥିପାଇଁ ଉଭୟ ମଣିଷ ଓ ବନ୍ୟପ୍ରାଣୀଙ୍କ ଜୀବନ ପ୍ରତି ବିପଦ ସମ୍ଭାବନା ରହୁଥିବାରୁ ରାଜ୍ୟ ବନ ବିଭାଗ ପକ୍ଷରୁ ଏହା ଉପରେ କଟକଣା ଲଗାଯାଇଛି। ଓଡ଼ିଶା ପିସିସିଏଫ୍(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶାନ୍ତ ନନ୍ଦ ସଂରକ୍ଷିତ ବନ୍ୟପ୍ରାଣୀ (ଜୀବିତ, ମୃତ ବା ଅଙ୍ଗପ୍ରତ୍ୟଙ୍ଗ)ଙ୍କ ସହିତ ଫଟୋ ଉଠାଇ ସୋସିଆଲ ମିଡିଆରେ ପୋଷ୍ଟ କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆଦେଶ ଜାରି କରିଛନ୍ତି। ଏ ନେଇ ରାଜ୍ୟ ବନ୍ୟପ୍ରାଣୀ କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ରାଜ୍ୟର ସମସ୍ତ ବନଖଣ୍ଡ ଅଧିକାରୀ, ଶିମିଳିପାଳ ଏବଂ ନନ୍ଦନକାନନ ଉପନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି। ଏହା ବନ୍ୟପ୍ରାଣୀ (ସଂରକ୍ଷଣ) ଆଇନ ୧୯୭୨ର ଧାରା ୯ର ଉଲ୍ଲଂଘନ ହେଉଛି। ସେହିପରି ବନ୍ୟପ୍ରାଣୀଙ୍କ ମୃତ ଶରୀର ବା ଅଙ୍ଗପ୍ରତ୍ୟଙ୍ଗ ସହିତ ଫଟୋ/ଭିଡିଓ କଲେ ଧାରା ୩୯ର ଅବମାନନା କରାଯାଉଛି। ଏଥିପାଇଁ ୭ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ପ୍ରାବଧାନ ରହିଛି। ଦେଶର ଆଇନକାନୁନ୍‌କୁ ଜଳାଞ୍ଜଳି ଦେଇ ଯିଏ ବେଆଇନ କାମ କରି ପ୍ରସିଦ୍ଧ ହେବାକୁ ଚାହୁଁଥିବ, ସେଭଳି ଲୋକଙ୍କୁ ଗିରଫ ଓ କୋର୍ଟ ଚାଲାଣ କରି ଅଧିକ ଫେମସ କରିବା ପାଇଁ ପିସିସିଏଫ୍ ଆହ୍ୱାନ ଦେଇଛନ୍ତି। ଏଥିସହ ଏହି ବନ୍ୟପ୍ରାଣୀ ଆଇନକୁ କଡ଼ାକଡ଼ି ପାଳନ କରିବା ପାଇଁ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ପିସିସିଏଫ୍ ନନ୍ଦ କହିଛନ୍ତି, ବନ୍ୟପ୍ରାଣୀ(ଜୀବିତ/ମୃତ)ଙ୍କ ସହିତ ଫଟୋ ଉଠାଇ ତାକୁ ସୋସିଆଲ ମିଡିଆରେ ଛାଡ଼ିବା ଅପରାଧ। ଏହାକୁ ବହୁ ଲୋକ ଜାଣିନାହାନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଆମେ ଏହି ପଦକ୍ଷେପ ନେଇଛୁ। ସେହିଭଳି ଯେଉଁମାନେ ସୋସିଆଲ ମିଡିଆରେ ପୂର୍ବରୁ ଏଭଳି ଫଟୋ ପୋଷ୍ଟ କରିଛନ୍ତି, ସେମାନେ ସେଗୁଡ଼ିକୁ ନିଜେ ଡିଲିଟ କରିଦିଅନ୍ତୁ। ନଚେତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆବଶ୍ୟକ ପଡ଼ିଲେ ସେଗୁଡ଼ିକୁ ବ୍ଲକ କରିବା ପାଇଁ ଇନ୍‌ଷ୍ଟା, ଫେସ୍‌ବୁକ ଭଳି ସୋସିଆଲ ମିଡିଆ ପ୍ଲାଟଫର୍ମକୁ ଆମେ ଅନୁରୋଧ କରିବୁ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି।

ପିସିସିଏଫ୍‌ଙ୍କ ଏହି ନିର୍ଦ୍ଦେଶନାମା ପରେ ଏବେ ଓଡ଼ିଶାରେ ସାପ/ମାଙ୍କଡ଼/ନେଉଳ/ଶୁଆ ବା ଅନ୍ୟ ଯେକୌଣସି ବନ୍ୟପ୍ରାଣୀଙ୍କୁ ଧରି ସ୍ନେହ କରୁଥିବା ଫଟୋ ବା ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରି ହେବ ନାହିଁ। ସେହିପରି ସମୁଦ୍ର କୂଳରେ ମଲା କଇଁଛକୁ ଏକାଠି କରି ଫଟୋ ଉଠାଇ ଆଉ ସୋସିଆଲ ମିଡିଆରେ ପୋଷ୍ଟ କରି ହେବନାହିଁ କିମ୍ବା ହାତୀ ଦାନ୍ତ ବା ବାଘ ଛାଲ ଧରି କେହି ମଧ୍ୟ ସୋସିଆଲ ମିଡିଆରେ ଫଟୋ ବା ଭିଡିଓ ପୋଷ୍ଟ କରିପାରିବେ ନାହିଁ। ଯେଉଁମାନେ ପୂର୍ବରୁ ପୋଷ୍ଟ କରିଛନ୍ତି, ସେମାନେ ହଟେଇ ଦିଅନ୍ତୁ। ନ ହେଲେ ବନ୍ୟପ୍ରାଣୀ ଆଇନର ଧାରା ୯ ଉଲ୍ଲଂଘନ ଆଧାରରେ ସେମାନଙ୍କୁ ମଧ୍ୟ ଗିରଫ କରାଯାଇପାରିବ ବୋଲି ପୂର୍ବତନ ପିସିସିଏଫ(ବନ୍ୟପ୍ରାଣୀ) ବିଜୟ କେତନ ପଟ୍ଟନାୟକ କହିଛନ୍ତି। ଏ ସମ୍ପର୍କରେ ସ୍ନେକ ହେଲ୍ପଲାଇନ ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ୨୦୧୮ରେ ଆମେ 'ନୋ ସେଲ୍‌ଫି ୱିଥ୍ ୱାଇଲ୍ଡ ଲାଇଫ' ନାମରେ ଏକ ଆନ୍ଦୋଳନ ଆରମ୍ଭ କରିଥିଲୁ। ଆମର ସଦସ୍ୟମାନେ କେହି ବି ସାପ ବା ଅନ୍ୟ କୌଣସି ବନ୍ୟପ୍ରାଣୀ ସହିତ ଫଟୋ ବା ଭିଡିଓ ପୋଷ୍ଟ କରିବେ ନାହିଁ ବୋଲି ନୋଟାରିଙ୍କ ପାଖରେ ସତ୍ୟପାଠ କରନ୍ତି। ଆଜି ଆମର ଆନ୍ଦୋଳନ ସଫଳ ହୋଇଥିବା ସେ କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦିଆ ଘରର ପେଯ ପିଇ**
**ଉଘା ଘରର ଭାତ ନ ଖାଇ।**

ସ୍ୱଚ୍ଛ ମନରେ ଦେବା ଲୋକଠାରୁ ପେଯ ପିଇବା ବରଂ ଶ୍ରେୟସ୍କର, ମାତ୍ର ଉଘେଇବା ଲୋକଠାରୁ ଖିରି ପୁରି ଖାଇବା ଉଚିତ ନୁହେଁ। କାରଣ ଏପରି ଲୋକଙ୍କ ଆଚରଣ ମନ୍ଦ ହୋଇଥିବାସ୍ଥଳେ ବେଳେବେଳେ ଅକାରଣରେ ନିନ୍ଦିତ ହେବାର ମଧ୍ୟ ସମ୍ଭାବନା ରହିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଦେଲା ନାରୀ**
**ହେଲା ପାରି।**

କନ୍ୟାଦାୟରୁ ମୁକ୍ତି। ଆଗେ ଝିଅକୁ ବୋଝ ବୋଲି ଧରୁଥିଲେ। ଝିଅଟି ଯାହାତାହା ହୋଇ ବାହାହୋଇଗଲେ ମୁଣ୍ଡରୁ ବୋଝ ଗଲା ବୋଲି ଭାବୁଥିଲେ। ପରନ୍ତୁ ସମାଜ ଆଖିରେ ପୁଅଝିଅ ଉଭୟ ସମାନ। ପ୍ରତ୍ୟେକ ଘର, ପରିବାର ତଥା ପିତାମାତା ପାଇଁ ପୁଅଟି ଯେତିକି ଆବଶ୍ୟକ, ଝିଅଟିଏ ବି ସେତିକି ଆବଶ୍ୟକ। ତେଣୁ ଝିଅ କେବେ ବୋଝ ନୁହେଁ ଏକଥା ସମସ୍ତେ ହୃଦୟଙ୍ଗମ କରିବା ଉଚିତ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

# ଭାଜପାରୁ ଇସ୍ତଫା ଦେଲେ ଲାଲା, ଇରାନୀ

ନୟାଗଡ଼,୧୫।୩(ଲୋକନାଥ ମିଶ୍ର)

ନୟାଗଡ଼ ଭାଜପା ନେତ୍ରୀ ଇରାନୀ ରାୟ ଓ ଭାଜପାର ପୂର୍ବତନ ଜିଲା ସଭାପତି ଲାଲା ମନୋଜ ରାୟ ଦଳର ପ୍ରାଥମିକ ସଦସ୍ୟ ପଦରୁ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଦଳୀୟ କାର୍ଯ୍ୟରେ ଅଣଦେଖା କରାଯିବା ପରେ ଏହି ଦମ୍ପତି ଇସ୍ତଫା ଦେଇଛନ୍ତି। ୨୦୧୪ ନିର୍ବାଚନରେ ନୟାଗଡ଼ ନିର୍ବାଚନ ମଣ୍ଡଳୀରୁ ଇରାନୀ ରାୟ ଭାଜପା ପ୍ରାର୍ଥୀ ହୋଇ ୬ ହଜାର ଭୋଟ ପାଇଥିଲେ। ୨୦୧୯ରେ ଇରାନୀ ପୁଣି ଭାଜପା ପକ୍ଷରୁ ଟିକେଟ ପାଇ ୬୮ ହଜାର (୪୨ ପ୍ରତିଶତ) ଭୋଟ ପାଇ ଦଳର ଭୋଟ ହାରକୁ ବଢ଼ାଇ ଥିଲେ। ଲାଲା ଓ ଇରାନୀଙ୍କ ଇସ୍ତଫା ପରେ ଭାଜପାର ଭୋଟ ହ୍ରାସ ପାଇ ପାରେ ବୋଲି କୁହାଯାଉଛି।

# ଲମ୍ବି ଚାଲିଛି ମେଣ୍ଟ ଅଙ୍କକଷା

ଭୁବନେଶ୍ୱର,୧୫।୩(ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ କାର୍ଯ୍ୟସୂଚୀ ଶନିବାର ଅପରାହ୍ନରେ ଘୋଷଣା ହେବ ବୋଲି ଭାରତର ନିର୍ବାଚନ କମିଶନ ପକ୍ଷରୁ କୁହାଯାଇଛି। ହେଲେ ୧୫ ଦିନ ହେଲା ବିଜେଡି-ଭାଜପା ମଧ୍ୟରେ ଯେଉଁ ମେଣ୍ଟ ହେବ ବୋଲି ଚର୍ଚ୍ଚା ଚାଲିଛି, ତା'ର କୌଣସି ସ୍ୱଷ୍ଟଚିତ୍ର ଏ ପର୍ଯ୍ୟନ୍ତ ଆସିପାରିଲା ନାହିଁ। ଉଭୟ ଦଳ ମଧ୍ୟରେ ମେଣ୍ଟ ଅଙ୍କକଷା ଲମ୍ବିଚାଲିଥିବାବେଳେ ନାନା କଳ୍ପନାଜଳ୍ପନା ପ୍ରକାଶ ପାଉଛି।

ବିଜେଡି ଏବଂ ଭାଜପାର ଗତିବିଧିକୁ ଦେଖିଲେ ଲାଗୁ ନାହିଁ, ମେଣ୍ଟ ସମ୍ପର୍କିତ ଆଲୋଚନା ଉଭୟ ଦଳ ଭିତରେ କିଛି ନ ଥାଇ ଏମିତି ଆପେ ଆପେ ଉଠିଛି। ହେଲେ ଶୁକ୍ରବାର ଏ ସମ୍ପର୍କିତ ଆଲୋଚନା ସାମାନ୍ୟ ଧିମେଇ ଗଲାଭଳି ମନେ ହେଉଛି। ଅନ୍ୟପକ୍ଷରେ ଭାଜପା ସହ ମେଣ୍ଟ ହେବା ନେଇ ଯେଉଁ ଚର୍ଚ୍ଚା ଚାଲିଛି, ତାହା ବିଜେଡି ପକ୍ଷରୁ ପ୍ରାୟୋଜିତ ଭାବେ ଆରମ୍ଭ କରାଯାଇଥିଲା ବୋଲି ଅଭିଯୋଗ କରାଯାଇଛି। ବିଜେଡିର ଅସନ୍ତୁଷ୍ଟମାନେ ଯେଉଁଭଳି ପ୍ରତିଦିନ ଆସି ଭାଜପାରେ ସାମିଲ ହେଲେ, ତାହାକୁ ରୋକିବାକୁ ଶାସକ ଦଳ ପକ୍ଷରୁ ଏହା ଏକ ଉଦ୍ୟମ ବୋଲି ଜଣେ ଭାଜପା ନେତା ମତ ରଖିଛନ୍ତି। ସେହିପରି ଆଉ କେତେଜଣ ଭାଜପା ନେତା ମେଣ୍ଟ ବିଷୟରେ ସେମାନଙ୍କ ନିକଟରେ କୌଣସି ତଥ୍ୟ ନ ଥିବା ବିଷୟ ମତ ରଖୁଛନ୍ତି। ହେଲେ ରାଜନୈତିକ ସମୀକ୍ଷକମାନଙ୍କ କହିବା କଥା, ଯଦି ମେଣ୍ଟ ନେଇ କିଛି ଆଲୋଚନା ହୋଇନାହିଁ, ତେବେ କାହିଁକି ଉଭୟ ଦଳର କାର୍ଯ୍ୟକ୍ରମ ଏକ ରକମ ବନ୍ଦ ରଖାଯାଇଛି। ଦୁଇ ଦଳର ଶୀର୍ଷ ନେତୃତ୍ୱ କିଛି ଏଭଳି ଆଲୋଚନାକରି ମେଣ୍ଟ ବିଷୟକୁ ଥୋଇଛନ୍ତି, ଯାହା ତଳସ୍ତରର ନେତାମାନଙ୍କ ନିକଟରେ କୌଣସି ସୂଚନା ନାହିଁ ବୋଲି ସେମାନେ କହିଛନ୍ତି।

ଏଭଳି ଏକ ଚର୍ଚ୍ଚା ଯୋଗୁ ଉଭୟ ବିଜେଡି ଏବଂ ଭାଜପାର ନେତା ଓ କର୍ମୀମାନେ ଦ୍ୱନ୍ଦ୍ୱ ଓ ନିରାଶା ଅବସ୍ଥାରେ ଥିବାବେଳେ କୌଣସି କାର୍ଯ୍ୟକ୍ରମ ହେଉନାହିଁ। ତଥାପି ଉଭୟ ଦଳ ନିଜ ନିଜର ନେତା ଓ କର୍ମୀଙ୍କୁ ଏହା ମିଛ, କାର୍ଯ୍ୟକ୍ରମରେ ଲାଗିଯାଅ ବୋଲି ମଧ୍ୟ କହୁନାହାନ୍ତି। ତେଣୁ ୨ ଦଳର ଶୀର୍ଷ ନେତାମାନଙ୍କୁ ଛାଡ଼ି ଦେଲେ, ଆଉ ସମସ୍ତେ ନିଜର ରାଜନୈତିକ ଭବିଷ୍ୟତକୁ ନେଇ ଏକ ପ୍ରକାର ବିଚଳିତ ହୋଇଗଲେଣି। ବିଜେଡିରୁ ଯେଉଁମାନଙ୍କୁ ପର୍ଯ୍ୟବେକ୍ଷକ କରାଯାଇଛି, ସେମାନଙ୍କ ହାତରେ ଥିବା ଜିଲାସ୍ତରୀୟ ନେତାମାନେ ଉକ୍ତ ନେତାଙ୍କ ଘରେ ପହଞ୍ଚି ଆଗକୁ କ'ଣ କରାଯିବ ବୋଲି ପ୍ରଶ୍ନ କରିବା ଆରମ୍ଭ କରିଦେଲେଣି। ସବୁଠୁ ବଡ଼ କଥା ହେଉଛି, ରାଜ୍ୟରେ ନିର୍ବାଚନ ପୂର୍ବ ପ୍ରସ୍ତୁତି ଏକ ପ୍ରକାର ଆରମ୍ଭ ହୋଇଗଲାଣି। ଚାରିଆଡେ ପୋଲିସ କର୍ମଚାରୀମାନେ ଜଗିବା ଆରମ୍ଭ କରିଦେଲେଣି। ମେଣ୍ଟ ବିଷୟ ଚାରିଆଡ଼େ ବ୍ୟାପିଯିବା ପରେ ବହୁ ନେତାଙ୍କ ଘରେ ଆଉ ପୂର୍ବଭଳି ନିର୍ବାଚନମଣ୍ଡଳୀ ସ୍ତରର କର୍ମୀମାନଙ୍କୁ ଦେଖିବାକୁ ମିଳୁନାହିଁ। କର୍ମୀମାନେ ତାଙ୍କ ନେତାଙ୍କୁ ଟିକେଟ ମିଳୁଛି ନା ନାହିଁ ଏବଂ ଦଳ ଆଗକୁ କ'ଣ କରିବ ସେନେଇ ପ୍ରଶ୍ନ କରିବା ସହ ନିଜର ଦ୍ୱନ୍ଦ୍ୱ ଦୂର କରିବାକୁ ଚେଷ୍ଟା ଚଳାଇଛନ୍ତି।

କେତେଜଣ ରାଜନୈତିକ ସମୀକ୍ଷକମାନଙ୍କ କହିବା କଥା, ବିଜେଡିରେ ଆଶାୟୀ ବହୁ ମାତ୍ରାରେ ବଢ଼ିଯାଇଥିବା ବେଳେ ସେମାନଙ୍କୁ ରୋକିବା ଲାଗି ଏବଂ ଭାଜପା ନିଜର ୪୦୦ ପାର ଟାର୍ଗେଟ ସଫଳ କରିବା ପାଇଁ ଉଭୟ ଦଳ ମଧ୍ୟରେ ଆଲୋଚନାକରି ମେଣ୍ଟ ବିଷୟରେ ନିଷ୍ପତ୍ତି କରିଛନ୍ତି। ହେଲେ ଯଦି ଆଗୁଆ ମେଣ୍ଟ ବିଷୟ ପଦାକୁ ଆସେ ତେବେ ଏହାର ଫାଇଦା କଂଗ୍ରେସକୁ ଚାଲିଯିବା ଯଥେଷ୍ଟ ସମ୍ଭାବନା ଥିବା କାରଣରୁ ଏପରି ଏକ ରାଜନୈତିକ ଗୋଟିଚାଳନା କରାଯାଇଛି। ଅନ୍ୟପଟେ ଆହୁରି ଅନେକ ବିଷୟ ଉପରୁ ଜନସାଧାରଣଙ୍କ ଦୃଷ୍ଟି ହଟାଇବା ଲାଗି ମଧ୍ୟ ମେଣ୍ଟ କଥାକୁ ନେଇ ଦୁଇ ଦଳ ରାଜନୈତିକ ଅଙ୍କକଷା ଆରମ୍ଭ କରିଥାଇପାରନ୍ତି ବୋଲି ମତ ରଖୁଛନ୍ତି। ହେଲେ ଶନିବାର ଅପରାହ୍ନ ପରଠାରୁ ଆଉ କୌଣସି ଦଳ କିଛି କାର୍ଯ୍ୟକ୍ରମ ବା ନିଷ୍ପତ୍ତି ଏମିତି ଚର୍ଚ୍ଚାରେ ସୀମିତ ନ ରଖିପାରନ୍ତି।

# ୩ ସପ୍ତାହରେ ସ୍ଥିତି ସଂକ୍ରାନ୍ତ ରିପୋର୍ଟ ଦିଅ: ହାଇକୋର୍ଟ

## ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ କମିଶନ ରିପୋର୍ଟ ସାର୍ବଜନୀନ କରିବା ମାମଲା

କଟକ,୧୫।୩ (କାର୍ତ୍ତିକ ସାହୁ)

ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଘଟଣାର ରଘୁବୀର ଦାସ ତଦନ୍ତ କମିଶନଙ୍କ ରିପୋର୍ଟ ସାର୍ବଜନୀନ କରାଯିବା ନେଇ ରୁଜୁ ମାମଲାର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଛି। ରାଜ୍ୟ ସରକାର ସ୍ଥିତି ସମ୍ପର୍କିତ ରିପୋର୍ଟ ଦାଖଲ ପାଇଁ ସମୟ ଗଡ଼ାଉଥିବାରୁ ହାଇକୋର୍ଟ ୩ସପ୍ତାହ ମଧ୍ୟରେ ଏହି ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଉପରୋକ୍ତ ନିର୍ଦ୍ଦେଶ ଦେଇଥିବାବେଳେ ଆସନ୍ତା ସପ୍ତାହରେ ପରବର୍ତ୍ତୀ ଶୁଣାଣି ନିମନ୍ତେ ଧାର୍ଯ୍ୟ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ମାମଲାର ତଦନ୍ତ ପାଇଁ ରାଜ୍ୟ ସରକାର ୨୦୧୮ ଜୁନ୍ ୬ରେ ଜଷ୍ଟିସ ରଘୁବୀର ଦାଶ କମିଶନ ଗଠନ କରିଥିଲେ। ଜଷ୍ଟିସ ଦାସ ମାମଲାର ତଦନ୍ତ କରି ୨୦୧୮ ନଭେମ୍ବର ୨୯ରେ ରାଜ୍ୟ ସରକାରଙ୍କୁ ୩୫୪ ପୃଷ୍ଠାର ରିପୋର୍ଟ ପ୍ରଦାନ କରିଥିଲେ। କମିଶନ୍ ଅଫ୍ ଇନ୍‌କ୍ୱାରି ଆକ୍ଟ ୧୯୫୨ ଅନୁଯାୟୀ ସରକାର ଉକ୍ତ ରିପୋର୍ଟକୁ ପରଖିବା ପରେ ବିଧାନସଭାରେ ଉପସ୍ଥାପନ କରିବେ କି ନାହିଁ ସେନେଇ ନିଷ୍ପତ୍ତି ନେବା କଥା। ହେଲେ ଏ କ୍ଷେତ୍ରରେ କ'ଣ ହୋଇଛି ତାହା ଜଣାନାହିଁ। ବିରୋଧୀ ଦଳ ମଧ୍ୟ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ନିମନ୍ତେ ବିଧାନସଭାରେ ପ୍ରସଙ୍ଗ ଉଠାଇଥିଲେ। ହେଲେ ୨୦୧୮ରୁ ଅଦ୍ୟାବଧି ଉକ୍ତ ରିପୋର୍ଟକୁ ସରକାର ଚପାଇ ରଖିଛନ୍ତି। ଆବେଦନକାରୀ ରିପୋର୍ଟକୁ ବିଧାନସଭାରେ ଉପସ୍ଥାପନ ପୂର୍ବକ ସାର୍ବଜନୀନ କରିବାକୁ ପିଟିଶନ୍‌ରେ ଦର୍ଶାଇଛନ୍ତି। ରତ୍ନଭଣ୍ଡାରରେ କ'ଣ ସବୁ ଅଳଙ୍କାର ରହିଛି ତା'ର ତାଲିକା ୧୯୭୮ ମସିହାରୁ ଏଯାବତ୍ ପ୍ରସ୍ତୁତ ହୋଇନାହିଁ। ଏହି ତାଲିକା ପ୍ରସ୍ତୁତ କରିବା ନିମନ୍ତେ ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ମଧ୍ୟ ଆବେଦନ କରାଯାଇଛି। ଏଥିସହ ରତ୍ନଭଣ୍ଡାର ଦୁର୍ବଳ ହୋଇପଡ଼ିଥିବାରୁ ତାହାର ମରାମତି ନିମନ୍ତେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ସଂସ୍ଥାକୁ ଦାୟିତ୍ୱ ଦିଆଯାଉ ବୋଲି ଆବେଦନ କରିଛନ୍ତି। ମୁଖ୍ୟ ଶାସନ ସଚିବ, ଆଇନ ବିଭାଗ ସଚିବ, ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ, ଉପମୁଖ୍ୟ ପ୍ରଶାସକ, ଶ୍ରୀମନ୍ଦିର ପରିଚାଳନା କମିଟି, ଏଏସ୍‌ଆଇ ମହାନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ପୂରଣ ହେବ ୧,୦୬୧ ସ୍ନାତକୋତ୍ତର ଶିକ୍ଷକ ପଦବୀ: ୧୮ରୁ ଆବେଦନ

ଭୁବନେଶ୍ୱର, ୧୫।୩
(ଅସମାପିକା ସାହୁ)

ରାଜ୍ୟରେ ୧,୦୬୧ଟି ସ୍ନାତକୋତ୍ତର ଶିକ୍ଷକ ପଦବୀ ପୂରଣ ହେବ। ଏଥିପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆବେଦନ ପତ୍ର ଆହ୍ୱାନ କରାଯାଇଛି। ବିଭାଗ ଅଧୀନରେ ପରିଚାଳିତ ପୂର୍ଣ୍ଣ ଅନୁଦାନପ୍ରାପ୍ତ ୪୮୮ ବର୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକ ପାଇଁ ମୋଟ ୨୩ଟି ବିଷୟରେ ଏହି ସ୍ନାତକୋତ୍ତର ଶିକ୍ଷକ ନିଯୁକ୍ତି ଦିଆଯିବ। ଏହି ପଦବୀ ପାଇଁ ଦରମା ହାର ୪୪,୯୦୦ରୁ ୧,୪୨,୪୦୦ ଟଙ୍କା ରହିଛି, ଯାହାକି ଦରମା ପୁନଃ ନିର୍ଦ୍ଧାରଣ ନିୟମ ୨୦୧୭ର ଦରମା ସାରଣୀ ସ୍ତର ୧୦ ଓ ଶ୍ରେଣୀ ୧ ଅନ୍ତର୍ଭୁକ୍ତ। ଯୋଗ୍ୟ ଓ ଇଚ୍ଛୁକ ପ୍ରାର୍ଥୀମାନେ ରାଜ୍ୟ ପ୍ରବରଣ ମଣ୍ଡଳୀ (ଏସ୍‌ଏସ୍‌ବି) ୱେବ୍‌ସାଇଟ୍ www.ssbodisha.ac.inରେ ଆବେଦନ କରିପାରିବେ। ଆସନ୍ତା ୧୮ ତାରିଖ ଅପରାହ୍ନ ୧ଟାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ ଓ ଏହା ଏପ୍ରିଲ ୧୮ ରାତି ୧୧ଟା ୪୫ ପର୍ଯ୍ୟନ୍ତ ଚାଲିବ। ସବିଶେଷ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟକୁ ପରିଦର୍ଶନ କରିବାକୁ ଗଣଶିକ୍ଷା ବିଭାଗ ତରଫରୁ ଅନୁରୋଧ କରାଯାଇଛି।

## ବଣ୍ଡ୍ ନମ୍ବର...

ପ୍ରଥମ ପୃଷ୍ଠାରୁ...

କ୍ରମାନ୍ୱୟ ଓ ସଂଖ୍ୟା ଅନୁଯାୟୀ ବଣ୍ଡ୍ ନମ୍ବର ପ୍ରଘଟ କରିବାକୁ ନିର୍ଦ୍ଦେଶ ରହିଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଇଲେକ୍ଟୋରାଲ ବଣ୍ଡଗୁଡ଼ିକର ସମସ୍ତ ବିବରଣୀ ପ୍ରଦାନ କରିବାକୁ ଏସ୍‌ବିଆଇକୁ ନିର୍ଦ୍ଦେଶ ଦେଇଥିଲେ। ଶୀର୍ଷ ଅଦାଲତଙ୍କ କଡ଼ା ନିର୍ଦ୍ଦେଶକ୍ରମେ ଏସ୍‌ବିଆଇ ବୁଧବାର ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ତଥ୍ୟ ଦାଖଲ କରିଥିଲା। ଗୁରୁବାର ଇସି ଏହି ତଥ୍ୟକୁ ନିଜ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିଥିଲେ। ଏହାର ଦିନକ ପରେ ସିଜେଆଇ କହିଛନ୍ତି, ଦଳଗୁଡ଼ିକୁ ଚାନ୍ଦା ଦେଇଥିବା ବଣ୍ଡ୍ କ୍ରେତା ଓ ମୂଲ୍ୟ ସମ୍ପର୍କିତ ସମ୍ପୂର୍ଣ୍ଣ ତଥ୍ୟ ଦାଖଲ କରିବାକୁ ଏସ୍‌ବିଆଇକୁ ପଡ଼ିବ। ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ବି.ଆର୍. ଗଭାଇ, ଜେ.ବି. ପରଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ପୀଠ ଏଥିଲାଗି ଏସ୍‌ବିଆଇକୁ ନୋଟିସ କରିବା ସହ ଆସନ୍ତା ୧୮ ତାରିଖରେ ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରିଛନ୍ତି। ଏସ୍‌ବିଆଇକୁ ଭର୍ତ୍ସନା କରିବାକୁ ଯାଇ ପୀଠ କହିଛନ୍ତି, ବ୍ୟାଙ୍କ ପକ୍ଷରୁ କିଏ ମାମଲା ପରିଚାଳନା କରୁଛନ୍ତି? କାରଣ ଆମ ରାୟରେ ଆମେ ନିର୍ଦ୍ଦିଷ୍ଟ ଭାବେ ବଣ୍ଡ କ୍ରେତା, ମୂଲ୍ୟ ଓ କିଣା ତାରିଖ ସମେତ ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବାକୁ କହିଥିଲୁ। ସେମାନେ ବଣ୍ଡ ନମ୍ବର ମଧ୍ୟ ଦେଇନାହାନ୍ତି। ଏସ୍‌ବିଆଇକୁ ଏହା ପ୍ରଘଟ କରିବାକୁ ପଡ଼ିବ ବୋଲି ସିଜେଆଇ କହିଛନ୍ତି।

ଇଂଲିଶ୍ ଅକ୍ଷର କ୍ରମାନ୍ୱୟ ଓ ସଂଖ୍ୟା ଅନୁଯାୟୀ ବଣ୍ଡ ନମ୍ବରଗୁଡ଼ିକ ସାମ୍ନାକୁ ଆସିଲେ ବଣ୍ଡ୍ କ୍ରେତାମାନେ କେଉଁ ଦଳକୁ କେତେ ଟଙ୍କା ଚାନ୍ଦା ଆକାରରେ ଦେଇଛନ୍ତି ତାହା ସ୍ପଷ୍ଟ ହୋଇଯିବ। ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏସ୍‌ବିଆଇ ଦାଖଲ କରିନାହିଁ, ଯାହାକି ପ୍ରଘଟ ହେବା ଜରୁରୀ ବୋଲି ସିଜେଆଇ କହିଛନ୍ତି। ପ୍ରକାଶ ଯେ, ମାର୍ଚ୍ଚ ୧୧ ରାୟର ମୁଖ୍ୟାଂଶରେ ପରିବର୍ତ୍ତନ ପାଇଁ ନିର୍ବାଚନ କମିଶନ ସୁପ୍ରିମକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏସ୍‌ବିଆଇ ଦାଖଲ କରିଥିବା ତଥ୍ୟ ଜଉମୁଦ ଲଫାପାରେ ଥିଲା। ଇସି ନିଜ ପାଖରେ ଏହାର କପି ରଖି ନ ଥିବା ଉକ୍ତ ପିଟିଶନରେ ଦର୍ଶାଇଥିଲେ। ଏହାର ଶୁଣାଣି ବେଳେ ସାମ୍ବିଧାନିକ ପୀଠ ଉପରୋକ୍ତ ରାୟ ଦେଇଛନ୍ତି।

## ଭାଜପା ଆକାଉଣ୍ଟ...

ସମ୍ପାଦକ ଜୟରାମ ରମେଶ ନିଜ ଏକ୍ସ' ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ୍‌ଙ୍କ ମତରେ ଶାସକ ଦଳକୁ ସବୁଠୁ ବଡ଼ ହିତାଧିକାରୀ କରାଇବା ପାଇଁ ଏହି 'ବୈଧିକୃତ ଲାଞ୍ଚ' ଯୋଜନା ପ୍ରଣୟନ କରାଯାଇଥିଲା। ସୁପ୍ରିମକୋର୍ଟରେ ଆବେଦନକାରୀମାନଙ୍କ ପକ୍ଷରୁ ଏହି ମାମଲା ଲଢ଼ୁଥିବା ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ସଭା ସଦସ୍ୟ କପିଲ ସିବଲ ମଧ୍ୟ ଇଲେକ୍ଟୋରାଲ ବଣ୍ଡକୁ ଏକ ବୃହତ୍ ଦୁର୍ନୀତି ଭାବେ ଅଭିହିତ କରି କୋର୍ଟଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଜରିଆରେ ଏହାର ତଦନ୍ତ କରାଇବାକୁ ଦାବି କରିଛନ୍ତି।

## ଆଜି ବାଜିବ...

ହେବ। ଏଥିସହ ନୂଆ ଲୋକ ସଭା ଗଠନ କରାଯିବ। ଏଥିପାଇଁ ଏପ୍ରିଲରୁ ମେ' ମଧ୍ୟରେ ଦେଶରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏକ ଖବରଦାତା ସମ୍ମିଳନୀରେ ବିଧିବଦ୍ଧ ଭାବେ ନିର୍ବାଚନ ତାରିଖ ଘୋଷଣା କରାଯିବ। ଏହି ଘୋଷଣା ସହ ଦେଶରେ ନିର୍ବାଚନୀ ବିଗୁଲ ବାଜିବ ଓ ତତ୍କାଳ ଆଦର୍ଶ ଆଚରଣ ବିଧି ଲାଗୁ ହେବ। ଗତ ଲୋକ ସଭା ନିର୍ବାଚନ ତାରିଖ ୨୦୧୯ ମାର୍ଚ୍ଚ ୧୦ରେ ଘୋଷଣା କରାଯାଇଥିଲା। ନିର୍ବାଚନ ଏପ୍ରିଲ ୧୧ରୁ ମୋଟ ୭ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ମେ' ୨୩ରେ ଭୋଟ ଗଣତି କରାଯାଇଥିଲା। ଶନିବାର ଆଗାମୀ ନିର୍ବାଚନ ତାରିଖ ଘୋଷଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ଏବଂ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ବ୍ଲକ୍ ଇଣ୍ଡିଆ ମଧ୍ୟରେ ରାଜନୈତିକ ଯୁଦ୍ଧର ମଞ୍ଚ ପ୍ରସ୍ତୁତ ହେବ। ଏହି ନିର୍ବାଚନରେ ମୋଟ ୯୬.୮୮ କୋଟି ଭୋଟର ମତଦାନ କରିବେ।

**GOVERNMENT OF ODISHA**
**e-Procurement Notice,**
No.B-1946: **ANGUL (R&B) DIVISION**
**Bid Identification No.43 of 2023-24**
**e-mail ID- angulrbdivision@yahoo.co.in**

1. Number of Works : 01 (One) number of Road works
2. Approximate estimated cost : Rs.51.02 Lakhs
3. Period of completion : 03 (Three) Calendar Months
4. Date & Time of availability of bid document in the portal : **Dt.19.03.2024 at 10.00 AM**
5. Last date / Time for receipt of bid in the portal : **Dt.04.04.2024 upto 5.00 PM**
6. Date of opening of Bid : **Dt.05.04.2024 at 11.00 AM**
7. Name and address of the Office Inviting Bid : Superintending Engineer, Angul (R&B) Division, Angul
8. The bidders have to participate in ONLINE bidding only.

Further details can be seen from the e-procurement portal https:/tendersodisha.gov.in.

**Sd./- Superintending Engineer**
**Angul (R&B) Division**
OIPR-34074/11/0021/2324

**Government of Odisha, e-Procurement Notice**
**INVITATION FOR BIDS (IFB)**
**Bid Identification No.C.C.E.Dkl, (R&B) 36/2023-24,**
**Email id:sedklpwd@gmail.com**
**Letter No. 722/Dt.11.03.2024**
**No.B-1947:**The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Building/Road works as detailed below.

1. Name of the Work : Building / Road Works
2. No. of works : 08 (Eight) Nos.
3. Estimated Cost : Rs.2.63 crore to Rs.6.49 crore (as given in column No.03 of table)
4. Cost of tender paper : Rs.10,000.00
5. Class of Contractor : 'B', 'A' & Special Class (as given in column No.07 of table)
6. Period of Completion of Work : 06 (Six) to 11 (Eleven) Calendar Months (as given in column No.08 of table)
7. Date and time of availability of bid document in the website : From Dt.18.03.2024 to 5.00 PM of Dt.02.04.2024
8. Date of Opening of Bid : Dt.03.04.2024 at 11.00 AM

The bidders have to participate in ONLINE bidding only. Further details can be seen from the e-Procurement Portal : www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

**Sd./-Chief Engineer**
**Dhenkanal (R&B) Circle, Dhenkanal**
**OIPR-34132/11/0048/2324**

**ZILLA SWASTHYA SAMITI, KANDHAMAL**
**Office of the CDM & PHO-cum-District Mission Director, NHM, Kandhamal, Odisha-762001**
**Advt.No.3802/NHM/24** **Dt.14.03.2024**
**TENDER CALL NOTICE**
**No.E-953:**Sealed tenders are invited from the interested eligible bidders for supply of vehicles under MHT/MHU/IDSP/ Hiring Passengers/ Multi utility vehicle under CDM&PHO, Kandhamal. The eligible criteria, the terms of reference and the formats for submission of bid as set forth in the tender document can be downloaded from the website www.kandhamal.nic.in. Interested bidders fulfilling the eligibility criteria may submit their proposal(s) with EMD. Tender paper cost & document as per tender call notice. The bidders have to submit their proposal(s) at the O/o. The CDM & PHO cum District Mission Director, Kandhamal, DHH, Phulbani. Proposal(s) complete in all respect should reach the undersigned on or before 5.00 PM of 03.04.2024 through Regd/ Speed Post/ Courier and the same will be opened on 04.04.2024 at 11.30 AM. The undersigned reserves the right to reject any or all the tender(s) without assigning any reason thereof.

**Sd./- CDM & PHO cum**
**District Mission Director, Kandhamal**
OIPR-10015/11/0029/2324

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
PH.No.:0674-2546030,2540273, 2540417, 2540974, E-mail ID: omfed@yahoo.com
**Date: 14.03.2024**
**TENDER NOTICE FOR SUPPLY, INSTALLATION, TESTING, COMMISSIONING AND TRIAL RUN OF DG SETS & SERVO VOLTAGE STABILIZER AT DIFFERENT MILKUNION OF OMFED**
**No.CAD-4625:**OMFED invites sealed and separate offers for Technical & Commercial bids from reputed Manufacturers/ Distributors for supply of DG SETS & servo stabilizer for indicative requirement of 12 nos. at different unit of Omfed. Tender document can be down loaded from web site www.omfed.com against payment of Rs 1000/- + 18 % GST or Rs 1180/- in shape of Demand Draft drawn in favour of OMFED drawn on any nationalized bank payable at Bhubaneswar . The Tender document should be duly filled in & submitted on or before due date along with the cost of tender paper

The sealed technical & commercial bid along with EMD of Rs 90,000/-For DG Sets &Rs 20,000 for servo stabilizer (inside commercial bid) should reach the above addressed from 14.03.2024 to Dt.-30.03.2024 up to 2 P.M. The Bid shall open on 30.3.2024 at 3PM, in presence of interested bidders. For details please visit our website www.omfed.com. The corrigendum/ amendment to this notice if required shall be published only in the OMFED website and will not be published again in newspapers.

OMFED reserves the right to cancel partial or whole tender without assigning any reason thereof.

OIPR-06063/11/0082/2324 **Sd./- Managing Director**

**ZILLA SWASTHYA SAMITI MALKANGIRI**
**TENDER CALL NOTICE**
**Adv.No.2976, Date:13.03.2024**
**Request for Proposal (RFP) for Security Services at Govt. Health Institutions**
**No.E-951:**Sealed tenders are invited from the eligible agencies for Security Services at Govt. Health Institutions to C.D.M. & P.H.O., Malkangiri. The details regarding specifications, terms, conditions & format for submission of tender may be downloaded from district website www.malkangiri.nic.in. The Pre Bid meeting will be held on 19.3.24 in the chamber of the undersigned. The bids in sealed envelope should reach the office of the undersigned by 03.4.24 till 4.00 P.M. alongwith all relevant documents through registered post/ Speed Post/ Courier only. The tender will be opened at 4.30 P.M. on 03.4.24 in presence of bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

**Sd./- C.D.M. & P.H.O-cum-District Mission Director**
**District Health Mission, Malkangiri**
**OIPR-10206/11/0020/2324**

**The Odisha Small Industries Corporation Ltd.**
**(A Government of Odisha Undertaking)**
**(An ISO:9001:2008 Certified Govt. Company)**
**Industrial Estate, Madhupatna, Cuttack - 753010, Odisha**
**Tel. No.: 0671-2341204, 2342816, Fax: 0671-2341875/2342561**
**e-mail: osicltd@gmail.com, osicmd@gmail.com, Website: osicltd.in**
**No. CAD- OSIC GST No. 21AAACO2101M1Z1**
**e-Procurement Notice for Cluster Works**
**Tender Notice No. 935** **Date: 14.03.2024**
**Identification No. Online OSIC/RE CELL/2023-2024/005**

1. Name of the Work: Supply and installation of electrical accessories (60 KW panel board having 7 Nos. of MCB, 50 KW panel board having 8 Nos. of MCB, 120 Sqmm. Cable of 30 meters, 95 Sqmm. Cable of 90 meters, 4C × $6^2$mm Copper Wire = 250 Meters, 4C × $8^2$mm Copper Wire = 300 Meters, 4C × $10^2$mm Copper Wire = 200 meters, L & T Starter 32 AMP = 10 Nos. and L & T Starter 40 AMP = 5 Nos.) for Brahmagiri, CFC.
2. Total No. of Works : 01 No.
3. Period of Completion : Three Calendar Months
4. Other Details :

| Procurement Online | Bid Identification No. | Availability of Tender Online for Bidding | | Date & time of Opening of Tender in O/o. M.D., OSIC Ltd., CTC |
|---|---|---|---|---|
| | | From | To | |
| MD OSIC Ltd., Cuttack | 005 of 2023-2024 | 18.03.2024 | 08.04.2024 | 09.04.2024 at 3.00 P.M. |

Further details can be seen from the website **www.tendersodisha.gov.in / www.osicltd.in**. Any amendment corrigendum cancellation or re-tender may please be referred to the website.

**Sd./- General Manager (O)**
**OSIC Ltd., Cuttack**
**OIPR-14073/11/0093/2324**







# ଦିନିକିଆ, ଟି୨୦ରେ ଷ୍ଟପ୍ କ୍ଲକ୍ ବ୍ୟବହାର




## ଆଇସିସିର ନିଷ୍ପତ୍ତି

ଦୁବାଇ, ୧୫।୩ (ପି.ଟି.)

ହ୍ୱାଇଟ୍ ବଲ୍ କ୍ରିକେଟରେ ସମୟ ଅପଚୟକୁ ରୋକିବା ଦିଗରେ ପଦକ୍ଷେପ ନେଇଛି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)। ଏଣିକି ଏଥିରେ ନିୟମିତ ଷ୍ଟପ୍ ୱାଚ୍ ବ୍ୟବହାର କରାଯିବ। ଗୋଟିଏ ଓଭର ଶେଷ ହେବା ପରେ ଏହାର ୬୦ ସେକେଣ୍ଡ ମଧ୍ୟରେ ପରବର୍ତ୍ତୀ ଓଭର ବୋଲିଂ ଆରମ୍ଭ କରିବାକୁ ପଡ଼ିବ। ବିଳମ୍ବ ଘଟିଲେ ରନ ପେନାଲ୍ଟିର ବ୍ୟବସ୍ଥା ରହିଛି। ଏଥିପାଇଁ ଷ୍ଟପ୍ ୱାଚର ଆବଶ୍ୟକତା ରହିଛି। ଚଳିତ ବର୍ଷ ଟି୨୦ ବିଶ୍ୱକପ୍‌ରୁ ଏହାକୁ ନିୟମିତ ବ୍ୟବହାର କରାଯିବ। ଷ୍ଟପ୍ ୱାଚ୍ ସିଷ୍ଟମ ୨୦୨୩ ଡିସେମ୍ବରରେ ପ୍ରଥମେ ପ୍ରଚଳନ କରାଯାଇଥିଲା। ବର୍ତ୍ତମାନ ଏହାକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଇ ଆସୁଛି। ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆସନ୍ତା ଜୁନ୍ ୧ରୁ ଆରମ୍ଭ ହେବାକୁଥିବା ଟି୨୦ ବିଶ୍ୱକପ୍‌ରେ ଏହି ସିଷ୍ଟମକୁ ବିଧିବଦ୍ଧ ଭାବେ କାର୍ଯ୍ୟକାରୀ କରାଯିବ। ଫିଲ୍ଡିଂ କରୁଥିବା ଦଳ ଯଦି ପରବର୍ତ୍ତୀ ଓଭରର ପ୍ରଥମ ବଲ୍ ପକାଇବାକୁ ୬୦ ସେକେଣ୍ଡରୁ ଅଧିକ ସମୟ ନିଏ ତେବେ ପ୍ରଥମେ ଦୁଇଥର ଚେତାବନୀ ଦିଆଯିବ। ଏହାର ପୁନରାବୃତ୍ତି ଘଟିଲେ ପ୍ରତିଥର ୫ରନର ପେନାଲ୍ଟି ବ୍ୟବସ୍ଥା ରହିବ। ଆସନ୍ତା ଜୁନ୍‌ରୁ ସମସ୍ତ ଅନ୍ତର୍ଜାତୀୟ ଦିନିକିଆ ଓ ଅନ୍ତର୍ଜାତୀୟ ଟି୨୦ରେ ଷ୍ଟପ୍ ୱାଚ୍‌କୁ ନିୟମିତ ବ୍ୟବହାର କରାଯିବ। ଆଇସିସି ଏହାର ବାର୍ଷିକ ବୋର୍ଡ ବୈଠକ ପରେ ଏକ ବିବୃତିରେ ପ୍ରକାଶ କରିଛି। କିନ୍ତୁ ପରୀକ୍ଷାମୂଳକ ବ୍ୟବହାର ଏପ୍ରିଲ ପର୍ଯ୍ୟନ୍ତ ଚାଲିବ। କିନ୍ତୁ ଏହା ଫଳପ୍ରଦ ବୋଲି ଜଣାପଡ଼ିଛି। ମ୍ୟାଚ ଠିକଣା ସମୟରେ ଶେଷ ହେଉଛି। ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚରେ ୨୦ ମିନିଟ ସମୟ ବଞ୍ଚାଯାଇ ପାରୁଛି। ବୈଦ୍ୟୁତିକ ଘଣ୍ଟାଟି ଗ୍ରାଉଣ୍ଡରେ ପ୍ରଦର୍ଶିତ ହେବ। ଷ୍ଟପ୍ ୱାଚ୍ କେଉଁ ସମୟରୁ ଆରମ୍ଭ କରାଯିବ ତାହା ତୃତୀୟ ଅମ୍ପାୟର ସ୍ଥିର କରିବେ। ଏହା ୬୦ରୁ '୦' ପର୍ଯ୍ୟନ୍ତ ଚାଲିବ। ତେବେ ଆଇସିସି କେତେକ କ୍ଷେତ୍ରରେ ନିୟମକୁ କୋହଳ କରିଛି, ଯଥା- ଓଭର ମଧ୍ୟରେ ନୂଆ ବ୍ୟାଟର କ୍ରିଜ୍‌କୁ ଆସିବା, ଅଫିସିଆଲ ଡ୍ରିଙ୍କ୍ସ ଇଣ୍ଟରଭାଲ ଅବା ଜଣେ ବ୍ୟାଟର କିମ୍ବା ଫିଲ୍ଡର ଇଞ୍ଜୁରି ପାଇଁ ପଡ଼ିଆରେ ଚିକିତ୍ସା ହେବା। ଫିଲ୍ଡିଂ ଟିମ୍ ଉଦ୍ଦେଶ୍ୟମୂଳକ ମ୍ୟାଚର ଅଗ୍ରଗତିକୁ ମନ୍ଥର କରିଥାନ୍ତି। ରଣନୀତି ସ୍ୱରୂପ ବାହାନା କରି ପ୍ରତ୍ୟେକ ଡେଲିଭରି ପରେ ଫିଲ୍ଡ ପରିବର୍ତ୍ତନ କରିଥାନ୍ତି। ଏକ୍ଷେତ୍ରରେ ଟିମ୍ ଓ ଅଧିନାୟକଙ୍କୁ ଆର୍ଥିକ ଦଣ୍ଡ କରାଯାଇପାରିବ।

## ଟି୨୦ ବିଶ୍ୱକପ୍ ସେମିଫାଇନାଲ, ଫାଇନାଲ ପାଇଁ ରିଜର୍ଭ ଡେ'

ଆଇସିସି ବୈଠକରେ ଆହୁରି ମଧ୍ୟ ଆଗାମୀ ଟି୨୦ ବିଶ୍ୱକପ୍‌ର ସେମିଫାଇନାଲ (ଜୁନ୍ ୨୭) ଓ ଫାଇନାଲ (ଜୁନ୍ ୨୯) ପାଇଁ ରିଜର୍ଭ ଡେ' ରଖାଯିବା ପ୍ରସ୍ତାବ ଗୃହୀତ ହୋଇଯାଇଛି। ଲିଗ୍ କିମ୍ବା ସୁପର-୮ ପର୍ଯ୍ୟାୟରେ ଦ୍ୱିତୀୟ ବ୍ୟାଟିଂ କରୁଥିବା ଦଳ ଅତି କମ୍‌ରେ ୫ ଓଭର ଖେଳିସାରିବା ପରେ ବର୍ଷା କିମ୍ବା ଅନ୍ୟ କୌଣସି କାରଣରୁ ଯଦି ମ୍ୟାଚକୁ ସ୍ଥଗିତ ରଖାଯାଏ ଏହାକୁ ସମ୍ପୂର୍ଣ୍ଣ ଗେମ୍ ବୋଲି ବିବେଚନା କରାଯିବ। ତେବେ ନକ୍‌ଆଉଟ ପର୍ଯ୍ୟାୟରେ ଦ୍ୱିତୀୟ ଇନିଂସରେ ୧୦ଓଭର ବୋଲିଂ ହେଲେ ଏହାକୁ ମ୍ୟାଚ ବୋଲି ଗ୍ରହଣ କରାଯିବ। ଗ୍ଲୋବାଲ ଗଭର୍ନିଂବଡ଼ି ଆହୁରି ମଧ୍ୟ ୨୦୨୬ରେ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରୁଥିବା ଟି୨୦ ବିଶ୍ୱକପ୍ ପାଇଁ ଯୋଗ୍ୟତା ପ୍ରକ୍ରିୟାକୁ ଅନୁମୋଦନ କରିଛି। ଏଥିରେ ୨୦ଟି ଦଳ ଭାଗ ନେବେ। ତନ୍ମଧ୍ୟରୁ ୧୨ଟି ଆପେ ଯୋଗ୍ୟତା ଅର୍ଜନ କରିଥିବା ଦଳ ରହିବେ। ୨୦୨୪ ବିଶ୍ୱକପ୍‌ର ଶ୍ରେଷ୍ଠ ୮ ଦଳ ଆପେ ଯୋଗ୍ୟତା ଅର୍ଜନ କରିବେ। ଏହାଛଡ଼ା ୨୦୨୪ ଜୁନ୍ ୩୦ ସୁଦ୍ଧା ଆଇସିସି ଟି୨୦ ର୍‍ୟାଙ୍କିଂର ପରବର୍ତ୍ତୀ ଶ୍ରେଷ୍ଠ ଦଳ ଆପେ ଯୋଗ୍ୟତା ହାସଲ କରିବେ। ଅବଶିଷ୍ଟ ୮ଟି ଦଳକୁ ଆଇସିସି ଆଞ୍ଚଳିକ କ୍ୱାଲିଫାୟର୍ସ ଜରିଆରେ ଯୋଗ୍ୟତା ଅର୍ଜନ କରିବାକୁ ପଡ଼ିବ।


ଅର୍ଦ୍ଧଶତକ ହାସଲ ଅବସରରେ ଆର୍‌ସିବି ବ୍ୟାଟର ଏଲିସ୍ ପେରୀ।

# ମୁମ୍ବାଇ ଇଣ୍ଡିଆନ୍ସ ଏଲିମିନେଟ

## ଆରସିବି-ଦିଲ୍ଲୀ ଫାଇନାଲ ୧୭ରେ

ନୂଆଦିଲ୍ଲୀ, ୧୫।୩

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସକୁ ଏଲିମିନେଟ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)। ଶୁକ୍ରବାର ଅନୁଷ୍ଠିତ ଏଲିମିନେଟର ମ୍ୟାଚରେ ଆରସିବି ୫ ରନରେ ମୁମ୍ବାଇକୁ ପରାସ୍ତ କରିଛି। ଆରସିବି ୨୦ ଓଭରରେ ୬ ଉଇକେଟ ହରାଇ ୧୩୫ ରନ କରିଥିଲା। ଏଲିସ ପେରୀ ୫୦ ବଲ୍‌ରୁ ୮ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୬୬ ରନ କରିଥିଲେ। ଜବାବରେ ମୁମ୍ବାଇ ୨୦ ଓଭରରେ ୬ ଉଇକେଟ ହରାଇ ୧୩୦ ରନ କରିଥିଲା। ଆରସିବି ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଫାଇନାଲ ୧୭ ତାରିଖରେ ଏଠାରେ ଅନୁଷ୍ଠିତ ହେବ। ୧୭ ଓଭର ବେଳକୁ ମୁମ୍ବାଇ ୩ ଉଇକେଟରେ ୧୧୬ ରନକରି ବିଜୟ ଦ୍ୱାରରେ ପହଞ୍ଚିଥିଲା। ମାତ୍ର ଶେଷ ୩ ଓଭରର ନାଟକୀୟ ଘଟଣାକ୍ରମରେ ଅଧିନାୟିକା ହରମନପ୍ରୀତ କୌର ଆଉଟ ହେବା ସହ ମ୍ୟାଚର ମୋଡ଼ ବୁଲି ଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ବାଙ୍ଗାଲୋର ୨୦ ଓଭରରେ ୧୩୫/୬ (ଏଲିସ ପେରୀ-୬୬, ହିଲି ମାଥ୍ୟୁସ-୨/୧୮, ନାଟ ସ୍କିଭର ବ୍ରଣ୍ଟ-୨/୧୮, ସାଇକା ଇଶାକ-୨/୨୭)। ମୁମ୍ବାଇ ୨୦ଓଭରରେ ୧୩୦/୬ (ହରମନପ୍ରୀତ କୌର-୩୩, ଆମେଲିକା କେର-୨୭*, ଶ୍ରେୟଙ୍କା ପାଟିଲ-୨/୧୬, ଏଲିସ ପେରୀ-୧/୨୯, ସୋଫିଆ ମୋଲିନସ୍କ-୧/୧୬, ଜର୍ଜିଆ ୱେରହାମ-୧/୩୭, ଆଶା ଶୋଭନା-୧/୧୩)।

# ରାଜ୍ୟ ଓ ଜିଲା କ୍ରୀଡ଼ା ସଂଘ ବାର୍ଷିକ ଅନୁଦାନ ରାଶି ବୃଦ୍ଧି

## ସ୍ୱତନ୍ତ୍ର ଅନୁଦାନ ରାଶି ଧାର୍ଯ୍ୟ ସୀମା ଉଚ୍ଛେଦ

ଭୁବନେଶ୍ୱର, ୧୫।୩
(ତପନ ସ୍ୱାଇଁ)

ରାଜ୍ୟ କ୍ରୀଡ଼ା ସଙ୍ଘ ଏବଂ ଜିଲ୍ଲା କ୍ରୀଡ଼ା ସଙ୍ଘ ଗୁଡ଼ିକର ଅନୁଦାନ ରାଶିକୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ବୃଦ୍ଧି କରାଯାଇଛି । ଏହା ୨୦୨୩-୨୪ ବର୍ଷ ଠାରୁ ଲାଗୁ ହେବ । ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ 'କ' ବର୍ଗ ଯଥା ଆଥଲେଟିକ୍ସ, ହକି, ଭାରୋତ୍ତୋଳନ, ତୀରନ୍ଦାଜୀ, ଫୁଟବଲ, କ୍ରିକେଟ, ବ୍ୟାଡ୍‌ମିଣ୍ଟନ ଆଦି ରାଜ୍ୟ କ୍ରୀଡ଼ା ସଙ୍ଘ ଲାଗି ବାର୍ଷିକ ଅନୁଦାନ ରାଶି ୬ ଲକ୍ଷ ଟଙ୍କାରୁ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିଭଳି 'ଖ' ବର୍ଗ ଯଥା ବାସ୍କେଟବଲ, ବକ୍ସିଂ, ଚେସ, ସାଇକ୍ଲିଂ, ଜିମ୍‌ନାଷ୍ଟିକ୍ସ, ଜୁଡୋ, କାବାଡ଼ି, ଖୋ-ଖୋ, କରାଟେ-ଡୋ, ସୁଇମିଂ, ଟେନିସ, ଟେବୁଲ ଟେନିସ, ଟାଏକୋଣ୍ଡୋ, ଭଲିବଲ, କୁସ୍ତି ଏବଂ ରଗ୍‌ବି ରାଜ୍ୟ କ୍ରୀଡ଼ା ସଙ୍ଘ ଲାଗି ଲାଗି ଅନୁଦାନ ରାଶିକୁ ୪ଲକ୍ଷରୁ ୮ଲକ୍ଷକୁ ବୃଦ୍ଧି ହୋଇଛି। 'ଗ' ବର୍ଗ ଯଥା କାଇକିଂ-କାନୋଇଂ, ହ୍ୟାଣ୍ଡ ବଲ, ରାଇଫଲ ଶୁଟିଂ, ରୋଇଂ, ସିପକ ଟାକ୍ର, ସଫ୍ଟ ବଲ, ଉଷୁ, ୟେଟିଂ ( ସେଲିଂ) ଏବଂ ଫେନସିଂ କ୍ରୀଡାର ରାଜ୍ୟ କ୍ରୀଡ଼ା ସଙ୍ଘ ଲାଗି ଅନୁଦାନ ରାଶି ୧.୫ ଲକ୍ଷ ଟଙ୍କାରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ 'ଘ' ବର୍ଗ ଯଥା ବଲ ବ୍ୟାଡ଼ମିଣ୍ଟନ, ବଡ଼ି ବିଲଡିଂ, ରୋଲର ସ୍କେଟିଂ, ନେଟ ବଲ, ଟେନି କଏଟ, ପାୱାର ଥ୍ରୋ, ଥ୍ରୋ ବଲ ଏବଂ ପିଉକ୍ଲୁଡି କ୍ରୀଡ଼ା ରାଜ୍ୟ କ୍ରୀଡ଼ା ସଙ୍ଘ ଲାଗି ଅନୁଦାନକୁ ୩ଲକ୍ଷ କରାଯାଇଛି।

ଏହା ବ୍ୟତୀତ ୨୦ଟି ବ୍ଲକ ଥିବା ଜିଲ୍ଲାର କ୍ରୀଡ଼ା ସଙ୍ଘ ଲାଗି ଅନୁଦାନ ରାଶିକୁ ୨ ଲକ୍ଷରୁ ୪ଲକ୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ବେଳେ ୧୫ରୁ ୨୦ ବ୍ଲକଥିବା ଜିଲ୍ଲା କ୍ରୀଡ଼ା ସଙ୍ଘର ଅନୁଦାନ ରାଶି ୧.୫ ଲକ୍ଷ ଟଙ୍କାରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରା ଯାଇଛି । ୧୦ରୁ ୧୪ ବ୍ଲକ ଥିବା ଜିଲ୍ଲା କ୍ରୀଡ଼ା ସଙ୍ଘର ଅନୁଦାନ ରାଶିକୁ ୧ ଲକ୍ଷ ଟଙ୍କାରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୧୦ ରୁ କମ ବ୍ଲକ ଥିବା ଜିଲ୍ଲା କ୍ରୀଡ଼ା ସଙ୍ଘର ଅନୁଦାନ ରାଶିକୁ ୭୫ ହଜାର ଟଙ୍କାରୁ ୧.୫୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥି ସହିତ ରାଜ୍ୟ କ୍ରୀଡ଼ା ତାଲିକା ବାହାରେ ଥିବା ଅନ୍ୟ କ୍ରୀଡ଼ା ଯେଉଁମାନେ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ଥିବେ ସଭିଙ୍କୁ 'ଘ' ବର୍ଗ ଅନୁସାରେ ବାର୍ଷିକ ୩ଲକ୍ଷ ଟଙ୍କା ଅନୁଦାନ ରାଶି ପ୍ରଦାନ କରାଯିବ। କ୍ରୀଡ଼ା ସଙ୍ଘ ଗୁଡ଼ିକ ଲାଗି ଥିବା ସ୍ୱତନ୍ତ୍ର ଅନୁଦାନ ରାଶିର ଧାର୍ଯ୍ୟ ସୀମାକୁ କ୍ରୀଡ଼ା ବିଭାଗ ପକ୍ଷରୁ ଉଚ୍ଛେଦ କରାଯାଇଛି। ଆବଶ୍ୟକତାକୁ ଉପଲବ୍ଧି କରି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ରାଶି ସ୍ଥିର କରିବେ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି । ଫଳରେ କ୍ରୀଡା ସଂଘ ଗୁଡ଼ିକ୍ ପୂର୍ବ ଅପେକ୍ଷା ଅଧିକ ସହାୟତା ରାଶି ପାଇ ପାରିବେ। ଏଠାରେ ସୂଚନା ଯୋଗ୍ୟ ଯେ, ୫-ଟି ତଥା ନବୀନ ଓଡ଼ିଶାର ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ଜିଲ୍ଲା ଗସ୍ତରେ ଯାଇ ଲୋକଙ୍କ ଅଭିଯୋଗ ସଂଗ୍ରହ ସମୟରେ କ୍ରୀଡ଼ା ସଂଗଠନ ମାନେ ଅନୁଦାନ ବୃଦ୍ଧି ପାଇଁ ଅନୁରୋଧ କରିଥିଲେ।

ସରକାରଙ୍କ ଏପରି ନିଷ୍ପତ୍ତିରେ କ୍ରୀଡ଼ା ମହଲରେ ଉତ୍ସାହ ପ୍ରକାଶ ପାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଚେୟାରମ୍ୟାନ କାର୍ତ୍ତିକ ପାଣ୍ଡିଆନ ଏବଂ କ୍ରୀଡ଼ା ଓ ଯୁବ ସେବାବିଭାଗ କମିଶନର ତଥା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ପ୍ରତି କୃତଜ୍ଞତା ଓ ଧନ୍ୟବାଦ ଜଣାଇଛନ୍ତି ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ଓ ଫୁଟ୍‌ବଲ ଆସୋସିଏଶନର ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସାଧାରଣ ସମ୍ପାଦକ ଅଭିଜିତ ପଲ୍ ଏବଂ ଓଡ଼ିଶା ଭଲିବଲ୍ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ।

# ୧୬ ବର୍ଷରୁ କମ୍ ହକି: ଛତିଶଗଡ଼-କୁତ୍ରା ଫାଇନାଲ

ଭୁବନେଶ୍ୱର, ୧୫।୩
(ତପନ ସ୍ୱାଇଁ)

ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୧୬ ବର୍ଷରୁ କମ୍ ମହିଳା ଗ୍ରାସ୍‌ରୁଟ୍ ହକି ଆମନ୍ତ୍ରଣୀୟ ପ୍ରତିଯୋଗିତାର ସେମିଫାଇନାଲ ପର୍ଯ୍ୟାୟ ଶୁକ୍ରବାର ଶେଷ ହୋଇଛି। ଏଥିରେ ବିଜୟୀ ହୋଇ ଛତିଶଗଡ଼ ଓ କୁତ୍ରା ହକି ଟ୍ରେନିଂ ସେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଛତିଶଗଡ଼ ୬-୨ରେ କୁଆଁରମୁଣ୍ଡାକୁ ଏବଂ ଦ୍ୱିତୀୟ ସେମିରେ କୁତ୍ରା ୩-୦ରେ ଗୁରୁଣ୍ଡିଆ ଏଚ୍‌ଟିସିକୁ ପରାସ୍ତ କରିଥିଲା। ଶନିବାର ତୃତୀୟ ସ୍ଥାନ ପାଇଁ କୁଆଁରମୁଣ୍ଡା-ଗୁରୁଣ୍ଡିଆ ମ୍ୟାଚ ଅପରାହ୍ନ ୩ଟା ଏବଂ ଛତିଶଗଡ଼-କୁତ୍ରା ଫାଇନାଲ ୫ଟାରେ ଅନୁଷ୍ଠିତ ହେବ। ପ୍ରକାଶଯୋଗ୍ୟ ଯେ, ପ୍ରତିଯୋଗିତାରେ ରାଜ୍ୟ ବାହାରର ୫ଟି ଓ ରାଜ୍ୟର ୧୧ଟି ଶୀର୍ଷ ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି) ଓ ଗ୍ରାସ୍‌ପିଚ୍ ସେଣ୍ଟର ଦଳ ଅଂଶଗ୍ରହଣ କରିଛନ୍ତି।

# ଡାଇମଣ୍ଡ 'ଏ' ଓ 'ବି' ଗ୍ରୁପ୍ ମ୍ୟାଚ ୧୭ରୁ

## କଳାହାଣ୍ଡି କପ୍



ଭୁବନେଶ୍ୱର, ୧୫।୩ (ତପନ ସ୍ୱାଇଁ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ପ୍ରମୁଖ ଘରୋଇ କ୍ରିକେଟ ପ୍ରତିଯୋଗିତା କଳାହାଣ୍ଡି କପ୍ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟର ଡାଇମଣ୍ଡ 'ଏ' ଓ 'ବି' ଗ୍ରୁପ୍ ମ୍ୟାଚ ଚଳିତ ମାସ ୧୭ରୁ ବିଭିନ୍ନ ଭେନ୍ୟୁରେ ଆରମ୍ଭ ହେବାକୁ ଯାଉଛି। ପ୍ରିଲିମିନାରି ଲିଗ୍‌ଗୁଡ଼ିକ ୫୦ ଓଭର ଫର୍ମାଟରେ ଅନୁଷ୍ଠିତ ହେବ। ଡାଇମଣ୍ଡ ଗ୍ରୁପ୍‌ରେ ପ୍ରତିଦିନ ୬ଟି ଲେଖାଏ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ଭୁବନେଶ୍ୱର 'ଏ' ଓ ଇକୋର୍ସା ମଧ୍ୟରେ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯିବ। ସେହିପରି କଟକ 'ବି'-ଖୋର୍ଦ୍ଧା ମ୍ୟାଚ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧, ସୁନ୍ଦରଗଡ଼-ସମ୍ବଲପୁର 'ଏ' ମ୍ୟାଚ ନିମପୁର ପଡ଼ିଆ, କଟକ 'ଏ'-ଝାରସୁଗୁଡ଼ା ମ୍ୟାଚ ସନ୍‌ସାଇନ୍ ଗ୍ରାଉଣ୍ଡ, ଯାଜପୁର-ଢେଙ୍କାନାଳ ମ୍ୟାଚ ଏମ୍‌ଜିଏମ୍ ସ୍ପୋର୍ଟ୍ସ ଗ୍ରାଉଣ୍ଡ ଏବଂ ରାଉରକେଲା-ବାଲେଶ୍ୱର ମ୍ୟାଚ ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ପ୍ରକାଶଯୋଗ୍ୟ ଯେ, କଳାହାଣ୍ଡି କପ୍‌ରେ ଭାଗ ନେବାକୁ ଯାଉଥିବା ୩୮ଟି ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଏହା ମଧ୍ୟରୁ ଡାଇମଣ୍ଡ ଗ୍ରୁପ୍‌ର ମ୍ୟାଚ ପ୍ରଥମେ ଆରମ୍ଭ ହେବାକୁ ଯାଉଛି। ମ୍ୟାଚର ପ୍ରଥମ ସେସନ ସକାଳ ୮ଟା ୩୦ରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଚାଲିବ। ୧୨ଟାରୁ ୧୨ଟା ୪୫ ପର୍ଯ୍ୟନ୍ତ ବ୍ରେକ୍ ରହିବ। ଦ୍ୱିତୀୟ ସେସନ ମଧ୍ୟାହ୍ନ ୧୨ଟା ୪୫ରେ ଆରମ୍ଭ ହୋଇ ଅପରାହ୍ନ ୪ଟା ୧୫ରେ ଶେଷ ହେବ।


ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୧୬ ବର୍ଷରୁ କମ୍ ମହିଳା ଗ୍ରାସ୍‌ରୁଟ୍ ହକି ଆମନ୍ତ୍ରଣୀୟ ପ୍ରତିଯୋଗିତାର ସେମିଫାଇନାଲ ପୂର୍ବରୁ ଖେଳାଳିମାନେ ଅତିଥି ଓ ଅଫିସିଆଲ୍‌ଙ୍କ ସହ।





# ଡେଙ୍ଗାଗୁଡ଼ା ମହିମା ରାସ୍ତା ଅଧାପନ୍ତରିଆ

କୋକସରା, ୧୫।୩(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଜାତୀୟ ରାଜପଥ ୨୬ ବୋବରିଆ ଛକରୁ ଡେଙ୍ଗାଗୁଡା ମହିମା ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି। ବୋବରିଆରୁ ଡେଙ୍ଗାଗୁଡା ମଧ୍ୟରେ ରାସ୍ତା ଉପରେ ବୋବରିଆ ଗ୍ରାମର ଜଣେ ବ୍ୟକ୍ତି ନିଜର ଜମି ରହିଥିବା ଦାବି କରି ରାସ୍ତା କାର୍ଯ୍ୟ ବନ୍ଦ କରି ରଖିଛନ୍ତି। ଫଳରେ ପ୍ରାୟ ୩ ଶହ ମିଟର ରାସ୍ତା ଠିକାସଂସ୍ଥା ଅଧାପନ୍ତରିଆ ଭାବେ ଛାଡି ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ବୋବରିଆରୁ ମହିମା ରାସ୍ତା ଶୋଚନୀୟ ଅବସ୍ଥାରେ ପଡି ରହିଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଡେଙ୍ଗାଗୁଡାରୁ ମହିମା ୬.୧୭୦ କି.ମି. ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଅଟକଳ ୪ କୋଟି ୭୪ ଲକ୍ଷ ୫୨ ହଜାର ୫୫୩ରେ ଆନନ୍ଦ କୁମାର ଅଗ୍ରୱାଲ ନାମକ ଜଣେ ଠିକା ସଂସ୍ଥାକୁ କାର୍ଯ୍ୟ ସମ୍ପାଦନ କରିବା ପାଇଁ କାର୍ଯ୍ୟାଦେଶ ଦେଇଥିଲେ। ଠିକାସଂସ୍ଥା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବୋବରିଆ ଓ ଡେଙ୍ଗାଗୁଡା ରାସ୍ତାରେ ନିଜର ପୈତୃକ ଜାଗା ରହିଥିବା ନେଇ ବୋବରିଆ ଗ୍ରାମର ଜଣେ ବ୍ୟକ୍ତି ଦାବି କରି କାର୍ଯ୍ୟ ବନ୍ଦ କରିଛନ୍ତି। ଏ ନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟରେ ଅଭିଯୋଗ ପରେ ସେହି ସମୟରେ ଥିବା ତହସିଲଦାର ଦେବବ୍ରତ କରାଟି ତଦନ୍ତ କରି ରିପୋର୍ଟ ଦେଇଥିଲେ। ଏହା ମଧ୍ୟରେ ଅସମ୍ପୂର୍ଣ୍ଣ ରାସ୍ତା ଯେମିତିକୁ ସେମିତି ଅବସ୍ଥାରେ ରହିଛି। ଏ ନେଇ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବାରିହାଙ୍କ ପ୍ରତିକ୍ରିୟା ନେବାରୁ ଗ୍ରାମର ଜଣେ ବ୍ୟକ୍ତି ନିଜର ମାଲିକାନା ନେଇ କାର୍ଯ୍ୟକୁ ବନ୍ଦ କରିଛନ୍ତି। ଏଣୁ ରାସ୍ତା ନିର୍ମାଣ ଅସମ୍ପୂର୍ଣ୍ଣ ରହିଛି ବୋଲି କହିଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ଅଧପନ୍ତରିଆ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।


ରାସ୍ତା ଅଧାପନ୍ତରିଆ ଭାବେ ପଡ଼ିଛି।

**ଜମି ମାଲିକାନା ଦାବି କରି ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରିଛନ୍ତି ସ୍ଥାନୀୟ ବ୍ୟକ୍ତି**

# ନିଖୋଜ ସ୍ତ୍ରୀଙ୍କୁ ଫେରିପାଇଲେ ସ୍ୱାମୀ

ସମ୍ବଲପୁର, ୧୫।୩(ପ୍ରମୋଦ ବହିଦାର)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଚୟ ଉଦ୍ୟମ କ୍ରମେ ଦୀର୍ଘ ୫ ବର୍ଷ ହେଲା ନିଖୋଜ ଥିବା ସ୍ତ୍ରୀଙ୍କୁ ଫେରିପାଇଛନ୍ତି ସ୍ୱାମୀ। ଏହି ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ମିଳିଥିବା ସୂଚନା ଅନୁସାରେ ୨୦୨୩ ମେ' ୨୨ରେ ମାନସିକ ରୋଗଗ୍ରସ୍ତ ଜଣେ ଭିନ୍ନକ୍ଷମ ମହିଳାଙ୍କୁ ବରଗଡ଼ ରେଳ ଷ୍ଟେଶନରୁ ପରିଚୟ ଅନୁଷ୍ଠାନର ସ୍ୱେଚ୍ଛାସେବୀ ଉଦ୍ଧାର କରିଥିଲେ। ଉକ୍ତ ମହିଳାଙ୍କ ଗୋଡ଼ ଜଂଘରୁ କଟିଯାଇଥିଲା। ସେତେବେଳେ ସେ ନିଜର ପରିଚୟ ମଧ୍ୟ ଦେଇପାରି ନ ଥିଲେ। ସ୍ୱେଚ୍ଛାସେବୀମାନେ ତାଙ୍କୁ ଉଦ୍ଧାର କରି କନ୍ଧମାଳ ଜିଲା ସୁକାନାଡ଼ାର ଏକ ମିଶନାରୀ ଦାତବ୍ୟ ଅନୁଷ୍ଠାନରେ ଛାଡ଼ିଥିଲେ। ସେଠାରେ ଦୀର୍ଘଦିନ ଧରି ଚିକିତ୍ସିତ ହେବା ପରେ ଗତ ବୁଧବାର ସେ ତାଙ୍କ ପରିଚୟ ଦେଇ ନିଜନାମ ଶତ୍ରୁପା ବୋଲି କହିଥିଲେ। ଏପରି କି ତାଙ୍କ ପରିବାର ଓ ଠିକଣା କହିବାରେ ସକ୍ଷମ ହୋଇଥିଲେ। ସେ ତାଙ୍କ ନାମ ପରିଚୟ ଦେଇ ନିଜ ସ୍ୱାମୀ ଓ ପରିବାର ଲୋକଙ୍କ ଠିକଣା ଦେଇଥିଲେ। ତଦନୁଯାୟୀ ପରିଚୟ ଅନୁଷ୍ଠାନ ସ୍ୱେଚ୍ଛାସେବୀମାନେ ତାଙ୍କ ସ୍ୱାମୀ ଛତିଶଗଡ଼ ରାଜ୍ୟ ବିଳାଶପୁର ଜିଲା ମଲ୍‌ହାର ଥାନା ଅନ୍ତର୍ଗତ ଜୁନୱାନୀ ଗ୍ରାମର ନୀରଜ କୁମାର ଲହରାଙ୍କ ସହ ଯୋଗାଯୋଗ କରିଥିଲେ। ଶତ୍ରୁପା ସୁସ୍ଥ ହେବା ପରେ ତାଙ୍କୁ ସମ୍ବଲପୁର ଅଣାଯାଇଥିଲା। ତାଙ୍କ ସ୍ୱାମୀଙ୍କୁ ସମ୍ବଲପୁର ଡକାଯାଇ ଶତ୍ରୁପାଙ୍କୁ ଏକ ହୁଇଲ ଚେୟାରରେ ଆଣି ତାଙ୍କ ସ୍ୱାମୀଙ୍କୁ ହସ୍ତାନ୍ତର କରାଯାଇଥିଲା। ଶତ୍ରୁପାଙ୍କୁ ପାଇ ଆନନ୍ଦରେ ବିଭୋର ହୋଇପଡିଥିଲେ ସ୍ୱାମୀ ନୀରଜ। ନୀରଜଙ୍କ କହିବା ଅନୁଯାୟୀ ୫ ବର୍ଷ ପୂର୍ବେ ଏକ ଟ୍ରେନ୍ ଦୁର୍ଘଟଣାରେ ତାଙ୍କ ସ୍ତ୍ରୀ ଶତ୍ରୁପାଙ୍କ ଉଭୟ ଗୋଡ଼ କଟିଯାଇଥିଲା। ସେହିଦିନଠାରୁ ସେ ନିଖୋଜ ହୋଇଯାଇଥିଲେ। ଶତ୍ରୁପାଙ୍କୁ ସାଙ୍ଗରେ ଧରି ନୀରଜ ନିଜ ଗ୍ରାମକୁ ଫେରିଥିଲେ। ଏହାସହ ସେ ପରିଚୟର କର୍ମକର୍ତ୍ତାଙ୍କ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ।


ହୁଇଲ ଚେୟାରରେ ଭିନ୍ନକ୍ଷମ ମହିଳାଙ୍କୁ ସ୍ୱାମୀଙ୍କୁ ହସ୍ତାନ୍ତର କରାଯାଉଛି।




ଧରିତ୍ରୀ
DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୬/୨୦୨୪ Bhubaneswar, Saturday, March 16/ 2024

# ପୋଲାଣ୍ଡରେ ରୌପ୍ୟ ଜିତିଲେ ଶ୍ରୀୟଙ୍କା

ଭୁବନେଶ୍ୱର, ୧୫।୩

(ତପନ ସ୍ୱାଇଁ)

ଓଡ଼ିଶାର ତାରକା ଶୁଟର ଶ୍ରୀୟଙ୍କା ଷଡ଼ଙ୍ଗୀ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ପୋଲାଣ୍ଡରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଶୁଟିଂ ଗ୍ରାଁ ପ୍ରିରେ ରୌପ୍ୟ ପଦକ ହାସଲ କରିଛନ୍ତି। ୫୦ ମିଟର ୩ ପୋଜିଶନ (୩ପି) ଇଭେଣ୍ଟରୁ ତାଙ୍କୁ ଏହି ସଫଳତା ମିଳିଛି। ଶ୍ରୀୟଙ୍କା କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ। ଏହି ବିଶ୍ୱବିଦ୍ୟାଳୟରେ ସେ ପିଏଚ୍‌ଡି କରୁଛନ୍ତି। ଏହା ପୂର୍ବରୁ ୨୦୨୩ ଅକ୍ଟୋବରରେ ସେ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରି ରାଜ୍ୟକୁ ଗର୍ବିତ କରିଥିଲେ। ପୋଲାଣ୍ଡ ପ୍ରତିଯୋଗିତାରେ ସଫଳତା ପାଇଁ ତାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ଶ୍ରୀୟଙ୍କା ଷଡ଼ଙ୍ଗୀ

# ୫-୦ରେ ଭାରତର କ୍ଲିନ୍ ସୁଇପ୍

ନୂଆଦିଲ୍ଲୀ, ୧୫।୩

କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ ଓ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ (ଏଚଏମ୍‌ଆଇଏଫ୍)ର ସମର୍ଥନମ୍ ଟ୍ରଷ୍ଟ ଫର ଦି ଡିଜାବଲ୍‌ଡ ଆନୁକୂଲ୍ୟରେ ଅନୁଷ୍ଠିତ ଦୃଷ୍ଟିବାଧିତ ଟି୨୦ କ୍ରିକେଟ ସିରିଜରେ ଭାରତ ୫-୦ରେ ବିଜୟ ସହ ଶ୍ରୀଲଙ୍କା ବିପକ୍ଷରେ କ୍ଲିନ୍ ସୁଇପ୍ କରିଛି। ସ୍ଥାନୀୟ କର୍ନେଲ ସିଂ ଷ୍ଟାଡିୟମରେ ଅନୁଷ୍ଠିତ ୫ମ ତଥା ଅନ୍ତିମ ମ୍ୟାଚରେ ଭାରତ ୯୦ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୨୨୭ ରନ କରିଥିଲା। ଦଳ ପକ୍ଷରୁ ଓଡ଼ିଶାର ନକୁଳ ବଡ଼ନାୟକ ୩୯ ବଲ୍‌ରୁ ସର୍ବାଧିକ ୭୦, ଟି. ଦୁର୍ଗା ରାଓ ୪୯ ଓ ଗୁଡାଡପ୍ପା ୪୦ ରନ କରିଥିଲେ। ଜବାବରେ ଶ୍ରୀଲଙ୍କା ଦଳ ୨୦ ଓଭରରେ ୭ ଉଇକେଟ ହରାଇ ୧୩୭ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଥରିନ୍ଦୁ ଲକ୍ଷଣ ସର୍ବାଧିକ ୨୮ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଲୋକେଶ ୨ଟି ଏବଂ ଟି. ଦୁର୍ଗା ରାଓ, ନିଲେଶ ଯାଦବ, ସଞ୍ଜୟ କୁମାର ଶାହା ଓ ମହାରାଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ନକୁଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବିସିସିଆଇ ଉପରେ ଚାପ ପକାଇବ ନାହିଁ ଆଇସିସି

ନୂଆଦିଲ୍ଲୀ, ୧୫।୩ (ପି.ଟି.)

**ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି**

ଆସନ୍ତାବର୍ଷ ପାକିସ୍ତାନରେ ଚାମ୍ପିୟନ୍ସ ଟ୍ରଫି ଖେଳାଯିବାକୁ ଥିବାବେଳେ ଏଥିରେ ଭାରତର ଅଂଶଗ୍ରହଣ ନେଇ ଏକ ସମସ୍ୟା ଦେଖାଦେଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) କାର୍ଯ୍ୟନିର୍ବାହୀ ପରିଷଦ ସୂତ୍ରରୁ ପ୍ରକାଶ, ଆଇସିସି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ସରକାରଙ୍କ ନୀତି ବିରୋଧରେ ଯିବା ଲାଗି କହିବ ନାହିଁ। ଟୁର୍ନାମେଣ୍ଟରେ ଅଂଶଗ୍ରହଣ ପାଇଁ ଆୟୋଜକ ଦେଶ ପାଇଁ 'ହାଇବ୍ରିଡ୍ ମଡେଲ' ଏକ ବିକଳ୍ପ ରହିଛି। ଦୁବାଇରେ ବର୍ତ୍ତମାନ ଆଇସିସି ବୋର୍ଡ ବୈଠକ ଚାଲିଛି। ଚାମ୍ପିୟନ୍ସ ଟ୍ରଫି ୨୦୨୫ ଫେବୃଆରୀ-ମାର୍ଚ୍ଚରେ ହେବ। ବୈଠକର ଏହା ଏକ ଏଜେଣ୍ଡା ନ ଥିଲା। କିନ୍ତୁ ପାକିସ୍ତାନ କ୍ରିକେଟ ବୋର୍ଡ(ପିସିବି)ର ନବ ନିର୍ବାଚିତ ଚେୟାରମ୍ୟାନ ମହସିନ ନକ୍‌ଭି କହିଥିଲେ, ବୈଠକ ବାହାରେ ସେ ବିସିସିଆଇ ପ୍ରତିପକ୍ଷ ଜୟ ଶାହା ଏବଂ ଆଇସିସିର ଉଚ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି କିଛିଟା ପ୍ରତିଶ୍ରୁତି ଚାହିଁବେ। ମାତ୍ର ଆଇସିସି ବୋର୍ଡର ଜଣେ ପ୍ରଭାବଶାଳୀ ସଦସ୍ୟ ନିଜ ନାମ ଗୋପନ ରଖି କହିଛନ୍ତି, ଟୁର୍ନାମେଣ୍ଟ ପାଖେଇ ଆସିଲେ ବିସିସିଆଇ ଯାହା ନିଷ୍ପତ୍ତି ନେବ। ଟୁର୍ନାମେଣ୍ଟ ଲାଗି ବିକଳ୍ପ ସ୍ୱରୂପ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)କୁ ବ୍ୟବହାର କରିବା ବିକଳ୍ପକୁ ଏଡାଇ ଦିଆଯାଇ ନ ପାରେ। ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବୋର୍ଡର ପ୍ରତ୍ୟେକ ସଦସ୍ୟ ଚାହିଁବେ। ଏଥିପାଇଁ ଭୋଟିଂ ମଧ୍ୟ ହୋଇପାରେ। କିନ୍ତୁ ଯଦି ଏକ ପ୍ରମୁଖ ସଦସ୍ୟ ରାଷ୍ଟ୍ରର ସରକାର ସେମାନଙ୍କ ଦଳକୁ କୌଣସି ଦେଶରେ ଖେଳିବା ଲାଗି ବାରଣ କରେ ତେବେ ଆଇସିସି ବିକଳ୍ପ କଥା ଚିନ୍ତା କରିପାରେ ବୋଲି ବୋର୍ଡରେ ଯୋଗ ଦେଇଥିବା ଜଣେ ଭେଟେରାନ ପ୍ରଶାସକ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି। ନିକଟ ଅତୀତରେ ଇଂଲଣ୍ଡ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡର କ୍ରିକେଟ ଦଳ ପାକିସ୍ତାନ ଗସ୍ତ କରି ଫେରିଛନ୍ତି। ତେଣୁ ସୁରକ୍ଷାଜନିତ କାରଣ ଦର୍ଶାଇ ପୁଣି ଏକ ବଡ଼ ଟୁର୍ନାମେଣ୍ଟ ଖେଳିବା ଲାଗି ଏହି ଗଣ୍ଡଗୋଳ ପ୍ରବଣ ଦେଶ ଗସ୍ତକୁ ଏଡାଇଯିବା ସହଜ ହେବ ନାହିଁ। ବିସିସିଆଇ ଏଥିପାଇଁ ଚାପରେ ରହିବା ସ୍ୱାଭାବିକ। ଭାରତ କୁଣ୍ଠା ପ୍ରକାଶ କଲେ ଯଦି ଭୋଟ ହୁଏ ଏବଂ ମତାମତ ଭାରତ ବିପକ୍ଷରେ ଯାଏ ତେବେ କ'ଣ ହେବ ବୋଲି ପଚରାଯିବାରେ ଭେଟେରାନ ପ୍ରଶାସକ ଜଣଙ୍କ କହିଥିଲେ, ସରକାର ଚାହୁଁ ନ ଥିଲେ ଏହି ପରିସ୍ଥିତି ଉପୁଜିବ ନାହିଁ।

# ଓଡ଼ିଶା ୯-୧ରେ ଗୋଆକୁ ହରାଇଲା

ପୁଣେ, ୧୫।୩

ଏଠାରେ ଚାଲିଥିବା ୧୪ଶ ଜାତୀୟ ସିନିୟର ମହିଳା ହକି ଟୁର୍ନାମେଣ୍ଟର ତୃତୀୟ ଦିବସରେ ଶୁକ୍ରବାର ଓଡ଼ିଶା ୯-୧ ଗୋଲରେ ଗୋଆକୁ ପରାସ୍ତ କରିଛି। ପୁଲ୍ 'ଇ'ର ଏହି ମ୍ୟାଚରେ ଓଡ଼ିଶା ପକ୍ଷରୁ ଦୀପ୍ତି ଲାକ୍ରା ୫ ଓ ୧୨, ଦୀପି ମୋନିକା ଟପ୍ପୋ ୧୦ ଓ ୫୧, ଏଟେନ ଟପ୍ପୋ ୧୨ ଓ ୩୪ତମ ମିନିଟରେ ୨ଟି ଲେଖାଏ ଏବଂ ଜିଓ୍ୱନ କିଶୋରୀ ଟପ୍ପୋ ୨୯, ନିତୁ ଲାକ୍ରା ୫୭ ଓ ଅନୂପା ବାର୍ଲା ୬୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଗୋଆ ପକ୍ଷରୁ ଗୀତା ରାଠୋଡ ୪୭ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ହରିୟାଣା ୧୫-୦ ଗୋଲରେ ଆସାମ, ପଞ୍ଜାବ ୧୧-୨ରେ ରାଜସ୍ଥାନ, ମିଜୋରାମ ୧୦-୦ରେ ହିମାଚଳ ପ୍ରଦେଶକୁ ହରାଇ ଦେଇଛି। ଗୁରୁବାର ଅନୁଷ୍ଠିତ ଅନ୍ତିମ ୨ଟି ମ୍ୟାଚରେ ମଣିପୁର ଓ ମହାରାଷ୍ଟ୍ର ବିଜୟ ହାସଲ କରିଥିଲେ।










Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ